ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୯/୨୦୨୩ (୧୬ ପୃଷ୍ଠା) Bhubaneswar, Friday, September 29/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୩୦୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 305 ମୂଲ୍ୟ ₹୭/-



**ଅନୁଶଙ୍କୁ ବ୍ରୋଞ୍ଜ**

ଏସିଆନ ଗେମ୍ସ ଅଶ୍ୱଚାଳନାର ବ୍ୟକ୍ତିଗତ ଡ୍ରେସେଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଭାରତର ଅନୁଶ ଅଗ୍ରୱାଲ।

୧୪

୦୬

**ସାମନ୍ଥାଙ୍କ ଫଲୋୟର୍ସ ସଂଖ୍ୟା ୩୦ ମିଲିୟନରୁ ଊର୍ଦ୍ଧ୍ୱ**

ଇନ୍‌ଷ୍ଟାଗ୍ରାମରେ ସାମନ୍ଥା ୩୦ ମିଲିୟନ ଫଲୋୟର୍ସଙ୍କୁ ଅତିକ୍ରମ କରି ଦକ୍ଷିଣ ଇଣ୍ଡଷ୍ଟ୍ରିର ଅନ୍ୟତମ ସର୍ବାଧିକ ଫଲୋୟର୍ସ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି।



# ସବୁଜ ବିପ୍ଲବର ଜନକଙ୍କ ପରଲୋକ

**ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଖାଦ୍ୟ ଶସ୍ୟର ଅଭାବ ଭାରତୀୟ ଉପମହାଦେଶକୁ ବହୁଳ ପ୍ରଭାବିତ କରିଥିଲା। ସେଇଠୁ ସ୍ୱାମୀନାଥନ୍ ନିଷ୍ପତ୍ତି ନେଇଥିଲେ ଦେଶକୁ ଖାଦ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ପାଇଁ। ତା'ପରେ ୧୯୬୫ରେ ସ୍ୱାମୀନାଥନ୍‌ଙ୍କ ଉଦ୍ୟମରେ ଭାରତରେ ସବୁଜ ବିପ୍ଳବ ଆରମ୍ଭ ହୋଇଥିଲା। ଖାଦ୍ୟ ନିଅଣ୍ଟିଆ ଭାରତ କୃଷି କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ରୂପେ ଉଭା ହୋଇଥିଲା। ସ୍ୱାମୀନାଥନ୍‌ଙ୍କ ପରଲୋକରେ ତାଙ୍କ ପ୍ରତି କୃତଜ୍ଞ ରାଷ୍ଟ୍ରର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି।**

ଚେନ୍ନାଇ/ନୂଆଦିଲ୍ଲୀ,୨୮।୯



**ଏମ୍.ଏସ୍. ସ୍ୱାମୀନାଥନ୍**

(୭.୮.୧୯୨୫ - ୨୮.୯.୨୦୨୩)

ଭାରତରେ ସବୁଜ ବିପ୍ଳବର ଜନକ ତଥା ପ୍ରଖ୍ୟାତ ଉଦ୍ଭିଦ ବିଜ୍ଞାନୀ ଡକ୍ଟର ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୯୮ ବର୍ଷ ହୋଇଥିଲା। ସ୍ୱାମୀନାଥନ୍‌ଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

୧୯୨୫ ଅଗଷ୍ଟ ୭ରେ ତାମିଲନାଡୁର କୁମ୍ଭକୋନମ୍‌ର ସ୍ୱାମୀନାଥନ୍ ଜନ୍ମ ଗ୍ରହଣ କରିଥିଲେ। ପିଲାବେଳୁ କୃଷି ପ୍ରତି ତାଙ୍କର ଆଗ୍ରହ ରହିଥିଲା। ପରିବାର ଲୋକେ ଧାନ, ଆମ୍ବ, କଦଳୀ, ନଡ଼ିଆ ଚାଷ କରୁଥିବାବେଳେ ପରବର୍ତ୍ତୀ ସମୟରେ କଫି ସମେତ ଆହୁରି ଅନେକ ସଫଳ ଉତ୍ପାଦନ କରିବାରେ ଲାଗିଥିଲେ। ☞ପୃଷ୍ଠା-୨

## କୃଷି ବିଜ୍ଞାନରେ ଅପୂରଣୀୟ କ୍ଷତି: ମୁଖ୍ୟମନ୍ତ୍ରୀ

କୃଷି ବୈଜ୍ଞାନିକ ଏମ୍ଏସ୍ ସ୍ୱାମୀନାଥନଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ସ୍ୱାମୀନାଥନ ଭାରତରେ ସବୁଜ ବିପ୍ଳବର ଜନକ ଥିଲେ। ଦେଶରେ କୃଷିକ୍ଷେତ୍ରର ବିକାଶରେ ସେ ପ୍ରମୁଖ ଭୂମିକା ନେଇଥିଲେ। ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧିରେ ସେ ସହାୟକ ହୋଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାମୀନାଥନ ସାରା ଜୀବନ ଚାଷୀଙ୍କୁ ସଶକ୍ତ କରିବା ଦିଗରେ କଠିନ ପରିଶ୍ରମ କରିବା ସହ ଚାଷୀଙ୍କ ଲାଗି ଏକ ସୁଚିନ୍ତିତ ନୀତି ଆଣିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାମୀନାଥନଙ୍କ ଓଡ଼ିଶା ଲିଙ୍କ୍ ନେଇ ସ୍ମୃତିଚାରଣ କରିଛନ୍ତି। ଓଡ଼ିଶାରେ ତାଙ୍କ କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ ହୋଇଥିବାବେଳେ ସେ ରାଜ୍ୟର ଚାଷୀଙ୍କ ଲାଗି ସବୁବେଳେ ସହାୟତାର ହାତ ବଢ଼ାଇବାକୁ ପ୍ରସ୍ତୁତ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱାମୀନାଥନଙ୍କ ଗବେଷଣାଗାର ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଚାଷୀଙ୍କ ବିକାଶ ଲାଗି ଉତ୍ସର୍ଗୀକୃତ ଥିଲା। ତାଙ୍କର ନିଧନ କୃଷି ବିଜ୍ଞାନରେ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୧୫ ଜିଲାକୁ ଭୂମିକମ୍ପ ବିପଦ

## ସ୍କୁଲ ପିଲାଙ୍କୁ ଭୂକମ୍ପ ଶିକ୍ଷା ଦିଆଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୨୮।୯(ଅନିଲଦାସ)

ରାଜ୍ୟର ୧୫ ଜିଲାକୁ ଭୂମିକମ୍ପ ବିପଦ ରହିଛି। ସେହି ଜିଲାଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ। କେନ୍ଦ୍ର ସରକାରଙ୍କ ଗୃହ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ)ଙ୍କ ଦ୍ୱାରା ପ୍ରକାଶିତ ଆର୍ଥକ୍ୱେକ୍ ହାଜାର୍ଡ ଜୋନିଂ ଆଟଲାସ ଅଫ୍ ଇଣ୍ଡିଆ-୨୦୧୬ ତଥ୍ୟ ଅନୁଯାୟୀ ଉକ୍ତ ଜିଲାଗୁଡ଼ିକୁ ମଧ୍ୟମ ଧରଣ ଭୂମିକମ୍ପପ୍ରବଣ ଅଞ୍ଚଳ(ଜୋନ-୩) ଭାବେ ଘୋଷଣା କରାଯାଇଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୁରୁବାର ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି।

ତାରା ପ୍ରଶ୍ନ କରିଥିଲେ ଯେ ରାଜ୍ୟର କେଉଁ କେଉଁ ଜିଲାକୁ ଭୂକମ୍ପପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। କେଉଁ ଅଞ୍ଚଳ ସମ୍ବେଦନଶୀଳ ଏବଂ ଅଣ ସମ୍ବେଦନଶୀଳ। ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ଏହିସବୁ ଅଞ୍ଚଳରେ କି ପଦକ୍ଷେପ ଗ୍ରହଣ କରାଯାଇଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ସହରରେ ସହରାଞ୍ଚଳ ଭୂମିକମ୍ପ ବିପଦସଙ୍କୁଳନ ହ୍ରାସ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହାବ୍ୟତୀତ ଏ ସମ୍ପର୍କରେ ବିଭିନ୍ନ ସ୍କୁଲରେ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ତାଲିମ ଇତ୍ୟାଦି ଦିଆଯାଉଛି। ବିଭିନ୍ନ ବିଭାଗର ଯନ୍ତ୍ରୀ ଏବଂ ରାଜମିସ୍ତ୍ରିମାନଙ୍କୁ ଭୂମିକମ୍ପ ସହଣୀୟ ନିର୍ମାଣ କାର୍ଯ୍ୟ ବିଷୟରେ ତାଲିମ ଦିଆଯାଉଛି। ଏହାଛଡ଼ା ଭୂମିକମ୍ପ ସମ୍ପର୍କରେ ଜାଣିବା ପାଇଁ ପ୍ରାଥମିକ ଶିକ୍ଷା ପାଠ୍ୟ ଖସଡ଼ାରେ ସାମିଲ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

### ଦାଉ ସାଧୁଛି ପ୍ରାକୃତିକ ବିପତ୍ତି

ରାଜ୍ୟରେ ପ୍ରାକୃତିକ ବିପଦ ଦାଉସାଧୁଛି। ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ ବହୁମୂଲ୍ୟ ଜୀବନ ଓ ଧନସମ୍ପତ୍ତି ଉଜାଡି ଦେଉଛି। ଗତ ୫ ବର୍ଷରେ (୨୦୧୮-୧୯ରୁ ୨୦୨୨-୨୩) ରାଜ୍ୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ୧୬,୩୭୨ ଜଣଙ୍କ ମୃତ୍ୟୁ ଘଟିଛି। ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗତ ୫ ବର୍ଷରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ୧୬,୩୭୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରୁ ନଦୀ, ପୋଖରୀ ଆଦିରେ ବୁଡ଼ି ସର୍ବାଧିକ ୭୮୭୪ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ସାପ କାମୁଡ଼ାରେ ୫୨୧୯ ଜଣଙ୍କ ମୃତ୍ୟୁ ଘଟିଛି।

ଗତ ୫ ବର୍ଷରେ ବଜ୍ରପାତରେ ୨୦୫୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅଗ୍ନିକାଣ୍ଡରେ ୭୫୯, ବାତ୍ୟାରେ ୧୪୦, ଡଙ୍ଗା ବୁଡ଼ିରେ ୪୬, ବନ୍ୟାରେ ୭୩, ଗ୍ରୀଷ୍ମପ୍ରବାହରେ ୧୪୧, ଚକ୍ରବାତରେ ୩୧ ଓ ପ୍ରବଳ ବର୍ଷାରେ ୩୧ ଜଣଙ୍କ ମୃତ୍ୟୁ ହୋଇଛି।

ମୟୂରଭଞ୍ଜ ଜିଲାର ସର୍ବାଧିକ ୬୫୧ ଜଣ ପାଣିରେ ବୁଡ଼ି ଜୀବନ ହରାଇଛନ୍ତି। ସେହିପରି ସାପ କାମୁଡ଼ାରେ ରାଜ୍ୟରେ ଗତ ୫ ବର୍ଷରେ ୫୨୧୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୬୦ ଜଣଙ୍କ ମୃତ୍ୟୁ ଘଟିଛି। ବଜ୍ରପାତ ଓ ଅଗ୍ନିକାଣ୍ଡରେ ମଧ୍ୟ ମୟୂରଭଞ୍ଜ ଜିଲାରେ ଯଥାକ୍ରମେ ସର୍ବାଧିକ ୨୧୦ ଓ ୮୮ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରବଳ ବର୍ଷାରେ ଏହି ଜିଲାରେ ଗତ ୫ ବର୍ଷରେ ସର୍ବାଧିକ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଗତ ୫ ବର୍ଷରେ ପାଣିରେ ବୁଡ଼ି ଅନୁଗୋଳ ☞ପୃଷ୍ଠା-୨



**ଖେଳାଳି ଚୟନ ଶିବିର**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଧାନଶିକ୍ଷକ ଅଜୟ ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ସରପଞ୍ଚ ବୈଦ୍ୟନାଥ ମିଶ୍ର, ନାନ୍ଦୁପଲା ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀଣ କୁମାର ପଣ୍ଡା, ସହ ଶିକ୍ଷା ଅଧିକାରୀ ମିନିକେତନ ବରିହା, କ୍ରୀଡାବିତ୍ ପବିତ୍ର ପଟେଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ବ୍ଲକର ୩୦ ବିଦ୍ୟାଳୟରୁ ୩୩୭ ଖେଳାଳି ଅଂଶଗ୍ରହଣ କରିଥିଲେ। କ୍ରୀଡା ପ୍ରତିଯୋଗିତାକୁ ବରିଷ୍ଠ କ୍ରୀଡା ଶିକ୍ଷକ ପବିତ୍ର ମୋହନ ଦାସ, ରଜତ କୁମାର ଦାସ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କର୍ମକାଣ୍ଡ, ଢପାଲି, ସଙ୍ଗୀତ ପ୍ରଶିକ୍ଷଣ ଶିବିର

ରୁପ୍ରାରୋଡ୍,୨୮।୯(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ରୁପ୍ରରୋଡ଼ ଧର୍ମଶାଳାଠାରେ ତିନି ଦିବସୀୟ କର୍ମକାଣ୍ଡ, ଢପାଲି ଏବଂ ସଙ୍ଗୀତ ପ୍ରଶିକ୍ଷଣ ଶିବିର ଶାନ୍ତିକୁଞ୍ଜ ହରିଦ୍ୱାର ପ୍ରତ୍ୟକ୍ଷ ତ୍ୱବାବଧାନ ତଥା ଗାୟତ୍ରୀ ପରିବାର କଳାହାଣ୍ଡି, ଗାୟତ୍ରୀ ଶକ୍ତି ପୀଠ ରୁପ୍ରରୋଡ ଏବଂ ନର୍ଲା ବ୍ଲକ ସମନ୍ୱୟ ସମିତିଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣ ଦେବା ପାଇଁ ଶାନ୍ତିକୁଞ୍ଜରୁ ଋଷିପୁତ୍ର ବରିଷ୍ଠ ପ୍ରଶିକ୍ଷକ ତଥା ସାଧକ ରବୀନ୍ଦ୍ର ଗୌଡା ଆସିଥିଲେ। ନର୍ଲା ସମନ୍ୱୟ ସମିତି ଯୁବାଧ୍ୟକ୍ଷ ଗଣେଶ ପୃଷ୍ଟି ଏବଂ ଦେବେନ୍ଦ୍ର ବିଶ୍ୱାଲ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା, ମ.ରାମପୁର, କର୍ଲାମୁଣ୍ଡା, କେସିଙ୍ଗା, ଭବାନୀପାଟଣା ବ୍ଲକର ୭୨ଜଣ ପୁରୁଷ ଏବଂ ୪୨ମହିଳା ପ୍ରଶିକ୍ଷଣ ନେଇଥିଲେ। କଳାହାଣ୍ଡି ଗାୟତ୍ରୀ ପରିବାର ସମନ୍ୱୟ ସମିତି ମୁଖ୍ୟ ସଂଯୋଜକ ତପନ କୁମାର ସାହୁ, ବ୍ଲକ ସମନ୍ୱୟ ସମିତି ମୁଖ୍ୟ ସଂଯୋଜକ ଅନିଲ ଅଗ୍ରୱାଲ, ସହ ସଂଯୋଜକ ତୀର୍ଥ ବୁଦ୍ଧିଆ, ରୁପ୍ରାରୋଡ ଗାୟତ୍ରୀ ଶକ୍ତିପୀଠ ମୁଖ୍ୟ ଟ୍ରଷ୍ଟି ଅନିଲ କୁମାର ଅଗ୍ରୱାଲ, କୋଷାଧ୍ୟକ୍ଷ ସୁରେଶ ଅଗ୍ରୱାଲ, ମୋହନ ପୁଟେଲ ତଥା ସମସ୍ତ ଟ୍ରଷ୍ଟ ସଦସ୍ୟ ଏବଂ ଗାୟତ୍ରୀ ପରିବାର ସମସ୍ତ ପରିଜନ ସହଯୋଗ କରିଥିଲେ।

### ନୂଆପଡା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,୨୮।୯(ମକାରୁ ବେମାଲ)

ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ସାର୍ବଜନୀନ ଦୁର୍ଗାପୂଜା କମିଟି ଟାଉନ ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୂଜା କମିଟି ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତିକ୍ରମେ ପୁଣିଥରେ ପ୍ରସନ୍ନ ପାଢୀଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ପପୁ ସ୍ୱାଇଁ ସମ୍ପାଦକ, ବିବେକ ଗୁପ୍ତା କୋଷାଧ୍ୟକ୍ଷ ହୋଇଛନ୍ତି। ଷଷ୍ଠିରୁ ଦଶମୀ ପର୍ଯ୍ୟନ୍ତ ମା' ଦୁର୍ଗାମଣ୍ଡପରେ ପୂଜା ପାଇବା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରବୀଣ ସିଂ ଠାକୁର, ଅମିତ ପୁରୋହିତ, ଦେଓ ପ୍ରସାଦ ସାହୁ, ଲଲନ ଗୁପ୍ତା, ଲୋକନାଥ ମହାପାତ୍ର, ଶଙ୍କର ପୁରୋହିତ, ଶିଶିତ ଭୂୟା, ଅମିତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ହେଲେ ସାଇବର ଅପରାଧ କମିବ

ଭବାନୀପାଟଣା,୨୮।୯(ଉତ୍ତମ କୁମାର ଦାଶ)

■ ଗାନ୍ଧୀ ଜୟନ୍ତୀରୁ କଳାହାଣ୍ଡି ଜିଲାରେ ଗଡ଼ିବ ସାଇବର ସୁରକ୍ଷା ରଥ
■ କଳାହାଣ୍ଡି ପୋଲିସର ସାଇବର ସଚେତନତା କାର୍ଯ୍ୟକ୍ରମ

ଡିଜିଟାଲ ଯୁଗରେ ଲୋକେ ଅତ୍ୟାଧୁନିକ ହେବା ବେଳକୁ ସାଇବର ଠକେଇ ମଧ୍ୟ ବ୍ୟାପକ ଭାବେ ବଢ଼ି ଚାଲିଛି। ଲୋକେ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ହେଉଥିବା ବେଳେ ସାଇବର ଠକେଇର ଶିକାର ହୋଇ ଆର୍ଥିକ, ଶାରିରୀକ ଓ ମାନସିକସ୍ତରର କଷ୍ଟ ପାଉଛନ୍ତି। ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ଏ ଦିଗରେ ସଚେତନତା କରିବା ଉଦ୍ଦେଶ୍ୟରେ ଶୁକ୍ରବାରଠାରୁ ରାଜ୍ୟ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ-୨୩ ଆରମ୍ଭ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରିବେ। ଏହାପରେ ଅକ୍ଟୋବର ୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ରଥ ରାଜ୍ୟର ସମସ୍ତ ଜିଲା ସମେତ କଳାହାଣ୍ଡି ଜିଲାର ୨୦ଟି ଥାନା ଅଞ୍ଚଳରେ ବୁଲି ଲୋକଙ୍କୁ ସାଇବର ଠକେଇ ରୋକିବା ଉପରେ ସଚେତନତା କରାଇବ। ସେହିପରି ଅନଲାଇନ ଓ ଅଫଲାଇନ ମାଧ୍ୟମରେ ସ୍ଥାନୀୟ ପୋଲିସ ଏହାର ଜନସଚେତନତା କରିବ। ଏଥିରେ ମିଶନ ଶକ୍ତି ମହିଳା, ଅଙ୍ଗନୱାଡ଼ି ଓ ଆଶା କର୍ମୀ, ଆଇଟି ଏକ୍ସପର୍ଟ ଓ ବିଭିନ୍ନ ବ୍ୟାଙ୍କ ସହଯୋଗ କରିବେ। ଏହାସହ ଏହି ସଚେତନତା ଅଭିଯାନରେ ସ୍ଥାନୀୟ ଯୁବପିଢ଼ି, କଲେଜ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସାମିଲ କରାଯିବ। କଳାହାଣ୍ଡି ପୋଲିସ ପକ୍ଷରୁ ଏ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହାକୁ ନେଇ ଗୁରୁବାର କଳାହାଣ୍ଡି ପୋଲିସ ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲା ପୋଲିସ ମୁଖ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଏସ୍‌ପି ଅଭିଲାସ ଜି.ଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଲୋକ ସଚେତନ ହେଲେ ସାଇବର ଅପରାଧକୁ ରୋକାଯାଇ ପାରିବ ବୋଲି ଜିଲାପାଳ କହିଥିଲେ। ଗତ ୯ମାସ ମଧ୍ୟରେ ଜିଲାରେ ୨୩ଟି ସାଇବର ଠକେଇ ମାମଲା ରୁଜୁ ହୋଇଛି। ୬ଟି ସମାଧାନ କରାଯାଇଥିବା ଓ ୮ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଥିଲେ। ଜିଲାରେ ସାଇବର ଅପରାଧ ରୋକିବା ପାଇଁ ଗଣମାଧ୍ୟମ ଓ ସୋସିଆଲ ମିଡିଆ ଦ୍ୱାରା ଏହାର ସଚେତନତା ପାଇଁ ପ୍ରଚାର ପ୍ରସାର କରାଯିବ ବୋଲି ଏସ୍‌ପି କହିଥିଲେ। କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ଡିଏସପି ଅଲକା ନନ୍ଦ ସାହୁ ପରିଚାଳନା କରିଥିବାବେଳେ ଡିଆଇବି ଡିଏସପିଆର କେ.ଜେନା ଧନ୍ୟବାଦ ଦେଇଥିଲେ।




ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାଇବର ସଚେତନତା କାର୍ଯ୍ୟକ୍ରମ।

## ଜାଗା ମିଶନ ପରାମର୍ଶଦାତାଙ୍କ କେସିଙ୍ଗା ଏନ୍‌ଏସି ପରିଦର୍ଶନ



କେସିଙ୍ଗା ଆଦର୍ଶ କଲୋନୀରେ ଜାଗା ମିଶନ ପରାମର୍ଶ ଦାତା ଓ ଅଧ୍ୟକ୍ଷ।

କେସିଙ୍ଗା,୨୮।୯(ତୁମେଶ୍ୱର ସାହୁ)

ରାଜ୍ୟ ସରକାରଙ୍କ ଜାଗା ମିଶନ ପରାମର୍ଶ ଦାତା କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିକୁ ବୁଧବାର ପରିଦର୍ଶନ କରି ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ଜାଗାମିଶନର ସ୍ଥିତି ଅନୁଧ୍ୟାନ ପାଇଁ ଜାଗାମିଶନ ପରାମର୍ଶଦାତା ହରିଶଙ୍କର ରାଉତ କେସିଙ୍ଗା ସହରର ବିଭିନ୍ନ ବସ୍ତି ପରିଦର୍ଶନ କରିଥିଲେ। କେସିଙ୍ଗା ନଗରପାଳ ନୃପରାଜ ଯାଦବ ଉପସ୍ଥିତ ରହି ଲୋକଙ୍କୁ ପଟ୍ଟା ପାଇବାରେ କିଭଳି ବିଭିନ୍ନ ସମସ୍ୟା ରହିଛି ସେ ବିଷୟରେ ଅବଗତ କରାଇଥିଲେ। କିଭଳି ସମସ୍ତ ଭୂମୀହିନ ଗରିବ ଲୋକମାନେ ସୁରୁଖୁରୁରେ ପଟ୍ଟା ପାଇବେ, ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇ ସେ ଦିଗରେ ପଦକ୍ଷେପ ନେବା ପାଇଁ ଜାଗାମିଶନ ପରାମର୍ଶ ଦାତାଙ୍କୁ ଅନୁରୋଧ କରିଥିଲେ। ଆଦର୍ଶ କୋଲୋନୀରେ ଜାଗା ମିଶାନ ପରାମର୍ଶ ଦାତାଙ୍କୁ ୱାର୍ଡବାସୀ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ସରସ୍ୱତୀ ସାହା, କାଉନସିଲର ହେମ ସୁନା, ପ୍ରେଣା ନାଏକ, କବିତା ମାଝି, ସମ୍ଭୁ ବଗର୍ତ୍ତୀ, ରମାକାନ୍ତ ଜେନା, ଧରଣୀ ନାଏକ, ସହର ବିଜେଡି ସଭାପତି ରମେଶ ପଟ୍ଟନାୟକ ଓ ଅନେକ ମାନ୍ୟଗଣ୍ୟବ୍ୟକ୍ତି ଉପସ୍ଥିତ ଥିଲେ।

# ମହମ୍ମଦ ଜୟନ୍ତୀରେ ବିଶାଳ ଶୋଭାଯାତ୍ରା

ଭବାନୀପାଟଣା/ଜୁନାଗଡ଼,୨୮।୯(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ବୁଧବାର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ସ୍ଥାନୀୟ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ବେଶ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ସମସ୍ତେ ଉଠି ସ୍ଥାନୀୟ ଜମା ମସଜିଦ ସମ୍ମୁଖରେ ଏକତ୍ରିତ ହୋଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ମହାପୁରୁଷ ମହମ୍ମଦଙ୍କ ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇଥିଲେ। ସେହିପରି ଜୁନାଗଡ଼ ସୁନ୍ନି ଜମାତ କମିଟି ପକ୍ଷରୁ ସକାଳୁ ମୁସଲମାନ ଭାଇଭଉଣୀ ମସଜିଦଠାରେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୁଣି ମସଜିଦକୁ ଆସିଥିଲେ। ଶୋଭାଯାତ୍ରାରେ ଜୁନାଗଡ଼କୁ ଜିଲା ମାନ୍ୟତା ଦାବି ନେଇ ଲୋକଙ୍କୁ ସଚେତନତା କରିବା ସହ ଜିଲା ଘୋଷଣା କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ନି ମୁସଲିମ କମିଟି ସଭାପତି ମହମ୍ମଦ ହନୀପ, ସମ୍ପାଦକ ରଫିକ ଖାନ, କୋଷାଧ୍ୟକ୍ଷ ସେକ ରୋଷନ ଅଲ୍ଲୀ, ସାହିଲ ଖୁରେସି, ଶେଖ ଅବଦୁଲ ମହସିନ, ଅବଦୁଲ କରିମ ସମେତ ଶତାଧିକ ମୁସଲମାନ ଭାଇଭଉଣୀ ଉପସ୍ଥିତ ଥିଲେ। ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ମଧ୍ୟ ସାମିଲ ହୋଇଥିଲେ।



ମହମ୍ମଦ ଜୟନ୍ତୀ ଉପଲକ୍ଷେ ଭବାନୀପାଟଣାରେ ବିଶାଳ ଶୋଭାଯାତ୍ରା।

## ସ୍ୱଚ୍ଛ ସେବା ପକ୍ଷ ପାଳିତ

ଖଡ଼ିଆଲ,୨୮।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା କଲେଜ ଜାତୀୟ ସେବା ଯୋଜନା ଦ୍ୱାରା ସ୍ୱଚ୍ଛ ସେବା ସପ୍ତାହ ପାଳନ ହୋଇଯାଇଛି। ଆୟୋଜିତ ସଭାରେ ଯୋଜନା ଅଧିକାରୀ ଅଧ୍ୟାପିକା ପୁଷ୍ପାଞ୍ଜଳି ପ୍ରଧାନୀ ସାଗତ ଭାଷଣ ପରେ ଅଧ୍ୟାପିକା ପ୍ରିୟଙ୍କା ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଭ୍ୟ ଡଃ ରାମଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ତପନ ରଞ୍ଜନ ଦାସ ସ୍ୱଚ୍ଛତା ଓ ପରିଷ୍କାର, ପରିବେଶ ଉପରେ କହିଥିଲେ। ସଭାପତିତ୍ୱ କରିଥିବା ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ଓ ଅଧ୍ୟାପିକା ମହାଶ୍ୱେତା ପଣ୍ଡା ଧନ୍ୟବାଦ ଦେଇଥିଲେ।

**URGENTLY REQUIRED**
**KEYSTONE SOLUTIONS**
For 33KV, 11KV & LT Network AMC Work under **ATHAGARH & DHENKANAL** Electrical Division of TPCODL.

| SL. NO. | POSITION | QUALIFICATION | EXPERIENCE |
|---|---|---|---|
| 1 | DIVISIONAL CO-ORDINATOR | Degree in Electrical Engineering | Minimum 5 yrs. of work Exp. in 33KV, 11KV & LT Power Distribution System |
| 2 | SAFETY ENGINEER | Post Diploma in Industrial Safety & Degree/Diploma in Electrical Engineering | Minimum 3 yrs. of Work Experience in the field of Electrical Safety. |
| 3 | SECTION SUPERVISOR | Dip. in Electrical Engg. having valid Supervisory Licence of ELBO | Minimum 2 yrs. of work experience. |
| 4 | LINEMAN (SKILLED) | ITI (Elect.) with valid ELBO Licence | Min. 2 yrs. Exp in Construction or Maintenance of 33/11/0.415 KV System |
| 5 | HELPER (UN-SKILLED) | Preferably 10th Pass, (ability to read & write & emphasis on safety) | Basic knowledge of Working in Power Distribution |

**Last date to Apply: 30.09.2023**
Interested candidates can send their resume to E-mail ID:
**"asim.abhijit@keystoneinfrapower.com".**
The candidates should apply online only.
**Contact Number: 8117042961**

# ମହମ୍ମଦ ଜୟନ୍ତୀରେ ସମୂହ ନମାଜପାଠ




ଖଡ଼ିଆଲ,୨୮।୯(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡିଆଳ ସହରରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମହମ୍ମଦ ଜୟନ୍ତୀ ପାଳନ କରାଯାଇଥିଲା। ଖଡିଆଳରେ ମୁସଲମାନ ସୁନ୍ନି ସମାଜ ପକ୍ଷରୁ ସର୍ବଧର୍ମର ମଙ୍ଗଳ କାମନା କରି ସାମୂହିକ ନମାଜ ପାଠ କରିଥିଲେ। ଏହା ପରେ ସୁନ୍ନି ସମାଜ ପକ୍ଷରୁ ମହମ୍ମଦଙ୍କ ଜନ୍ମ ଦିନ ଉପଲକ୍ଷେ ଏକ ଶୋଭାଯାତ୍ରା ମସଜିଦଠାରୁ ବାହାରି ଖଡିଆଳ ସହର ପରିକ୍ରମା ପରେ ତାଙ୍କର କବରସ୍ଥାନରେ ପହଞ୍ଚିଥିଲା। ମୁସଲମାନ ସମ୍ପ୍ରଦାୟର ଲୋକମାନେ ନିଜର ପୂର୍ବଜଙ୍କ କବର ଉପରେ ପୂଜା ପାଠ କରି ତାଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ। ଅପରାହ୍ନରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ମସଜିଦରେ ଭୋଜିଭାତର ଆୟୋଜନ ହୋଇଥିଲା। ଶେଷରେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜଣାଇଥିଲେ।

# ଜି ୨୦ ୟୁନିଭର୍ସିଟି କନେକ୍ଟ ଫାଇନାଲରେ ଯୋଗଦେଇ ଫେରିଲେ




ଜି ୨୦ କାର୍ଯ୍ୟକ୍ରମରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟରୁ ପ୍ରତିନିଧି କରିଥିବା ଟିମ୍।

ଭବାନୀପାଟଣା,୨୮।୯(ଉତ୍ତମ କୁମାର ଦାଶ)

■ ଭାରତ ମଣ୍ଡପମରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ୨ ଛାତ୍ରୀଛାତ୍ର
■ ପ୍ରଧାନମନ୍ତ୍ରୀଙ୍କ ସହ ବସିବାର ସୁଯୋଗ ପାଇଲେ

ନୂଆଦିଲ୍ଲୀ ଅନୁସନ୍ଧାନ ଓ ସୂଚନା ସଂସ୍ଥା (ଆରଆଇଏସ)ପକ୍ଷରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆମନ୍ତ୍ରିତ ହୋଇ ଭାରତ ମଣ୍ଡପମଠାରେ ଜି ୨୦ ୟୁନିଭର୍ସିଟି କନେକ୍ଟ ଫାଇନାଲ କାର୍ଯ୍ୟକ୍ରମରେ ଯୋଗଦେଇଥିଲା। କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ନେତୃତ୍ୱରେ ଇଂଲିଶ ବିଭାଗ ମୁଖ୍ୟ ଡକ୍ଟର ଜୟଦେବ ସାହୁ, ପିଜି ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ, ସ୍ୱର୍ଣ୍ଣା ମିଶ୍ର, ପିଜି ଛାତ୍ର ସତ୍ୟବ୍ରତ ମହାପାତ୍ର ଓ ଶୁଭମ ମହାକୁଡ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ପ୍ରତିନିଧି କରିଥିଲେ। କୁଳପତି ଓ ତାଙ୍କ ଟିମ ବୁଧବାର ବିଶ୍ୱବିଦ୍ୟାଳୟ ପ୍ରତ୍ୟାବର୍ତ୍ତନ ପରେ ରେଜିଷ୍ଟ୍ରାର, ସିପିଜିସି ଓ ବିତ୍ତନୀୟନ୍ତକ, ଅଧ୍ୟାପକ ଓ ଅଧ୍ୟାପିକା ତଥା ଶହଶହ ଛାତ୍ରୀଛାତ୍ର ମହାସମାରୋହରେ ସ୍ୱାଗତ କରିଥିଲେ। ପରେ ବିଶ୍ୱବିଦ୍ୟାଳୟ ପ୍ରେଖ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଭାଗ ନେଇଥିବା ଛାତ୍ରୀଛାତ୍ର, କୁଳପତି ଓ ଡକ୍ଟର ସାହୁ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି ୨୦ ୟୁନିଭର୍ସିଟି କନେକ୍ଟ ଫାଇନାଲ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭାରତର ବିକାଶ ଓ ସ୍ୱଚ୍ଛତା ପାଇଁ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଓ ଛାତ୍ର ସତ୍ୟବ୍ରତ ମହାପାତ୍ରଙ୍କୁ ୩୦୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀଙ୍କ ସହିତ ବସିବାର ସୁଯୋଗ ମିଳିଥିଲା। ଏହା କଳାହାଣ୍ଡି ଓ ଓଡ଼ିଶା ପାଇଁ ଏକଗର୍ବ ଓ ଗୌରବର ବିଷୟ। ଏହି ଛାତ୍ରୀଛାତ୍ରଙ୍କ ଆରଟିପିସିଆର ଟେଷ୍ଟ କରାଯାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ଛାତ୍ରୀ ଶୁଭଶ୍ରୀଙ୍କୁ ତମେ କେଉଁଠୁ ଆସିଛ ବୋଲି ପଚାରିଥିଲେ। ଓଡ଼ିଶାରୁ ଆସିଛନ୍ତି ଜାଣି ଜୟ ଜଗନାଥ ବୋଲି କହିଥିଲେ। ଦିଲ୍ଲୀ ୟୁନିଭର୍ସିଟିର ଜଣୈକ ପ୍ରାଧ୍ୟାପକ ନୂଆ ଭାବେ ପ୍ରତିଷ୍ଠିତ ହୋଇଥିବା କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ମୋଦୀଙ୍କ ସାଙ୍ଗରେ ବସିବାର ସୌଭାଗ୍ୟ ବହୁ ସମ୍ମାନର କଥା ବୋଲି ଡକ୍ଟର ଜୟଦେବ ସାହୁଙ୍କୁ କହିଥିଲେ। ପ୍ରକାଶ ଥାଉକି, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଜି୨୦ ୟୁନିଭର୍ସିଟି କନେକ୍ଟ କାର୍ଯ୍ୟକ୍ରମ କରିବାକୁ ଭାରତ ସରକାରଙ୍କ ଆରଆଇଏସ ସଂସ୍ଥା ଦ୍ୱାରା ମନୋନୀତ ହୋଇଥିଲା। ଏପ୍ରିଲ ୧୦ରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଯେଉଁଥିରେ ଡାଇରେକ୍ଟର ଜେନେରାଲ ପ୍ରଫେସର ଚତୁର୍ବେଦି ଯୋଗଦେଇ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଶଂସା କରିଥିଲେ। ଜାତୀୟସ୍ତରରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଆଦରକୁ ନେଇ ଅଞ୍ଚଳବାସୀ ଆନନ୍ଦିତ ହୋଇଛନ୍ତି।

**ଶ୍ରଦ୍ଧାଞ୍ଜଳି**



ଛାତ୍ରବତ୍ସଳ, ବର୍ଷୀଆନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବରେନ୍ଦ୍ରନାଥ ନାୟକ, ଚଳିତ ସେପ୍ଟେମ୍ବର ୧୯ ତାରିଖ ଦିନ ୮୩ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଶିକ୍ଷାକ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। କର୍ମମୟ ଜୀବନ ମଧ୍ୟରେ ବାଲେଶ୍ୱର ଜିଲାର ଜଗାଇ ହାଇସ୍କୁଲ, ଦୁବୁଲାଗଡ଼ି ହାଇସ୍କୁଲ ଏବଂ ମୟୂରଭଞ୍ଜ ଜିଲ୍ଲାର ଚିତ୍ରଡ଼ା ହାଇସ୍କୁଲ, ଯୁଗଳ ହାଇସ୍କୁଲ ଓ ସିଂହଟିଆ ଗ୍ରାମର ରାଧାକୃଷ୍ଣ ହାଇସ୍କୁଲ ଅନ୍ତର୍ଭୁକ୍ତ। ସେ ଅତ୍ୟନ୍ତ ଧର୍ମପରାୟଣ ଏବଂ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସହ ପ୍ରତି ଗଭୀର ଥିଲେ। ତାଙ୍କ ବିୟୋଗରେ ତାଙ୍କର କର୍ମସ୍ଥଳୀ, ଜନ୍ମସ୍ଥାନ (ଭୋଗରାଇ ବ୍ଲକର ବୁଲ୍ହା ଗ୍ରାମ) ଏବଂ ବିଭିନ୍ନ ସତ୍‌ସଙ୍ଗ କେନ୍ଦ୍ର ଓ ସତ୍‌ସଙ୍ଗ ବିହାରରେ ଶୋକସଭା ପାଳିତ ହୋଇଯାଇଛି।

**ସ୍ୱ ଶ୍ରୀଯୁକ୍ତ ବରେନ୍ଦ୍ରନାଥ ନାୟକ**
ଆବିର୍ଭାବ: ତା୦୫।୦୨।୧୯୪୦ | ତିରୋଧାନ: ତା୧୯।୦୯।୨୦୨୩
ଶୋକସନ୍ତପ୍ତ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନଗଣ

**ଡାକ ବିଭାଗ (ସିଭିଲ ୱିଙ୍ଗ)**
**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୨୬/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ମିନି ଅଡିଟୋରିୟମ୍ ଏବଂ ଲାଇବ୍ରେରି-ତଥା-ମଡେଲ ପୋଷ୍ଟ ଅଫିସ୍ ସ୍ଥାପନ ପାଇଁ ସିଭିଲ କାର୍ଯ୍ୟ । ଅଟକଳ ମୂଲ୍ୟ: ଟ.୩୫,୩୪,୭୩୮.୦୦ । ଅମାନତ ରାଶି: ଟ.୭୦,୬୯୫.୦୦ । ସମାପ୍ତି ଅବଧି: ୨୪୦ (ଦୁଇଶହ ଚାଳିଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୨. ଏନ୍‌ଆଇଟି ନଂ.୨୭/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ବ୍ରହ୍ମପୁର ଡିଭିଜନ, ଓଡ଼ିଶା ଅଧୀନରେ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । ଅଟକଳ ମୂଲ୍ୟ: ଟ.୬୩,୦୩,୪୯୪.୦୦ । ଅମାନତ ରାଶି: ଟ.୧,୨୬,୦୭୦.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୩. ଏନ୍‌ଆଇଟି ନଂ.୨୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ମୟୂରଭଞ୍ଜ ଡିଭିଜନ, ଓଡ଼ିଶା ଅଧୀନରେ ରାଇରଙ୍ଗପୁର ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । ଅଟକଳ ମୂଲ୍ୟ: ଟ.୪୨,୮୧,୫୨୧.୦୦ । ଅମାନତ ରାଶି: ଟ.୮୫,୬୩୦.୦୦ । ସମାପ୍ତି ଅବଧି: ୧୨୦ (ଏକ ଶହ କୋଡ଼ିଏ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର





**ଶୁଭେଚ୍ଛା ବାର୍ତ୍ତା**

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କୁ ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା ସଭାପତି ଭାବେ ପୁଣିଥରେ ନିଯୁକ୍ତ କରିଥିବା ଯୋଗୁଁ ରେଢ଼ାଖୋଲ ବିଜୁ ଜନତା ଦଳର କର୍ମକର୍ତ୍ତାମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତିଙ୍କୁ କୃତଜ୍ଞତା ।

ବିଜୁ ଜନତା ଦଳର କର୍ମକର୍ତ୍ତା, ରେଢ଼ାଖୋଲ

बैंक ऑफ महाराष्ट्र Bank of Maharashtra भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ୍: bom1182@mahabank.co.in

**ଡିମାଣ୍ଡ ନୋଟିସ୍**

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜ ପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି। ଏଣୁ, କିସ୍ତି/ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖା**ର ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ ଡାକ ସହିତ ଏ.ଡ଼ି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଅଂଶୀଦାର/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଏସ୍‌କେ ଟ୍ରାନ୍ସପୋର୍ଟ, ପଞ୍ଜିକୃତ ଠିକଣା: ଜି-୩/୩୩, ଆଇଡି ମାର୍କେଟ୍ କମ୍ପ୍ଲେକ୍ସ, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫ / ଅଂଶୀଦାର/ଗ୍ୟାରେଣ୍ଟି ଦାତାମାନେ: ୧) ଶ୍ରୀ ଶିଶିର କୁମାର ମିଶ୍ର, ୨) ଶ୍ରୀମତୀ ସାଧନା ମିଶ୍ର, ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ଏଚ/୧୫, ବଡଗଡ, ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୭୫୧୦୧୪ | ୧) କ୍ୟାଶ କ୍ରେଡିଟ୍ / ଟ. ୨୫,୦୦,୦୦୦/- ୨) ଜିଇସିଏଲ (ଏମ୍‌ଏସ୍‌ଏମ୍‌ଇ)- କୋଭିଡ୍ ୧୯ / ଟ.୩,୩୦,୦୦୦/- ସମୁଦାୟ: ଟ.୨୮,୩୦,୦୦୦/- | ୧୮.୦୬.୨୦୨୩/ ୨୭.୦୭.୨୦୨୩ / ୨୭.୦୭.୨୦୨୩ ସୁଦ୍ଧା ଟ.୨୬,୫୨,୧୪୯/- +ସେବାବଦ ପରବର୍ତ୍ତୀ ସୁଧ | ୧) ପ୍ରାପ୍ତ ହେବାକୁ ଥିବା ବନ୍ଧକପ୍ରାପ୍ତ ଷ୍ଟକ, ୨) ଶ୍ରୀ ଶିଶିର କୁମାର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୨୦୩/୧୦୬୨, ଖାତା ନଂ.: ୨୭୨/୧୬୧, ପରିମିତ କ୍ଷେତ୍ର: ଏକର ୧.୦୦୦ ଡିସିମିଲି (୪୩୫୬୦ ବର୍ଗଫୁଟ), ମୌଜା: ଦାସପୁର, ଥାନା: ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୪୩ ଏବଂ ୨୬୯, ପଶ୍ଚିମ: ପ୍ଲଟ୍ ନଂ.: ୨୦୪, ଉତ୍ତର: ପ୍ଲଟ୍ ନଂ.: ୨୪୧, ଦକ୍ଷିଣ: ପ୍ଲଟ୍ ନଂ.: ୨୬୯ ଏବଂ ୨୦୩ |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ଭବିଷ୍ୟତ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ / କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡିକ: **କ)** ଋଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ । **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣ କରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ । **ଗ)** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ । **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନାଯୋଗ୍ୟଯେ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୭.୦୭.୨୦୨୩

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**ଖେଳାଳି ଚୟନ ଶିବିର**

ଖପ୍ରାଖୋଲ,( ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଧାନଶିକ୍ଷକ ଅଜୟ ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନିତ ଅତିଥି ସରପଞ୍ଚ ବୈଦ୍ୟନାଥ ମିଶ୍ର, ନାନ୍ଦୁପଲା ସମିତି ସଭ୍ୟ ଦେବକାନ୍ତ ପାଣିଗ୍ରାହୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀଣ କୁମାର ପଣ୍ଡା, ସହ ଶିକ୍ଷା ଅଧିକାରୀ ମିନିକେତନ ବରିହା, କ୍ରୀଡାବିତ୍ ପବିତ୍ର ପଟେଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ଲକର ୩୦ ବିଦ୍ୟାଳୟରୁ ୩୩୭ ଖେଳାଳି ଅଂଶଗ୍ରହଣ କରିଥିଲେ। କ୍ରୀଡା ପ୍ରତିଯୋଗିତାକୁ ବରିଷ୍ଠ କ୍ରୀଡା ଶିକ୍ଷକ ପବିତ୍ର ମୋହନ ଦାସ, ରଜତ କୁମାର ଦାସ ପରିଚାଳନା କରିଥିଲେ।

## ସଂକ୍ଷେପରେ

### କର୍ମକାଣ୍ଡ, ଢପାଲି, ସଙ୍ଗୀତ ପ୍ରଶିକ୍ଷଣ ଶିବିର

ରୁପ୍ରାରୋଡ୍,୨୮।୯(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ରୁପ୍ରରୋଡ଼ ଧର୍ମଶାଳାଠାରେ ତିନି ଦିବସୀୟ କର୍ମକାଣ୍ଡ, ଢପାଲି ଏବଂ ସଙ୍ଗୀତ ପ୍ରଶିକ୍ଷଣ ଶିବିର ଶାନ୍ତିକୁଞ୍ଜ ହରିଦାର ପ୍ରତ୍ୟକ୍ଷ ତ୍ୱବାବଧାନ ତଥା ଗାୟତ୍ରୀ ପରିବାର କଳାହାଣ୍ଡି, ଗାୟତ୍ରୀ ଶକ୍ତି ପୀଠ ରୁପ୍ରରୋଡ ଏବଂ ନର୍ଲା ବ୍ଲକ ସମନ୍ୱୟ ସମିତିଙ୍କ ସହଯୋଗରେ ଅନୁଷ୍ଠତ ହେଇଥିଲା। ପ୍ରଶିକ୍ଷଣ ଦେବା ପାଇଁ ଶାନ୍ତିକୁଞ୍ଜରୁ ଋଷିପୁତ୍ର ବରିଷ୍ଠ ପ୍ରଶିକ୍ଷକ ତଥା ସାଧକ ରବୀନ୍ଦ୍ର ଗୌଡା ଆସିଥିଲେ। ନର୍ଲା ସମନ୍ୱୟ ସମିତି ଯୁବାଧକ୍ଷ ଗଣେଶ ପୃଷ୍ଟି ଏବଂ ଦେବେନ୍ଦ୍ର ବିଶ୍ୱାଲ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା, ମ.ରାମପୁର, କର୍ଲାମୁଣ୍ଡା, କେସିଙ୍ଗା, ଭବାନୀପାଟଣା ବ୍ଲକର ୭୨ଜଣ ପୁରୁଷ ଏବଂ ୪୨ମହିଳା ପ୍ରଶିକ୍ଷଣ ନେଇଥିଲେ। କଳାହାଣ୍ଡି ଗାୟତ୍ରୀ ପରିବାର ସମନ୍ୱୟ ସମିତି ମୁଖ୍ୟ ସଂଯୋଜକ ତପନ କୁମାର ସାହୁ, ବ୍ଲକ ସମନ୍ୱୟ ସମିତି ମୁଖ୍ୟ ସଂଯୋଜକ ଅନିଲ ଅଗ୍ରୱାଲ, ସହ ସଂଯୋଜକ ତୀର୍ଥ ବୁଢ଼ିଆ, ରୁପ୍ରାରୋଡ ଗାୟତ୍ରୀ ଶକ୍ତିପୀଠ ମୁଖ୍ୟ ଟ୍ରଷ୍ଟି ଅନିଲ କୁମାର ଅଗ୍ରୱାଲ, କୋଷାଧକ୍ଷ ସୁରେଶ ଅଗ୍ରୱାଲ, ମୋହନ ପୁଟେଲ ତଥା ସମସ୍ତ ଟ୍ରଷ୍ଟ ସଦସ୍ୟ ଏବଂ ଗାୟତ୍ରୀ ପରିବାର ସମସ୍ତ ପରିଜନ ସହଯୋଗ କରିଥିଲେ।

### ନୂଆପଡା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,୨୮।୯(ମକାରୁ ବେମାଲ)

ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ସାର୍ବଜନୀନ ଦୁର୍ଗାପୂଜା କମିଟି ଟାଉନ ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ପାଇଁ ଏକ ପର୍ସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପୂଜା କମିଟି ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସର୍ବସମ୍ମତିକ୍ରମେ ପୁଣିଥରେ ପ୍ରସନ୍ନ ପାଢୀଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ପପ୍ପୁ ସ୍ୱାଇଁ ସମ୍ପାଦକ, ବିବେକ ଗୁପ୍ତା କୋଷାଧ୍ୟକ୍ଷ ହୋଇଛନ୍ତି। ଷଷ୍ଠିରୁ ଦଶମୀ ପର୍ଯ୍ୟନ୍ତ ମା' ଦୁର୍ଗାମଣ୍ଡରେ ପୂଜା ପାଇବା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରବୀଣ ସିଂ ଠାକୁର, ଅମିତ ପୁରୋହିତ, ଦେଓ ପ୍ରସାଦ ସାହୁ, ଲଲନ ଗୁପ୍ତା, ଲୋକନାଥ ମହାପାତ୍ର, ଶଙ୍କର ପୁରୋହିତ, ଶିଶିତ ଭୂୟା, ଅମିତ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ହେଲେ ସାଇବର ଅପରାଧ କମିବ

■ଗାନ୍ଧୀ ଜୟନ୍ତୀରୁ କଳାହାଣ୍ଡି ଜିଲାରେ ଗଡ଼ିବ ସାଇବର ସୁରକ୍ଷା ରଥ
■କଳାହାଣ୍ଡି ପୋଲିସର ସାଇବର ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା,୨୮।୯(ଉତ୍ତମ କୁମାର ଦାଶ)

ଡିଜିଟାଲ ଯୁଗରେ ଲୋକେ ଅତ୍ୟାଧୁନିକ ହେବା ବେଳକୁ ସାଇବର ଠକେଇ ମଧ ବ୍ୟାପକ ଭାବେ ବଢ଼ି ଚାଲିଛି। ଲୋକେ ସମ୍ପୂର୍ଣ୍ଣ ଭାବେ ଡିଜିଟାଲ ହେଉଥିବା ବେଳେ ସାଇବର ଠକେଇର ଶିକାର ହୋଇ ଆର୍ଥିକ, ଶାରିରୀକ ଓ ମାନସିକସ୍ତରରେ କଷ୍ଟ ପାଉଛନ୍ତି। ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କୁ ଏ ଦିଗରେ ସଚେତନତା କରିବା ଉଦ୍ଦେଶ୍ୟରେ ଶୁକ୍ରବାରଠାରୁ ରାଜ୍ୟ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ-୨୩ ଆରମ୍ଭ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଇବର ସୁରକ୍ଷା ରଥର ଶୁଭାରମ୍ଭ କରିବେ। ଏହାପରେ ଅକ୍ଟୋବର ୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି ରଥ ରାଜ୍ୟର ସମସ୍ତ ଜିଲା ସମେତ କଳାହାଣ୍ଡି ଜିଲାର ୨୦ଟି ଥାନା ଅଞ୍ଚଳରେ ବୁଲି ଲୋକଙ୍କୁ ସାଇବର ଠକେଇ ରୋକିବା ଉପରେ ସଚେତନତା କରାଇବ। ସେହିପରି ଅନଲାଇନ ଓ ଅଫଲାଇନ ମାଧମରେ ସ୍ଥାନୀୟ ପୋଲିସ ଏହାର ଜନସଚେତନତା କରିବ। ଏଥିରେ ମିଶନ ଶକ୍ତି ମହିଳା, ଅଙ୍ଗନୱାଡି ଓ ଆଶା କର୍ମୀ, ଆଇଟି ଏକ୍ସପର୍ଟ ଓ ବିଭିନ୍ନ ବ୍ୟାଙ୍କ ସହଯୋଗ କରିବେ। ଏହାସହ ଏହି ସଚେତନତା ଅଭିଯାନରେ ସ୍ଥାନୀୟ ଯୁବପିଢ଼ି, କଲେଜ ଛାତ୍ରୀଛାତ୍ରଙ୍କୁ ମଧ ସାମିଲ କରାଯିବ। କଳାହାଣ୍ଡି ପୋଲିସ ପକ୍ଷରୁ ଏ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହାକୁ ନେଇ ଗୁରୁବାର କଳାହାଣ୍ଡି ପୋଲିସ ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲା ପୋଲିସ ମୁଖ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଏସ୍‌ପି ଅଭିଲାସ ଜି.ଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପ୍ରମୁଖ ଯୋଗଦେଇଥିଲେ। ଲୋକ ସଚେତନ ହେଲେ ସାଇବର ଅପରାଧକୁ ରୋକାଯାଇ ପାରିବ ବୋଲି ଜିଲାପାଳ କହିଥିଲେ। ଗତ ୯ମାସ ମଧରେ ଜିଲାରେ ୨୩ଟି ସାଇବର ଠକେଇ ମାମଲା ରୁଜୁ ହୋଇଛି। ୬ଟି ସମାଧାନ କରାଯାଇଥିବା ଓ ୮ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସୂଚନା ଦେଇଥିଲେ। ଜିଲାରେ ସାଇବର ଅପରାଧ ରୋକିବା ପାଇଁ ଗଣମାଧମ ଓ ସୋସିଆଲ ମିଡିଆ ଦ୍ୱାରା ଏହାର ସଚେତନତା ପାଇଁ ପ୍ରଚାର ପ୍ରସାର କରାଯିବ ବୋଲି ଏସ୍‌ପି କହିଥିଲେ। କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ଡିଏସପି ଅଳକା ନନ୍ଦ ସାହୁ ପରିଚାଳନା କରିଥିବାବେଳେ ଡିଆଇବି ଡିଏସପିଆର କେ.ଜେନା ଧନ୍ୟବାଦ ଦେଇଥିଲେ।



ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ସାଇବର ସଚେତନତା କାର୍ଯ୍ୟକ୍ରମ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ,୨୮।୯ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ଅଭିଯୁକ୍ତ ତେଲେସଫର ଟପୋ(୩୯)ଙ୍କୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୨୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୫ ମାସ ସଶ୍ରମ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲା ରାୟର ବିବରଣୀରୁ ପ୍ରକାଶ ଯେ, ୨୦୨୦ ଜାନୁୟାରୀ ୧୫ରେ ସୁନ୍ଦରଗଡ ଜିଲା ଭଷ୍ମା ଥାନା ଅନ୍ତର୍ଗତ ଡୁମେରକୁଦ ଗ୍ରାମର ୭ବର୍ଷୀୟା ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ସେହି ଗ୍ରାମର ଅଭିଯୁକ୍ତ ତେଲେସଫର ତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ଅଜା ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ଦୌଡି ପଳାଇଥିଲେ। ଏହାପରେ ପୀଡିତା ନାବାଳିକା ସମସ୍ତ ବିଷୟ ଅଜାଙ୍କୁ କହିଥିଲେ। ଅଜା ଏ ନେଇ ୱାର୍ଡମେମ୍ବରଙ୍କୁ ଜଣାଇବା ସହ ଘଟଣାର ୨ଦିନ ପରେ ଭଷ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ (ନଂ ୪/୨୦)ରେ ଏକ ନାବାଳିକା ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ଅଦାଲତ ପୀଡିତାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ଆଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପୋକ୍ସୋ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# ଆୟୁଷ ଗ୍ରାମର ଉଦ୍‌ଘାଟନ, ମେଗା ସ୍ୱାସ୍ଥ୍ୟ ମେଳା



ମଞ୍ଚାସୀନ ଅତିଥି ବୃନ୍ଦ।

ସୁନ୍ଦରଗଡ,୨୮।୯(ଜୟ ନାରାୟଣ ମେଣ୍ଡୁଲି)

ଆୟୁଷ ମନ୍ତ୍ରାଳୟ ଦ୍ୱାରା ଘୋଷିତ ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ବାରଗାଡ ପଞ୍ଚାୟତ ବଳଦମାଲ ଗ୍ରାମକୁ ଆୟୁଷ ଗ୍ରାମ ଭାବେ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ବୁଧବାର ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପ୍ରଧାନ ଆୟୁର୍ବେଦ ଔଷଧର ମହତ୍ତ୍ୱ ଓ ଏହାର ଉପକାରିତା ସମ୍ବନ୍ଧରେ ଆଲୋକପାତ କରି ସେ ନିଜେ କିଭଳି ଏହାର ସୁଫଳ ପାଇଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡା. ଶିବ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସଦର ବ୍ଲକ ଅଧ୍ୟକ୍ଷ ସୁବ୍ରତ ମାଝି ଜନସାଧାରଣଙ୍କୁ ନିଜର ଦୈନନ୍ଦିନ କାର୍ଯ୍ୟରେ ନିଜ ବାଡି ବଗିଚାରେ ଥିବା ଔଷଧୀୟ ବୃକ୍ଷକୁ ଉପଯୋଗ କରିବାକୁ ଅନୁରୋଧ କରିଥିଲେ। ସରପଞ୍ଚ ବୈଜନ୍ତୀ ମୁଣ୍ଡା, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗ୍ରାମବାସୀ ତଥା ଉପସ୍ଥିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଆୟୁର୍ବେଦ, ଯୋଗ ଓ ରେକି ଚିକିତ୍ସା ଦ୍ୱାରା କିଭଳି ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିହେବ ସେ ସମ୍ପର୍କରେ ବୁଝାଇଥିଲେ। ଜିଲା ହୋମିଓପ୍ୟାଥି ଚିକିତ୍ସା ଅଧିକାରୀ ଡ. ରଞ୍ଜନ ମହାନ୍ତି ହୋମିଓପ୍ୟାଥି ଚିକିତ୍ସାର ମହତ୍ତ୍ୱ ଉପରେ ଆଲୋଚନା କରି ଏହି ଚିକିତ୍ସା ଦ୍ୱାରା କିଭଳି ଅନେକ ଛୋଟ ଛୋଟ ରୋଗ ଭଲ ହୋଇ ପାରୁଛି ସେନେଇ ଉଦାହରଣ ଦେଇଥିଲେ। ଢେଙ୍କାନାଳ ଜିଲା ମୁଖ୍ୟ ଆୟୁର୍ବେଦ ଚିକିତ୍ସାଧିକାରୀ ଡ. ଅନନ୍ତ ଚରଣ ଆଚାର୍ଯ୍ୟ ଯୋଗଦେଇ ଆୟୁର୍ବେଦ ଚିକିତ୍ସା ଆଜିର ସମାଜ ପାଇଁ ଅତି ଜରୁରୀ ଓ ମଙ୍ଗଳକାରୀ ବୋଲି ଦର୍ଶାଇଥିଲେ। ବାରଗାଡ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଥି ମେହେର ଆୟୁର୍ବେଦ ଓ ହୋମିଓପ୍ୟାଥି ଚିକିତ୍ସାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡ. ମିଶ୍ର ଆୟୁର୍ବେଦ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରି ଓ ବିଭିନ୍ନ ଔଷଧୀୟ ବୃକ୍ଷ ଉପକାର ସମ୍ବନ୍ଧରେ ଆଲୋଚନା କରି ଏ ଦିଗରେ ଅଧିକ ସଚେତନତା ସୃଷ୍ଟି ନେଇ ଗୁରୁତ୍ୱାରୋପ କରିଥିଲେ। ଡା.ଅନୀଲ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଏକ ମେଗା ଆୟୁର୍ବେଦ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଏହି ଅବସରରେ ଯୋଗ ପ୍ରଶିକ୍ଷିକା ବିନୋଦିନୀ କିଷାନଙ୍କ ତତ୍ତ୍ୱାବଧାନରେ ଏକ ଯୋଗ ପ୍ରଶିକ୍ଷଣ ଶିବିର ମଧ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଔଷଧୀୟ ବୃକ୍ଷ ପ୍ରଦର୍ଶନୀ ମଧ ଆୟୋଜିତ ହେଇଥିଲା। ଛାତ୍ରୀ ଓ ଗ୍ରାମବାସୀଙ୍କୁ ଔଷଧିୟ ଗଛ ବିତରଣ କରାଯାଇଥିଲା। ପରିଶେଷରେ ମିଲେଟ ମିଶନର ଗୁରୁତ୍ୱକୁ ଧ୍ୟାନ ଦିଆଯାଇ ମାଣ୍ଡିଆ ଖାଦ୍ୟ ସମସ୍ତଙ୍କୁ ପରିବେଷଣ କରାଯାଇଥିଲା। ଡା.ରୀତୁ ମାଳତୀ ମୁଖୀ ଧନ୍ୟବାଦ ପ୍ରଦାନ କରିଥିଲେ।

### ସ୍ୱଚ୍ଛ ସେବା ପକ୍ଷ ପାଳିତ

ଖଡ଼ିଆଳ,୨୮।୯(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ଡିଗ୍ରୀ ମହିଳା କଲେଜ ଜାତୀୟ ସେବା ଯୋଜନା ଦ୍ୱାରା ସ୍ୱଚ୍ଛ ସେବା ସପ୍ତାହ ପାଳନ ହୋଇଯାଇଛି। ଆୟୋଜିତ ସଭାରେ ଯୋଜନା ଅଧିକାରୀ ଅଧାପିକା ପୁଷ୍ପାଞ୍ଜଳି ପ୍ରଧାନୀ ସାଗତ ଭାଷଣ ପରେ ଅଧାପିକା ପ୍ରିୟଙ୍କା ମୁଣ୍ଡ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରାକ୍ତନ ଅଧ୍ୟକ୍ଷ ତଥା କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଭ୍ୟ ଡଃ ରାମଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ତପନ ରଞ୍ଜନ ଦାସ ସ୍ୱଚ୍ଛତା ଓ ପରିଷ୍କାର, ପରିବେଶ ଉପରେ କହିଥିଲେ। ସଭାପତିତ୍ୱ କରିଥିବା ଅଧ୍ୟକ୍ଷା ଲିଜା ଆଚାର୍ଯ୍ୟ ଓ ଅଧାପିକା ମହାଶ୍ୱେତା ପଣ୍ଡା ଧନ୍ୟବାଦ ଦେଇଥିଲେ।

**URGENTLY REQUIRED**
**KEYSTONE SOLUTIONS**
For 33KV, 11KV & LT Network AMC Work under **ATHAGARH & DHENKANAL** Electrical Division of TPCODL.

| SL. NO. | POSITION | QUALIFICATION | EXPERIENCE |
|---|---|---|---|
| 1 | DIVISIONAL CO-ORDINATOR | Degree in Electrical Engineering | Minimum 5 yrs. of work Exp. in 33KV, 11KV & LT Power Distribution System |
| 2 | SAFETY ENGINEER | Post Diploma in Industrial Safety & Degree/Diploma in Electrical Engineering | Minimum 3 yrs. of Work Experience in the field of Electrical Safety. |
| 3 | SECTION SUPERVISOR | Dip. in Electrical Engg. having valid Supervisory Licence of ELBO | Minimum 2 yrs. of work experience. |
| 4 | LINEMAN (SKILLED) | ITI (Elect.) with valid ELBO Licence | Min. 2 yrs. Exp in Construction or Maintenance of 33/11/0.415 KV System |
| 5 | HELPER (UN-SKILLED) | Preferably 10th Pass, (ability to read & write & emphasis on safety) | Basic knowledge of Working in Power Distribution |

**Last date to Apply: 30.09.2023**
Interested candidates can send their resume to E-mail ID:
"asim.abhijit@keystoneinfrapower.com".
The candidates should apply online only.
**Contact Number: 8117042961**




### ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ


ମୃତକଙ୍କ ସ୍ତ୍ରୀଙ୍କୁ ବନବିଭାଗ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ କରାଯାଉଛି।

ବଡ଼ଗାଁ,୨୮।୯(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଟିମନା ଗ୍ରାମରେ ଗତ ୨୪ରେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ବିପିନ ଟପୋଙ୍କ ସଂସ୍କାର କାର୍ଯ୍ୟ ପାଇଁ ବନବିଭାଗ ପକ୍ଷରୁ ତାଙ୍କ ପରିବାରକୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ରେଞ୍ଜର ପ୍ରଦୀପ ଭୁଡିଆ, ପଞ୍ଚରା ସେକ୍ସନର ଫରେଷ୍ଟର ନୀତିନ କଛରିଆଙ୍କ ଉପସ୍ଥିତିରେ ଡିଏଫଓ ପ୍ରଦୀପ ଦେବୀ ଦାସ ମିରାସେ ମୃତକ ବିପିନଙ୍କ ସ୍ତ୍ରୀ ସାନ୍ଧ୍ୟାଙ୍କୁ ଅନୁକମ୍ପା ରାଶି ୬ ଲକ୍ଷ ଟଙ୍କାରୁ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ଟଙ୍କା ଦେଇଛନ୍ତି।

### ଜି ୨୦ ୟୁନିଭର୍ସିଟି କନେକ୍ଟ ଫାଇନାଲରେ ଯୋଗଦେଇ ଫେରିଲେ

ଭବାନୀପାଟଣା,୨୮।୯(ଉତ୍ତମ କୁମାର ଦାଶ): ନୂଆଦିଲ୍ଲୀ ଅନୁସନ୍ଧାନ ଓ ସୂଚନା ସଂସ୍ଥା (ଆରଆଇଏସ)ପକ୍ଷରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆମନ୍ତ୍ରିତ ହୋଇ ଭାରତ ମଣ୍ଡପମଠାରେ ଜି ୨୦ ୟୁନିଭର୍ସିଟି କନେକ୍ଟ ଫାଇନାଲ କାର୍ଯ୍ୟକ୍ରମରେ ଯୋଗଦେଇଥିଲା। କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀଙ୍କ ନେତୃତ୍ୱରେ ଇଂଲିଶ ବିଭାଗ ମୁଖ୍ୟ ଡ. ଜୟଦେବ ସାହୁ, ପିଜି ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶନୀ, ସ୍ୱର୍ଣ୍ଣା ମିଶ୍ର, ପିଜି ଛାତ୍ର ସତ୍ୟବ୍ରତ ମହାପାତ୍ର ଓ ଶୁଭମ ମହାକୁଡ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ପ୍ରତିନିଧି କରିଥିଲେ। କୁଳପତି ଓ ତାଙ୍କ ଟିମ ବୁଧବାର ବିଶ୍ୱବିଦ୍ୟାଳୟ ପ୍ରତ୍ୟାବର୍ତ୍ତନ ପରେ ରେଜିଷ୍ଟ୍ରାର, ସିପିଜିସି ଓ ବିତ୍ତନୀୟନ୍ତକ, ଅଧାପକ ଅଧାପିକା ତଥା ଛାତ୍ରୀଛାତ୍ର ସ୍ୱାଗତ କରିଥିଲେ।

### ବଡ଼ଗାଁରେ ଇଦ୍ ମିଲାଦୁନ ନବି ପାଳିତ

ବଡ଼ଗାଁ.୨୮।୯( ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁରେ ମହାପୁରୁଷ ମହମ୍ମଦଙ୍କ ୧୪୪୫ତମ ଇଦ୍ ମିଲାଦୁନ ନବି ହର୍ଷ ଉଲ୍ଲାସରେ ପାଳିତ ହୋଇଯାଇଛି। ସକାଳୁ ମସ୍‌ଜିଦରେ ନମାଜ ପାଠ ପରେ ଶତାଧିକ ଇସଲାମ ଧର୍ମାବଲମ୍ବୀମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ମସ୍‌ଜିଦକୁ ଯାଇ ସେଠାରେ ପୂର୍ବ ପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ସମସ୍ତେ ସମୂହ ନମାଜ ପାଠ କରିଥିଲେ। ଏମ୍‌ଡି ହାଫିଜ୍, ଏମ୍‌ଡି ନିସାର, ଏମ୍‌ଡି ସମସେର, ଏମ୍‌ଡି ମୁମତାଜ, ରାଜା ହୁସେନ, ଏମ୍‌ଡି ଅସରଫ, ଏମ୍‌ଡି ମୀନାଜ, ଏମ୍‌ଡି ଆଜାମ, ଅବଦୁଲ ହମିଦ ପ୍ରମୁଖ ବ୍ୟକ୍ତିଙ୍କ ନେତୃତ୍ୱରେ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳା ସହ ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ମସଜିଦ କମିଟି ପକ୍ଷରୁ ଲୋକଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।



**ଶ୍ରଦ୍ଧାଞ୍ଜଳି**



ଛାତ୍ରବତ୍ସଳ, ବର୍ଷୀୟାନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବରେନ୍ଦ୍ରନାଥ ନାୟକ, ଚଳିତ ସେପ୍ଟେମ୍ବର ୧୯ ତାରିଖ ଦିନ ୮୩ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଶିକ୍ଷାକ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। କର୍ମମୟ ଜୀବନ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଜଗାଇ ହାଇସ୍କୁଲ, ଦୁବୁଲାଗଡ଼ି ହାଇସ୍କୁଲ ଏବଂ ମୟୂରଭଞ୍ଜ ଜିଲ୍ଲାର ଚିତ୍ରଡ଼ା ହାଇସ୍କୁଲ, ଯୁଗଳ ହାଇସ୍କୁଲ ଓ ସିଂହଟିଆ ଗ୍ରାମର ରାଧାକୃଷ୍ଣ ହାଇସ୍କୁଲ ଅନ୍ତର୍ଭୁକ୍ତ। ସେ ଅତ୍ୟନ୍ତ ଧର୍ମପରାୟଣ ଏବଂ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସହ ପ୍ରତି ଋତ୍ୱିକ ଥିଲେ। ତାଙ୍କ ବିୟୋଗରେ ତାଙ୍କର କର୍ମସ୍ଥଳୀ, ଜନ୍ମସ୍ଥାନ (ଭୋଗରାଇ ବ୍ଲକର କୁଲ୍ଡା ଗ୍ରାମ) ଏବଂ ବିଭିନ୍ନ ସତ୍‌ସଙ୍ଗ କେନ୍ଦ୍ର ଓ ସତ୍‌ସଙ୍ଗ ବିହାରରେ ଶୋକସଭା ପାଳିତ ହୋଇଯାଇଛି।

**ସ୍ୱ ଶ୍ରୀଯୁକ୍ତ ବରେନ୍ଦ୍ରନାଥ ନାୟକ**
ଆବିର୍ଭାବ: ତା୦୫।୦୨।୧୯୪୦ | ତିରୋଧାନ: ତା୧୯।୦୯।୨୦୨୩
ଶୋକସନ୍ତପ୍ତ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନଗଣ

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**
**ଶତକଡ଼ା ଦର ଇ-ଟେଣ୍ଡର ଆମନ୍ତ୍ରଣକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଅନ୍‌ଲାଇନ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି:

୧. ଏନ୍‌ଆଇଟି ନଂ.୨୬/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ଓଡ଼ିଶା ମଣ୍ଡଳରେ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱରଠାରେ ମିନି ଅଡିଟୋରିୟମ୍ ଏବଂ ଲାଇବ୍ରେରି-ତଥା-ମଡେଲ ପୋଷ୍ଟ ଅଫିସ୍ ସ୍ଥାପନ ପାଇଁ ସିଭିଲ କାର୍ଯ୍ୟ । ଅଟକଳ ମୂଲ୍ୟ: ଟ.୩୫,୩୪,୭୩୮.୦୦ । ଅମାନତ ରାଶି: ଟ.୭୦,୬୯୫.୦୦ । ସମାପ୍ତି ଅବଧି: ୨୪୦ (ଦୁଇଶହ ଚାଳିଶ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୨. ଏନ୍‌ଆଇଟି ନଂ.୨୭/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ବ୍ରହ୍ମପୁର ଡିଭିଜନ, ଓଡ଼ିଶା ଅଧୀନରେ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । ଅଟକଳ ମୂଲ୍ୟ: ଟ.୬୩,୦୩,୪୯୪.୦୦ । ଅମାନତ ରାଶି: ଟ.୧,୨୬,୦୭୦.୦୦ । ସମାପ୍ତି ଅବଧି: ୧୮୦ (ଏକଶହ ଅଶୀ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।
୩. ଏନ୍‌ଆଇଟି ନଂ.୨୯/ସିଡିବି/୨୦୨୩-୨୪। କାର୍ଯ୍ୟର ନାମ: ମୟୂରଭଞ୍ଜ ଡିଭିଜନ, ଓଡ଼ିଶା ଅଧୀନରେ ରାଇରଙ୍ଗପୁର ମୁଖ୍ୟ କାର୍ଯ୍ୟାଳୟ ବିଲ୍ଡିଂର ନବୀକରଣ । ଅଟକଳ ମୂଲ୍ୟ: ଟ.୪୨,୮୧,୫୨୧.୦୦ । ଅମାନତ ରାଶି: ଟ.୮୫,୬୩୦.୦୦ । ସମାପ୍ତି ଅବଧି: ୧୨୦ (ଏକ ଶହ କୋଡ଼ିଏ) ଦିନ । ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: ତା୧୦।୧୦।୨୦୨୩ରିଖ, ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

**ଡିମାଣ୍ଡ ନୋଟିସ୍**

ବୈଂକ ଑ଫ ମହାରାଷ୍ଟ୍ର Bank of Maharashtra ଭାରତ ସରକାର କା ଉଦ୍ୟମ ଏକ ପରିବାର ଏକ ବୈଂକ

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଭୁବନେଶ୍ୱର ଶାଖା
ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି. ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨, ଫୋନ୍: ୦୬୭୪-୨୫୬୪୦୧୮, ଇ-ମେଲ୍: bom1182@mahabank.co.in

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖା** ଦ୍ୱାରା ନିମ୍ନ ଋଣ ସୁବିଧା ଗୁଡ଼ିକ ମଞ୍ଜୁର କରାଯାଇଛି ଏବଂ ଆପଣ ଏହା ପ୍ରାପ୍ତ କରିଛନ୍ତି। କଥିତ ପ୍ରାପ୍ତ ଋଣ ସୁବିଧା ଅନୁଯାୟୀ ଆପଣ ବ୍ୟାଙ୍କ ସପକ୍ଷରେ ଆବଶ୍ୟକୀୟ କାଗଜ ପତ୍ର ସମ୍ପାଦନ କରିଛନ୍ତି ଏବଂ ବ୍ୟାଙ୍କ ସପକ୍ଷରେ ବନ୍ଧକ ମଧ୍ୟ ଦେଇଛନ୍ତି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ, ଆପଣମାନେ ଆପଣମାନଙ୍କର ବକେୟା ଦେୟ ପରିଶୋଧ କରୁନାହାନ୍ତି। ଏଣୁ, କିସ୍ତି/ସୁଧ/ମୂଳଋଣ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁଯାୟୀ ଆପଣଙ୍କ ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ଭୁବନେଶ୍ୱର ଶାଖାର** ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ରେଜିଷ୍ଟ୍ରେଡ ଡାକ ସହିତ ଏ.ଡ଼ି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/ଅଂଶୀଦାର/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଏସ୍‌କେ ଟ୍ରାନ୍ସପୋର୍ଟ, ପଞ୍ଜିକୃତ ଠିକଣା: ଜି-୩/୩୩, ଆଇଡି ମାର୍କେଟ୍ କମ୍ପ୍ଲେକ୍ସ, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫ / ଅଂଶୀଦାର/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶିଶିର କୁମାର ମିଶ୍ର, ୨) ଶ୍ରୀମତୀ ସାଧନା ମିଶ୍ର, ଉଭୟଙ୍କ ଠିକଣା: ପ୍ଲଟ୍ ନଂ.: ଏଚ୍/୧୫, ବଡଗଡ, ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୭୫୧୦୧୪ | ୧) କ୍ୟାଶ କ୍ରେଡିଟ୍ / ଟ. ୨୫,୦୦,୦୦୦/- ୨) ଜିଇସିଏଲ୍ (ଏମ୍‌ଏସ୍‌ଏମ୍‌ଇ)-କୋଭିଡ୍ ୧୯ / ଟ.୩,୩୦,୦୦୦/- ସମୁଦାୟ: ଟ.୨୮,୩୦,୦୦୦/- | ୧୮.୦୬.୨୦୨୩/ ୨୭.୦୭.୨୦୨୩ / ୨୭.୦୭.୨୦୨୩ ସୁଦ୍ଧା ଟ.୨୬,୫୨,୧୪୯/- +ସେବାବଦ ପରବର୍ତ୍ତୀ ସୁଧ | ୧) ପ୍ରାପ୍ତ ହେବାକୁ ଥିବା ବନ୍ଧକପ୍ରାପ୍ତ ଷ୍ଟକ, ୨) ଶ୍ରୀ ଶିଶିର କୁମାର ମିଶ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୨୦୩/୧୦୬୨, ଖାତା ନଂ.: ୨୭୨/୧୬୧, ପରିମିତ କ୍ଷେତ୍ର: ଏକର ୧.୦୦୦ ଡିସିମିଲି (୪୩୫୬୦ ବର୍ଗଫୁଟ), ମୌଜା: ଦାସପୁର, ଥାନା: ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୪୩ ଏବଂ ୨୬୯, ପଶ୍ଚିମ: ପ୍ଲଟ୍ ନଂ.: ୨୦୪, ଉତ୍ତର: ପ୍ଲଟ୍ ନଂ.: ୨୪୧, ଦକ୍ଷିଣ: ପ୍ଲଟ୍ ନଂ.: ୨୬୯ ଏବଂ ୨୦୩ |

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ) ଅନୁଯାୟୀ ବ୍ୟାଙ୍କ ଏହାର ଅଧିକାର କ୍ଷୁର୍ଣ୍ଣ ନକରି କ୍ଷମତା ପ୍ରୟୋଗ କରିବ। ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ଆପଣ ଉପରଦର୍ଶିତ ସମ୍ପୂର୍ଣ୍ଣ ବକେୟା ଦେୟ ସହିତ ସେବାବଦ ଭବିଷ୍ୟତ ସୁଧ ଓ ଅନ୍ୟାନ୍ୟ ଦେୟ ପଇଠ କରନ୍ତୁ, ଅନ୍ୟଥା ବ୍ୟାଙ୍କକୁ ଉପଲବ୍ଧ ଥିବା ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ ନକରି ଏହାର କ୍ଷମତା ପ୍ରୟୋଗ କରିବ ଏବଂ / କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ କଥିତ ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ଅନୁଯାୟୀ ବ୍ୟାଙ୍କ ଏହାର ସମସ୍ତ କ୍ଷମତା ପ୍ରୟୋଗ କରି ସମ୍ପତ୍ତିକୁ ଦଖଲ ନେବାକୁ ବାଧ ହେବ ଏବଂ ସେବାବଦ ପରବର୍ତ୍ତୀ ସମସ୍ତ ଖର୍ଚ୍ଚ, ଆଇନଗତ ଦେୟ କିମ୍ବା ଅନ୍ୟାନ୍ୟ ଆନୁସଙ୍ଗିକ ଦେୟ ନିମନ୍ତେ ଆପଣ ଦାୟୀ ରହିବେ। ଆକ୍ଟ ଅନ୍ତର୍ଗତ ଉପଲବ୍ଧ ଥିବା କ୍ଷମତାଗୁଡିକ: **କ)** ଋଣଗ୍ରହୀତାଙ୍କ ବନ୍ଧକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ । **ଖ)** ବନ୍ଧକ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣ କରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ । **ଗ)** ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ । **ଘ)** କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ସୂଚନାଯୋଗ୍ୟଯେ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପ୍ରାପ୍ତି ପରେ ଆମର ପ୍ରାକ୍ ଲିଖିତ ଅନୁମତି ବିନା ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୭.୦୭.୨୦୨୩

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୯/୨୦୨୩ | Bhubaneswar, Friday, September 29/2023 | ପୃଷ୍ଠା-୧


# ଥ୍ରୋଟଲ୍‌ରେ ଥୋଇଲେ ବ୍ୟାଗ୍, ମାଡ଼ିଗଲା ଟ୍ରେନ୍

## ଭିଡିଓ କଲ୍ କରୁଥିଲେ କର୍ମଚାରୀ

ନୂଆଦିଲ୍ଲୀ/ମଥୁରା,୨୮।୯

ଜଣେ ଟ୍ରେନ୍ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ଉତ୍ତରପ୍ରଦେଶର ମଥୁରା ରେଳଷ୍ଟେଶନରେ ଛିଡ଼ାହୋଇଥିବା ଏକ ଟ୍ରେନ୍ ମଙ୍ଗଳବାର ରାତିରେ ଲାଇନ୍‌ଚ୍ୟୁତ ହୋଇ ପ୍ଲାଟ୍‌ଫର୍ମକୁ ମାଡ଼ିଯାଇଥିଲା। ଏଥିରେ ଜଣେ ମହିଳା ଆହତ ହୋଇଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଟ୍ରେନ୍‌ରେ ଲାଗିଥିବା ସିକ୍ୟୁରିଟି କ୍ୟାମେରାରେ ରେକର୍ଡ ହୋଇଥିବା ସେହି ସମୟର ଭିଡିଓରୁ ଦୁର୍ଘଟଣାର କାରଣ ଜଣାପଡ଼ିଛି। ଟ୍ରେନ୍‌ରୁ ସମସ୍ତ ଯାତ୍ରୀ ଓହ୍ଲାଇଯିବା ପରେ ରେଲୱେର ଜଣେ କର୍ମଚାରୀ ଇଞ୍ଜିନ୍ କ୍ୟାବିନ୍‌ରେ ପ୍ରବେଶ କରୁଥିବା ଉକ୍ତ ଭିଡିଓରୁ ଦେଖିବାକୁ ମିଳିଛି। ସଚିନ୍ ନାମକ ଉକ୍ତ ବ୍ୟକ୍ତି ଇଞ୍ଜିନ୍‌ର ଥ୍ରୋଟଲ ଉପରେ ତାଙ୍କ ବ୍ୟାଗ୍ ରଖି ଫୋନ୍‌ରେ ଭିଡିଓ କଲ୍‌ରେ ବ୍ୟସ୍ତ ଥିଲେ। ବ୍ୟାଗ୍‌ର ଚାପ ଯୋଗୁ ଥ୍ରୋଟଲ୍ ଫରୱାର୍ଡ ପୋଜିଶନ୍‌କୁ ଚାଲିଯାଇଥିଲା। ଫଳରେ ଟ୍ରେନ୍‌ଟି ପ୍ଲାଟ୍‌ଫର୍ମ ଆଡ଼କୁ ମାଡ଼ିଯାଇଥିଲା। ଟ୍ରେନ୍ ଆଗକୁ ବଢ଼ିବା ସହ ଡେଡ୍ ଏଣ୍ଡକୁ ଭାଙ୍ଗି ଏହାର କିଛି ଅଂଶ ପ୍ଲାଟ୍‌ଫର୍ମକୁ ଉଠିଯାଇଥିବା ଭିଡିଓରେ ଦେଖାଯାଇଛି। ଏହି ଦୁର୍ଘଟଣା ପାଇଁ ସଚିନ୍‌ଙ୍କ ସମେତ ୫ ଜଣଙ୍କୁ ନିଲମ୍ବନ କରାଯାଇଥିବା ଡିଭିଜନାଲ ରେଲ୍‌ୱେ ମ୍ୟାନେଜର ପ୍ରକାଶ ଅଗ୍ରୱାଲ କହିଛନ୍ତି। ଇଞ୍ଜିନ୍ କ୍ୟାବିନ୍‌କୁ ଚାବି ଆଣିବାକୁ ଯାଇଥିବା ସଚିନ ସେହି ସମୟରେ ମଦ ପିଇଥିଲେ କି ନାହିଁ, ତାହାର ତଦନ୍ତ କରାଯାଉଛି। ତାଙ୍କୁ ହସ୍ପିଟାଲ ନିଆଯାଇ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି।



କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ମଥୁରା ଷ୍ଟେଶନରେ ମଙ୍ଗଳବାର ଲାଇନ୍‌ଚ୍ୟୁତ ହୋଇଥିବା ଟ୍ରେନ୍‌ର ଭିଡିଓ ଗୁରୁବାର ଭାଇରାଲ ହୋଇଛି।

# ଡାଲି ଫୋପାଡ଼ି ମୋହନ, ମୁକେଶ ନିଲମ୍ବିତ

ଭୁବନେଶ୍ୱର, ୨୮।୯(ସୁନିତ୍ ମିଶ୍ର)

- ୨ ଘଣ୍ଟା ଗୃହ ବନ୍ଦ ନେଇ ବର୍ଷିଲେ ନରସିଂହ, କକ୍ଷତ୍ୟାଗ କଲେ କଂଗ୍ରେସ ସଦସ୍ୟ
- ବିରୋଧୀ ଦଳ ସଦସ୍ୟଙ୍କ ହିଂସାତ୍ମକ ବ୍ୟବହାର ନିନ୍ଦନୀୟ: ଦେବୀ

ବାଚସ୍ପତି ପ୍ରମିଳା ମଲ୍ଲିକ ଗୁରୁବାର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗଙ୍କୁ ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ବିଧାନସଭାରୁ ନିଲମ୍ବିତ(ସସ୍‌ପେଣ୍ଡ) କରିଛନ୍ତି। ବାଚସ୍ପତିଙ୍କ ଉପରକୁ ଡାଲି ଫୋପାଡ଼ିବା ଅଭିଯୋଗରେ ଏହି ୨ ସଦସ୍ୟଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଶୃଙ୍ଖଳିତ ଆଚରଣ, ବାଚସ୍ପତିଙ୍କ ଆସନକୁ ଅସମ୍ମାନ ଏବଂ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଏହି ୨ ସଦସ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଗୃହରେ ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବ ସପକ୍ଷରେ ଅଧିକ ମତ ଆସିବା ପରେ ଏହାକୁ ବାଚସ୍ପିତି ଗ୍ରହଣ କରିଥିଲେ।

ବିଧାନସଭା ଅଧିବେଶନ ଅପରାହ୍ନରେ ଆରମ୍ଭ ହେବା କ୍ଷଣି ଗୃହକୁ ପ୍ରଥମେ ୪ଟାରୁ ୫ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହାପରେ ଉପବାଚସ୍ପତି ରଜନୀକାନ୍ତ ସିଂ ୫ଟା ବେଳେ ଆସି ଆହୁରି ୩୦ ମିନିଟ୍ ମୁଲତବୀ ସମୟକୁ ବୃଦ୍ଧି କରିଥିଲେ। ସମାନଭାବେ ୫ଟା ୩୦ରୁ ୬ଟା ପର୍ଯ୍ୟନ୍ତ ଆଉ ଥରେ ଗୃହ ମୁଲତବୀ ହୋଇଥିଲା। ପୁନର୍ବାର ୬ଟାରୁ ୬ଟା ୧୦ ମିନିଟ୍ ପର୍ଯ୍ୟନ୍ତ ଗୃହ ବନ୍ଦ ରହିଥିଲା। ଏହାପରେ ୬ଟା ୧୦ରେ ଗୃହକାର୍ଯ୍ୟ ଆରମ୍ଭହେବା ମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସେମାନେ ପୂର୍ବାହ୍ନରେ ଉଠାଇଥିବା ଦାବି ବିଷୟରେ କ'ଣ ନିଷ୍ପତ୍ତି ନେଇଛନ୍ତି ବୋଲି ପଚାରିଥିଲେ। ଏ ବିଷୟରେ ବାଚସ୍ପତି ବିଚାରକରି ଜଣାଇବେ ବୋଲି ଉତ୍ତର ରଖିଥିଲେ। ଏଥିସହ ଶାସକ ଦଳର ସଦସ୍ୟ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଗୃହ ବିଭାଗ ଖର୍ଚ୍ଚଦାବି ନେଇ କହିବାକୁ ସୁଯୋଗ ଦେଇଥିଲେ। ସ୍ନେହାଙ୍ଗିନୀ କହିଥିଲେ, ଆଗରୁ ରାଜ୍ୟରେ ଯେତିକି ଅପରାଧ ଘଟୁଥିଲା ଏବେ ସେହି ସଂଖ୍ୟା କମିଛି। ଗୃହ ବିଭାଗ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯେତେସବୁ ନିର୍ବାଚନ ରାଜ୍ୟରେ ନିକଟ ଅତୀତରେ ହୋଇଛି ସେଗୁଡିକ ଅତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଏନ୍‌ସିବି ମଧ୍ୟ ଆପରାଧିକ କ୍ଷେତ୍ରରେ ଓଡ଼ିଶା ଭଲ ସ୍ଥିତିରେ ଥିବା ଉଲ୍ଲେଖ କରିଛି। ଅପରାଧ କମିବା ଯୋଗୁ ପର୍ଯ୍ୟଟକମାନଙ୍କ ସଂଖ୍ୟା ବଢ଼ିଛି। ଏତେ ବଡ଼ ବଡ଼ କ୍ରୀଡ଼ା କାର୍ଯ୍ୟକ୍ରମ ରାଜ୍ୟରେ ଅତି ଶାନ୍ତିଶୃଙ୍ଖଳାର ସହକାରେ ହୋଇଛି। ପୋଲିସ ଅଭିଯୋଗକାରୀମାନଙ୍କ ସହ ମିତ୍ର ଭାବେ ବ୍ୟବହାର କରୁଛନ୍ତି। ସେଥିଲାଗି ମାମଲା ଆସିଲେ ତାହା ପଞ୍ଜୀକରଣ ଅଧିକ ସଂଖ୍ୟାରେ କରାଯାଉଛି। ବିରୋଧୀମାନେ ନିଜ ଅପରାଧକୁ ଲୁଚାଇବା ଲାଗି ରାଜ୍ୟରେ ଅପରାଧ ବଢୁଥିବା କଥା କହୁଛନ୍ତି, ଯାହା ନାଁରେ ୧୬ଟି ଆପରାଧିକ ମାମଲା ଏବଂ ମହିଳା ପୋଲିସଙ୍କୁ ଯିଏ ହାତ ଉଠାଉଛନ୍ତି ସେମାନେ ଅପରାଧ କଥା କହୁଛନ୍ତି ବୋଲି ସ୍ନେହାଙ୍ଗିନୀ କହିଛନ୍ତି।

ସ୍ନେହାଙ୍ଗିନୀ କହିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ପଏଣ୍ଟ ଅଫ୍ ଅର୍ଡର ଆଣିଥିଲେ। କିଛି ସମୟ ପରେ ନରସିଂହଙ୍କୁ କହିବା ଲାଗି ସୁଯୋଗ ମିଳିଥିଲା। ହେଲେ ନରସିଂହ ପାଲଟା ଟାର୍ଗେଟ କରି କହିଥିଲେ, ଯେଉଁଭଳି ଢଙ୍ଗରେ ଗୃହକୁ ପରିଚାଳନା କରାଯାଉଛି ଏହା ଗଣତନ୍ତ୍ର ବିରୋଧୀ। ମୁଖ୍ୟମନ୍ତ୍ରୀ ଆସିବେ ବୋଲି ୨ ଘଣ୍ଟା ଗୃହକୁ ବନ୍ଦ ରଖାଗଲା। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପ୍ରାକୃତିକ ବିପର୍ଯ୍ୟୟ ଓ ମହିଳା**

**କଥାକାର ଭୀମ ପୃଷ୍ଟି ପାଇବେ ସାରଳା ପୁରସ୍କାର**

ପୃଷ୍ଠା-୨

# ଶୁଟିଂ ରେଞ୍ଜ୍‌ରେ ଚମକ ଜାରି

## ଏସିଆନ ଗେମ୍ସ

### ୧୦ ମିଟର ଏୟାର ପିସ୍ତଲରେ ଭାରତକୁ ସ୍ୱର୍ଣ୍ଣ

ହାଙ୍ଗଝୋ, ୨୮।୯ (ପି.ଟି.)

ଏସିଆନ ଗେମ୍ସର ଶୁଟିଂ ରେଞ୍ଜରେ ଭାରତର ଚମକ ଜାରି ରହିଛି। ଗୁରୁବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଛି। ସରବଜୋତ ସିଂ, ଅର୍ଜୁନ ସିଂ ଚିମା ଓ ଶିବା ନରୱାଲଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ଚାଇନାକୁ ହରାଇ ଏହି ସ୍ୱର୍ଣ୍ଣିମ ସଫଳତା ପାଇଛି। ଆସନ୍ତା ଶନିବାର ନିଜ ୨୨ତମ ଜନ୍ମଦିନ ପାଳିବାକୁ ଯାଉଥିବା ସରବଜୋତ ୫୮୦, ଚିମା ୫୭୮ ଓ ନରୱାଲ ୫୭୬ ପଏଣ୍ଟ ଶୁଟ୍ କରିଥିଲେ। ଫଳରେ ଭାରତର ମୋଟ ପଏଣ୍ଟ ୧୭୩୪ ହୋଇ ଯାଇଥିଲା। ଶୁଟିଂ ରେଞ୍ଜରେ ଭାରତର ଏହାଥିଲା ଦଳଗତ ତୃତୀୟ ସ୍ୱର୍ଣ୍ଣ ପଦକ। ପୂର୍ବରୁ ୧୦ ମିଟର ଏୟାର ରାଇଫଲ ଓ ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ପାଇଥିଲା। ଫଳରେ ପ୍ରତିଯୋଗିତାର ଶୁଟିଂରେ ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୪ରେ ପହଞ୍ଚିଛି। ୪ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୫ ବ୍ରୋଞ୍ଜ ସହିତ ଭାରତ ଏହି ଇଭେଣ୍ଟରୁ ୧୩ ପଦକ ପାଇସାରିଛି। ତେବେ ବ୍ୟକ୍ତିଗତ ବିଭାଗରେ ସରବଜୋତ ସିଂ ଓ ଅର୍ଜୁନ ସିଂ ଚିମାଙ୍କୁ ନିରାଶ ହେବାକୁ ପଡ଼ିଛି। ଦୁହେଁ ଯଦିଓ ୮ ଶୁଟର ବିଶିଷ୍ଟ ଫାଇନାଲରେ ପ୍ରବେଶ କରିଥିଲେ ତେବେ ଯଥାକ୍ରମେ ୪ର୍ଥ ଓ ୮ମ ସ୍ଥାନରେ ରହିଥିଲେ। ଭିଏଟନାମ୍‌ର ଫାମ୍ କ୍ୱାଙ୍ଗ ହୁଏ (୨୪୦.୫ ପଏଣ୍ଟ) ସ୍ୱର୍ଣ୍ଣ, ଦକ୍ଷିଣ କୋରିଆର ଲି ୱନହୋ (୨୩୯.୪) ରୌପ୍ୟ ଓ ଉଜବେକିସ୍ତାନର ଭ୍ଲାଡିମିର ସେଚନିକୋଭ (୨୧୯.୯) ବ୍ରୋଞ୍ଜ ପଦକ ପାଇଥିବାବେଳେ ସରବଜୋତ ୧୯୯ ପଏଣ୍ଟ ହାସଲ କରି ୪ର୍ଥ ହୋଇଥିଲେ। ଗନେମତ ସେଖୋନ ଓ ଅନନ୍ତ ଜିତ ସିଂ ନରୁକାଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ସ୍କିଟ୍ ଟିମ୍ ୬ ଦଳ ବିଶିଷ୍ଟ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଥିଲା। ଗନେମତ ୭୫ରୁ ୬୭ ଓ ନରୁକା ୭୧ ପଏଣ୍ଟ ଶୁଟ୍ କରିବାରୁ ଭାରତ ୭ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲା।


୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ସଦସ୍ୟ ସରବଜୋତ ସିଂ, ଅର୍ଜୁନ ସିଂ ଚିମା ଓ ଶିବା ନରୱାଲ।

# ୪୨% ପିଲା ଦିନକୁ ୪ ଘଣ୍ଟା ମୋବାଇଲରେ ବ୍ୟସ୍ତ

ନୂଆଦିଲ୍ଲୀ,୨୮।୯ (ପି.ଟି.)

୧୨ ବର୍ଷରୁ କମ୍ ଅନ୍ୟୁନ ୪୨ ପ୍ରତିଶତ ପିଲା ଦୈନିକ ୨ରୁ ୪ ଘଣ୍ଟା ସେମାନଙ୍କ ସ୍ମାର୍ଟଫୋନ୍ କିମ୍ବା ଟାବ୍‌ଲେଟ୍‌ରେ ବ୍ୟସ୍ତ ରହୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ଅଧିକ ବୟସର ପିଲାମାନେ ଦିନକୁ ୪୭ ପ୍ରତିଶତ ସମୟ ସ୍ମାର୍ଟଫୋନ୍, ଟାବ୍‌ଲେଟ୍‌ରେ ବ୍ୟୟ କରୁଥିବା ସର୍ଭେ ରିପୋର୍ଟରେ କୁହାଯାଇଛି। ଏକାଧିକ ଡିଭାଇସ୍ ଥିବା ପରିବାର, ଯେଉଁଠି ପିଲାମାନଙ୍କ ସ୍କ୍ରିନ୍ ଟାଇମକୁ ନିୟନ୍ତ୍ରଣ କରିବା ମାଆବାପାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇପଡ଼ିଛି, ସେମାନଙ୍କୁ ନେଇ ହାପିନେଜ୍ ନାମକ ସଂସ୍ଥା ପକ୍ଷରୁ ଏହି ସର୍ଭେ କରାଯାଇଥିଲା।

ସର୍ଭେରେ ୧,୫୦୦ ମାଆବାପା ଭାଗନେଇଥିଲେ। ଏଥିରୁ ଜଣାପଡ଼ିଥିଲା ଯେ, ୧୨ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ୬୯ ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ସ୍ମାର୍ଟଫୋନ୍ କିମ୍ବା ଟାବ୍‌ଲେଟ ରହିଛି। ସେମାନେ ଅବାଧରେ ଅନ୍‌ଲାଇନ କ୍ଷେତ୍ରରେ ପ୍ରବେଶ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୭୪ ପ୍ରତିଶତ ନିଜକୁ ୟୁଟ୍ୟୁବ୍ ଦୁନିଆରେ ନିମଗ୍ନ କରି ରଖୁଥିବାବେଳେ ୧୨ ବର୍ଷ ଓ ତଦୂର୍ଦ୍ଧ୍ୱ ୬୧ ପ୍ରତିଶତଙ୍କ ପାଇଁ ଅନ୍‌ଲାଇନ ଗେମିଂ ହେଉଛି ସବୁଠୁ ଭଲ ଡିଜିଟାଲ୍ ଟାଇମ୍‌ପାସ୍। ପିଲାମାନଙ୍କ ଅସୁରକ୍ଷିତ ଇଣ୍ଟରନେଟ୍ ରୁଚିଜନିତ ସମସ୍ୟାର ସମାଧାନ କେବଳ ଶୃଙ୍ଖଳା ☞ପୃଷ୍ଠା-୨






## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ପୋଇଲି**
**ଆମ୍ବ ଟାକୁଆରେ ଥାଏ କୋଇଲି ।**

ଆଗ କାଳରେ ଝିଅ ବୋହୂମାନେ ଘରୁ ବାହାରକୁ ଯିବା ନିମନ୍ତେ ନାନା ପ୍ରକାରର ପ୍ରତିବନ୍ଧକ କଟକଣାର ସମ୍ମୁଖୀନ ହେଉଥିଲେ । ଆମ୍ବ ଟାକୁଆ ଭିତରେ ଯେମିତି କୋଇଲି ରହିଥାଏ ସେମାନେ ସେମିତି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଝାଟି ମାଟି କିଏ ଛାଣ୍ଡିଲା ଲୋ**
**ଝଡି ପଡ଼ି ଅଛି ପାନ**
**କାନ୍ତଙ୍କ କଥାରେ କରିଛି ମାନ**
**ରହିବି କି ଦୁଇ ଦିନ ?**

ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଏକ ସାଧାରଣ କଥା । ବେଳେବେଳେ କିଛି ସାମାନ୍ୟ କଥା ପାଇଁ ପତି-ପତ୍ନୀଙ୍କ ମଧ୍ୟରେ ରାଗରୁଷା ଓ ମାନ ଅଭିମାନ ପ୍ରକାଶ ପାଇଥାଏ । ତେବେ ଏଭଳି ଅଭିମାନ ଯେ ଖୁବ୍ କ୍ଷଣସ୍ଥାୟୀ ତାହା ଏଠାରେ ସୂଚିତ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା: ଦମ୍ପତି ମୃତ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି(ସଞ୍ଜୟ ଅଗ୍ରୱାଲ), ୨୮।୯

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟ ଦ୍ୱାରଶୁଣି ଘାଟିରେ ଗୁରୁବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଟ୍ରକ୍ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି । ମୃତ ଦମ୍ପତି ହେଲେ ବିଶୋଇ ଅଞ୍ଚଳର ରବିନାରାୟଣ ଦାଶ (୫୦) ଓ ତାଙ୍କ ସ୍ତ୍ରୀ ରେବତୀ (୪୦) । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ବିଶୋଇରୁ ବାରିପଦା ଅଭିମୁଖେ ଓଡ଼ି୧୧ଏବି୪୩୭୨ନଂ. ବାଇକ୍‌ରେ ଆସୁଥିବା ରବିନାରାୟଣ ଓ ସ୍ତ୍ରୀ ରେବତୀଙ୍କୁ ଦ୍ୱାରଶୁଣୀ ଘାଟିରେ ଡବ୍ଲ୍ୟୁବି ୧୧ ବି ୯୦୪୩ ନମ୍ବର ବିଶିଷ୍ଟ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକ୍ ରାସ୍ତାପାର୍ଶ୍ୱ ଗଛକୁ ଧକ୍କା ଦେଇ ଘାଟି ତଳକୁ ଖସିପଡ଼ିଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ।


ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ବାଇକ୍

# ହତ୍ୟା ଅଭିଯୁକ୍ତଙ୍କୁ ଗୁଳି | ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ଅଭିଯୋଗ

କାମାକ୍ଷାନଗର,୨୮।୯(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ବାରୁଆଁ(କା) ସମିତିସଭ୍ୟ ଦୀପକ ମାହୁନ୍ତଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଥିବା କନ୍ତିଓପୁଟସାହିର ନୀର ଓରଫ୍ ନିରାକାର ସାହୁଙ୍କ ଗୁଳିବିଦ୍ଧ ମୃତଦେହ ଗୁରୁବାର କାମାକ୍ଷାନଗର ପୋଲିସ ଜବତ କରିଛି । କାମାକ୍ଷାନଗର ଥାନା ଆଳତୁମା ଗ୍ରାମ ମାଳବନ୍ଧ ରେଲୱେ ବ୍ରିଜ ସଉରିଆ ଆମ୍ବତୋଟା ନିକଟରେ ନିରାକାରଙ୍କ ମୃତଦେହ ପଡ଼ିଥିବାରୁ ପୂର୍ବ ଶତ୍ରୁତାରୁ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତ ନିରାକାରଙ୍କ ସ୍ତ୍ରୀ ଜାନକୀ ସାହୁ ଏ ନେଇ କାମାକ୍ଷାନଗର ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୪୪୭/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ପ୍ରକାଶ ଯେ, ୨୦୨୧ ସେପ୍ଟେମ୍ବର ୨୪ରେ ବାରୁଆଁ(କା) ସମିତିସଭ୍ୟ ଦୀପକଙ୍କୁ ସହଯୋଗୀଙ୍କ ସହ ମିଶି ନିରାକାର ଗୁଳିକରି ହତ୍ୟା କରିଥିବା ତୁମୁସିଙ୍ଗା ଥାନାରେ ସେତେବେଳେ ଅଭିଯୋଗ ହୋଇଥିଲା । ପୋଲିସ ନଂ. ୧୩୧/୨୧ ମାମଲାରେ ମୁଖ୍ୟ ଅଭିଯୁକ୍ତ ନିରାକାରଙ୍କୁ ଗିରଫ କରିଥିଲା । ଗତ ୪ ମାସ ତଳେ ନିରାକାର ଜେଲ୍‌ରୁ ଜାମିନରେ ଆସିଥିଲେ । ସେ ବାଲି, ପଥର ଆଦି ଲଘୁ ଖଣିଜ ସାମଗ୍ରୀ ବ୍ୟବସାୟ କରୁଥିଲେ । ହେଲେ ଗୁରୁବାର ସକାଳୁ ନିରାକାରଙ୍କ ମୃତଦେହ କାମାକ୍ଷାନଗର ଥାନା ଆଳତୁମା ଗ୍ରାମ ମାଳବନ୍ଧ ରେଲୱେ ବ୍ରିଜ ସଉରିଆ ଆମ୍ବତୋଟା ନିକଟରେ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା । ତାଙ୍କ ଛାତି ଓ ମୁଣ୍ଡରେ ୩ଟି ଗୁଳି ବାଜିବା ସହ ବେକରେ କ୍ଷତ ଚିହ୍ନ ରହିଥିଲା । ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିଡ଼ ଜମିଥିଲା । ଖବରପାଇ ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, କାମାକ୍ଷାନଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପୂର୍ବ ଶତ୍ରୁତାରୁ ନିରାକାରଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ତାଙ୍କ ଭାଇ ସର୍ବେଶ୍ୱର ସାହୁ କହିଛନ୍ତି । ଏଥିସହ ନିରାକାରଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପୂର୍ବ ଶତ୍ରୁତାରୁ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଢେଙ୍କାନାଳ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କହିଛନ୍ତି, ଏହା ଏକ ଯୋଜନା ବଦ୍ଧ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି । ଅଭିଯୁକ୍ତଙ୍କୁ ଧରିବାକୁ ଏକାଧିକ ଟିମ୍ ଗଠନ କରାଯାଇ ଚଢ଼ାଉ ଜାରିରହିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ।



# ଉନ୍ମୋଚନ ହେଲା ଲୋଗୋ, ପୋଷ୍ଟର, ମାସ୍କଟ୍

## ଓଡ଼ିଶା ପୋଲିସର 'ସାଇବର ସୁରକ୍ଷା ଅଭିଯାନ-୨୦୨୩'

ଭୁବନେଶ୍ୱର,୨୮।୯(ସତ୍ୟଜିତ୍ ରାଉତ)

ଡିଜିଟାଲ୍ ଯୁଗରେ ସାଇବର ଅପରାଧ ବଡ଼ ସମସ୍ୟା ସୃଷ୍ଟି କରିଛି । ସାଇବର ଅପରାଧୀମାନେ ଲୋକଙ୍କୁ ବିଭିନ୍ନ ଜାଲରେ ଫସାଇ ଠକେଇ କରୁଛନ୍ତି । ଓଏଲ୍‌ଏକ୍ସରେ ଚାକିରି ଦେବା ଆଳରେ ଠକେଇ, ଅନ୍‌ଲାଇନ୍ ପୋଞ୍ଜି ସ୍କାମ୍, ବେଆଇନ ଚାଇନା ଲୋନ୍ ଆପ୍, କ୍ରିପ୍ଟୋ ସ୍କାମ୍, ହୋଟେଲ ବୁକିଂ ଆପ୍ ସ୍କାମ୍, କ୍ୟୁଆର୍ କୋଡ୍ ସ୍କାମ୍, ଟ୍ରେଡିଂ ଆପ୍ ଆଦି ଜରିଆରେ ଲୋକଙ୍କୁ ବିଭିନ୍ନ ଲୋଭନୀୟ ସ୍କିମ୍ ଦେଖାଇ ଠକେଇ କରୁଛନ୍ତି । ରାଜ୍ୟରେ ଲୋକଙ୍କ ମଧ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ବିଶେଷ ଜ୍ଞାନ ଏବଂ ସାଇବର ସେବା କ୍ଷେତ୍ରରେ ନିରାପତ୍ତା ନେଇ ସଚେତନତା କମ୍ ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି । ଏଭଳି ଅପରାଧ ଦୂର କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ବିଭିନ୍ନ ସହଭାଗିତାରେ 'ସାଇବର ସୁରକ୍ଷା ଅଭିଯାନ-୨୦୨୩' ଆରମ୍ଭ ହୋଇଛି । ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଲିସ ଡିଜି ସୁନୀଲ ବଂଶଲ ଏହି ଅଭିଯାନର ଲୋଗୋ, ମାସ୍କଟ୍ (ସାଇରା), ପୋଷ୍ଟର, ଥିମ୍ ସଙ୍ଗୀତ, ସାଇବର ସୁରକ୍ଷା ପରାମର୍ଶଦାତା ପୁସ୍ତିକା ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଭିଡିଓର ଉନ୍ମୋଚନ କରିଛନ୍ତି ।

# କଥାକାର ଭୀମ ପୃଷ୍ଟି ପାଇବେ ଶାରଳା ପୁରସ୍କାର

ଭୁବନେଶ୍ୱର,୨୮।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ଚଳିତ ବର୍ଷର ୪୪ତମ ଶାରଳା ପୁରସ୍କାରରେ ବିଶିଷ୍ଟ କଥାକାର ଭୀମ ପୃଷ୍ଟି ସମ୍ମାନିତ ହେବେ । ୨୦୧୭ ମସିହାରେ ପଶ୍ଚିମା ପବ୍ଲିକେଶନ୍ ଦ୍ୱାରା ପ୍ରକାଶିତ ତାଙ୍କ ଉପନ୍ୟାସ 'ଜମ୍ବୁଲୋକ' ପାଇଁ ଏହି ପୁରସ୍କାର ପ୍ରଦାନ କରାଯିବ । ଆସନ୍ତା ଅକ୍ଟୋବର ୨୬ରେ ଇମ୍ପା ପକ୍ଷରୁ ୫ଲକ୍ଷ ଟଙ୍କାର ଅର୍ଥରାଶି, ଉତ୍ତରୀୟ ଓ ଫଳକ ସହ ଦିଆଯିବ । ପୃଷ୍ଟିଙ୍କ 'ଜମ୍ବୁଲୋକ' ସହିତ ଚୂଡ଼ାନ୍ତ ପର୍ଯ୍ୟାୟ ବିଚାର ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ଅନ୍ୟ ପୁସ୍ତକଗୁଡ଼ିକ ମଧ୍ୟରେ ବିଜୟ କୁମାର ଶତପଥୀଙ୍କ 'ନଷ୍ଟନୀଡ଼ର ଉପକଥା', ଅପର୍ଣ୍ଣା ମହାନ୍ତିଙ୍କ 'ଅଗ୍ନି କମଳିନୀ', ଅମରେଶ ପଟ୍ଟନାୟକଙ୍କ 'ଚାହଁ ବା ନ ଚାହଁ', ସରୋଜିନୀ ସାହୁଙ୍କ 'ଦାଦନ', ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କାନୀନ' ଏବଂ ପ୍ରଦୀପ କୁମାର ପଣ୍ଡାଙ୍କ 'ଯାହା ମୁଁ ଚାହୁଁ ନ ଥିବି' ପୁସ୍ତକ ରହିଥିଲା । ପ୍ରାଥମିକ ପୁସ୍ତକ ଚୟନ ମଣ୍ଡଳୀରେ ସୀତେଶ ତ୍ରିପାଠୀ, ଡ. ସୁଚେତା ମିଶ୍ର, ଡ. ପରମେଶ୍ୱର ମୁଣ୍ଡ, ବୈଜୟନ୍ତୀ ମିଶ୍ର ଏବଂ ଡ. ପ୍ରୀତିଧାରା ସାମଲ ବିଚାରକ ଥିବାବେଳେ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଧ୍ୟାପକ ବିଶ୍ୱରଞ୍ଜନ, ଡ. ମୃଣାଳ ଚାଟାର୍ଜୀ, ଡ. ପ୍ରସନ୍ନ କୁମାର ମହାନ୍ତି, ଡ. ଯଶୋଧାରା ମିଶ୍ର, ରଞ୍ଜନ କୁମାର ଦାସ, ଚିରଶ୍ରୀ ଇନ୍ଦ୍ରସିଂ ଏବଂ ଆଦିତେଶ୍ୱର ମିଶ୍ର ରହିଥିଲେ ।

ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପା ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲା- ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୩ ମସିହା ପାଇଁ ଘୋଷିତ ହୋଇଛି । ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବେଣୁଧର ମହାପାତ୍ର ଏବଂ ପ୍ରସିଦ୍ଧ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ । ସଙ୍ଗୀତ ବିଭାଗରେ ଅରୁଣା ମହାନ୍ତି, ରତିକାନ୍ତ ମହାପାତ୍ର, ମିତାଲି ଚିନାରା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକୀଲ, ବିୟତପ୍ରଜ୍ଞା ତ୍ରିପାଠୀ ଓ ରମାକାନ୍ତ ସାମନ୍ତରାୟ ବିଚାରକ ଦାୟିତ୍ୱ ତୁଲାଇଥିଲେ ।



ପ୍ରଥମ ପୃଷ୍ଠାରୁ...

## ସବୁଜ ବିପ୍ଳବର...

ବଜାରରେ ଦରଦାମ୍ ବୃଦ୍ଧି ଘଟୁଥିବାବେଳେ ଏହିସବୁ ଚାଷକୁ ନେଇ ଘରର ଅର୍ଥନୀତି କିପରି ପ୍ରଭାବିତ ହେଉଛି, ତାକୁ ସେ ବେଶ୍ ମନୋଯୋଗ ସହକାରେ ଅନୁଧ୍ୟାନ କରୁଥିଲେ । ମା'ବାପା ଚାହୁଁଥିଲେ ସ୍ୱାମୀନାଥନ୍ ମେଡିସିନ୍ ପଢ଼ି ଡାକ୍ତର ହୁଅନ୍ତୁ । କିନ୍ତୁ ସେ ଜୈବବିଜ୍ଞାନ ପଢ଼ିଥିଲେ । ୧୯୪୩ରେ ପଶ୍ଚିମବଙ୍ଗ ଦୁର୍ଭିକ୍ଷ ତାଙ୍କ ମନ ଉପରେ ଗଭୀର ରେଖାପାତ କରିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଖାଦ୍ୟ ଶସ୍ୟର ଅଭାବ ଭାରତୀୟ ଉପମହାଦେଶକୁ ବହୁଳ ପ୍ରଭାବିତ କରିଥିଲା । ସେଇଠୁ ସ୍ୱାମୀନାଥନ୍ ନିଷ୍ପତ୍ତି ନେଇଥିଲେ ଦେଶକୁ ଖାଦ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ କରିବା ପାଇଁ । କେରଳର ତ୍ରିଭନ୍ଦ୍ରମ୍‌ସ୍ଥିତ ମହାରାଜା କଲେଜରେ ଜୁଲୋଜି ପଢ଼ିବା ପରେ ସ୍ୱାମୀନାଥନ୍ ମାଡ୍ରାସ୍ ୟୁନିଭର୍ସିଟିରୁ କୃଷି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ । ୧୯୪୭ରେ ଇଣ୍ଡିଆନ୍ ଏଗ୍ରିକଲ୍‌ଚରାଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ଜେନେଟିକ୍ସ ଏବଂ ପ୍ଲାଣ୍ଟ ବ୍ରିଡିଂ ପଢ଼ିବାକୁ ଦିଲ୍ଲୀ ଗଲେ । ପରେ ସେ ସମାନ ବିଷୟରେ ବ୍ରିଟେନ୍‌ର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ହାସଲ କଲେ । ୧୯୬୫ରେ ସ୍ୱାମୀନାଥନ୍‌ଙ୍କ ଉଦ୍ୟମରେ ଭାରତରେ ସବୁଜ ବିପ୍ଳବ ଆରମ୍ଭ ହୋଇଥିଲା । କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ସେ ଏପରି ସଫଳ କଲେ ଯେ, ଖାଦ୍ୟ ନିଅଣ୍ଟିଆ ଭାରତ କୃଷି କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ରୂପେ ଉଭା ହେଲା । ୧୯୮୮ରେ ସେ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍) ପ୍ରତିଷ୍ଠା କରିଥିଲେ । ଜଣାଶୁଣା ଟାଇମ୍ ମାଗାଜନ୍ ସ୍ୱାମୀନାଥନ୍‌ଙ୍କୁ ବିଂଶ ଶତାବ୍ଦୀର ୨୦ ପ୍ରଭାବଶାଳୀ ଏସୀୟଙ୍କ ମଧ୍ୟରେ ସ୍ଥାନିତ କରିଥିଲା । ଏହା ପୂର୍ବରୁ କେବଳ ମହାତ୍ମା ଗାନ୍ଧୀ ଓ ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋର ଏଭଳି ମର୍ଯ୍ୟାଦାର ଅଧିକାରୀ ହୋଇଥିଲେ ।

ସ୍ୱାମୀନାଥନ୍ ଭାରତ ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିଲେ । ଇଣ୍ଡିଆନ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ (୧୯୬୧ରୁ ୧୯୭୨), ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ମହାନିର୍ଦ୍ଦେଶକ, ଭାରତ ସରକାରଙ୍କ କୃଷି ଗବେଷଣା ଓ ଶିକ୍ଷା ବିଭାଗ ସଚିବ (୧୯୭୨-୭୯), କୃଷି ମନ୍ତ୍ରଣାଳୟ ପ୍ରଧାନ ସଚିବ (୧୯୭୯-୮୦), ଯୋଜନା କମିଶନ (ସାଇନ୍ସ ଆଣ୍ଡ ଏଗ୍ରିକଲ୍‌ଚର) କାର୍ଯ୍ୟକାରୀ ଉପାଧ୍ୟକ୍ଷ (୧୯୮୦-୮୨) ଏବଂ ଫିଲିପାଇନ୍ସସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା ମହାନିର୍ଦ୍ଦେଶକ (୧୯୮୨-୮୮) ରୂପେ ଦାୟିତ୍ୱ ତୁଲାଇ ନିଜ କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଥିଲେ । ୨୦୦୭ରୁ ୨୦୧୩ ପର୍ଯ୍ୟନ୍ତ ସ୍ୱାମୀନାଥନ୍ ରାଜ୍ୟ ସଭାର ମନୋନୀତ ସଦସ୍ୟ ଥିଲେ ।

ଏହି ମହାନ୍ ବୈଜ୍ଞାନିକ ନିଜ ଉତ୍କର୍ଷ ବଳରେ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇଥିଲେ । ୧୯୭୧ରେ କମ୍ୟୁନିଟି ଲିଡରଶିପ୍ ପାଇଁ ସ୍ୱାମୀନାଥନ୍‌ଙ୍କୁ ରୋମନ୍ ମାଗାସେସେ ଆୱାର୍ଡ ପ୍ରଦାନ କରାଯାଇଥିଲା । ୧୯୮୬ରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଆୱାର୍ଡ, ୧୯୮୭ରେ ଫାଷ୍ଟ ୱାର୍ଲ୍ଡ ଫୁଡ୍ ପ୍ରାଇଜ୍, ୨୦୦୦ରେ ଇନ୍ଦିରା ଗାନ୍ଧୀ ଶାନ୍ତି ପୁରସ୍କାର ଏବଂ ୟୁନେସ୍କୋ ପକ୍ଷରୁ ମହାତ୍ମା ଗାନ୍ଧୀ ପ୍ରାଇଜ୍, ୨୦୦୭ରେ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପୁରସ୍କାର ପାଇଥିଲେ । ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ (୧୯୬୭), ପଦ୍ମ ଭୂଷଣ (୧୯୭୨) ଏବଂ ପଦ୍ମ ବିଭୂଷଣ (୧୯୮୯) ସମ୍ମାନର ସମ୍ମାନିତ କରିଥିଲେ । ଏହି ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକରେ ଭାରତୀୟ କୃଷି ଗବେଷଣା କ୍ଷେତ୍ରରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ତାହା ପୂରଣ ହେବା ଏକପ୍ରକାର ଅସମ୍ଭବ ।

## ୧୫ ଜିଲାକୁ...

ଜିଲାରେ ୨୭୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବଲାଙ୍ଗୀରରେ ୧୦୩, ବାଲେଶ୍ୱରରେ ୫୯୨, ବରଗଡ଼ରେ ୧୧୫, ଭଦ୍ରକରେ ୪୦୪, ବୌଦ୍ଧରେ ୧୭, କଟକରେ ୩୬୪, ଦେବଗଡ଼ରେ ୯୭, ଢେଙ୍କାନାଳରେ ୩୩୮, ଗଜପତିରେ ୫୨, ଗଞ୍ଜାମରେ ୬୦୫, ଜଗତ୍‌ସିଂହପୁରରେ ୧୫୦, ଯାଜପୁରରେ ୩୭୭, ଝାରସୁଗୁଡ଼ାରେ ୧୪୯, କଳାହାଣ୍ଡିରେ ୧୨୬, କନ୍ଧମାଳରେ ୧୦୯, କେନ୍ଦ୍ରାପଡ଼ାରେ ୩୮୭, କେନ୍ଦୁଝରରେ ୫୪୫, ଖୋର୍ଦ୍ଧାରେ ୨୦୦, କୋରାପୁଟରେ ୩୬୧, ମାଲକାନଗିରିରେ ୨୫୦, ନବରଙ୍ଗପୁରରେ ୨୮୨, ନୟାଗଡ଼ରେ ୧୨୦, ନୂଆପଡ଼ାରେ ୭୭, ପୁରୀରେ ୨୯୫, ରାୟଗଡ଼ାରେ ୬୯, ସମ୍ବଲପୁରରେ ୨୮୯, ସୁବର୍ଣ୍ଣପୁରରେ ୬୮ ଓ ସୁନ୍ଦରଗଡ଼ରେ ୪୦୫ ଜଣଙ୍କର ମୃତ୍ୟୁ ଘଟିଛି ।

## ୪୨% ପିଲା ଦିନକୁ...

ନୁହେଁ ବୋଲି ହାପିନେଜ୍‌ର ସହପ୍ରତିଷ୍ଠାତା ତଥା ସିଇଓ ରିଚା ସିଂ କହିଛନ୍ତି । ବର୍ତ୍ତମାନ ଶିକ୍ଷାଠାରୁ ଆରମ୍ଭ କରି ମନୋରଞ୍ଜନ ପର୍ଯ୍ୟନ୍ତ ସବୁକିଛି ଡିଜିଟାଲ ହୋଇଯାଇଥିବାରୁ ପିଲାମାନଙ୍କ ଦୈନନ୍ଦିନ ଦିନଚର୍ଯ୍ୟାକୁ ନିୟନ୍ତ୍ରଣ କରିବାରେ ସ୍ମାର୍ଟ ଡିଭାଇସ୍ ଏକ ଉପକରଣ ପାଲଟିଛି । ଫଳରେ ପିଲାଏ ସେମାନଙ୍କ ହୋମ୍‌ୱାର୍କ ପାଇଁ ହେଉ କିମ୍ବା ସାଙ୍ଗମାନଙ୍କ ସହ ଚାଟିଂ ଅଥବା ପାଠପଢ଼ାରେ ସହାୟତା ଲାଗି ଅନ୍ୟ ଆପ୍ ବ୍ୟବହାରରେ କିଛି ସମୟ ବିନିଯୋଗ କରୁଛନ୍ତି । ସର୍ଭେ ଅନୁଯାୟୀ ସ୍କ୍ରିନ୍ ଏବେ ପିଲାମାନଙ୍କ ପାଇଁ ଏକ ବାସ୍ତବତା- ପାଠ ପଢ଼ିବା ଓ ଅବସର ବିନୋଦନର ଏକ ମାଧ୍ୟମ ପାଲଟିଯାଇଛି । ପିଲାଙ୍କ ନିରାପଦ ଇଣ୍ଟରନେଟ୍ ବ୍ୟବହାରକୁ ତଦାରଖ କରିବା ପାଇଁ ମାଆବାପାଙ୍କ ପାଖରେ କୌଣସି ନିର୍ଦ୍ଦିଷ୍ଟ ବାଟ ନାହିଁ । ହାପିନେଜ୍‌ର ପ୍ୟାରେଣ୍ଟାଲ କଣ୍ଟ୍ରୋଲ ଫିଲ୍‌ଟର ବକ୍ସ ନିୟମିତ ଭାବେ ୧୧୦ ନିୟୁତରୁ ଅଧିକ ୱେବ୍‌ସାଇଟ୍ ଏବଂ ଆପ୍‌କୁ ତଦାରଖ କରିବା ସହ ସେଥିରୁ ୨୨ ନିୟୁତ (୨୦ %) କ୍ଷତିକାରକ ପ୍ରାପ୍ତବୟସ୍କ ସାଇଟ୍ ଓ ଆପ୍‌କୁ ସ୍ଥାୟୀ ଭାବେ ବ୍ଲକ୍ କରାଇଛି । ମାଆବାପା ଚାହିଁଲେ, ସୋସିଆଲ ମିଡିଆ, ଚାଟ୍, ଫୋରମ୍, ଅନ୍‌ଲାଇନ ଲର୍ନିଂ ଆଦି ୧୩ଟି ବର୍ଗକୁ ବାଛି ସେମାନଙ୍କ ପିଲାଙ୍କ ସୁରକ୍ଷିତ ଇଣ୍ଟରନେଟ୍ ବ୍ୟବହାର ପାଇଁ ଅନୁମତି ଦେଇପାରିବେ ବୋଲି ସିଂ କହିଛନ୍ତି ।

## ଡାଲି ଫୋପାଡ଼ି...

କାହା ଲାଗି ଗୃହ ଅପେକ୍ଷା କରେନାହିଁ । ପଏଣ୍ଟ ଅଫ୍ ଅର୍ଡର ମାନେ କ'ଣ ? ପଏଣ୍ଟ ଅଫ୍ ଅର୍ଡର ଆଣିବା ମାତ୍ରେ କହିବାକୁ ସୁଯୋଗ ଦିଆଯାଏ । ଯଦି ବିରୋଧୀଙ୍କୁ କହିବାକୁ ସୁଯୋଗ ଦିଆଯିବ ନାହିଁ ତେବେ ଏଠି ରହି ଲାଭ କ'ଣ ଅଛି । ଏହା କହି କଂଗ୍ରେସ ସଦସ୍ୟମାନେ ଗୃହ ତ୍ୟାଗ କରିଥିଲେ ।

ଏସବୁ ଭିତରେ ବିରୋଧୀ ଦଳ ସଦସ୍ୟମାନେ ସେମାନଙ୍କ ଦାବିକୁ ଗୃହ ମଧ୍ୟଭାଗରେ ଜୋର୍‌ଦାର କରୁଥାନ୍ତି । ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ବିରୋଧରେ ପୂର୍ବାହ୍ନରେ ଶାସକ ଦଳ ସଦସ୍ୟ ଯେଉଁ ମେଣ୍ଟାଲ ଡିଜ୍‌ଅର୍ଡର ଶବ୍ଦ ବ୍ୟବହାର କରିଥିଲେ ତାକୁ ବିବରଣୀରୁ ବାଦ୍ ଦେବା ଲାଗି ସେମାନେ ଦାବି କରିଥିଲେ । ଏନେଇ ହାତରେ ପୋଷ୍ଟର ଧରି ଭାଜପା ସଦସ୍ୟମାନେ ଏହାକୁ ବିରୋଧ କରିବା ସହ ଡାଲି ପ୍ୟାକେଟ ଦେଖାଇ ବିରୋଧ କରିଥିଲେ । ଏପରି କି କେତେଜଣ ସଦସ୍ୟ ଏହାକୁ ବାଚସ୍ପତିଙ୍କ ପୋଡିୟମ ଉପରକୁ ଫୋପାଡ଼ିଥିଲେ । ଏହି ସମୟରେ ଝାରସୁଗୁଡ଼ା ବିଧାୟିକା ଦୀପାଳି ଦାସଙ୍କୁ କହିବାକୁ ସୁଯୋଗ ମିଳିଥିଲା । ସେ ତାଙ୍କ ବକ୍ତବ୍ୟରେ ବିରୋଧୀ ଦଳ ସଦସ୍ୟଙ୍କ ନାଁ ନ ନେଇ ବର୍ଷିଥିଲେ । ଶାସକ ଦଳ ସଦସ୍ୟ ଦେବୀପ୍ରସାଦ ମିଶ୍ର ନିଜ ଆସନ ପାଖରେ ଠିଆ ହୋଇ ବିରୋଧୀ ଦଳ ସଦସ୍ୟ ଯେଉଁପରି ଆଚରଣ କରୁଛନ୍ତି ତାହା ନିନ୍ଦନୀୟ ବୋଲି କହିବା ସହ ଗୃହ ଭିତରେ ବିରୋଧୀଙ୍କ ଏଭଳି ହିଂସାତ୍ମକ କାର୍ଯ୍ୟ ଚଳିବ ନାହିଁ । ପ୍ରଥମେ ଆସନକୁ ଆପଣମାନେ ସମ୍ମାନ ଦିଅନ୍ତୁ, ତା'ପରେ ପ୍ରତିବାଦ କରିବେ ବୋଲି କହିଥିଲେ । ବିରୋଧୀ ଦଳ ନେତା ନିଜ ଆସନରେ ଠିଆହୋଇ ତାଙ୍କ ପ୍ରତି କରାଯାଇଥିବା ବ୍ୟବହାର କେତେଦୂର ଯୁକ୍ତିଯୁକ୍ତ ବୋଲି କହିବା ସହ ସେମାନଙ୍କ କଥା ରହୁ ନ ଥିବାରୁ ଗୃହ ତ୍ୟାଗ କରୁଛୁ ବୋଲି କହିଥିଲେ । ଏହାପରେ ଭାଜପା ସଦସ୍ୟମାନେ ଗୃହ ତ୍ୟାଗ କରିଥିଲେ ।

# ବାଚସ୍ପତିଙ୍କ ନିରପେକ୍ଷତା ଦେଖିପାରୁନୁ: ଜୟନାରାୟଣ

## ମୁଁ ଡାଲି ଉପହାର ଦେଇନି କି ଫୋପାଡ଼ିନି: ମୋହନ

ଭୁବନେଶ୍ୱର, ୨୮।୯(ସୁନିତ୍ ମିଶ୍ର)

ବାଚସ୍ପତିଙ୍କ ପୋଡିୟମ ଉପରକୁ ଡାଲି ଫୋପାଡ଼ି ବିରୋଧ କରିବା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏବଂ ଭାଜପା ସଦସ୍ୟ ମୁକେଶ ମହାଲିଙ୍ଗଙ୍କୁ ମହଙ୍ଗା ପଡ଼ିଛି । ଚଳିତ ଅଧିବେଶନ ଶେଷ ପର୍ଯ୍ୟନ୍ତ ବାଚସ୍ପତି ଏହି ୨ସଦସ୍ୟଙ୍କୁ ବିଧାନସଭାରୁ ନିଲମ୍ବିତ କରିଛନ୍ତି । ବିରୋଧୀ କିନ୍ତୁ ଏକଥାକୁ ନିନ୍ଦା କରିଛନ୍ତି ।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ବିରୋଧୀ ଦଳ ନେତାଙ୍କୁ ଶାସକ ଦଳ ସଦସ୍ୟ ମେଣ୍ଟାଲ ଡିଜ୍‌ଅର୍ଡର ବୋଲି କହିଲେ । ଶାସକ ଦଳ ସଦସ୍ୟ କହିଥିବା ଏହି କଥାକୁ ଗୃହ ବିବରଣୀରୁ ବାଦ୍ ଦେବା ଲାଗି ଦାବି କରିଥିଲୁ । ହେଲେ ବିରୋଧୀ ଦଳର ଦାବିକୁ ଗ୍ରହଣ କରାଗଲାନାହିଁ । ବିରୋଧୀ ଯଦି କିଛି ଗୋଟେ କଥା ଉଠାଉଛନ୍ତି ବାଚସ୍ପତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଶାସକ ଦଳର କେହି କିଛି ଉଠାଇଲେ ସଙ୍ଗେସଙ୍ଗେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ବାଚସ୍ପତି ନିରପେକ୍ଷ ନୁହନ୍ତି । ତାଙ୍କ ନିରପେକ୍ଷତା ଆମେ ଦେଖିପାରୁନୁ । ଗୋପାଳପୁର ବିଧାୟକ ବିଧାନସଭାରେ ଥିବା ସତ୍ତ୍ୱେ ତାଙ୍କୁ କହିବାକୁ ସୁଯୋଗ ଦେଉନାହାନ୍ତି ।

ଏନେଇ ମୋହନ ଚରଣ ମାଝି କହିଛନ୍ତି, ବିରୋଧୀ ଦଳ ନେତାଙ୍କ ବିରୋଧରେ ଶାସକ ଦଳ ସଦସ୍ୟ ମେଣ୍ଟାଲ ଡିଜ୍‌ଅର୍ଡର ଶବ୍ଦ ବ୍ୟବହାର କରିଥିଲେ । ଏହାକୁ ବିବରଣୀରୁ ବାଦ୍‌ଦେବାକୁ ଚାହିଁଥିଲୁ । ଏହି କଥାକୁ ଦାବିକରି ଆମେ ଯେତେବେଳେ ବିରୋଧ କଲୁ ବାଚସ୍ପତି ଆମ କଥା ଶୁଣିଲେନାହିଁ । ଶେଷରେ ଆମେ ଡାଲି ଉପହାର ଦେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁଥିଲୁ । ହେଲେ ମୁଁ ଡାଲି ଉପହାର ଦେଇନି କି ଫୋପାଡ଼ିନାହିଁ । ହେଲେ ମତେ ବଦ୍‌ନାମ କରିବାକୁ ବିଧାନସଭାରୁ ସସ୍‌ପେଣ୍ଡ କରାଯାଇଥିବା ସେ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ । ଆର୍ଥିକ ସ୍ଥିତିର ପରିବର୍ତ୍ତନ ସକାଶେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିବେ । ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ । ଚୁ-ନାମାକ୍ଷର ବ୍ୟକ୍ତିମାନଙ୍କୁ କଳା ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦି କ୍ଷେତ୍ରରୁ ସୁଫଳ ମିଳିବ ।

**ବୃଷ** ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ । କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ । ବି-ନାମାକ୍ଷର ବ୍ୟକ୍ତିମାନେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି । ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ ।

**ମିଥୁନ** ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ହଇରାଣ ହେବେ । ଘ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି । ବ୍ୟବସାୟରେ ଅଂଶୀଦାରମାନେ କାର୍ଯ୍ୟ ହାସଲ କରିନେବେ । କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଟେନସନ୍ ଲାଗିରହିବ ।

**କର୍କଟ** କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରି ନେବେ । ନିଜର ପ୍ରତିକୂଳ ଚିନ୍ତାଧାରାକୁ ଅବଲୋକନ କରି ସାମୟିକ ଦୁଃଖ ଅନୁଭବ କରିବେ । ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ । ହେ-ନାମାକ୍ଷର ବ୍ୟକ୍ତିମାନଙ୍କର ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ।

**ସିଂହ** ସାମାଜିକ ସ୍ତରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ । ମି-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ଦୀର୍ଘ ଦିନରୁ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ । କୌଶଳ ଖଟାଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ ଓ ଲକ୍ଷ୍ୟ ହାସଲ କରିପାରିବେ । କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ ।

**କନ୍ୟା** ପରିବାରର ସମସ୍ୟା ସମ୍ପର୍କରେ ଦୁର୍ଭାବନା ବଢ଼ିଚାଲିବ । ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ । କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ । ନୂତନ କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି । ପୂ-ନାମାକ୍ଷର ବ୍ୟକ୍ତି କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ ।

**ତୁଳା** ଛୋଟ ଘଟଣାକୁ କେନ୍ଦ୍ରକରି ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ତ-ନାମାକ୍ଷର ବ୍ୟକ୍ତି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ । କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାଜନିତ ମାନସିକ ବ୍ୟଗ୍ରତା ସୃଷ୍ଟି ହୋଇପାରେ । ବନ୍ଧୁମାନଙ୍କ ପ୍ରରୋଚନାରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି ।

**ବିଛା** ନି-ନାମାକ୍ଷର ବ୍ୟକ୍ତି ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ । ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ । ସାହିତ୍ୟ ଚର୍ଚ୍ଚା, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଆଜି ଯାତ୍ରା ସମୟରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ ।

**ଧନୁ** ଭି-ନାମାକ୍ଷରବ୍ୟକ୍ତିମାନଙ୍କର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ । ନୂତନ ଯୋଜନା ଗୁଡ଼ିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ । ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିଲେ ମଧ୍ୟ କାମଗୁଡ଼ିକ ଶୃଙ୍ଖଳିତ ହେବନାହିଁ । ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ ।

**ମକର** ମାନସିକ ସ୍ତରରେ ପୂର୍ଣ୍ଣ ପ୍ରସ୍ତୁତି ଭରି ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ । ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ହେବା କ୍ଷେତ୍ରରେ କେତେକ ନୂତନ ସମସ୍ୟା ଉଙ୍କି ମାରିପାରେ । ଉପରିସ୍ଥ କର୍ମଚାରୀଙ୍କୁ କିଛି କହିବା ପାଇଁ ମନସ୍ଥ କରିଥିଲେ ମଧ୍ୟ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ ।

**କୁମ୍ଭ** ମନରେ ଅସୀମ ଧୈର୍ଯ୍ୟ ଓ ସାହସ ଥିଲେ ମଧ୍ୟ କାର୍ଯ୍ୟ ସାଧନ ସମୟକୁ ସବୁ ବିଗିଡି ଯିବ । ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ । ଗୋ-ନାମାକ୍ଷର ବ୍ୟକ୍ତିଙ୍କର ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ । ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ ।

**ମୀନ** ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ । ଦିନ ସାରା ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ । ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ । ଦ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ । ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ ।

ଆଜି ଭାଦ୍ରବ ପୂର୍ଣ୍ଣିମା ଶୁକ୍ରବାର, ଭାଗବତଜନ୍ମ, ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ରହାତୀ ପ୍ରସ୍ତାବ, ଜହ୍ନିଓଷା ଆରମ୍ଭ, ଅପରପକ୍ଷାରମ୍ଭ ଓ ପିତୃତର୍ପଣ ଆରମ୍ଭ, ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୫.୪୦ମି. ଗତେ ଘ.୦୬.୨୭ମି. ମଧ୍ୟେ, ଘ.୦୭.୧୫ମି. ଗତେ ଘ.୦୮.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦.୦୭ମି. ଗତେ ଘ.୧୧.୩୮ମି. ମଧ୍ୟେ ରାହୁକାଳ ।

# ମେଧା ତାଲିକା ପ୍ରକାଶ, ୩ରୁ ନାମଲେଖା

ଭୁବନେଶ୍ୱର, ୨୮।୯ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ପର୍ଯ୍ୟାୟ ପିଜି ନାମଲେଖା ନିମନ୍ତେ ଗୁରୁବାର ମେଧା ତାଲିକା ପ୍ରକାଶ ପାଇଛି। ମନୋନୀତ ଛାତ୍ରୀଛାତ୍ରମାନେ ଅକ୍ଟୋବର ୩ ତାରିଖ ପୂର୍ବାହ୍ନ ୧୦ଟାରୁ ୫ତାରିଖ ସନ୍ଧ୍ୟା ୫ଟା ଭିତରେ ନାମଲେଖାଇବେ। ୧୦ ତାରିଖ ଅପରାହ୍ନ ୨ଟାରେ ବଳକା ସିଟ୍ ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୨ତାରିଖରେ ନାମ ଲେଖାଇବେ। ଉଲ୍ଲେଖଯୋଗ୍ୟ, ଗତ ଅଗଷ୍ଟ ୨୧ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସିଟ୍ ପୂରଣ ନ ହେବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି।

# ଘୂର୍ଣ୍ଣିବଳୟ ସୃଷ୍ଟି, ୧ରୁ ବର୍ଷିବ

ଭୁବନେଶ୍ୱର, ୨୮।୯ (ଅସମାପିକା ସାହୁ)

ମ୍ୟାନ୍‌ମାର ଏବଂ ସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଯାହା ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାପରେ ଏହା ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗକୁ ଉତ୍ତର ଓଡ଼ିଶା ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ଗତି କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ଶୁକ୍ରବାରରୁ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅକ୍ଟୋବର ୧ରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। କେତେକ ଜିଲାରେ ବଜ୍ରପାତ ସହ କାଳବୈଶାଖୀଜନିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ବଜ୍ରପାତରୁ ରକ୍ଷା ପାଇବା ପାଇଁ ବଜ୍ରପାତ ସମୟରେ ସୁରକ୍ଷିତ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ର ସୂଚନାନୁସାରେ, ଶୁକ୍ରବାର କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକରେ ପ୍ରବଳ ବର୍ଷା ହେବ। ସେହିପରି ଶନିବାର ଖୋର୍ଦ୍ଧା, କଟକ, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼ ଓ ସମ୍ବଲପୁରରେ ପ୍ରବଳ ବର୍ଷା ହେବ ଏବଂ ଏହି ଦୁଇଦିନ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧ ଓ ୨ ତାରିଖରୁ ବିଭିନ୍ନ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ୧ରେ ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବଲାଙ୍ଗୀର, ଅନୁଗୋଳ ଏବଂ ୨ ତାରିଖରେ ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ୩୦ରେ ପୁଣି ମାଧ୍ୟମିକ ଶିକ୍ଷକଙ୍କ ମହାସମାବେଶ

ଭୁବନେଶ୍ୱର, ୨୮।୯(ଅସମାପିକା ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆହ୍ୱାନରେ ମାଧ୍ୟମିକ ଶିକ୍ଷକମାନେ ୨୧ଦଫା ଦାବି ନେଇ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଚଳାଇଥିବା ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ତେବେ ଏ ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ତେଣୁ ଆନ୍ଦୋଳନ ଥମିବ ନାହିଁ। ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷା କର୍ମଚାରୀ, ପୁରାତନ ଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନଙ୍କୁ ନେଇ ଆସନ୍ତା ୩୦ରେ ଆଉ ଏକ ମହାସମାବେଶ କରାଯିବ ବୋଲି ଗୁରୁବାର ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଯଦି ସରକାର ସମସ୍ୟାର ସମାଧାନ ନ କରନ୍ତି, ତା'ହେଲେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ଶିକ୍ଷକଙ୍କ ସମସ୍ୟା ସମାଧାନ ନ ହେଲେ ରାଜ୍ୟରେ ଥିବା ୩,୫୦୦ ମାଧ୍ୟମିକ ବିଦ୍ୟାଳୟ ବନ୍ଦ ହୋଇଯିବ।

# ୨୪ଘଣ୍ଟା ପରେ ବି ମିଳୁନି ପତ୍ତା

**ରାଜ୍ୟରେ ଗତ କିଛି ମାସ ହେବ ନଦୀକୁ ଡେଇଁ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି। ପାରିବାରିକ କଳହ, ଆର୍ଥିକ ଦୁର୍ବଳସ୍ଥିତି ଆଦି କାରଣରୁ କେତେକ ମହିଳା, ପୁରୁଷ, ଯୁବତୀ ଜୀବନ ହରାଇବାକୁ ସହଜ ପନ୍ଥା ଭାବେ ଧରି ନେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଏଭଳି ପଦକ୍ଷେପ ନେବାବେଳେ ସେମାନେ ପିଲାମାନଙ୍କ ଜୀବନ ନେବାକୁ ମଧ୍ୟ ପଛାଉ ନାହାନ୍ତି। ବୁଧବାର ଭଦ୍ରକ ଜିଲା ଭଣ୍ଡାରୀପୋଖରିରେ ବାପା ଓ ଝିଅ ବୈତରଣୀ ନଦୀକୁ ଡେଇଁଥିବାବେଳେ ଗୁରୁବାର କଟକ ଜୋବ୍ରା ନିକଟରେ ମହାନଦୀକୁ ଜଣେ ଯୁବତୀ ଡେଇଁ ପଡ଼ିବା ଘଟଣା ସମସ୍ତଙ୍କୁ ଚକିତ କରିଛି।**



## ବୈତରଣୀକୁ ବାପଝିଅ ଡେଇଁପଡ଼ିବା ଘଟଣା

### ଭଉଣୀଙ୍କୁ ଫୋନ କରି ମରିବାକୁ ଯାଉଛୁ ବୋଲି କହିଥିଲେ

ଭଦ୍ରକ/ଭଣ୍ଡାରୀପୋଖରୀ(ସନାତନ ରାଉତ/ରବିନାରାୟଣ ଖିଲାର),୨୮।୯

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଚନ୍ଦନ ସାହୁ(୩୦) ନିଜ ଅଢ଼େଇ ବର୍ଷର ଝିଅକୁ ଧରି ବୈତରଣୀ ସେତୁ ଉପରୁ ନଦୀକୁ ଡେଇଁବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ବାପ,ଝିଅଙ୍କ କୌଣସି ପତ୍ତା ମିଳିନାହିଁ। ଚନ୍ଦନ ବୁଧବାର ରାତି ପ୍ରାୟ ୯ଟାରେ ୧୬ ନଂ. ଜାତୀୟ ରାଜପଥର ଏହି ସେତୁ ଉପରୁ ଆଖୁଆପଦା ଆନିକଟର ଗଭୀର ଜଳରାଶିକୁ ଝିଅ ତୃପ୍ତିକୁ ସାଙ୍ଗରେ ଧରି ଡେଇଁ ପଡ଼ିଥିଲେ। ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ସେହି ରାତି ଓ ଗୁରୁବାର ଦିନତମାମ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ କୌଣସି ସୂଚନା ମିଳିପାରି ନାହିଁ। ପୋଲ ଉପରୁ ଚନ୍ଦନଙ୍କ ବାଇକ୍, ମୋବାଇଲ ଓ ବାପ,ଝିଅଙ୍କ ଜୋତାକୁ ପୋଲିସ ଜବତ କରିଛି। ଅନ୍ୟପକ୍ଷେ ବଡ଼ଭଉଣୀଙ୍କ ସହ ଚନ୍ଦନଙ୍କ ଶେଷଥର ପାଇଁ ଫୋନ ଯୋଗେ ହୋଇଥିବା ବାର୍ତ୍ତାଳପ ଅଡିଓ ଭାଇରାଲ ହେବାପରେ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଉକ୍ତ ଫୋନକଲ୍‌ରୁ ସୂଚନା ମିଳିଛି ଯେ, ଆତ୍ମହତ୍ୟା ନେଇ ସେ ଭଉଣୀଙ୍କୁ ଜଣାଇଥିଲେ। ଆତ୍ମହତ୍ୟା ନ କରିବାକୁ ତାଙ୍କ ଭଉଣୀ ଯେତେ ରାଣ ନିୟମ ପକାଇଥିଲେ ମଧ୍ୟ ତାହାକୁ ଏଡ଼ାଇ ଦେଇଥିବା ଶୁଣିବାକୁ ମିଳୁଛି। ତେବେ ଚନ୍ଦନ ଏଭଳି ଚରମ ନିଷ୍ପତ୍ତି ନେବା ପଛରେ କ'ଣ କାରଣ ରହିଛି, ତାହା ସ୍ପଷ୍ଟ ହୋଇପାରି ନାହିଁ। ଅପରପକ୍ଷେ ରୋଜଗାରିଆ ପୁଅ ଓ ନାତୁଣୀଙ୍କୁ ହରାଇ ଚନ୍ଦନଙ୍କ ମା' ବାପା ଓ ୩ ସାନଭାଇଙ୍କ କାନ୍ଦବୋବାଳିରେ ପରିବେଶ ଶୋକାକୁଳ ହୋଇଛି। ମିଳିଥିବା ସୂଚନା ମୁତାବକ ୪ବର୍ଷ ପୂର୍ବେ ଚନ୍ଦନ ସେହି ଥାନା ଅଧୀନ ମଞ୍ଜୁରୀ ଗ୍ରାମର ଲକ୍ଷ୍ମୀପ୍ରିୟାଙ୍କୁ ପ୍ରେମବିବାହ କରିଥିଲେ। ଚନ୍ଦନ ସୁରଟର ଏକ ସୂତା ମିଲ୍‌ରେ କାର୍ଯ୍ୟ କରୁଥିବାରୁ ବିବାହ ପରେ ସ୍ୱାମୀସ୍ତ୍ରୀ ସେଠାରେ ରହୁଥିଲେ। ପ୍ରାୟ ୧ ମାସ ତଳେ କୌଣସି କାରଣରୁ ଲକ୍ଷ୍ମୀପ୍ରିୟା ସେଠାରେ ଆତ୍ମହତ୍ୟା କରିବା ପରେ ଚନ୍ଦନ ଶୁଦ୍ଧିକ୍ରିୟା ପାଇଁ ଗାଁକୁ ଆସିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ପରେ ଚନ୍ଦନଙ୍କ ଶ୍ୱଶୁରଘର ପକ୍ଷରୁ ଝିଅ ତୃପ୍ତି ନାମରେ ବ୍ୟାଙ୍କରେ ୩ଲକ୍ଷ ଟଙ୍କା ଜମା ରଖିବାକୁ ଚାପ ପ୍ରୟୋଗ କରାଯାଇଥିଲା। ମାନସିକ ଚାପରେ ଥିବାବେଳେ ଚନ୍ଦନ ମା' ବାପାଙ୍କ ସହ ଝିଅକୁ ନେଇ ପୁଣିଥରେ ସୁରଟ ଯାଇଥିଲେ। ସେଠାରେ କିଛିଦିନ ରହିବା ପରେ ନିକଟରେ ଗାଁକୁ ଫେରି ଆସିଥିଲେ। ଘରକୁ ଫେରିବାପରେ ଅସ୍ୱାଭାବିକ ଜଣାପଡୁଥିଲେ ବୋଲି ପରିବାର ଓ ପଡ଼ୋଶୀଙ୍କଠାରୁ ଜାଣିବାକୁ ମିଳିଛି। ମାନସିକ ଭାରସାମ୍ୟ ହରାଇ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ଆଲୋଚନା ହେଉଥିବାବେଳେ ପ୍ରକୃତ କାରଣ ଅସ୍ପଷ୍ଟ ରହିଛି।

# ମହାନଦୀକୁ ଡେଇଁଲେ ମହିଳା



ମହାନଦୀରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି।

## ବାବୁଲିଙ୍କ ସମୟୋଚିତ ପଦକ୍ଷେପ ପାଇଁ ଜୀବନ ବଞ୍ଚିଲା

କଟକ,୨୮।୯ (କାର୍ତ୍ତିକ ସାହୁ)

କଟକ ଜୋବ୍ରା ଆନିକଟଠାରେ ଜଣେ ବିବାହିତା ମହିଳା ଗୁରୁବାର ଅପରାହ୍ନରେ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ଆନିକଟ ନିକଟସ୍ଥ ସିଏମ୍‌ସି ପାର୍କରେ କାର୍ଯ୍ୟ କରୁଥିବା କର୍ମଚାରୀ ବାବୁଲି ବେହେରାଙ୍କ ଉପସ୍ଥିତ ବୁଦ୍ଧି ଏବଂ ସମୟୋଚିତ ପଦକ୍ଷେପ ଯୋଗୁ ମହିଳାଙ୍କ ଜୀବନ ବଞ୍ଚିଯାଇଛି। ମହିଳା ଜଣକ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ବିଲ ତେରୁଆଁ ଗ୍ରାମର ମୟୁବ ଖାଁଙ୍କ ଝିଅ ମନୁଆରୀ ତରନୁମ(୩୫)। ତାଙ୍କୁ ଉଦ୍ଧାର ପରେ ତୁରନ୍ତ ଏସ୍‌ସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ତରନୁମ୍ ୧୧ ବର୍ଷ ତଳେ ଖୋର୍ଦ୍ଧା ଅଞ୍ଚଳରେ ବିବାହ କରିଥିଲେ। ହେଲେ ସେ ନିଜ ବାପ ଘରେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ମହିଳା ଜଣକ ସେଠାରେ ପହଞ୍ଚି ଡେଇଁବାକୁ ଉଦ୍ୟମ କରୁଥିବାବେଳେ ନିକଟସ୍ଥ ପାର୍କରେ କାର୍ଯ୍ୟରତ ବାବୁଲି ବେହେରା ଦେଖି ତାଙ୍କୁ ବାରଣ କରିଥିଲେ। ହେଲେ ମହିଳାଜଣଙ୍କ ବାବୁଲିଙ୍କ କଥା ନ ଶୁଣି ଡେଇଁ ପଡ଼ିଥିଲେ। ତେବେ ପୂର୍ବରୁ ଏହି ସ୍ଥାନରେ ବହୁ ଲୋକଙ୍କୁ ମହାନଦୀରୁ ଉଦ୍ଧାର କରିବାର ଅଭିଜ୍ଞତା ରଖିଥିବା ବାବୁଲି ତୁରନ୍ତ ଆନିକଟ ପାଣିକୁ ଡେଇଁ ମହିଳାଙ୍କୁ ବୁଡ଼ିଯିବାରୁ ଅଟକାଇଥିଲେ। ବାବୁଲିଙ୍କ କହିବାନୁସାରେ ମହିଳା ଜଣକ ପାଣି ଭିତରେ ବୁଡ଼ିବା ପୂର୍ବରୁ ସେ ତାଙ୍କୁ ଟାଣି ଆଣି ଆନିକଟ ଲୁହା କବାଟ ଉପରକୁ ଉଠାଇ ବସାଇ ଦେଇଥିଲେ ବାବୁଲି। ଏ ଖବର ପ୍ରଚାରିତ ହେବା ପରେ ଲୋକମାନେ ସେଠାରେ ରୁଣ୍ଡ ହେବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଚାଉଳିଆଗଞ୍ଜ ଓ ବକ୍ସିବଜାର ଦମକଳ ବାହିନୀ ସେଠାରେ ପହଞ୍ଚି ରଶି ଓ ଶିଡ଼ି ସାହାଯ୍ୟରେ ମହିଳାଙ୍କୁ ଉଦ୍ଧାର କରିଥିଲେ। ତତ୍‌ପରେ ସ୍ଥାନୀୟ ପୋଲିସ ସହାୟତାରେ ମହିଳାଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ମହିଳାଜଣକ ପାରିବାରିକ କଳହ କାରଣରୁ ଆତ୍ମହତ୍ୟା ଉଦ୍ୟମ କରିଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ, ପାର୍କ କର୍ମଚାରୀ ବାବୁଲି ଏଭଳି ବହୁ ଲୋକଙ୍କୁ ମହାନଦୀରୁ ଉଦ୍ଧାର କରିଛନ୍ତି। କେବଳ ସେ ନୁହନ୍ତି, ତାଙ୍କ ସ୍ତ୍ରୀ ଟୁକୁନି ବେହେରା ଓ ପୁତ୍ର ଚନ୍ଦନ ବେହେରା ମଧ୍ୟ ତାଙ୍କୁ ସହାୟତା କରିଆସୁଥିବା ବାବୁଲି କହିଛନ୍ତି। ତାଙ୍କର ସାହସିକତା ପାଇଁ ସେମାନେ ସିଏମ୍‌ସି, କମିଶନରେଟ ପୋଲିସ ସମେତ ବହୁ ଅନୁଷ୍ଠାନ ଦ୍ୱାରା ପ୍ରଶଂସିତ ମଧ୍ୟ ହୋଇଛନ୍ତି।

# ବ୍ରିଜ୍ ଉପରୁ ଡେଇଁ ବୃଦ୍ଧ ନିଖୋଜ

ସୁନାବେଡ଼ା, ୨୮।୯ (କୃତ୍ତିବାସ ପ୍ରଧାନ)



ଅଗ୍ନିଶମ କର୍ମଚାରୀମାନେ ନଦୀରେ ଚଣ୍ଡାଳଙ୍କୁ ଖୋଜାଖୋଜି କରୁଛନ୍ତି।

ସୁନାବେଡ଼ା ବାପୁଜୀ କଲୋନିରେ ରହୁଥିବା ସ୍ୱର୍ଗତ କାଳିଆ ଗରଡ଼ାଙ୍କ ପୁଅ ଚଣ୍ଡାଳ ଗରଡ଼ା (୬୧) ବୁଧବାର ରାତି ପ୍ରାୟ ୧୦ଟାରେ ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ଚଣ୍ଡାଳଙ୍କ ଖୋଜ୍ ଖବର ପାଇ ନ ଥିଲେ। ଗୁରୁବାର ସକାଳୁ ଟିମ୍ବର ବ୍ରିଜ୍ ଉପରେ ଗୋଟିଏ ଲୁଙ୍ଗି, ହଳେ ଚପଲ ଓ ଗୋଟିଏ ଟର୍ଚ୍ଚ ଲାଇଟ ପାଇଥିଲେ। ଏହା ଚଣ୍ଡାଳଙ୍କର ବୋଲି ସମ୍ପର୍କୀୟମାନେ ଚିହ୍ନିପାରି ସୁନାବେଡା ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସୁନାବେଡ଼ା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କ ସହ ଏଏସ୍‌ଆଇ ବାଳକୃଷ୍ଣ ରଥ, ଏଏସ୍‌ଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ର ଓ କିଶୋର ଚନ୍ଦ୍ର ବେହେରା ପହଞ୍ଚି ତଦନ୍ତ କରିବା ସହ ବ୍ରିଜ ଉପରୁ ସେ ପାଣିକୁ ଡେଇଁ ପଡିଥିବା ସନ୍ଦେହ କରି ସେମିଳିଗୁଡା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗର ଇନ୍ସପେକ୍ଟର ପାର୍ଥସାରଥି ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ବୋଟ୍ ସାହାଯ୍ୟରେ ଦିନ ତମାମ ପାଣିରେ ଚଣ୍ଡାଳଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କ ସନ୍ଧାନ ମିଳିପାରିନାହିଁ । ପାଣିର ସ୍ରୋତ ଅଧିକ ରହୁଥିବାରୁ କୋରାପୁଟ ଓଡ୍ରାଫ ଟିମ୍‌ର ସହାୟତା ଲୋଡ଼ାଯାଇଛି। ଏ ସମ୍ପର୍କରେ ଖବର ପାଇ କୋରାପୁଟ ବିଧାୟକ ରଘୁରାମ ପଡାଲ ଘଟଣାସ୍ଥଳରେ ପହଞ୍ଚି ପରିବାର ଓ ସମ୍ପର୍କୀୟଙ୍କୁ ପଚାରି ସାନ୍ତ୍ୱନା ଦେଇଥିଲେ। ସୂଚନାଯୋଗ୍ୟ, ଚଣ୍ଡାଳ ରହୁଥିବା କଲୋନିରେ କିଛିଦିନ ତଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ତାଙ୍କର ଏକାଦଶାହ ଭୋଜି ଥିଲା। ଚଣ୍ଡାଳ ଏହ ଭୋଜି ଖାଇସାରି ହଠାତ୍ କୁଆଡେ ଚାଲି ଯାଇଥିଲେ।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗୁରୁବାର ୧୩ ଦଫା ଦାବି ନେଇ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ମନୋରଞ୍ଜନ)

# ୧୩ ଦଫା ଦାବିରେ ଗର୍ଜିଲେ ଆଶାକର୍ମୀ

ଭୁବନେଶ୍ୱର,୨୮।୯ (ଅନୁରାଧା ମହାରଣା)

ମାସିକ ଭତ୍ତା ବୃଦ୍ଧି, ସାମାଜିକ ନିରାପତ୍ତା ପ୍ରଭୃତି ୧୩ ଦଫା ଦାବିରେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଗୁରୁବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ଆଶାକର୍ମୀ ମାଷ୍ଟରକ୍ୟାଣ୍ଟିନରୁ ବିଧାନସଭା ଅଭିମୁଖେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଗର୍ଜିଛନ୍ତି। ଜାତୀୟ ଶ୍ରମ ସମ୍ମିଳନୀରେ ନିଷ୍ପତ୍ତି ଅନୁଯାୟୀ ଆଶାକର୍ମୀଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ପେନ୍‌ସନ୍, ସାମାଜିକ ନିରାପତ୍ତା, ମାସିକ ଭତ୍ତା ପ୍ରଦାନ, ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ବୟସସୀମା ନ ରଖି ସମସ୍ତଙ୍କୁ ପେନସନଭୁକ୍ତ କରିବା, ଆଶାକର୍ମୀଙ୍କ ଅବସର ବୟସ ସୀମା ୬୫ବର୍ଷକୁ ବୃଦ୍ଧି ସହିତ ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି, ମାସିକିଆ ଭତ୍ତା ଧାର୍ଯ୍ୟ କରିବା ସହ ସର୍ବନିମ୍ନ ମାସିକ ଭତ୍ତା ୨୧ ହଜାର ଟଙ୍କା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ପୂର୍ବରୁ ଭାରତୀୟ ମଜଦୁର ସଂଘ ସଂଲଗ୍ନ ଓଡ଼ିଶା ରାଜ୍ୟ ଆଶାକର୍ମୀ ଆସୋସିଏଶନ ପକ୍ଷରୁ ୭ ଦଫା ଦାବିରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ଧାରଣାରେ ବସିଲେ ଗୋପାଳପୁର ବିଧାୟକ

## ପ୍ରଶ୍ନ ପଚାରିବାକୁ ସୁଯୋଗ ମିଳିଲାନି

ଭୁବନେଶ୍ୱର,୨୮।୯(ଅନିଲ ଦାସ)

ପ୍ରଶ୍ନକାଳରେ ପ୍ରଶ୍ନ ପଚାରିବାକୁ ସୁଯୋଗ ନ ମିଳିବାରୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ବିଧାନସଭାରେ ଧାରଣା ଦେଇଥିଲେ। ଗୁରୁବାର ପ୍ରଶ୍ନୋତ୍ତର ସୁରୁଖୁରୁରେ ଚାଲିଥିଲା। ପ୍ରଥମେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ତର ଦେଇଥିଲେ। ଏହା ପରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଉତ୍ତର ଦେଇଥିଲେ। ବାଚସ୍ପତି ପ୍ରମିଳା ମଲ୍ଲିକ ଉଭୟ ଶାସକ ଓ ବିରୋଧୀ ଦଳର ଜଣଙ୍କ ପରେ ଜଣେ ସଦସ୍ୟଙ୍କୁ ପ୍ରଶ୍ନ ପଚାରିବାକୁ ଡାକିଥିଲେ। ଗୋପାଳପୁର ବିଧାୟକ ପ୍ରଶ୍ନ କରିବାକୁ ବାଚସ୍ପତିଙ୍କ ଅନୁମତି ଲୋଡ଼ିଥିଲେ। ମାତ୍ର ବାଚସ୍ପତି ତାଙ୍କୁ କହିବାକୁ ସୁଯୋଗ ଦେଇ ନ ଥିଲେ। ପ୍ରଶ୍ନକାଳ ଶେଷ ହୋଇ ଯାଇଥିଲା। ବାଚସ୍ପତି ତାଙ୍କୁ ଅନୁମତି ନ ଦେବାରୁ ସେ ଗୃହରେ କଡ଼ା ପ୍ରତିବାଦ କଲେ। ପ୍ରଥମେ ନିଜ ଆସନରେ ଛିଡ଼ା ହୋଇ ସ୍ପିକର ମାଡାମ, ସ୍ପିକର ମାଡାମ କାହିଁକି ମତେ ପ୍ରଶ୍ନ ପଚାରିବାକୁ ଦିଆଗଲା ନାହିଁ ବୋଲି କହିଲେ। ବାଚସ୍ପତି କୌଣସି ଉତ୍ତର ନ ଦେବାରୁ ସେ ଗୃହର ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ତଳେ ଧାରଣାରେ ବସିଥିଲେ। ଏହାର ପ୍ରତିବାଦ କରିବାକୁ ସେ ବିରୋଧୀ ଦଳ ନେତା ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ଅନୁରୋଧ କରିଥିଲେ। ଅନୁମତି ନ ଦେବା ଯାଏ ଗୃହରୁ ଉଠିବି ନାହିଁ ବୋଲି କହିଥିଲେ। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ତାଙ୍କୁ ସମର୍ଥନ ଜଣାଇ କହିଥିଲେ, ସେ ବିଜେଡିରେ ନ ଥିଲେ ମଧ୍ୟ ସେ ଜଣ ସ୍ୱାଧୀନ ବିଧାୟକ, ତାଙ୍କୁ କହିବାକୁ ସୁଯୋଗ ଦିଆଯାଉ। ପାତରଅନ୍ତର କରା ନ ଯାଉ। ଏହାପରେ ବାଚସ୍ପତି ଆଗାମୀ ଦିନରେ କହିବାକୁ ଅନୁମତି ଦେବେ ବୋଲି କହିବା ସହ ପ୍ରଦୀପଙ୍କୁ ନିଜ ଆସନକୁ ଫେରିଯିବାକୁ ଅନୁରୋଧ କରିଥିଲେ। ବାଚସ୍ପତିଙ୍କ ଅନୁରୋଧ ପରେ ସେ ନିଜ ଆସନକୁ ଚାଲି ଯାଇଥିଲେ ଓ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

# ମେଣ୍ଟାଲ ହେଲ୍‌ଥ ମନ୍ତବ୍ୟକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୨୮।୯(ଅନିଲ ଦାସ)

ମୁଖ୍ୟମନ୍ତ୍ରୀଙ୍କ ବିବୃତିରେ ବିରୋଧୀଙ୍କୁ ଜନବିରୋଧୀ କହିବା, ସିଏମ୍‌ଓ ଏବଂ ୫-ଟି ସଚିବ ପ୍ରସଙ୍ଗକୁ ନେଇ ଉଭୟ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। ଶାସକ ଦଳର ମେଣ୍ଟାଲ ଡିଜଅର୍ଡର ମନ୍ତବ୍ୟକୁ ନେଇ ବିରୋଧୀ ଭାଜପା ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଶୂନ୍ୟକାଳ ପରେ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ମୁଲତବୀ ଘୋଷଣା କରାଯାଇଥିଲା।

ଗୁରୁବାର ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ସିଏମ୍‌ଓ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ବିବୃତିରେ କହିଲେ, ଅଭିଯୋଗ ଶୁଣିବାକୁ ସିଏମ୍‌ଓକୁ ଲୋକଙ୍କ ପାଖକୁ ପଠାଯାଇଛି। ବରଗଡ଼ର ଏକ ସଭାରେ ସମ୍ବଲପୁରୀ ଭାଷାରେ ସଚିବଙ୍କୁ ପଠାଇଥିବା କଥା କହିଲେ। ସିଏମ୍‌ଓ କହିଲେ କ'ଣ ଜଣେ ଅଫିସରଙ୍କୁ ବୁଝାଏ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଦରମା କାହିଁକି ନେବେ। କଲେଜ ପିଲାଙ୍କୁ ସଭାକୁ ବୋହିବାକୁ କ'ଣ ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଖର୍ଚ୍ଚ କଥା ଦେଲେ। ସଭା ପାଇଁ ଟେଣ୍ଟ ଲଗାଇବା, ଗାଡ଼ିରେ ଲୋକଙ୍କୁ ଆଣିବା ପାଇଁ କେତେ ଖର୍ଚ୍ଚ ହୋଇଛି ସେ କଥା କହିଲେ ନାହିଁ। ଜେ.ବି. ପଟ୍ଟନାୟକଙ୍କ ବେଳେ ଜଣେ ମନ୍ତ୍ରୀ ସୁପର ଚିଫ୍ ମିନିଷ୍ଟର ଥିଲେ। ଏବେ ଜଣେ ଅଫିସର ଅଛନ୍ତି। ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ଲୋୟର ପିଏମ୍‌ଜିରେ ଶିକ୍ଷକ, ଅଙ୍ଗନୱାଡି କର୍ମୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର କର୍ମଚାରୀ ଧାରଣାରେ ବସିଛନ୍ତି। ସେମାନଙ୍କ ପାଖକୁ କାହିଁକି ସିଏମ୍‌ଓ ଯାଉନାହାନ୍ତି। ଜରି ବିଛେଇବା, ଲୋକଙ୍କୁ ବୋହିବା, ମହିଳାମାନଙ୍କୁ ସଭାକୁ ଆଣିବାକୁ ମନ୍ତ୍ରୀ, ବିଧାୟକଙ୍କୁ କ'ଣ ମୁଖ୍ୟମନ୍ତ୍ରୀ କହିଥିଲେ। ବିରୋଧୀ ଦଳଙ୍କୁ ଜନବିରୋଧୀ କୁହାଯାଉଛି। ବିଶ୍ୱବିଦ୍ୟାଳୟରେ ବହୁ ପଦବୀ ଖାଲିପଡ଼ିଛି। ମନ୍ତ୍ରୀ କହିଲେ, କୋର୍ଟରେ ଷ୍ଟେ ଯୋଗୁ ନିଯୁକ୍ତି ଦିଆଯାଇପାରୁନି। ମନ୍ତ୍ରୀ ବୋଧେ ଜାଣିନାହାନ୍ତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟ ଷ୍ଟେ ଦେଇନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ।

ଶାସକ ଦଳ ସଭ୍ୟ ଅରୁଣ ସାହୁ ବିରୋଧୀଙ୍କ ଆକ୍ଷେପକୁ ନିଜସ୍ୱ ଶୈଳୀରେ ଜବାବ ଦେଇଥିଲେ । ସେ କହିଥିଲେ, ଜିରୋ ଆୱାର ୩୦ ମିନିଟ୍‌ରୁ ବିରୋଧୀ ଦଳଙ୍କୁ ୨୫ ମିନିଟ୍ ଦିଆଯାଉଛି। ବିରୋଧୀ ସଦସ୍ୟମାନେ ଜ୍ଞାନ ବିତରଣ କରୁଛନ୍ତି। ଏହା ଜ୍ଞାନ ବିତରଣ ସଭା ନୁହେଁ। ନିଜ ଜ୍ଞାନ ନିଜ ପାଖରେ ରଖନ୍ତୁ। ଲୋକମାନଙ୍କ ସମସ୍ୟାର ସମାଧାନ ପାଇଁ ଏଠି ଆଲୋଚନା ହେବା ଦରକାର। ବିରୋଧୀ ଆଣିଥିବା ସୁପର ଚିଫ୍ ମିନିଷ୍ଟର ମନ୍ତବ୍ୟକୁ ବିବରଣୀରୁ ବାଦ୍ ଦିଆଯାଉ। ୫-ଟି ଏକ ଚିନ୍ତାଧାରା। ଏତିକି କ'ଣ ବିରୋଧୀ ଦଳ ସଦସ୍ୟମାନେ ବୁଝିପାରୁନାହାନ୍ତି। ବିରୋଧୀ ଦଳଙ୍କୁ ଲକ୍ଷ୍ୟକରି କହିଲେ, ଆପଣମାନଙ୍କ ଜୀବନକାଳରେ ଯେତିକି କାମ ହୋଇ ନ ଥିଲା ୫-ଟି ଯୋଗୁ ତାହା ଶତ ପ୍ରତିଶତ ହୋଇଛି। ବିରୋଧୀ ଦଳଙ୍କ ମେଣ୍ଟାଲ ହେଲ୍‌ଥ ଭଲ ନାହିଁ। ସୁସ୍ଥ ମସ୍ତିଷ୍କ ନେଇ ଆସନ୍ତୁ। ମସ୍ତିଷ୍କ ଆଗ ଠିକ୍ କରନ୍ତୁ। ତା'ପରେ ଆଲୋଚନା କରନ୍ତୁ। ଅରୁଣଙ୍କଠାରୁ ଏହା ଶୁଣି ବିରୋଧୀ ଭାଜପା କୋପାନଳ। ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କଲେ। ବିବରଣୀରୁ ମେଣ୍ଟାଲ ହେଲ୍‌ଥ ଶବ୍ଦ ବାଦ୍ ଦିଆଯାଉ ବୋଲି ଦାବି କଲେ । ବାଚସ୍ପତି କହିଲେ, ଏହାକୁ ତର୍ଜମା କରିବି। ଭାଜପା ସଦସ୍ୟମାନେ ନିଜ ଦାବିରୁ ହଟି ନ ଥିଲେ। ହଟ୍ଟଗୋଳ ଦେଖି ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ୧୨ଟା ୧୨ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ଅପରାହ୍ନ ଅଧିବେଶନରେ ମଧ୍ୟ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ଯୋଗୁ ଗୃହକୁ ସନ୍ଧ୍ୟା ୬ଟା ଯାଏ ବିଭିନ୍ନ ପର୍ଯ୍ୟାୟରେ ମୁଲତବୀ ଘୋଷଣା କରାଯାଇଥିଲା। ପାଟିତୁଣ୍ଡ ମଧ୍ୟରେ ବିଧାନସଭାରେ ଗୃହ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ପାରିତ ହୋଇଥିଲା।

"ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। -ଶ୍ରୀମା

# ପ୍ରାକୃତିକ ବିପର୍ଯ୍ୟୟ ଓ ମହିଳା




ଜ୍ୟୋତି ରୟ ଚୌଧୁରୀ
ସହକାରୀ ପ୍ରାଧ୍ୟାପକ, ଅର୍ଥନୀତି (ଶ୍ରେମ୍ ବିଶ୍ୱବିଦ୍ୟାଳୟ)

ପ୍ରାର୍ଥନା ଅଗ୍ରୱାଲ ଗୋଏଲ
ସହକାରୀ ପ୍ରାଧ୍ୟାପକ, ଅର୍ଥନୀତି (ଗୁରୁ ଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ)

ପ୍ରତିବର୍ଷ ଭାରତକୁ ଦୁଃଖ ଦେଉଥିବା ଅନେକ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ବନ୍ୟା ସର୍ବାଧିକ ଗୁରୁତ୍ୱ ରଖିଛି। ପାଖାପାଖି ୪ କୋଟି ହେକ୍ଟର ଜମି ବନ୍ୟାପ୍ରବଣ। ତାପମାତ୍ରା ବୃଦ୍ଧି ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତା ଓ ଘନଘନତା ବୃଦ୍ଧି କରୁଥିବାବେଳେ ଭାରତରେ ବନ୍ୟା ସବୁଠୁ ପ୍ରଳୟଙ୍କରୀ ପାଲଟିଛି। ତୁଳନାତ୍ମକ ଭାବେ ବାତ୍ୟାର ତୀବ୍ରତା ମଧ୍ୟ ବୃଦ୍ଧି ପାଇଛି। ବନ୍ୟାରେ ସର୍ବାଧିକ ଲୋକଙ୍କ ମୃତ୍ୟୁ ଘଟୁଛି, ଭାରତରେ ଏବଂ ଏସିଆରେ ଏହା ସବୁଠୁ ବେଶି। ବନ୍ୟା ଯୋଗୁ ଆର୍ଥିକ କ୍ଷତି ୨୦୧୩ରେ ୧.୪ ବିଲିୟନ ଡଲାର ଥିବାବେଳେ ୨୦୨୦ରେ ଏହା ୧୧.୫ ବିଲିୟନରେ ପହଞ୍ଚିଛି। ଏହି ବୃଦ୍ଧି ଅନେକ ଗ୍ରାମୀଣ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି, ଯେଉଁମାନେ ମୋଟ ଜନସଂଖ୍ୟାର ୬୫%। ବିଶେଷକରି ଅଧିକ ସଂଖ୍ୟକ ମହିଳା ଏହାର ପୀଡ଼ା ଭୋଗିଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଭାରତର ମହିଳାମାନେ ଅତ୍ୟଧିକ ପ୍ରଭାବିତ ହେବାର ଅନେକ କାରଣ ଅଛି। କୃଷିକ୍ଷେତ୍ରର ଶ୍ରମଶକ୍ତିର ସିଂହଭାଗ ହେଉଛନ୍ତି ମହିଳା। ୨୦୨୧-୨୨ରେ କାମକରିବା ପାଇଁ ଯୋଗ୍ୟ ୫୭.୩% ମହିଳା କୃଷିରେ କାର୍ଯ୍ୟରତ ଥିଲେ ଏବଂ ଏହା ତୁଳନାରେ ପୁରୁଷ ଥିଲେ ୩୪.୪%। ରୋଜଗାର କ୍ଷେତ୍ରରେ ଅଣ କୃଷି ସେକ୍ଟରଗୁଡ଼ିକରେ ଏ ଭାଗାଭାଗିରେ ପରିବର୍ତ୍ତନ ସତ୍ତ୍ୱେ ଅନେକ ଗ୍ରାମୀଣ ମହିଳା ଏହିସବୁ ସୁଯୋଗଗୁଡ଼ିକ ଲାଭ ଉଠାଇବାରେ ସକ୍ଷମ ହୋଇନାହାନ୍ତି। ସୀମିତ ସମ୍ବଳ ଓ ଗତିଶୀଳତାରେ କଟକଣା ଯୋଗୁ ଏହା ହୋଇପାରିନାହିଁ। ପରିବାରର ଫାର୍ମରେ କୃଷି ଶ୍ରମିକ ଭାବେ କାମକରି ସେମାନେ ବନ୍ୟା ଏବଂ ଅନ୍ୟ ଚରମ ପାଗ ଯୋଗୁ ସୃଷ୍ଟି ହେଉଥିବା ଆର୍ଥିକ ଅସ୍ଥିରତା ଜନିତ କ୍ଷତିର ସମ୍ମୁଖୀନ ହେଉଛନ୍ତି। ପରିବାରର ଦାୟିତ୍ୱ ସହ ପାରମ୍ପରିକ ସାଂସ୍କୃତିକ ପ୍ରଥା ଏବଂ ପୁରୁଷପ୍ରଧାନ ସାମାଜିକ ନୀତିଗୁଡ଼ିକର କଟକଣା ସବୁ ମହିଳାମାନଙ୍କୁ ଅଣକୃଷି କ୍ଷେତ୍ରର ରୋଜଗାର ସମେତ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାରେ ବାଧା ସୃଷ୍ଟି କରୁଛି। ଏଥିପାଇଁ ପୁରୁଷଙ୍କ ତୁଳନାରେ ମହିଳାମାନେ ବନ୍ୟାରେ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ ସେମାନଙ୍କର ଅଧିକ ମୃତ୍ୟୁ ହେଉଛି ଏବଂ ରିଲିଫ ବ୍ୟବସ୍ଥାରେ କମ୍ ସୁବିଧା ପାଉଛନ୍ତି। ଏହାସହ ସେମାନଙ୍କ ଜୀବନ ଜୀବିକା ପ୍ରତି ହଠାତ୍ ବିପଦ ଦେଖାଦେଉଛି। ଯେକୌଣସି ଏକ ପ୍ରାକୃତିକ ବିପର୍ଯ୍ୟୟରେ ମହିଳାମାନଙ୍କ ପ୍ରତି ଅଧିକ ହିଂସାର ଆଶଙ୍କା ରହୁଛି। ଏକ ବୈଶ୍ୱିକ ବ୍ୟବସ୍ଥାଗତ ସମୀକ୍ଷାରୁ ଜଣାପଡ଼ିଛି ଯେ, ସାରା ବିଶ୍ୱରେ ଏଭଳି ପରିସ୍ଥିତିରେ ବଳାତ୍କାର, ଯୌନ ନିର୍ଯାତନା ଏବଂ ମାନବ ଚାଲାଣ ବୃଦ୍ଧି ପାଇଛି। ୨୦୦୫ର ପ୍ରଳୟଙ୍କରୀ ଝଡ଼ କାର୍ଟିନା ପରବର୍ତ୍ତୀ ମାସଗୁଡ଼ିକରେ ଦକ୍ଷିଣ ମିସିସିପିରେ ଇଣ୍ଟିମେଟ ପାର୍ଟନର ଭାଓଲେନ୍ସ ବା ଅନ୍ତରଙ୍ଗ ସମ୍ପର୍କ ହିଂସା (ଆଇପିଭି)ରେ ଅଧିକ ପ୍ରତିଶତ ମହିଳା ଶିକାର ହୋଇଥିଲେ। ଏହା ୩୩.୬%ରୁ ବୃଦ୍ଧି ପାଇ ୪୫.୨%ରେ ପହଞ୍ଚିଥିଲା। ଅସ୍ଥାୟୀ ଗଣ ଆଶ୍ରୟସ୍ଥଳଗୁଡ଼ିକରେ ଥିବା କମ୍ ଆୟ ବର୍ଗର ମହିଳାମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ତଥା ସେମାନଙ୍କ ପିଲାମାନଙ୍କ ପାଇଁ ଆଶ୍ରୟସ୍ଥଳୀକୁ ଅସୁରକ୍ଷିତ ମଣିଥିଲେ। ସେହିପରି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍) ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ୨୦୦୪ ସୁନାମି ପରେ ଭାରତରେ ୪ଟି ରାଜ୍ୟରେ ଆଇପିଭି ବୃଦ୍ଧି ପାଇଛି। ତାମିଲନାଡୁରେ ଶାରୀରିକ ଏବଂ ଯୌନ ହିଂସା ଯଥାକ୍ରମେ ୬୧% ଓ ୨୩୨% ବୃଦ୍ଧି ପାଇଥିବାବେଳେ କର୍ଣ୍ଣାଟକରେ ଭାବଗତ ହିଂସା ୧୨୨% ବଢ଼ିଛି। ଅଧିକନ୍ତୁ, ୨୦୧୦ରୁ ୨୦୧୯ ମଧ୍ୟରେ ବନ୍ୟା ବିହାରରେ ଅଧା ମିଲିୟନ ଘରକୁ କ୍ଷତି କରିଥିଲା। ଫଳରେ ଲୋକମାନଙ୍କୁ ଅସ୍ଥାୟୀ କ୍ୟାମ୍ପକୁ ଯିବାକୁ ପଡ଼ିଥିଲା, ଯେଉଁଠି ମହିଳାମାନେ ବାଚନିକ ଓ ଯୌନ ନିର୍ଯାତନାର ସମ୍ମୁଖୀନ ହୋଇଥିଲେ।

ମହିଳାଙ୍କ ପ୍ରତି ହେଉଥିବା ହିଂସାର ମୂଳ କାରଣ ରହିଛି ସାମାଜିକ ଓ ବ୍ୟବସ୍ଥାଗତ ସମସ୍ୟାରେ। ମହିଳାଙ୍କ ନିମ୍ନ ସାମାଜିକ ଅର୍ଥନୈତିକ ସ୍ଥିତି, ସଂସାଧନ ଆବଣ୍ଟନରେ ଲିଙ୍ଗଗତ ଭେଦଭାବ, ଅସୁରକ୍ଷିତ ପରିବେଶ ଏବଂ ସହାୟତା ସେବାର ସୀମିତ ଉପଲବ୍ଧ ହିଁ ହିଂସାର କାରଣ ହେଉଛି। ଏହିସବୁ ସମସ୍ୟା ପ୍ରାକୃତିକ ବିପର୍ଯ୍ୟୟରେ ବଢ଼ିବାର ସମ୍ଭାବନା ଅଧିକ। ପୂର୍ବ ଅପେକ୍ଷା ମହିଳାମାନଙ୍କୁ ଅଧିକ ବାଧା ଦିଆଯାଉଛି। ସାମାଜିକ ତଥା ସାଂସ୍କୃତିକ ପ୍ରତିବନ୍ଧକ ଅଣ-କୃଷି ନିଯୁକ୍ତି କ୍ଷେତ୍ରକୁ ମହିଳାମାନେ ପ୍ରବେଶ କରିବାରେ ବାଧକ ସାଜୁଛି। ସେମାନଙ୍କୁ ମଧ୍ୟ ଅର୍ଥନୈତିକ ନିଷ୍ପତ୍ତି ନେବାରେ ବାଧା ଦେଉଛି। ବିପର୍ଯ୍ୟୟ କେବଳ ଆଇପିଭି ବୃଦ୍ଧି କରେ ନାହିଁ ବରଂ ଜନସମୁଦାୟକୁ ଅସୁରକ୍ଷିତ କରିଥାଏ। ମୁଖ୍ୟତଃ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେତୁ କିଶୋରୀ ବାଳିକାମାନେ ବିପର୍ଯ୍ୟୟରେ ଯୌନ ନିର୍ଯାତନା ଓ ଶୋଷଣର ଶିକାର ହେବା ଆଶଙ୍କା ଅଧିକ। ବିସ୍ଥାପିତ ଲୋକଙ୍କୁ ସେବା ଦେଉଥିବା ଅସ୍ଥାୟୀ ଶିବିରଗୁଡ଼ିକ ପ୍ରାୟତଃ ଅପରାଧରେ ପରିପୂର୍ଣ୍ଣ। ପୁରୁଷମାନେ ଖାଦ୍ୟ, ଜଳ, ଆଶ୍ରୟସ୍ଥଳ ଭଳି ମୌଳିକ ଆବଶ୍ୟକତା ବଦଳରେ ଯୌନ ଅନୁଗ୍ରହ ଖୋଜନ୍ତି ଏବଂ ମହିଳାମାନେ ବହୁସମୟରେ ବଳାତ୍କାର ଓ ଯୌନ ଶୋଷଣର ଶିକାର ହୁଅନ୍ତି।



ବନ୍ୟା ଓ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ଦୀର୍ଘକାଳୀନ ପ୍ରଭାବ ସମାନ ଭାବରେ ବିନାଶକାରୀ। ବିପର୍ଯ୍ୟୟ ଦ୍ୱାରା ସୃଷ୍ଟି ହୋଇଥିବା ଆର୍ଥିକ କ୍ଷତି ସାମାଜିକ ତଥା ଅର୍ଥନୈତିକ ଦୃଷ୍ଟିରୁ ବଞ୍ଚିତ ମହିଳାଙ୍କ ପାଇଁ ନକାରାତ୍ମକ ଅଭିବୃଦ୍ଧିର ପରିବେଶ ସୃଷ୍ଟି କରିପାରେ। ପ୍ରାକୃତିକ ବିପର୍ଯ୍ୟୟ ଯେମିତି ଭାରତୀୟ ମହିଳାଙ୍କ ଅତ୍ୟଧିକ କ୍ଷତି ନ କରିବ ସେଥିପାଇଁ ସରକାର ଲିଙ୍ଗଭିତ୍ତିକ ହିଂସା ରୋକିବା ଲାଗି ଆଇନ ପ୍ରଣୟନ କରିବା ଉଚିତ। ମଦ ନିଷେଧ ଓ ପୋଲିସର ପ୍ରତିକ୍ରିୟାଶୀଳତାକୁ ଦୃଢ କରିବାକୁ ହେବ। ପୋଲିସ ଷ୍ଟେଶନରେ ମହିଳା ଅଧିକାରୀଙ୍କୁ ଅଧିକ ନିଯୁକ୍ତ କରିବାକୁ ପଡ଼ିବ। ମହିଳାଙ୍କୁ ଅଧିକ ଅର୍ଥନୈତିକ ସ୍ୱାଧୀନତା ସୁନିଶ୍ଚିତ କରିବା ଜରୁରୀ। ଏହାସହ ନୀତି ନିର୍ଦ୍ଧାରକମାନେ ଅନ୍ୟ ଭାଗୀଦାରିଙ୍କ ସହ କାର୍ଯ୍ୟ କରି ମହିଳାମାନେ କିଭଳି ଦୁଗ୍ଧ ଶିଳ୍ପ ତଥା ଅନ୍ୟାନ୍ୟ କୃଷି ସହ ଜଡ଼ିତ କ୍ଷେତ୍ରଗୁଡ଼ିକରେ ବିକଳ୍ପ ନିଯୁକ୍ତି ସୁଯୋଗ ପାଇପାରିବେ ତାହା ନିଶ୍ଚିତ କରିପାରିବେ। ତେବେ ଅଧିକାରୀମାନେ ଆଶ୍ରୟସ୍ଥଳୀ ଚଳାଇବାରେ ସାହାଯ୍ୟ କରିବା ପାଇଁ ମହିଳାମାନଙ୍କୁ ନିଯୁକ୍ତ କରିବା ସହ ସେମାନଙ୍କୁ ବିପର୍ଯ୍ୟୟ ଯୋଜନାରେ ସାମିଲ କରିବା ଉଚିତ।

ଅନ୍ତର୍ଜାତୀୟ ଉଦ୍ଧାର କମିଟି ସ୍ଥାନୀୟ ସରକାର, ଏନ୍‌ଜିଓ ଏବଂ ବ୍ୟକ୍ତିବିଶେଷ ବିଶେଷକରି ମହିଳାମାନଙ୍କ ସହ ଏକାଠି କାମ କରିବା ଦରକାର। ପ୍ରାକୃତିକ ବିପର୍ଯ୍ୟୟ ପୁନରୁଦ୍ଧାର ସମୟରେ ଲିଙ୍ଗଭିତ୍ତିକ ଭେଦଭାବ ଏବଂ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ରଣନୀତି ବିକାଶ କରିବା ଆବଶ୍ୟକ। ପ୍ରଭାବିତ ମହିଳାଙ୍କୁ ଯଦିଓ ରିଲିଫ ପାଣ୍ଠି ସିଧାସଳଖ ଯୋଗାଇଦିଆଯାଉଛି ସରକାର ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ଦକ୍ଷତା ବିକାଶ ଉପରେ ଧ୍ୟାନଦେଇ ସେମାନଙ୍କୁ ସଶକ୍ତ କରିପାରିବେ। ଲିବ୍ୟାରେ ସାମ୍ପ୍ରତିକ ବିଧ୍ୱଂସକ ବନ୍ୟାରେ ଅନେକ ହଜାର ଲୋକ ପ୍ରାଣ ହରାଇଛନ୍ତି ଏବଂ ହଜାର ହଜାର ଲୋକ ନିଜ ଘର ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଚରମ ପାଣିପାଗ ଦ୍ୱାରା ସୃଷ୍ଟି ହେଉଥିବା ବିଶ୍ୱ ବିପଦକୁ ଏହା ଦର୍ଶାଉଛି। ଭାରତ ଏବଂ ଅନ୍ୟ ଦେଶଗୁଡ଼ିକରେ ଏଭଳି ବିପର୍ଯ୍ୟୟର ପ୍ରାରମ୍ଭିକ କ୍ଷତିକୁ ସୀମିତ ରଖିବା ଓ ବିସ୍ଥାପନ ଏବଂ ସ୍ଥାନାନ୍ତର ବିପଦକୁ ହ୍ରାସ କରିବା ଲାଗି ପଦକ୍ଷେପ ନିଆଯିବା ଦରକାର। ସମାଜରେ ପୂର୍ବରୁ ରହିଆସିଥିବା ଲିଙ୍ଗଗତ ଅସମାନତା ଏବଂ ହିଂସା ଦୂରକରିବା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ବିପର୍ଯ୍ୟୟର ଜଟିଳ ସ୍ଥିତିକୁ ସାମ୍ନାକରି ମହିଳାମାନେ ପୂର୍ବ ସ୍ଥିତିକୁ ଫେରିବା ଲାଗି ସକ୍ଷମ ହୋଇଥିବାରୁ ସମାଜ ମଧ୍ୟ ସେଭଳି ଅଧିକ ସକ୍ଷମ ହେବା ଉଚିତ।

# ଭାଗବତର ଭବିଷ୍ୟ ବାର୍ତ୍ତା



ବିମଳ ପ୍ରସନ୍ନ ଦାସ

ସମୟର ଆବର୍ତ୍ତନରେ ଯେଉଁ ଚାରି ଯୁଗର ଆଗମନ ଏବଂ ଆଚାର ବର୍ଣ୍ଣିତ ହୋଇଛି, ତା' ହେଉଛି ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି। ପ୍ରଥମ ତିନୋଟି ଯୁଗରେ ସତ୍ୟ, ଧର୍ମ, ପବିତ୍ରତା, ଦୟା, କ୍ଷମା ପ୍ରଭୃତି ସମୁନ୍ନତ ଚେତନାର ଆବୃତ୍ତି ରହିଥିବାବେଳେ କଳି ଯୁଗର ଆଗମନରେ ଏ ସବୁ ନଷ୍ଟ ଭ୍ରଷ୍ଟ ହୋଇଯିବ। ହଜାର ହଜାର ବର୍ଷ ପୂର୍ବେ ଆମର ମୁନି ଋଷିମାନେ ଏହାର ପୂର୍ବାନୁମାନ କରିନେଇ ପୁରାଣରେ ତାକୁ ଲିପିବଦ୍ଧ କରିଥିଲେ। ପଞ୍ଚସଖା ଯୁଗର ମହାପୁରୁଷ ଯଶୋବନ୍ତ ଏ ତଥ୍ୟ, ତାଙ୍କ ରଚିତ 'ଭାଗବତ ଭଜନ ମାଳା'ରେ ଉଲ୍ଲେଖ କରିଛନ୍ତି, ତା ହେଉଛି – ''ଦ୍ୱାଦଶ ସ୍କନ୍ଧରେ ଆଗତ ଭବିଷ୍ୟ ପରୀକ୍ଷିତ ଆଗେ ଶୁକ କହିଲା – କହେ ଯଶୋବନ୍ତ ସେ ପାଦେ ଶରଣ ଅକାରଣେ ମୋର ଜନମ ଗଲା।''

ଶାପଗ୍ରସ୍ତ ମହାରାଜ ପରୀକ୍ଷିତ ପବିତ୍ର ଗଙ୍ଗାକୂଳରେ ମହାମୁନି ଶୁକଙ୍କ ଶରଣାପନ୍ନ ହୋଇ ମୁକ୍ତିର ଉପାୟ ଜିଜ୍ଞାସା କରିଛନ୍ତି। କାରଣ ସାତଦିନ ମଧ୍ୟରେ ସର୍ପ ଦଂଶନରେ ତାଙ୍କର ମୃତ୍ୟୁ ଅନିବାର୍ଯ୍ୟ। ତେଣୁ ଶୁକ ମୁନିଙ୍କୁ ଯେଉଁ ତିନୋଟ ପ୍ରଶ୍ନ ପଚାରିଲେ, ତାହା ହେଉଛି : (୧) କହି ଜୀବନ ଯିବା ବେଳେ – କିବା ସାଧିବି ମହୀତଳେ, (୨) କିବା ଶୁଣିବି କର୍ଣ୍ଣପଥେ – ସ୍ମରଣ କି କରିବି ଚିତ୍ତେ, (୩) କିବା କରିବି ଉଚ୍ଚାରଣ – ଭଜିବି କାହାର ଚରଣ, ଏ ତିନୋଟ ପ୍ରଶ୍ନର ଉତ୍ତର ମହାମୁନି ଶୁକ ଭାଦ୍ରବ ନବମୀଠାରୁ ପୂର୍ଣ୍ଣମୀ ମଧ୍ୟରେ (ଇନ୍ଦୁ ପୂର୍ଣ୍ଣମୀ – ଭାଗବତ ଜନ୍ମ) ମହାରାଜ ପରୀକ୍ଷିତଙ୍କୁ ଯେଉଁ ଆତ୍ମଜ୍ଞାନ ଶୁଣାଇଥିଲେ ତାହା ହିଁ ଶ୍ରୀମଦ ଭାଗବତ ମହାପୁରାଣ। ''ପରମ ଶାସ୍ତ୍ର ଭାଗବତ– ଅଭ୍ୟାସ କରୁଥିବ ନିତ୍ୟ''

ମହାମୁନି ଶୁକଦେବ କହିଥିଲେ, ଯେବେ ଘୋର କଳିଯୁଗ ଘନେଇ ଆସିବ, ସେ ସମୟରେ ସତ୍ୟ, ଧର୍ମ, ପବିତ୍ରତା, ଦୟା, କ୍ଷମା, ଆୟୁ, ଶକ୍ତି ଇତ୍ୟାଦି ସବୁ ନଷ୍ଟ ଭ୍ରଷ୍ଟ ହୋଇଯିବ। ସତ୍ୟବାଦୀ ଅଧ୍ୟାତ୍ମବାଦୀ ଧର୍ମ ପରାୟଣ ବ୍ୟକ୍ତିଗଣ ଅନାଦର ଓ ଅବହେଳାର କବଳିତ ହୋଇ ଅନାହାରରେ ମୃତ୍ୟୁବରଣ କରିବେ। ସେମାନେ ସକଳ ଦୁଃଖ, କଷ୍ଟ ଓ ଯାତନା ଭୋଗ କରିବେ। ମହାମୁନି ଶୁକ ମହାରାଜ ପରୀକ୍ଷିତଙ୍କୁ ଆଗତ ଭବିଷ୍ୟତର ସ୍ପଷ୍ଟ ସୂଚନା ଦେଇ କହିଲେ– ''ଯେଉଁ ଜନର ଧନ ଥିବ– ସଂସାରେ ବଡ଼ ସେ ହୋଇବ। ସର୍ବଗୁଣ ଯେ ତାଙ୍କର ପୁଣ – ଧନ ନ୍ୟାୟ ଯେ ବିଚାରଣ। ବଳବନ୍ତ ଯେ ହୋଇବ ସେହି – ତା' ବିନା କେହି କିଛି ନୋହି। ଯେ ଜନ ନିର୍ଧନ ହୋଇବ – ତାକୁ ସହାୟ କେ ନୋହିବ। ନ୍ୟାୟରେ ସେ ଲୋକ ହାରିବ – ସଭାରେ ନିନ୍ଦିତ ହୋଇବ।''

ଯାହା ପାଖରେ କେବଳ ଧନ ଥିବ ସେ କୁଳୀନ, ସଦାଚାରୀ, ସଦ୍‌ଗୁଣ ସଂପନ୍ନ ଭାବରେ ପ୍ରଖ୍ୟାତ ହେବ। ଯିଏ ବଳବନ୍ତ ତା' ହାତରେ ଧର୍ମ ଓ ନ୍ୟାୟ ରହିବ। ବିବାହ ଆଦି ଶୁଭକାର୍ଯ୍ୟ ବିବେକାନୁମୋଦିତ ହେବନାହିଁ। ଯୁବତୀ ଯୁବକଙ୍କ ରୁଚି ଉପରେ ବିବାହ ଇତ୍ୟାଦି ଶୁଭକାର୍ଯ୍ୟ ସଂପାଦିତ ହେବ। ଛନ୍ଦ କପଟ କହିପାରୁଥିବା ବ୍ୟକ୍ତି ସବୁରି ଦୃଷ୍ଟିରେ ପାରଙ୍ଗମ ରୂପେ ବିବେଚିତ ହେବେ। ଶାଳୀନତା, ସଂଯମ ପରିବର୍ତ୍ତେ କେବଳ ସମ୍ଭୋଗ ହିଁ ଶ୍ରେଷ୍ଠତା ଲାଭ କରିବ। ଅବଶ୍ୟ ଯଜ୍ଞ ପର୍ବତ ଧାରୀ ବ୍ୟକ୍ତିଙ୍କୁ ବ୍ରାହ୍ମଣ କୁହାଯିବ, କିନ୍ତୁ ଏମାନଙ୍କର ପ୍ରକୃତ ବ୍ରାହ୍ମଣର ଗୁଣ ନ ଥିବ। ଯଥା ''ବ୍ରହ୍ମ ଜାନାତି ଇତି – ବ୍ରାହ୍ମଣ୍ୟ – ଏ ସଂଜ୍ଞା ଅବାନ୍ତର ହୋଇଯିବ। କଠଉ, କମଣ୍ଡଳୁ, ଦଣ୍ଡ ଓ ଗୈରିକ ବସ୍ତ୍ର ପରିହିତ ବ୍ୟକ୍ତି କାମକୁ ମାତ୍ର ବ୍ରହ୍ମଚାରୀ ଓ ସନ୍ୟାସୀ ଓ ଶେଷରେ ଭଣ୍ଡ ଭାବରେ ଦଣ୍ଡ ଭୋଗିବେ। ଏସବୁ ପୂର୍ବାନୁମାନର ନଗ୍ନ ବାସ୍ତବ ରୂପ ବର୍ତ୍ତମାନ ନିତ୍ୟ ନୈମିତିକ ଘଟଣା ଯାହା ଗଣମାଧ୍ୟମ ପ୍ରତିଦିନ ପରିବେଷଣ କରୁଛନ୍ତି। ଏସବୁର ତାଲିକା ଏତେ ଦୀର୍ଘ ଯେ ଗୋଟିଏ ପ୍ରବନ୍ଧର କ୍ଷୁଦ୍ର କଳେବର ମଧ୍ୟରେ ତାକୁ ଉଲ୍ଲେଖ କରିବା ଅସମ୍ଭବ। ଏମାନେ ଯୁଗ ଯୁଗର ସଂସ୍କୃତି ଓ ଧ୍ୱଂସ କରିବେ ଓ କରୁଛନ୍ତି। ପବିତ୍ର ନ୍ୟାୟାଳୟରେ ଲାଞ୍ଚ ଓ ମିଛର ପ୍ରାବଲ୍ୟ। କେବଳ ଧନ ବ୍ୟୟ କରି ବ୍ୟକ୍ତି ବିଜୟୀ ହେବେ। ଆଜି ତାହା ହିଁ ନିଷ୍ଠୁର ବାସ୍ତବତା। ଅଧ୍ୟାତ୍ମବାଦୀ କବି ଗଙ୍ଗାଧର ମଧ୍ୟ ଲେଖିଛନ୍ତି। ଧନେଶ୍ରିତ ହୋଇଥାଏ। ଯାହାର ବିଚାର – ତାକୁ ଲୋକେ ବୋଲୁଥାନ୍ତି ଧର୍ମାବତାର। ଅର୍ଥାତ୍ ନ୍ୟାୟ ବ୍ୟବସ୍ଥା ନ୍ୟାୟୋଚିତ ହେବନାହିଁ। କଥା କହିପାରୁଥିବା ଲୋକ ପଣ୍ଡିତ ବୋଲାଇବେ। ଅହଂକାରୀ, ଗର୍ବୀ ଲୋକଙ୍କୁ ସମାଜ ସାଧୁର ମାନ୍ୟତା ଦେବ। ଗଙ୍ଗା, ଗୋମତୀ, ଯମୁନା, ପିତା, ମାତା ଓ ଗୁରୁଜନମାନଙ୍କ ପ୍ରତି ସମ୍ମାନ ରହିବ ନାହିଁ। ବଡ଼ ପାଟିଆ ହିଁ ସତ୍ୟବାଦୀ ହେବେ। ଯଶ, ମାନ, ପ୍ରତିପତ୍ତି ଓ ପ୍ରତିଷ୍ଠା ଲୋଭରେ ମଣିଷ ସତ୍ୟ ଓ ଧର୍ମକୁ ରଲୁ କରିଦେବ। ତେଣୁ ଶୁକ ମୁନି କହିଛନ୍ତି। ''ଏ ବଡ଼ ଲୋକଙ୍କର ମତ – ଅଳପ ଜନେ ବିପରୀତ ଯେଣୁ ଏ ତେଜେ ବଳବନ୍ତ। – ଏହାଙ୍କ କର୍ମ ବିପରୀତ।''

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ଶିକ୍ଷକଙ୍କ ନାମ ଭେରାରାମ ଭାଖର। ଲୋକେ ତାଙ୍କୁ ଶ୍ରଦ୍ଧାରେ ଡାକୁଛନ୍ତି ଗଛବାଲା ମାଷ୍ଟର। ସେ ୪ ଲକ୍ଷ ଗଛ ଲଗାଇ ରାଜସ୍ଥାନର ଶୁଷ୍କ ଅଞ୍ଚଳକୁ ସବୁଜ କରିସାରିଲେଣି। ସେ ଦୀର୍ଘ ୨୪ ବର୍ଷ ମଧ୍ୟରେ ଏହି ସଂଖ୍ୟକ ଗଛ ଲଗାଇ ସାରିଛନ୍ତି। ଭେରାରାମ ଗଛ ଲଗାଇବା ପରେ ନିଜେ ତାହାର ଜଗାରଖା କରୁଛନ୍ତି ଏବଂ ପ୍ରତିବର୍ଷ ଗୋଟିଏ ମାସର ଦରମା ଏଥିରେ ଖର୍ଚ୍ଚ କରୁଛନ୍ତି। ସେ କଲେଜରେ ପଢୁଥିବା ସମୟରେ ସାଙ୍ଗଙ୍କ ସହ ମିଶି ପ୍ରଥମେ ୫୦ଟି ଗଛ ଲଗାଇଥିଲେ ଓ ସେବେଠାରୁ ସେ ଗଛଲଗା କାମ ଜାରି ରଖିଛନ୍ତି। ଶିକ୍ଷା ଶେଷକରି ସେ ଶିକ୍ଷକଭାବେ ଯୋଗଦେବା ପରେ ମଧ୍ୟ ଗଛ ଲଗାଇ ଆସୁଛନ୍ତି। ଭେରାରାମ ବିଭିନ୍ନ ସ୍କୁଲ ଓ ଗାଁର ସର୍ବସାଧାରଣ ଜମିରେ ଏହି ସବୁ ଗଛ ଲଗାଉଛନ୍ତି। ସେ ବୃକ୍ଷରୋପଣ ସମ୍ପର୍କରେ ଛୋଟ ଛୋଟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏହା ବ୍ୟତୀତ ଲୋକମାନଙ୍କୁ ମାଗଣାରେ ଗଛ ଦେଇ ତାଙ୍କ ସବୁଜ ଅଭିଯାନରେ ସାମିଲ କରୁଛନ୍ତି। କେବଳ ବୃକ୍ଷରୋପଣ ନୁହେଁ, ସେ ପଶୁପକ୍ଷୀ ସଂରକ୍ଷଣରେ ବି ସମୟ ଦେଉଛନ୍ତି। ଏବେ ସୁଦ୍ଧା ସେ ୫୦୦ରୁ ଅଧିକ ବନ୍ୟପଶୁଙ୍କୁ ଉଦ୍ଧାର କରିସାରିଲେଣି। ପରିବେଶ ଲାଗି ସମର୍ପିତ ଭେରାରାମ ସମାଜର ଜଣେ ପ୍ରକୃତ ହିରୋ ଓ ସମାଜ ଲାଗି ପ୍ରେରଣା।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୯୮

- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ଓ ସ୍ୱାଧୀନତା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ।
- ଏକ ଜମି ଦୁର୍ନୀତି ମାମଲାରେ ଅଭିଯୁକ୍ତ ମଧ୍ୟପ୍ରଦେଶର ଦୁଇଜଣ ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ପାଇଁ ରାଜ୍ୟପାଳଙ୍କ ନିଷ୍ପତ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | | | |
| | 2 | | 3 | | | | | |
| 7 | | | | | 9 | | | 6 |
| | | | 6 | 5 | 4 | 7 | | |
| | | 1 | 9 | | | | 5 | |
| | | 3 | | | 2 | | | |
| | | | 2 | | 7 | | | |
| | 8 | 2 | | | | | | |
| 9 | 6 | | 1 | | 5 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 8 | 9 | 2 | 4 | 3 | 6 | 1 |
| 2 | 4 | 1 | 3 | 6 | 8 | 7 | 9 | 5 |
| 6 | 9 | 3 | 7 | 1 | 5 | 2 | 4 | 8 |
| 8 | 2 | 5 | 4 | 7 | 6 | 9 | 1 | 3 |
| 9 | 6 | 7 | 5 | 3 | 1 | 8 | 2 | 4 |
| 3 | 1 | 4 | 8 | 9 | 2 | 6 | 5 | 7 |
| 5 | 8 | 9 | 2 | 4 | 3 | 1 | 7 | 6 |
| 4 | 7 | 6 | 1 | 8 | 9 | 5 | 3 | 2 |
| 1 | 3 | 2 | 6 | 5 | 7 | 4 | 8 | 9 |

ଗତକାଲିର ଉତ୍ତର

# ସ୍ୱଚ୍ଛ ପୃଥିବୀ ଆଡ଼କୁ ପାଦେ



ସୁଜାତା ପ୍ରହରାଜ

ଗୋଟିଏ ଦେଶର ସାମଗ୍ରିକ ବିକାଶ ପାଇଁ ଶକ୍ତିର ଭୂମିକା ସର୍ବାଧିକ। ମଧ୍ୟପ୍ରାଚ୍ୟର ଛୋଟଛୋଟ ଦେଶଗୁଡ଼ିକ ଏହାର ଜ୍ୱଳନ୍ତ ଉଦାହରଣ। ଭାରତ ପରି ଏକ ବିକାଶଶୀଳ ଦେଶରେ ଶକ୍ତିକ୍ଷେତ୍ରରେ ଅନେକ ବିରୋଧାଭାସ ଦେଖିବାକୁ ମିଳେ। ଶକ୍ତି ଉତ୍ପାଦନରେ ଭାରତ ବହୁ ପଛରେ କିନ୍ତୁ ଶକ୍ତି ବ୍ୟବହାରରେ ବହୁତ ଆଗରେ। ଏଠାରେ ଅର୍ଦ୍ଧାଧିକ ଲୋକ ଜାଳେଣି ପାଇଁ ରନ୍ଧନ ଗ୍ୟାସ୍ କିଣିବାକୁ ସକ୍ଷମ ନ ହୋଇ କାଠ, କୋଇଲା ବ୍ୟବହାର କରୁଥିବା ବେଳେ ଧନୀକଶ୍ରେଣୀର ଲୋକଙ୍କ ଘରେ ଯାନବାହନର ଧାଡ଼ି ଲାଗିଥାଏ। ଭାରତୀୟ ଉଦ୍ୟୋଗ ଆଜି ମଧ୍ୟ କୋଇଲା ଉପରେ ଅତିଶୟ ନିର୍ଭରଶୀଳ। ଜୀବାଶ୍ମ ଇନ୍ଧନର ବ୍ୟାପକ ବ୍ୟବହାର ଯୋଗୁ ଦେଶ ସମୁଦାୟ ଇନ୍ଧନ ତୈଳ ଚାହିଦାର ୮୪% ଓ ପ୍ରାକୃତିକ ଗ୍ୟାସ୍ ଚାହିଦାର ୫୬% ଆମଦାନୀ କରିବାକୁ ବାଧ୍ୟ, ଯାହା ଫଳରେ ପ୍ରତିବର୍ଷ ବୈଦେଶିକ ମୁଦ୍ରାର ଏକ ବୃହତ୍ ଅଂଶ ଏ ବାବଦରେ ଖର୍ଚ୍ଚ ହୁଏ। ଏହା ସହିତ ଅଙ୍ଗାରକ ନିର୍ଗମନରେ ଭାରତ ପୃଥିବୀରେ ତୃତୀୟ।

ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଅଙ୍ଗାରକ ଉତ୍ସର୍ଜନକୁ ଧୀରେଧୀରେ ହ୍ରାସ କରି ୨୦୭୦ରେ ଏହାକୁ ଶୂନ୍ୟ(ନିଟ-ଜିରୋ) କରିବାର ପ୍ରତିବଦ୍ଧତା ଭାରତ ବିଶ୍ୱସମୁଦାୟ ପାଖରେ ଉପସ୍ଥାପନ କରିଛି। ଏହା ସହିତ ଅଣପାରମ୍ପରିକ ନବୀକରଣୀୟ ଶକ୍ତିଉତ୍ସକୁ ଆଧାର କରି ଶକ୍ତିକ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଏବଂ ଅଧିକ ଅଶୋଧିତ ଇନ୍ଧନ ତୈଳ ଓ ଗ୍ୟାସ୍ ଆମଦାନୀକୁ ଯଥାସମ୍ଭବ କମ୍ କରି ବୈଦେଶିକ ମୁଦ୍ରା ନିର୍ଗମନକୁ ସୀମିତ କରିବାର ଏକ ସହଜ ସାଧନ ହେଉଛି ଜୈବଇନ୍ଧନ (ବାୟୋଫୁଏଲ)। ଏହି ସମସ୍ତ ଲକ୍ଷ୍ୟକୁ ଆଖିରେ ରଖି କେନ୍ଦ୍ର ସରକାର ୨୦୧୮ରେ ଆଗତ କରିଥିଲେ ଜାତୀୟ ଜୈବଇନ୍ଧନ ନୀତି।

ବିକାଶ ସହିତ ତାଳ ଦେଇ ଦେଶରେ ବଢ଼ି ଚାଲିଛି ଯାନବାହନ ସଂଖ୍ୟା। ଜଳବାୟୁ ପରିବର୍ତ୍ତନ ଯୋଗୁ ଗ୍ରୀଷ୍ମଋତୁର ଅବଧି ଦୀର୍ଘ ହେବା ସହିତ ଜମିର ଶୁଷ୍କତା ବୃଦ୍ଧି ପାଉଛି। ଏହା ବ୍ୟତୀତ ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନ ଯୋଗୁ ତା'ର ସ୍ତର କମିକମି ଯାଉଛି। ଏହା ଫଳରେ ଅଧିକ ଶକ୍ତିବିଶିଷ୍ଟ ଡିଜେଲଚାଳିତ ପାଣିପମ୍ପକୁ ଅଧିକ ସମୟ ଚଲାଇ ଫସଲକୁ ଜଳଯୋଗାଣ କରିବାକୁ କୃଷକ ବାଧ୍ୟ ହେଉଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ପୂର୍ବାପେକ୍ଷା ଯଥେଷ୍ଟ ଅଧିକ ହୋଇଛି। ମକା ଓ ଆଖୁ ଫସଲର ଗଛ ଓ ଖଡା, ଅମଳ ପରେ ଧାନ ଗହମ ଆଦି ଶସ୍ୟ ଗଛ, ଅଗାଡ଼ି, ଚଷୁ, ତୈଳବୀଜ ଜାତୀୟ ଫସଲରୁ ତୈଳ ନିଷ୍କାସନ ପରେ ବାହାରୁଥିବା ଉଦବୃତ୍ତ – କୃଷକମାନେ ଏସବୁକୁ ପୋଡ଼ିବା ଫଳରେ ବ୍ୟାପକ ଧୂଆଁ ଓ ଅତିକ୍ଷୁଦ୍ର ଅଙ୍ଗାରଖଣ୍ଡ ବାୟୁମଣ୍ଡଳରେ ମିଶି ତାକୁ ପ୍ରଦୂଷିତ କରିଥାଏ। କୃଷିକ୍ଷେତ୍ରର ଏହି ଦୁଇ ସମସ୍ୟାର ସମାଧାନର ସୂତ୍ର ଜୈବଇନ୍ଧନ ଦେଇ ପାରିଛି।

ଇଥାନଲ (ବାୟୋପେଟ୍ରୋଲ), ବାୟୋଡିଜେଲ ଓ ବାୟୋଗ୍ୟାସ ପ୍ରଦୂଷଣକାରୀ ଜୀବାଶ୍ମ ଇନ୍ଧନର ବହୁବିଧ ଋଣାତ୍ମକ ପ୍ରତିକ୍ରିୟାକୁ ନିବାରଣ କରିପାରିବ। ଇଥାନଲର ୯୦ ଭାଗ ଆଖୁଗଛରୁ ଆସୁଥିବା ବେଳେ ବାୟୋଡିଜେଲ ତୈଳବୀଜରୁ ଏବଂ କମ୍ପ୍ରେସ୍‌ଡ ବାୟୋଗ୍ୟାସ ବିଭିନ୍ନ ନଷ୍ଟ ଜୈବଉତ୍ପାଦନରୁ ମିଳିଥାଏ। ୨୦୧୮ରେ ଆରମ୍ଭ ହୋଇଥିବା ସସ୍ଟେନେବଲ ଅଲ୍ଟର୍ନେଟିଭ ଟୁୱାର୍ଡ୍ସ ଏଫୋର୍ଡେବଲ ଟ୍ରାନ୍ସପୋର୍ଟେଶନ ଯୋଜନାରେ ବାର୍ଷିକ ୧୫ ନିୟୁତ ଟନ୍ କମ୍ପ୍ରେସ୍‌ଡ ବାୟୋଗ୍ୟାସ ଉତ୍ପାଦନ ପାଇଁ ୫ ହଜାର କାରଖାନା ସ୍ଥାପନର ପ୍ରସ୍ତାବ ରହିଛି। ଏହା କଳକାରଖାନା ଓ ପରିବହନ କ୍ଷେତ୍ରରେ ଉତ୍ତମ ସ୍ୱଚ୍ଛ ନବୀକରଣୀୟ ଶକ୍ତି ରୂପେ ବ୍ୟବହୃତ ହେବ।



ଭାରତରେ ଜୈବଇନ୍ଧନ ବ୍ୟବହାର ଓ ତା'ର ଉତ୍ପାଦନ ଶିଶୁ ଅବସ୍ଥାରେ। ପେଟ୍ରୋଲ ବଦଳରେ ଇଥାନଲର ବ୍ୟବହାର ଏକ ଦୀର୍ଘ ପ୍ରକ୍ରିୟା। ଧୀରେଧୀରେ ଏହା ଗତିଶୀଳ ହେଉଛି ପେଟ୍ରୋଲ-ଇଥାନଲ ବ୍ଲେଣ୍ଡିଂ(ମିଶ୍ରଣ) ମାଧ୍ୟମରେ। ଭାରତରେ ୨୦୦୩ରେ ପ୍ରଥମେ ଇଥାନଲମିଶ୍ରିତ ପେଟ୍ରୋଲ ବ୍ୟବହାର ଆରମ୍ଭ ହୋଇଥିଲା। ଭାରତର ସମସ୍ତ ଇନ୍ଧନତୈଳ ବିକ୍ରେତା କମ୍ପାନୀଙ୍କ ପାଇଁ ୧୦% ମିଶ୍ରଣ (ପେଟ୍ରୋଲ ୯୦%, ଇଥାନଲ ୧୦% ) ସରକାର ସ୍ଥିର କରିଥିଲେ। ଧାର୍ଯ୍ୟ ସମୟ ପୂର୍ବରୁ କମ୍ପାନୀମାନେ ଏହା ପୂରଣ କରି ୨୦୨୨ଠାରୁ ବିକ୍ରୟ କରୁଛନ୍ତି। ଏହି ମାତ୍ରାକୁ ୨୦୨୫-୨୬ ସୁଦ୍ଧା ୨୦%କୁ ବୃଦ୍ଧି କରାଯିବାକୁ ସ୍ଥିର କରାଯାଇଛି। ଗତ ଆଠବର୍ଷରେ ଇଥାନଲ ବ୍ଲେଣ୍ଡିଂ ଯୋଗୁ ୪୧୮୦୦ କୋଟି ଟଙ୍କାର ବୈଦେଶିକମୁଦ୍ରା ସଞ୍ଚିତ ହୋଇଛି, ୨୭ ଲକ୍ଷ ମେଟ୍ରିକ୍ ଟନ୍ ମାରାତ୍ମକ ସବୁଜଗୃହ ବାଷ୍ପ କମ୍ ନିର୍ଗମନ ହୋଇଛି ଏବଂ କୃଷକମାନେ ୪୦୬୦୦ କୋଟି ଟଙ୍କାର ଲାଭ ପାଇ ପାରିଛନ୍ତି।

ଭାରତରେ ଜୈବଇନ୍ଧନର ଭବିଷ୍ୟତ ଉଜ୍ଜ୍ୱଳ। ଏହା ଆଖୁ, ମକା, ତୈଳବୀଜ ଉତ୍ପାଦନ ଓ ତଜ୍ଜନିତ ଶିଳ୍ପକୁ ପ୍ରୋତ୍ସାହିତ କରିବ। ଦେଶର ଅନୁର୍ବର ନିଷ୍ଫଳା ଜମିକୁ ଜୈବଇନ୍ଧନର କଞ୍ଚାମାଲ ଉତ୍ପାଦନ ପାଇଁ ବ୍ୟବହାର କରାଯାଇପାରିବ। କୃଷକ କୃଷିବିବିଧତା ଆପଣେଇବେ। ସେମାନଙ୍କର ଆୟ ବୃଦ୍ଧି ହେବା ସହିତ ଜମିର ଉତ୍ପାଦିକାଶକ୍ତି ବଢ଼ିବ। କିନ୍ତୁ ଏସବୁ ସକାରାତ୍ମକ ଦିଗ ସତ୍ତ୍ୱେ ଏଥିରେ ଅନେକ ଆହ୍ୱାନ ରହିଛି। ଖାଦ୍ୟଶସ୍ୟ ଉତ୍ପାଦନ ଜମିକୁ ଆଖୁ, ମକା ଇତ୍ୟାଦି ଚାଷ ପାଇଁ ବ୍ୟବହାର କରାଗଲେ ଦେଶରେ ଖାଦ୍ୟଶସ୍ୟର ଅଭାବ ଦେଖାଯିବ, ସେସବୁର ଦର ବଢ଼ିବ ଏବଂ ଖାଦ୍ୟଶସ୍ୟର ଆମଦାନୀ କରିବାକୁ ପଡ଼ିବ। ଏଥିପାଇଁ ଯଦି ଜଙ୍ଗଲଜମିକୁ ବ୍ୟବହାର କରାଯାଏ ଜୈବବିବିଧତାରେ ଅସନ୍ତୁଳନ ଦେଖାଦେବ। ଏସବୁ ପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ।

୨୦୨୩ ସେପ୍ଟେମ୍ବର ୯ ଓ ୧୦ରେ ଭାରତରେ ହୋଇଥିବା ଜି-୨୦ ସମ୍ମିଳନୀରେ ଏକ ଐତିହାସିକ ନିଷ୍ପତ୍ତି କ୍ରମେ ବିଶ୍ୱ ଜୈବଇନ୍ଧନ ସଂଗଠନ ସୃଷ୍ଟି କରାଯାଇଛି। ୧୯ଦେଶ ଓ ୧୨ ଅନ୍ତର୍ଜାତୀୟ ସଂସ୍ଥା ଏହି ସଂଗଠନର ସଦସ୍ୟ ହେବାକୁ ରାଜି ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଜି-୨୦ ଗୋଷ୍ଠୀର ସଦସ୍ୟ ନ ଥିବା ଆଉ ୯ ଦେଶ ସହମତି ପ୍ରକାଶ କରିଛନ୍ତି। ଜୈବଇନ୍ଧନର ଉତ୍ପାଦକ ଦେଶମାନଙ୍କର ମିଳିତ ପ୍ରୟାସରେ ବିଶ୍ୱରେ ଶକ୍ତି ପରିବର୍ତ୍ତନ ପ୍ରକ୍ରିୟାକୁ ସୁଗମ କରିବା ଏହାର ମୌଳିକ ଉଦ୍ଦେଶ୍ୟ। ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ସ୍ୱଚ୍ଛ ଓ ନବୀକରଣୀୟ ଶକ୍ତି ଉତ୍ସ ଜୈବଇନ୍ଧନର ଉତ୍ପାଦନ ପାଇଁ ଆର୍ଥିକ, ବୈଷୟିକ ଓ ପରିଚାଳନାଗତ ସାହାଯ୍ୟ ସହଯୋଗ ଏବଂ ଏହାର ବଜାରୀକରଣ ପାଇଁ ଭାଗୀଦାରି ମାଧ୍ୟମରେ ପୃଥିବୀର ସବୁ ଦେଶରେ ଜୈବଇନ୍ଧନର ପ୍ରଚାର ପ୍ରସାର କରିବା ଏହି ସଂଗଠନର ଲକ୍ଷ୍ୟ। ଏହି ମିଳିତ ପ୍ରୟାସ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ବିରୋଧରେ ପ୍ରମୁଖ ଅସ୍ତ୍ର ହୋଇପାରିବ। ଏହି ସଂଗଠନର ସୃଷ୍ଟି ଭାରତ ପାଇଁ କେବଳ ଶକ୍ତିକ୍ଷେତ୍ରରେ ପରିବର୍ତ୍ତନ ଓ ସ୍ୱାବଲମ୍ବନଶୀଳତା ଆଣିବନି। ଏହା ଭାରତର ଅର୍ଥନୈତିକ ବିକାଶ ଓ ଭୂରାଜନୈତିକ ଗୁରୁତ୍ୱ ବୃଦ୍ଧିକରିବାରେ ସାହାଯ୍ୟ କରିବ।

SujataPraharaj<prahara-js18@gmail.com>

## ପାଠକ ଶ୍ରେଷ୍ଠ ବିଚାରକ

### କଲେଜ ନିର୍ବାଚନ ହିଂସାମୁକ୍ତ ଭାବେ ହେଉ

ମହାଶୟ,

ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବୁଝିବା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିର୍ବାଚନ କରିବାକୁ ସରକାର ଅନୁମତି ଦେବା ଉଚିତ। ଏଥିପାଇଁ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଛନ୍ତି। ଅନେକ ବର୍ଷହେଲା କଲେଜ ନିର୍ବାଚନ ବନ୍ଦ ହୋଇଛି। କଲେଜରେ ନିର୍ବାଚନ ହେଉ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ଛାତ୍ରୀଛାତ୍ରମାନେ ଅନୁଭବ କରନ୍ତୁ। ନିର୍ବାଚନକୁ ସରକାର ଅନୁମତି ଦେବା ପୂର୍ବରୁ ଛାତ୍ରୀଛାତ୍ରମାନଙ୍କଠାରୁ ନିର୍ଭର ପ୍ରତିଶ୍ରୁତି ଚାହିଁବା ଉଚିତ ଯେ ନିର୍ବାଚନ ହିଂସାମୁକ୍ତ ଭାବେ ହେବ। ଶିକ୍ଷା ଅନୁଷ୍ଠାନରେ ନିର୍ବାଚନଜନିତ ହିଂସାକାଣ୍ଡ ହେଲେ ପବିତ୍ର ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ନଷ୍ଟ ହେବ। ଆଉ ଅତୀତର ସ୍ମୃତିକୁ ଅଯଥାରେ ରୋମନ୍ଥନ ନ କରି କଲେଜରେ ନିର୍ବାଚନ କରିବା ପାଇଁ ବିନା ଦ୍ୱିଧାରେ ସରକାର ଅନୁମତି ଦିଅନ୍ତୁ। କାରଣ ଭବିଷ୍ୟତରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ କେହି ରାଷ୍ଟ୍ରନାୟିକା ନାୟକ ବାହାରି ପାରନ୍ତି।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ପୁରୀ

## ଚିରନ୍ତନୀ

''ଧରାର ତିମିର ତଳେ
ଚଳୁ ଜୀବନର ମହାରଥ
''ଉଠ ବୀର ! ଏ ଆଲୋକ
ରଚିଦେଉ ତୋର ଛାୟାପଥ।
–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅକ୍ଟୋବର ୧ରୁ ଅନ୍‌ଲାଇନ ଗେମିଂରେ ୨୮% ଜିଏସ୍‌ଟି

**ନୂଆଦିଲ୍ଲୀ,୨୮।୯:** କେନ୍ଦ୍ର ସରକାର ଅକ୍ଟୋବର ୧ରୁ ଅନ୍‌ଲାଇନ ଗେମିଂ ଉପରେ ୨୮ ପ୍ରତିଶତ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ (ସିବିଆଇସି) ଅଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ ଏହା ଘୋଷଣା କରିଛନ୍ତି। ବିଭିନ୍ନ ସେକ୍ଟରକୁ ଜିଏସ୍‌ଟି ପରିସରକୁ ଆଣି ଟିକସ ସଂଗ୍ରହ ବଢ଼ାଇବା ପାଇଁ ସରକାର ଉଦ୍ୟମ ଚଳାଇଥିବାବେଳେ ଅନ୍‌ଲାଇନ ଗେମିଂ ଉପରେ ଜିଏସ୍‌ଟି ଲାଗୁ କରିବା ସେଥିରୁ ଅନ୍ୟତମ। ସବୁ ରାଜ୍ୟଙ୍କ ସହମତି ଏବଂ ଲୋକ ସଭାରେ ଜିଏସ୍‌ଟି ଆଇନ ସଂଶୋଧନ ବିଲ୍ ଗୃହୀତ ହେବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ରାଜ୍ୟଗୁଡ଼ିକର ବିଧାନସଭାରେ ଅନ୍‌ଲାଇନ ଗେମିଂ ଉପରେ ଜିଏସ୍‌ଟି ହାର ପାଇଁ ଆଇନ ଆଣିବାକୁ ହେବ। କେତେକ ଅନ୍‌ଲାଇନ୍ ଗେମିଂ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଆଇନଗତ ପ୍ରକ୍ରିୟା ବୋଲି ସିବିଆଇସି ଅଧ୍ୟକ୍ଷ କହିଛନ୍ତି।

### ହ୍ୟାରି ପୋଟର ଅଭିନେତା ଗାମ୍ବୋନ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୨୮।୯:** ୮ 'ହ୍ୟାରି ପୋଟର' ଫିଲ୍ମ ମଧ୍ୟରୁ ୬ଟିରେ ହଗ୍‌ୱାର୍ଟ୍ସ ପ୍ରଧାନଶିକ୍ଷକ ଆଲବସ୍ ଡୁମ୍ବେଲ୍‌ଡୋରଙ୍କ ଭୂମିକାରେ ଅଭିନୟ କରିଥିବା ବର୍ଷୀୟାନ ଅଭିନେତା ମିଚେଲ୍ ଗାମ୍ବୋନ୍‌ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ନିମୋନିଆରେ ଆକ୍ରାନ୍ତ ଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଆନି ଏବଂ ପୁଅ ଫେର୍‌ଗସ ଉପସ୍ଥିତ ଥିଲେ। ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିନୟ କ୍ୟାରିୟରରେ ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଗାମ୍ଭୀର୍ଯ୍ୟଭରା କଣ୍ଠସ୍ୱର ପାଇଁ ସେ ସ୍ୱତନ୍ତ୍ର ସ୍ୱୀକୃତି ପାଇଥିଲେ।



ଜରୁରୀ ସ୍ଥିତିରେ ଲୋକଙ୍କୁ ଉଦ୍ଧାର କରିବା ପାଇଁ ବ୍ରିଟେନ୍‌ର ଇଷ୍ଟ୍ ସସେକ୍ସରେ ରୟାଲ୍ ନ୍ୟାଶନାଲ୍ ଲାଇଫ୍‌ବୋଟ୍ ଇନ୍‌ଷ୍ଟିଚ୍ୟୁଶନ୍ ପକ୍ଷରୁ ଅଭ୍ୟାସ ଚାଲିଥିବାବେଳେ ସମୁଦ୍ରର ଢେଉ ଭାଙ୍ଗି ଆଗକୁ ବଢ଼ୁଛି ଏକ ବୋଟ୍।

# କେନ୍ଦ୍ରକୁ ନ୍ୟାୟ ମାଗିଲେ ମଣିପୁରୀ ବିଧାୟକ

## ଛାତ୍ରୀ, ଛାତ୍ରଙ୍କ ହତ୍ୟା ମାମଲା

- ଦିଲ୍ଲୀରେ ଡେରା ପକାଇଛନ୍ତି ୨୦ ବିଧାୟକ
- ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଇମ୍ଫାଲ ୱେଷ୍ଟ୍ ଜିଲାରେ କୁକି ଜୋ ଉଗ୍ରପନ୍ଥୀମାନେ ଏକ ଗାଡ଼ିକୁ ଜାଳିଦେଇଛନ୍ତି।

**ଇମ୍ଫାଲ/ନୂଆଦିଲ୍ଲୀ,୨୮।୯**

ଜୁନ୍ ୩ରୁ ଜାତିଆଣ ହିଂସାରେ ଜଳୁଥିବା ମଣିପୁରରେ ମେଇତି ସମ୍ପ୍ରଦାୟର ନିଖୋଜ ଛାତ୍ରୀ ଲୁୱାଙ୍ଗ୍‌ବି ହିଜାମ୍ ଏବଂ ଛାତ୍ର ଫିଜାମ୍ ହେମନ୍‌ଜିତଙ୍କୁ ଅପହରଣ ଓ ହତ୍ୟା ଘଟଣା ଉତ୍ତେଜନା ବୃଦ୍ଧିର କାରଣ ହୋଇଛି। ମଣିପୁରର ୨୦ରୁ ଊର୍ଦ୍ଧ୍ୱ ବିଧାୟକ ଗୁରୁବାର ନୂଆଦିଲ୍ଲୀରେ ଡେରା ପକାଇଛନ୍ତି। ସେମାନେ ଏହି ଛାତ୍ରୀ ଓ ଛାତ୍ରଙ୍କ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଏଥିସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ତଦନ୍ତ ତ୍ୱରାନ୍ୱିତ କରିବା ପାଇଁ ମଧ୍ୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଅନୁରୋଧ କରିଛନ୍ତି।

ମଣିପୁରର ଭାଜପା ବିଧାୟକ ରାଜକୁମାର ଇମୋ ସିଂ ଏକ୍ସ'ରେ ଲେଖିଛନ୍ତି, ଆଗାମୀ କିଛିଦିନ ଭିତରେ ଅପରାଧୀଙ୍କୁ ଗିରଫ କରି ମୃତ ଛାତ୍ରୀ ଓ ଛାତ୍ରଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ। ସେହିପରି ସଶସ୍ତ୍ର ବଳକୁ ମଧ୍ୟ ମାନବୀୟ ଢଙ୍ଗରେ ସ୍ଥିତିର ଉଚିତ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ଶ୍ରୀନଗର ଏସ୍‌ଏସ୍‌ପି ରାକେଶ ବିଲାୱଲଙ୍କୁ ମଣିପୁରକୁ ବଦଳି କରିଛନ୍ତି। ୨୦୧୨ ବ୍ୟାଚ୍‌ର ମଣିପୁର କ୍ୟାଡର ଆଇପିଏସ୍ ଅଧିକାରୀ ବିଲାୱଲ ଅନେକ ଆତଙ୍କବାଦ ନିରୋଧୀ ଅପରେଶନ୍‌ର ନେତୃତ୍ୱ ନେଇଛନ୍ତି। ତେଣୁ ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ହିଂସା ନିୟନ୍ତ୍ରଣରେ ତାଙ୍କ ଅଭିଜ୍ଞତା ସହାୟକ ହେବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷେ ହତ୍ୟାର ଶିକାର ହୋଇଥିବା ଲୁୱାଙ୍ଗ୍‌ବି ଏବଂ ଫିଜାମ୍‌ଙ୍କ ପରିବାର ଲୋକେ ନିଜ ନିଜ ପିଲାଙ୍କ ମୃତଦେହ ଠାବ ସହ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରିଛନ୍ତି। ସିବିଆଇ ତଦନ୍ତ ଦ୍ୱାରା ପ୍ରକୃତ ସତ ପଦାକୁ ଆସିବ ବୋଲି ୧୮ ବର୍ଷୀୟା ଝିଅ ଲୁୱାଙ୍ଗ୍‌ବିଙ୍କ ବାପା ହିଜାମ୍ କୁଲାଜିତ୍ ଆଶାବ୍ୟକ୍ତ କରିଛନ୍ତି।

### ମୋଦି କାହିଁକି ଆସୁନାହାନ୍ତି: ଇରୋମ ଶର୍ମିଳା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହେଉଛନ୍ତି ଏ ଦେଶର ନେତା। ସେ ମଣିପୁର ଗସ୍ତକରି ଲୋକଙ୍କ ସହ ଆଲୋଚନା କଲେ କେବେଠୁ ସମସ୍ୟାର ସମାଧାନ ହୋଇଥାଆନ୍ତା। କିନ୍ତୁ ଭାଜପା ସମାଧାନ ପରିବର୍ତ୍ତେ ସଙ୍କଟ ବଢ଼ାଇବାକୁ ଚାହୁଁଛି ବୋଲି ବିଶିଷ୍ଟ ମାନବାଧିକାର କର୍ମୀ ଇରୋମ ଚାନୁ ଶର୍ମିଳା କହିଛନ୍ତି। ରାଜ୍ୟରେ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ଏ)କୁ ଆଉ ୬ ବୃଦ୍ଧି କରାଯିବାର ଦିନକ ପରେ ଏହି ପଦକ୍ଷେପକୁ ମଣିପୁରର 'ଲୌହ ମାନବୀ' ଶର୍ମିଳା ନାପସନ୍ଦ କରିଛନ୍ତି। ଦମନମୂଳକ ଆଇନ ଲଦିଦେବା ଦ୍ୱାରା ସଂଘର୍ଷର ସମାଧାନ ହେବ ନାହିଁ। ଏହି ଅଭୂତପୂର୍ବ ସଙ୍କଟ ପାଇଁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ସରକାରଙ୍କ ନୀତିଗୁଡ଼ିକ ଦାୟୀ। ହିଂସା ଆରମ୍ଭ ହେବା ଦିନଠୁ ଆଜିଯାଏ ପ୍ରଧାନମନ୍ତ୍ରୀ କାହିଁକି ମଣିପୁରକୁ ଗସ୍ତ କରୁନାହାନ୍ତି ବୋଲି ଶର୍ମିଳା ପ୍ରଶ୍ନ କରିଛନ୍ତି।

# ସ୍ୱାମୀନାଥନ୍ ଦେଇଥିଲେ ଏମ୍‌ଏସ୍‌ପି ସୂତ୍ର



ଏମ୍.ଏସ୍. ସ୍ୱାମୀନାଥନ୍

**ନୂଆଦିଲ୍ଲୀ,୨୮।୯**

ବିଶିଷ୍ଟ କୃଷିବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍ ଗୁରୁବାର ଚେନ୍ନାଇ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ଗତ ବର୍ଷ ସ୍ତ୍ରୀ ମୀନା ସ୍ୱାମୀନାଥନ୍‌ଙ୍କ ପରଲୋକ ହୋଇଥିବାବେଳେ ତାଙ୍କ ୩ ଝିଅ ଅଛନ୍ତି। କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ଧାନ, ଗହମ ଆଦି ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନର ଶ୍ରେୟ ସ୍ୱାମୀନାଥନ୍‌ଙ୍କୁ ଦିଆଯାଇଥାଏ। ଯଦିଓ ଏମ୍‌ଏସ୍‌ପି ସ୍ୱପ୍ନ ସମ୍ପୂର୍ଣ୍ଣ ପୂରଣ ହୋଇନାହିଁ ତଥାପି ଦେଶର ଚାଷୀମାନେ ତାଙ୍କୁ ଏହି ଅବଦାନ ପାଇଁ ମନେରଖିନ୍ତି। ୨୦୦୪ରେ ସ୍ୱାମୀନାଥନ୍ ଫାର୍ମର୍ସ କମିଶନ ଅଧ୍ୟକ୍ଷ ଥିବାବେଳେ କୃଷି ସଙ୍କଟ ଦୂର କରିବା ପାଇଁ ଏମ୍‌ଏସ୍‌ପି ସୂତ୍ର ବାହାର କରିଥିଲେ।

### ଓଡ଼ିଶା ପ୍ରତି ଅବଦାନ

ଦୀର୍ଘ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶା ସହ କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ସମ୍ପର୍କ ଥିଲା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍) କୋରାପୁଟ ଜିଲାର ଜୟପୁର ଅଞ୍ଚଳରେ ସକ୍ରିୟତାର ସହ କାର୍ଯ୍ୟ କରିଆସିଛି। ସ୍ୱାମୀନାଥନ୍ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଡିଗ୍ରୀ ହାସଲ ପରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଯୋଗଦେଇଥିଲେ। ଜୟପୁରରେ ଥିବା ଏମ୍‌ଏସ୍‌ଏସ୍‌ଆର୍‌ଏଫ୍‌ର ଆଞ୍ଚଳିକ କେନ୍ଦ୍ର ବିଜୁ ପଟ୍ଟନାୟକ ଟ୍ରାଇବାଲ ଆଗ୍ରୋବାୟୋଡାଇଭର୍ସିଟି ସେଣ୍ଟର ଆଦିବାସୀ କୃଷକମାନଙ୍କୁ ସେମାନଙ୍କ ଇଣ୍ଟେଲକ୍ଚୁଆଲ ପ୍ରପର୍ଟି ରାଇଟ୍ସ ସୁରକ୍ଷା ଦିଗରେ ସହଯୋଗ କରୁଛି। କେନ୍ଦ୍ରାପଡ଼ା ଜିଲାରେ ୧୯୯୪ରୁ ପ୍ରାୟ ୧୨ ବର୍ଷ ଧରି ସ୍ୱାମୀନାଥନ୍ ଉପକୂଳ ଭୂମିରେ ହେନ୍ତାଳ ବଣର ସୁରକ୍ଷା ଦିଗରେ କାର୍ଯ୍ୟ କରିଥିଲେ।

### ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ମହାନ୍ ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍ ଏକ ସମୃଦ୍ଧ ଲିଗାସି ଛାଡ଼ିଯାଇଛନ୍ତି, ଯାହାକି ଭବିଷ୍ୟତରେ ମାନବ ଜାତି ପାଇଁ ଏକ ସୁରକ୍ଷିତ ଓ କ୍ଷୁଧାମୁକ୍ତ ବିଶ୍ୱ ଗଠନ ଦିଗରେ ସହାୟକ ହେବ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

ଭାରତୀୟ ସବୁଜ ବିପ୍ଳବର ଜନକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ପରଲୋକ ଖବର ଶୁଣି ମର୍ମାହତ। ଦେଶର କୃଷି କ୍ଷେତ୍ର ପ୍ରତି ତାଙ୍କ ଅବଦାନ ଅତୁଳନୀୟ। ଅନେକ କୋଟି କୃଷକଙ୍କ ସମୃଦ୍ଧି ପଛରେ ସ୍ୱାମୀନାଥନ୍‌ଙ୍କ ଦୂରଦୃଷ୍ଟି ରହିଛି।

**-ଜଗଦୀପ ଧନକର, ଉପରାଷ୍ଟ୍ରପତି**

ଡ. ସ୍ୱାମୀନାଥନ୍‌ଙ୍କ ଦୁଃଖଦ ପରଲୋକରେ ମର୍ମାହତ। ଜାତୀୟ ଇତିହାସରେ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ କୃଷି କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣି ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହ ଲୋକଙ୍କ ଜୀବନ ରକ୍ଷା କରିଥିଲେ। କୃଷି ଗବେଷଣା ପ୍ରତି ତାଙ୍କ ପ୍ରତିଶ୍ରୁତିବଦ୍ଧତା ଓ ମାର୍ଗଦର୍ଶନକୁ ଦେଶ ମନେରଖିବ।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ଭାରତୀୟ ସବୁଜ ବିପ୍ଳବର ପ୍ରମୁଖ ବିଦ୍ଧାଣି ସ୍ୱାମୀନାଥନ୍‌ଙ୍କ ପରଲୋକରେ ତାଙ୍କ ପରିବାରକୁ ସମବେଦନା ଜଣାଉଛି। କୃଷି ବିଜ୍ଞାନକୁ ତାଙ୍କ ଅତୁଳନୀୟ ଅବଦାନ ଭାରତକୁ ଖାଦ୍ୟ ଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇଛି।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

ପ୍ରଖ୍ୟାତ ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ପରଲୋକରେ ଦୁଃଖିତ। ସେ ଭାରତକୁ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରାଇଥିଲେ। ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ।

**-ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ**

ସବୁଜ ବିପ୍ଳବର ଜନକ ସ୍ୱାମୀନାଥନ୍‌ଙ୍କ ପରଲୋକରେ ଗଭୀର ମର୍ମାହତ। ତାଙ୍କ ନିରନ୍ତର ଉଦ୍ୟମ ଓ ମାର୍ଗଦର୍ଶନ ବଳରେ ଦେଶରୁ ଖାଦ୍ୟ ଅସୁରକ୍ଷା ଦୂର ହୋଇଥିଲା।

**-ପୀୟୂଷ ଗୋୟଲ, କେନ୍ଦ୍ର ଖାଦ୍ୟମନ୍ତ୍ରୀ**

ପ୍ରଫେସର ସ୍ୱାମୀନାଥନ୍‌ଙ୍କ ପରଲୋକ ସହ କୃଷି ଗବେଷଣା ଓ ଶିକ୍ଷା ପାଇଁ ଏକ ଯୁଗର ଅବସାନ ଘଟିଛି। ମହାତ୍ମା ଗାନ୍ଧୀଙ୍କ କହିବା ଅନୁସାରେ ଯଦି ଭଗବାନ ଗରିବ ଓ କ୍ଷୁଧାର୍ଥଙ୍କ ଆଗରେ ଖାଦ୍ୟ ରୂପେ ଆବିର୍ଭାବ ହୋଇଛନ୍ତି, ସେହି ଈଶ୍ୱର ହେଉଛନ୍ତି ଡ. ସ୍ୱାମୀନାଥନ୍, ଯାହାଙ୍କୁ ପ୍ରତ୍ୟେକ ନାଗରିକ ଖାଦ୍ୟ ଗ୍ରହଣ ସମୟରେ ପୂଜା କରିବା ଉଚିତ।

**-ଏ.କେ. ସିଂ, ଜାତୀୟ କୃଷି ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ସ୍ୱାମୀନାଥନ୍ ସାଧାରଣ ଲୋକଙ୍କ ଅନ୍ନଦାତା ଏବଂ ଗ୍ରୀନ୍ ରିଭୋଲ୍ୟୁଶନର ସ୍ଥପତି ଥିଲେ। ତାଙ୍କ ପରଲୋକରେ ଆଧୁନିକ ଭାରତୀୟ କୃଷିର ପ୍ରକୃତ ନାୟକଙ୍କୁ ଦେଶ ହରାଇଛି।

**-ତ୍ରିଲୋଚନ ମହାପାତ୍ର, ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ମହାନିର୍ଦ୍ଦେଶକ**

# ମୋଦି ସରକାର ଯୁବବର୍ଗଙ୍କ ସ୍ୱପ୍ନକୁ ମାରିଦେଇଥିବାରୁ ଆତ୍ମହତ୍ୟା ବଢ଼ୁଛି: କଂଗ୍ରେସ

**ନୂଆଦିଲ୍ଲୀ,୨୮।୯(ପି.ଟି.)**

ବେରୋଜଗାରୀ ବୃଦ୍ଧି ପାଉଥିବାରୁ କଂଗ୍ରେସ ଗୁରୁବାର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛି। ଏହି ସରକାର ଦେଶର ଯୁବବର୍ଗଙ୍କ ଆଶା ଓ ସ୍ୱପ୍ନକୁ ଦଳିଦେଇଥିବାରୁ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ବୃଦ୍ଧି ପାଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି। ଜନସାଂଖ୍ୟିକ ବିଭାଜନ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସରକାର ଏହାକୁ ଜନସାଂଖ୍ୟିକ ବିପର୍ଯ୍ୟୟରେ ପରିଣତ କରିଛନ୍ତି। ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ହାର ବଢ଼ୁଥିବାବେଳେ ସରକାର ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟରେ ଜାଲିଆତି କରିବାକୁ ଚାହିଁପାରନ୍ତି ବୋଲି ଜୟରାମ ଆଶଙ୍କା ବ୍ୟକ୍ତ କରିଛନ୍ତି। ବେରୋଜଗାରୀ ଦେଶର ଏକ ବଡ଼ ସମସ୍ୟା ହୋଇଛି। ଇଞ୍ଜିନିୟରିଂ ଡିଗ୍ରୀଧାରୀଙ୍କ ସମେତ ବହୁସଂଖ୍ୟାରେ ଉଚ୍ଚଶିକ୍ଷିତ ଆନୁଷ୍ଠାନିକ ନିଯୁକ୍ତି ପାଇବାରେ ବିଫଳ ହୋଇ କୁଲି କାମ ଆପଣାଇବାକୁ ବାଧ୍ୟ ହେଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲଠାରେ କୁଲିମାନଙ୍କ ସହ ଆଲୋଚନାରୁ ଜାଣିବାକୁ ପାଇଥିଲେ ବୋଲି ଜୟରାମ କହିଛନ୍ତି। ମୋଦି ସରକାର ପର୍ଯ୍ୟାପ୍ତ ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହୋଇଥିବାରୁ ଏଭଳି ସ୍ଥିତି ଉପୁଜିଛି। ୨୦୧୯-୨୦ ତୁଳନାରେ ୨୦୨୧-୨୨ରେ ଫର୍ମାଲ ସେକ୍ଟରରେ ନିଯୁକ୍ତି ୫..୩ ପ୍ରତିଶତ କମିଥିବା କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ତଥ୍ୟରୁ ଜଣାପଡ଼ିଛି। ସେହିପରି ଆନୁଷ୍ଠାନିକ ନିଯୁକ୍ତିଦାତାଙ୍କ ସଂଖ୍ୟା ମଧ୍ୟ ୧୦.୫ ପ୍ରତିଶତ ହ୍ରାସ ପାଇଛି। ଅଜିମ୍ ପ୍ରେମ୍‌ଜୀ ୟୁନିଭର୍ସିଟି ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ତଥ୍ୟରେ ୨୫ ବର୍ଷରୁ କମ୍ ବେରୋଜଗାରୀ ଗ୍ରାଜୁଏଟ୍‌ଙ୍କ ସଂଖ୍ୟା ୨୦୨୧-୨୨ରେ ୪୨ ପ୍ରତିଶତ ରହିଥିଲା।

# ଅନୁଧ୍ୟାନ କରିବ ସ୍ୱାଧିକାର କମିଟି

## ଭାଜପା ଏମ୍‌ପି ବିଧୁରୀଙ୍କ ବିବାଦୀୟ ମନ୍ତବ୍ୟ



ରମେଶ ବିଧୁରୀ

**ନୂଆଦିଲ୍ଲୀ,୨୮।୯**

ବିଏସ୍‌ପି ଏମ୍‌ପି ଡାନିସ୍ ଅଲିଙ୍କ ପ୍ରତି ଆପତ୍ତିଜନକ ଶବ୍ଦ ପ୍ରୟୋଗ କରିଥିବା ଭାଜପା ସଦସ୍ୟ ରମେଶ ବିଧୁରୀଙ୍କ ବିରୋଧରେ ହୋଇଥିବା ଅଭିଯୋଗଗୁଡ଼ିକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସ୍ୱାଧିକାର କମିଟିର ଅନୁଧ୍ୟାନ ପାଇଁ ପଠାଇଛନ୍ତି। ବିଧୁରୀ ଅଲିଙ୍କୁ ମୁସଲମାନ ଆତଙ୍କବାଦୀ ବୋଲି କହିଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଅଲିଙ୍କ ସମେତ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ଡିଏମ୍‌କେର କାନିମୋଝି ଓ ଅନ୍ୟ ବିରୋଧୀ ଦଳ ନେତାମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ଗୃହରେ ଦକ୍ଷିଣ ଦିଲ୍ଲୀ ଏମ୍‌ପି କହୁଥିବାବେଳେ ବିଏସ୍‌ପି ଏମ୍‌ପି ତାଙ୍କୁ ଉତ୍ତ୍ୟକ୍ତ କରାଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି ଭାଜପାର ନିଶିକାନ୍ତ ଦୁବେ ପ୍ରମୁଖ ଦାବି ଜଣାଇଥିଲେ।

ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଶେଷ ଦିନରେ ଚନ୍ଦ୍ରୟାନ-୩ ସଫଳତା ଉପରେ ଆଲୋଚନା ଚାଲିଥିବାବେଳେ ବିଧୁରୀ ଅଲିଙ୍କୁ ଟାର୍ଗେଟ କରି ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବିଧୁରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହା ଭାଜପା ଏମ୍‌ପି ସୁନୀଲ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱାଧିକାର କମିଟି ଅନୁଧ୍ୟାନ କରିବ।

### ବିଧୁରୀଙ୍କୁ ନିର୍ବାଚନ ଦାୟିତ୍ୱ, ବିରୋଧୀଙ୍କ ସମାଲୋଚନା

ଲୋକ ସଭାରେ ବିଏସ୍‌ପି ଏମ୍‌ପି ଡାନିସ୍ ଅଲିଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିବା ରମେଶ ବିଧୁରୀଙ୍କୁ ଭାଜପା ରାଜସ୍ଥାନର ଟୋଙ୍କ ଜିଲାରେ ନିର୍ବାଚନ ଦାୟିତ୍ୱ ଦେଇ ସମାଲୋଚିତ ହୋଇଛି। ଘୃଣାର ପ୍ରସାର କରୁଥିବା ନେତାଙ୍କୁ ସମ୍ମାନିତ କରାଯାଉଛି। ଏହା ଦ୍ୱାରା ଶାସକ ଦଳର ପ୍ରକୃତ ଚରିତ୍ର ପଦାରେ ପଡ଼ିଛି ବୋଲି ଡାନିସ୍ କହିଛନ୍ତି। ବିଧୁରୀ ପାର୍ଲାମେଣ୍ଟରେ ବିଏସ୍‌ପି ଏମ୍‌ପିଙ୍କୁ ଆତଙ୍କବାଦୀ କହିବା ପରେ ଭାଜପା ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଥିଲା। ଉକ୍ତ ନୋଟିସ୍‌ର ସେ ଜବାବ ଦେଇ ନ ଥିବାବେଳେ ତାଙ୍କୁ ନିର୍ବାଚନ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ବିରୋଧୀ ସମାଲୋଚନା କରିଛନ୍ତି।

# ପୂର୍ବତନ ନାଜି ସୈନ୍ୟଙ୍କୁ ସମ୍ମାନିତ କରି କ୍ଷମା ମାଗିଲେ ଟ୍ରୁଡୋ

**ଓଟାୱା,୨୮।୯(ପି.ଟି.)**

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ନାଜି ସେନା ପାଇଁ ଲଢ଼େଇ କରିଥିବା ବର୍ଷୀୟାନ ସୈନ୍ୟଙ୍କୁ କାନାଡା ପାର୍ଲାମେଣ୍ଟରେ ସମ୍ମାନିତ କରାଯିବାକୁ ବିଶ୍ୱବ୍ୟାପୀ ଏହାକୁ ନିନ୍ଦା କରାଯିବା ପରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଏଥିପାଇଁ କ୍ଷମା ମାଗିଛନ୍ତି। କାନାଡା ଇତିହାସରେ ଏହା ସବୁଠୁ ବଡ଼ କୂଟନୈତିକ ଲଜ୍ଜା ବୋଲି ବିରୋଧୀ ଦଳ କହିଥିଲେ।

ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତାଙ୍କ ହତ୍ୟାରେ ଭାରତ ସମ୍ପୃକ୍ତ ବୋଲି ଟ୍ରୁଡୋ ଅଭିଯୋଗ ଆଣି ନୂଆଦିଲ୍ଲୀ ସହ କୂଟନୈତିକ ତିକ୍ତତା ବଢ଼ାଇଥିବାବେଳେ ଗତ ଶୁକ୍ରବାର କାନାଡା ପାର୍ଲାମେଣ୍ଟରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କ ଉପସ୍ଥିତିରେ ପୂର୍ବତନ ନାଜି ସୈନ୍ୟ ୟାରୋସ୍ଲାଭ୍ ହୁଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିପାଇଁ ଦାୟୀ ବାଚସ୍ପତି ଆନ୍ଥୋନି ରୋଟା ମଙ୍ଗଳବାର ଇସ୍ତଫା ଦେଇଥିଲେ।



ତାଜମହଲ ସମ୍ମୁଖରେ ଫଟୋ ପୋଜ୍ ଦେଉଛନ୍ତି ମିସ୍ ୟୁନିଭର୍ସ ଗ୍ରେଟ୍ ବ୍ରିଟେନ୍-୨୦୨୩ ଜେସିକା ପେଜ୍

# ୟୁକ୍ରେନ୍ ମନ୍ତବ୍ୟ ପାଇଁ ବିବେକ ରାମସ୍ୱାମୀ ସମାଲୋଚିତ

**ୱାଶିଂଟନ,୨୮।୯**

ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ଭାରତୀୟ ବଂଶୋଦ୍ଭବ ବିବେକ ରାମସ୍ୱାମୀ ଏକ ପ୍ରାଇମେରିରେ ୟୁକ୍ରେନ୍ ସମ୍ପର୍କିତ ମନ୍ତବ୍ୟ ଦେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଦ୍ୱାରା ସମାଲୋଚିତ ହୋଇଛନ୍ତି। ସେ କ୍ଷମତାକୁ ଆସିଲେ ରୁଷିଆ ବିରୋଧରେ ଚାଲିଥିବା ଯୁଦ୍ଧରେ ୟୁକ୍ରେନ୍‌କୁ ସମର୍ଥନ କରିବେ ନାହିଁ ବୋଲି କହିଥିଲେ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ୍‌କୁ ସହାୟତା ବନ୍ଦ ଚାହୁଁଥିବାବେଳେ ରାମସ୍ୱାମୀ ତାଙ୍କ ରାସ୍ତାରେ ଯାଉଥିବା ପ୍ରତିଦ୍ୱନ୍ଦ୍ୱୀ ରିପବ୍ଲିକାନ୍ ଆଶାୟୀ ପ୍ରାର୍ଥୀ କହିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଜଣେ ଦୁଷ୍ଟ ଏକଚ୍ଛତ୍ରବାଦୀ ଅର୍ଥ ନୁହେଁ ଯେ ୟୁକ୍ରେନ୍ ଭଲ। ଏହି ଦେଶ ୧୧ଟି ବିରୋଧୀ ଦଳକୁ ବେଆଇନ ଘୋଷଣା କରିଛି ବୋଲି ବୁଧବାର କାଲିଫର୍ନିଆର ସିମି ଭ୍ୟାଲିସ୍ଥିତ ରେଗାନ ଲାଇବ୍ରେରିରେ ଅନୁଷ୍ଠିତ ଦ୍ୱିତୀୟ ରିପବ୍ଲିକାନ୍ ରାଷ୍ଟ୍ରପତୀୟ ପ୍ରାଇମେରିରେ ଉଦ୍‌ବୋଧନ ଦେଇ ରାମସ୍ୱାମୀ କହିଥିଲେ। ଏହାକୁ ପୂର୍ବତନ ଉପରାଷ୍ଟ୍ରପତି ମାଇକ୍ ପେନ୍ସ, ନ୍ୟୁଜର୍ସିର ପୂର୍ବତନ ଗଭର୍ନର କ୍ରିସ୍ କ୍ରିଷ୍ଟି ଏବଂ ଦକ୍ଷିଣ କାରୋଲିନାର ପୂର୍ବତନ ଗଭର୍ନର ନିକ୍କି ହାଲି ସମାଲୋଚନା କରିଛନ୍ତି। ଭାରତୀୟ ବଂଶୋଦ୍ଭବ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ହାଲି କହିଛନ୍ତି, ରୁଷିଆର ବିଜୟ ଅର୍ଥ ଚାଇନାର ବିଜୟ। ତେବେ ଏଥିରେ ରାମସ୍ୱାମୀ ସହମତ ହୋଇ ନ ଥିଲେ। ଚାଇନା ହେଉଛି ଆମେରିକାର ପ୍ରକୃତ ଶତ୍ରୁ। ଆମେ ୟୁକ୍ରେନ୍‌କୁ ସହାୟତା କରି ରୁଷିଆକୁ ଚାଇନାର ନିକଟତର କରାଉଛେ। ଯୁଦ୍ଧର ପରିସମାପ୍ତି ଲାଗି ଉପଯୁକ୍ତ ଶାନ୍ତି ଯୋଜନା ଆବଶ୍ୟକ ବୋଲି ରାମସ୍ୱାମୀ କହିଥିଲେ।



ବିବେକ ରାମସ୍ୱାମୀ



ନିକ୍କି ହାଲି

ପେନ୍ସ ଏଥିରେ ହସ୍ତକ୍ଷେପ କରି କହିଥିଲେ, ଆମେ ଯଦି ରୁଷିଆକୁ ୟୁକ୍ରେନ୍ ଦଖଲ ପାଇଁ ଛାଡ଼ିଦେବା, ତେବେ ତାହା ଚାଇନାକୁ ତାଇୱାନ ଦଖଲ ଲାଗି ସବୁଜ ସଙ୍କେତ ମିଳିଯିବ। ସାମର୍ଥ୍ୟ ଜରିଆରେ ଶାନ୍ତି ଆସିବ ବୋଲି ସେ ମତ ଦେଇଥିଲେ। ସେହିପରି କ୍ରିଷ୍ଟି କହିଥିଲେ, ୟୁକ୍ରେନରେ ଯୁଦ୍ଧ ପାଇଁ ଚାଇନିଜ୍‌ମାନେ ରୁଷିଆକୁ ସହାୟତା କରୁଛନ୍ତି। ଚାଇନା ପ୍ରୋତ୍ସାହନରେ ଇରାନ ଏବଂ ଉତ୍ତର କୋରିଆ ରୁଷିଆକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଯୋଗାଉଥିବା ନ୍ୟୁଜର୍ସିର ପୂର୍ବତନ ଗଭର୍ନର କହିଥିଲେ।

# ଭାରତୀୟ ଦଳରେ ଅଶ୍ୱିନ ସାମିଲ

ନୂଆଦିଲ୍ଲୀ, ୨୮।୯ (ପି.ଟି.)

ଆଗାମୀ ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତର ୧୫ଜଣିଆ ଦଳରେ ଆଘାତପ୍ରାପ୍ତ ସ୍ପିନ ବୋଲିଂ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ସ୍ଥାନରେ ଭେଟେରାନ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାମିଲ କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ତରଫରୁ ଗୁରୁବାର ଘୋଷଣା କରାଯାଇଛି।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୬ ଦିନ**


ରବିଚନ୍ଦ୍ରନ ଅଶ୍ୱିନ

ଅକ୍ଷରଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଏଥିରୁ ଶୀଘ୍ର ମୁକ୍ତିପାଇବାର କୌଣସି ଲକ୍ଷଣ ଦେଖାଯାଉନାହିଁ। ଫଳତଃ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ତାଙ୍କ ସ୍ଥାନରେ ୩୭ ବର୍ଷୀୟ ଅଶ୍ୱିନଙ୍କୁ ସାମିଲ କରିବା ଲାଗି ନିଷ୍ପତ୍ତି ନେଇଥିଲା। ନିକଟରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ସେ ଦୁଇଟି ଅନ୍ତର୍ଜାତୀୟ ଦିନିକିଆରେ ୪ ଉଇକେଟ ନେଇଥିଲେ। ଭାରତର ବାଂଲାଦେଶ ବିପକ୍ଷ ଏସିଆକପ୍ ସୁପର ଫୋର୍ ମୁକାବିଲା ବେଳେ ଅକ୍ଷରଙ୍କ ବାମ ଆଣ୍ଠୁରେ ଆଘାତ ଲାଗିଥିଲା। ଫଳତଃ ଏହି ସ୍ପିନ ବୋଲିଂ ଅଲ୍ ରାଉଣ୍ଡର ଏସିଆ କପ୍ ଫାଇନାଲ ଖେଳିପାରି ନ ଥିଲେ। ଅଶ୍ୱିନ ଭାରତୀୟ ଦଳ ସହ ଗୁଆହାଟୀ ଗସ୍ତ କରିଛନ୍ତି। ସେଠାରେ ଭାରତ ସେପ୍ଟେମ୍ବର ୩୦ ଶନିବାର ଇଂଲଣ୍ଡ ବିପକ୍ଷରେ ପ୍ରଥମ ୱାର୍ମଅପ୍ ଖେଳିବ।

**ଭାରତୀୟ ବିଶ୍ୱକପ୍ ଦଳ**
ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା (ଉପଅଧିନାୟକ), ଶବମନ ଗିଲ୍, ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ୍ ରାହୁଲ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ, କୁଳଦୀପ ଯାଦବ, ମହମ୍ମଦ ଶାମି, ରବିଚନ୍ଦ୍ରନ ଅଶ୍ୱିନ, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ।

# ଜାପାନକୁ ହରାଇଲା ଭାରତ

ହାଙ୍ଗଝୋ, ୨୮।୯ (ପି.ଟି.)

**ଏସିଆନ ଗେମ୍ସ ପୁରୁଷ ହକି**

ଏସିଆନ ଗେମ୍ସ ପୁରୁଷ ହକିରେ ଭାରତ ଗୁରୁବାର ଯୁବ ଷ୍ଟ୍ରାଇକର ଅଭିଷେକଙ୍କ ଡବଲ ଗୋଲ୍ ସହାୟତାରେ ଗତଥରର ଚାମ୍ପିୟନ ଜାପାନକୁ ୪-୨ଗୋଲ୍‌ରେ ପରାସ୍ତ କରିଛି। କ୍ରମାଗତ ତୃତୀୟ ବିଜୟ ସହ ଭାରତ ସେମିଫାଇନାଲ ଆଡକୁ ଅଗ୍ରସର ହୋଇଛି। ଅଭିଷେକ ତାଙ୍କର ଦୁଇଟି ଫିଲ୍ଡ ଗୋଲ୍ ୧୩ତମ ଓ ୪୮ତମ ମିନିଟ୍‌ରେ ସ୍କୋର କରିଥିବା ବେଳେ ଦଳ ପକ୍ଷରୁ ଅନ୍ୟ ଗୁଡ଼ିକ ଓଡ଼ିଶାର ଅମିତ ରୋହିଦାସ (୩୪ତମ) ଓ ମନଦୀପ ସିଂ (୨୪ତମ) ଦେଇଥିଲେ। ବିଶ୍ୱର ୩ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ଭାରତ ଏହି ମ୍ୟାଚରେ ପ୍ରଥମ ୩ କ୍ୱାର୍ଟରରେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଜାପାନ କିନ୍ତୁ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ଖେଳର ଶେଷ ୫ ମିନିଟ ଖେଳରେ ଜେନ୍‌କି ମିତାନି (୫୭ତମ) ଓ ରିଓସେଇ କାଟୋ (୬୦ତମ)ଙ୍କ ଜରିଆରେ ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ ହ୍ରାସ କରିଥିଲା। ପୁଲ୍ 'ଏ'ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

# ପାକିସ୍ତାନ ବଦଳରେ ଓମାନରେ ଅଲିମ୍ପିକ ହକି କ୍ୱାଲିଫାୟର

ଲାଉସାନେ (ସୁଇଜରଲାଣ୍ଡ), ୨୮।୯(ପି.ଟି.)

ପାକିସ୍ତାନ ବଦଳରେ ଓମାନ ଗୋଟିଏ ପୁରୁଷ ଅଲିମ୍ପିକ ହକି କ୍ୱାଲିଫାୟର୍ସ ଆୟୋଜନ କରିବ। ପାକିସ୍ତାନରେ ଖେଳର ଜାତୀୟ ମହାସଂଘ ଏବଂ ଦେଶର ସ୍ପୋର୍ଟ୍ସ ବୋର୍ଡ ମଧ୍ୟରେ ଅନ୍ତଃକନ୍ଦଳ ଚାଲିଥିବାରୁ ଅନ୍ତର୍ଜାତୀୟ ହକି ମହାସଂଘ(ଏଫ୍ଆଇଏଚ୍) ପାକିସ୍ତାନରୁ ଟୁର୍ନାମେଣ୍ଟ ପ୍ରତ୍ୟାହାର କରିନେଇଛି। ଏହା ଆସନ୍ତାବର୍ଷ ଜାନୁୟାରୀ ୧୫ରୁ ୨୧ ପର୍ଯ୍ୟନ୍ତ ମସ୍କଟଠାରେ ହେବ ବୋଲି ଅନ୍ତର୍ଜାତୀୟ ହକି ମହାସଂଘ ଘୋଷଣା କରିଛି। ଅନ୍ୟ ୩ ଏଫ୍ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସ ଚାଇନା (ମହିଳା- ଜାନୁୟାରୀ ୧୫ରୁ ୨୧) ଏବଂ ସ୍ପେନ୍ (ମହିଳା ଓ ପୁରୁଷ ଜାନୁୟାରୀ ୧୩ରୁ ୨୧)ରେ ହେବ। ୬ ମହିଳା ଏବଂ ସମାନ ସଂଖ୍ୟକ ପୁରୁଷ ଦଳ ଏହି ଅଲିମ୍ପିକ କ୍ୱାଲିଫାୟର୍ସ ଜରିଆରେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏଥିରେ ଓସେନିଆ ଓ ୟୁରୋପ ଅଞ୍ଚଳରୁ ଦଳଗୁଡ଼ିକ ଅଂଶଗ୍ରହଣ କରିବେ। ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ (ମହିଳା ଓ ପୁରୁଷ) ଯଥାକ୍ରମେ ୨୦୨୩ ଓସେନିଆ କପ୍ ଏବଂ ୟୁରୋ ହକି ଚାମ୍ପିୟନଶିପ୍ ଜିତି ପୂର୍ବରୁ ପ୍ୟାରିସ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଫ୍ରାନ୍ସ ଆୟୋଜକ ଦେଶ ଭାବେ ଆପେ ଯୋଗ୍ୟତା ଅର୍ଜନ କରିଛି। ଏଫ୍ଆଇଏଚ୍ ହକି ଅଲିମ୍ପିକ କ୍ୱାଲିଫାୟର୍ସକୁ ଛାଡ଼ିଦେଲେ ଚାଇନାର ହାଙ୍ଗଝୋଠାରେ ଅନୁଷ୍ଠିତ ଏସିଆନ ଗେମ୍ସ, ଆଗାମୀ ପାନ୍ ଆମେରିକାନ ଗେମ୍ସ ଏବଂ ଆଫ୍ରିକାନ ହକିରୁ ଅବଶିଷ୍ଟ ଦଳ ସିଧାସଳଖ ପ୍ୟାରିସ ଟୁର୍ନାମେଣ୍ଟ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ପ୍ୟାରିସ ଅଲିମ୍ପିକ୍ସରେ ହକି ପ୍ରତିଯୋଗିତା ଆସନ୍ତାବର୍ଷ ଜୁଲାଇ ୨୭ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ହେବ।


କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଆଇଏସଏଲ୍ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଆଇଏସ୍ଏଲ୍: ପଏଣ୍ଟ ଭାଗକଲେ ଓଡ଼ିଶା-ମୁମ୍ବାଇ

ଭୁବନେଶ୍ୱର, ୨୮।୯
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଓଡ଼ିଶା ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍) ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଫଳରେ ଉଭୟ ଓଡ଼ିଶା ଓ ମୁମ୍ବାଇ ଦଳ ୨ଟି ଲେଖାଏ ମ୍ୟାଚରୁ ୪ ପଏଣ୍ଟ ଲେଖାଏ ପାଇଛନ୍ତି। ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଥିଲା। ମୁମ୍ବାଇ ବିପକ୍ଷ ମ୍ୟାଚର ୪୫+୧ ମିନିଟରେ ଜେରି ମାୱିମିଙ୍ଗଥଙ୍ଗା ଏକ ଗୋଲ ଦେଇ ଓଡ଼ିଶା ଏଫ୍‌ସିକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳ ଅଗ୍ରଣୀ ହାସଲ କରିଥିଲେ ହେଁ ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ମୁମ୍ବାଇ ସିଟି ଏଫ୍‌ସି ଗୋଲଟିକୁ ପରିଶୋଧ କରି ଦେଇଥିଲା। ଗ୍ରେଗ୍ ଷ୍ଟିୱାର୍ଟଙ୍କ କ୍ରସ୍ ଶଟ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ ମୁମ୍ବାଇର ରଷ୍ଟିନ ଗ୍ରିଫିଥ୍ସ। ୭୪ତମ ମିନିଟରେ ପେନାଲ୍ଟି ଏରିଆ ମଧ୍ୟରେ ଓଡ଼ିଶା ଏଫ୍‌ସିର ରୟ କ୍ରିଷ୍ଣାଙ୍କୁ ଫାଉଲ ମାରିଥିଲେ ମୁମ୍ବାଇ ଖେଳାଳି। ଫଳରେ ଓଡ଼ିଶା ଏଫ୍‌ସିକୁ ପେନାଲ୍ଟି ମିଳିଥିଲା। ୭୬ତମ ମିନିଟରେ ଏହାକୁ ଗୋଲରେ ପରିଣତ କରିଥିଲେ ରୟ କ୍ରିଷ୍ଣା। ଫଳରେ ଭୁବନେଶ୍ୱର ଭିତ୍ତିକ ଦଳ ପୁଣି ଅଗ୍ରଣୀ ହାସଲ କରିଥିଲା। ତେବେ ମ୍ୟାଚର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ୮୭ତମ ମିନିଟରେ ମୁମ୍ବାଇର ଜର୍ଜ ରୋନାଲ୍ଡୋ ପେରେରା ଡିଆଜ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ୮ ମିନିଟ ଇଞ୍ଜୁରି ଟାଇମ୍ ଦିଆ ଯାଇଥିଲେ ମଧ୍ୟ ଆଉ କୌଣସି ଦଳ ଗୋଲ ଦେଇପାରି ନ ଥିଲେ।

# ଅବସର ନେଇ ସୂଚନା ଦେଲେ ଶକିବ

ଢାକା, ୨୮।୯ (ପି.ଟି.)

ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହସନ ପାକିସ୍ତାନରେ ଖେଳାଯିବାକୁ ଥିବା ୨୦୨୫ ଚାମ୍ପିୟନ୍ସ ଟ୍ରଫି ପରେ ଅନ୍ତର୍ଜାତୀୟ କ୍ରିକେଟରୁ ସମ୍ପୂର୍ଣ୍ଣ ଅବସର ନେବେ। ଆସନ୍ତା ମାସରେ ଭାରତରେ ହେବାକୁଥିବା ଆଇସିସି କ୍ରିକେଟ ବିଶ୍ୱକପ୍ ପରେ ତାଙ୍କର ଟେଷ୍ଟ କ୍ରିକେଟରୁ ଅବସର ନେବା ଯୋଜନା ରହିଛି। ଆସନ୍ତାବର୍ଷ ୱେଷ୍ଟଇଣ୍ଡିଜ ଓ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ)ରେ ହେବାକୁଥିବା ଆଇସିସି ଟି୨୦ ବିଶ୍ୱକପ୍ ପରେ ସେ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ଅବ୍ୟାହତି ନେବେ। ଶକିବ ବିଶ୍ୱକପ୍ ବେଳେ ବାଂଲାଦେଶର ନେତୃତ୍ୱ ନେବେ। ଚଳିତମାସ ପ୍ରାରମ୍ଭରେ ପାକିସ୍ତାନ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ଏସିଆ କପ୍‌ରେ ଦଳର ଅଧିନାୟକତ୍ୱ କରିଥିଲେ। ଆଗାମୀ ବିଶ୍ୱକପ୍ ପରେ ସେ କୌଣସି ଫର୍ମାଟରେ ବାଂଲାଦେଶର ଅଧିନାୟକତ୍ୱ କରିବେ ନାହିଁ।

**ଫୁରସତ**

# ବଲିଉଡ୍‌ରେ ଦକ୍ଷିଣ ତାରକା

କିଙ୍ଗ୍ ଖାନ୍ ଶାହରୁଖ୍‌ଙ୍କ 'ପଠାନ୍' ଏବଂ 'ଜୱାନ୍' ସମେତ ସନି ଦେଓଲ ଓ ଅମୀଷା ପଟେଲଙ୍କ ଅଭିନୀତ 'ଗଦର-୨' ପରଦାକୁ ଆସିବା ପୂର୍ବରୁ ଲଗାତର ଭାବେ ବଲିଉଡ୍ ଫିଲ୍ମଗୁଡ଼ିକ ଫ୍ଲପ୍ ହେବାରେ ଲାଗିଥିଲା। ମନେହେଉଥିଲା ସତେ ଯେମିତି ହିନ୍ଦୀ ସିନେମାରୁ ଦର୍ଶକେ ମୁହଁ ଫେରାଇ ନେଉଛନ୍ତି। ଏଭଳି ସମୟରେ କୋଭିଡ୍ ମାଡ଼ରୁ ଅଣ୍ଟା ସଳଖିପାରି ନ ଥିବା ସିନେ ଇଣ୍ଡଷ୍ଟ୍ରି ଉପରେ ଚଡ଼କ ପଡ଼ିଥିଲା। ଏହାସତ୍ତ୍ୱେ ଦକ୍ଷିଣ ଭାରତୀୟ କଳାକାରମାନେ ସିଲ୍‌ଭର ସ୍କ୍ରିନ୍‌ରେ ଜଲୱା ଦେଖାଇ ଚାଲିଥିଲେ। ଦର୍ଶକମାନେ ମଧ୍ୟ ସେମାନଙ୍କ ଅଭିନୟକୁ ଖୁବ୍ ପସନ୍ଦ କରିଥିଲେ। ୨୦୨୧ରେ ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା' ହେଉ କି ଗତ ଜୁନ୍‌ରେ ମୁକ୍ତିଲାଭ କରିଥିବା ପ୍ରଭାସଙ୍କ 'ଆଦିପୁରୁଷ' ହେଉ ସମସ୍ତଙ୍କ ମନ ମୋହିଥିଲା। ଏହି ପରିପ୍ରେକ୍ଷୀରେ ବଲିଉଡ୍‌ରେ ସାଉଥ୍ ଷ୍ଟାରଙ୍କ ପ୍ରବେଶ ଭାରତୀୟ ଚଳଚ୍ଚିତ୍ର ଜଗତ ପାଇଁ ଆଶାର କିରଣ ଦେଖାଇଛି।

**ମୁମ୍ବାଇ:** ଚଳିତ ମାସରେ ମୁକ୍ତିଲାଭ କରିଥିବା ଅଟଲି କୁମାରଙ୍କ ନିର୍ଦ୍ଦେଶିତ ଶାହରୁଖ୍‌ଙ୍କ ଫିଲ୍ମ 'ଜୱାନ୍' ବର୍ତ୍ତମାନ ହଜାର କୋଟି କ୍ଲବରେ ସାମିଲ ହୋଇଛି। ଏହି ଫିଲ୍ମ ପ୍ରତି ଦର୍ଶକଙ୍କ ଅଧିକ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ସିନେମାରେ ଶାହରୁଖ୍ ଏବଂ ଦକ୍ଷିଣ ଅଭିନେତ୍ରୀ ନୟନତାରାଙ୍କ ଯୋଡ଼ିକୁ ଲୋକେ ବେଶ୍ ପସନ୍ଦ କରୁଛନ୍ତି। ଏବେ ନୟନତାରାଙ୍କ ଲୋକପ୍ରିୟତା ଅଧିକାଂଶରେ ବଢ଼ିଛି। ତାମିଲ, ମାଲାୟଲମ୍, ତେଲୁଗୁ ଭଳି ଅନେକ ଚଳଚ୍ଚିତ୍ରରେ ନଜରକୁ ଆସିଥିବା ଏହି ଅଭିନେତ୍ରୀ 'ଜୱାନ୍' ଜରିଆରେ ବଲିଉଡ୍‌ରେ ତାଙ୍କ ପାଦ ଥାପିଛନ୍ତି।

ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା'ର ଆଇଟମ୍ ଗୀତରେ ନଜରକୁ ଆସିଥିବା ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କ ଅନେକ ସିନେମା ପରେ ଏବେ ସେ ହିନ୍ଦୀ ଫିଲ୍ମରେ ପ୍ରବେଶ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶକ କରଣ ଜୋହରଙ୍କ ନିର୍ଦ୍ଦେଶିତ ଏକ ମୁଭି ପାଇଁ ସାମନ୍ଥାଙ୍କୁ ଅଫର ମିଳିଛି। ଫିଲ୍ମରେ ସେ ବଲିଉଡ୍ ଭାଇଜାନ୍ ସଲମାନ୍‌ଙ୍କ ସହିତ ଦର୍ଶକଙ୍କୁ ତାଙ୍କ ଅଭିନୟର ଯାଦୁ ଦେଖାଇବାକୁ ଯାଉଛନ୍ତି। ନିକଟରେ ସାମନ୍ଥା ଇନ୍‌ଷ୍ଟାଗ୍ରାମରେ ୩୦ମିଲିୟନ ଫଲୋୟର୍ସଙ୍କୁ ଅତିକ୍ରମ କରି ଦକ୍ଷିଣ ଇଣ୍ଡଷ୍ଟ୍ରିର ଅନ୍ୟତମ ସବୁଠାରୁ ଅଧିକ ଫଲୋୟର୍ସ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।

ଗତବର୍ଷ ମୁକ୍ତିଲାଭ କରିଥିବା ଅମିତାଭ ବଚ୍ଚନଙ୍କ ଅଭିନୀତ ଫିଲ୍ମ 'ଗୁଡ୍‌ବାଏ' ପାରିବାରିକ କାହାଣୀକୁ ନେଇ ପରିବେଶିତ ହୋଇଥିଲା। ସାଉଥ୍ ସିନେମାର ଅଭିନେତ୍ରୀ ରଶ୍ମିକା ମାନ୍ଦାନାଙ୍କୁ ଫିଲ୍ମରେ ଅମିତାଭଙ୍କ ଝିଅ ଭୂମିକାରେ ଦେଖିବାକୁ ମିଳିଥିଲା। ଯିଏ ଜଣେ ଆଧୁନିକ ଯୁଗର ଝିଅ ହୋଇଥିଲେ ମଧ୍ୟ ପୁରୁଣାକାଳିଆ ରୀତିନୀତିକୁ ପସନ୍ଦ କରୁ ନ ଥିଲେ। ବାପା-ଝିଅଙ୍କ ଯୋଡ଼ିକୁ ବେଶ୍ ଲୋକପ୍ରିୟତା ମିଳିଥିଲା। ପୂର୍ବରୁ 'ପୁଷ୍ପା'ରେ ଅଭିନେତ୍ରୀ ମୁଖ୍ୟ ଚରିତ୍ରରେ ଅଭିନୟ ଲୋକଙ୍କ ମନ ମୋହିଥିଲା।

ଜଣାଶୁଣା ସାଉଥ୍ ଅଭିନେତାଙ୍କ ମଧ୍ୟରେ ଜୁନିଅର ଏନ୍‌ଟିଆର୍ ହେଉଛନ୍ତି ଜଣେ। ସେ ତାଙ୍କ ଅଭିନୟ ଯାଦୁରେ ସମସ୍ତଙ୍କୁ ବାନ୍ଧି ରଖିଛନ୍ତି। ଗତବର୍ଷର ଚଳଚ୍ଚିତ୍ର 'ଆର୍‌ଆର୍‌ଆର୍'ରେ ମୁଖ୍ୟ ଚରିତ୍ର ତାଙ୍କୁ ଆହୁରି ଲୋକପ୍ରିୟ କରାଇପାରିଛି, ଯାହାଫଳରେ ତାଙ୍କ ପାଖରେ ଅନେକ ମୁଭିର ଲାଇନ୍ ଲାଗିଛି। ୨୦୧୯ର 'ୱାର୍'ରେ ବି-ଟାଉନ୍‌ର ଅଭିନେତା ହ୍ରିତିକ୍ ରୋଶନ ଏବଂ ଟାଇଗର ଶ୍ରଫଙ୍କ ଯୋଡ଼ି ଧମାଲ କରିଥିଲା। ହେଲେ ଆସନ୍ତା ନଭେମ୍ବରରେ ମୁକ୍ତିଲାଭ କରିବାକୁ ଥିବା ଫିଲ୍ମ 'ୱାର-୨'ରେ ହ୍ରିତିକ୍ ରୋଶନ ଏବଂ ଜୁନିଅର ଏନ୍‌ଟିଆର୍‌ଙ୍କ ଯୋଡ଼ି ଦର୍ଶକଙ୍କୁ ଜଲୱା ଦେଖାଇବ।

ଜାତୀୟ ଫିଲ୍ମ ପୁରସ୍କାରପ୍ରାପ୍ତ ଅଭିନେତା ବିଜୟ ସେଥୁପତିଙ୍କ ଲୋକପ୍ରିୟତା ଦକ୍ଷିଣ ସିନେମାରେ ଅଧିକ ଥିଲାବେଳେ ଗତ ଫେବୃୟାରୀରେ ସେ ଫିଲ୍ମ 'ଫର୍ଜି'ରେ ତାଙ୍କ ଅଭିନୟର ଛାପ ଛାଡ଼ିଛନ୍ତି। ଯାଦୁକରି ଅଭିନୟ ବଳରେ ସେ ଆଉ ଦୁଇଟି ହିନ୍ଦୀ ସିନେମାରେ ମଧ୍ୟ ତାଙ୍କ ସ୍ଥାନ ପକ୍କା କରିବାରେ ସଫଳ ହୋଇଛନ୍ତି। 'ମୁମ୍ବାଇକର'ରେ ଓଟିଟି ଡେବ୍ୟୁ ପରେ 'ଜୱାନ'ରେ ମଧ୍ୟ ତାଙ୍କ ସ୍ଥାନ ବଳବତ୍ତର ରହିଥିଲା।

ଫିଲ୍ମ ଫେୟାର ପୁରସ୍କାର ବିଜେତା ସାଉଥ୍ ଅଭିନେତା ବେଲାମକୋଣ୍ଡା ସାଇ ଶ୍ରୀନିବାସ ମଧ୍ୟ ଗତ ମେ'ରେ ରିଲିଜ୍ ହୋଇଥିବା ୨୦୦୫ର ତେଲୁଗୁ ସିନେମାର ରିମେକ୍ 'ଛତ୍ରପତି'ରେ ଶିବାଜୀଙ୍କ ଭୂମିକା ନିଭାଇଥିଲେ। ଭି.ଭି ବିନାୟକଙ୍କ ନିର୍ଦ୍ଦେଶିତ ମୁଭିରେ ଶ୍ରୀନିବାସ ତାଙ୍କ ଦମ୍‌ଦାର ଅଭିନୟର ଝଲକ ଦେଖାଇଥିଲେ, ଯେଉଁଥିରେ ଶ୍ରୀନିବାସଙ୍କୁ ପାର୍ବତୀଙ୍କ ସାବତ ପୁଅ ଚରିତ୍ରରେ ଦେଖିବାକୁ ମିଳିଥିଲା। ପାର୍ବତୀଙ୍କ ନିଜ ପୁଅ ଅଶୋକଙ୍କ ଈର୍ଷା ପାଇଁ ହୋଇଥିବା ଶତ୍ରୁତାକୁ ଶିବାଜୀ ଶେଷକରିଥିଲେ।





# ସର୍ଜିକାଲ ଷ୍ଟ୍ରାଇକ୍ ଦିବସ



କାର୍‌ଗିଲ ଯୁଦ୍ଧରେ ହାରିବା ପରେ ପାକିସ୍ତାନ ତା'ର ରଣନୀତରେ ପରିବର୍ତ୍ତନ କରିଥିଲା। ଆତଙ୍କବାଦଙ୍କୁ ସାହାଯ୍ୟକରି ତାଙ୍କୁ ଅନୁପ୍ରବେଶ କରାଇବାକୁ ଲାଗିଥିଲା। ୨୦୧୬ ସେପ୍ଟେମ୍ବର ୧୮ ତାରିଖରେ ପାକିସ୍ତାନରୁ ଆସିଥିବା ଆତଙ୍କବାଦୀ ଜମ୍ମୁ-କାଶ୍ମୀରର ଉରି ସେକ୍ଟରରେ ଭାରତୀୟ ସେନା କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ଏଥିରେ ୧୮ଜଣ ଯବାନ ଶହୀଦ ହୋଇଥିଲେ। ଏହାପରେ ଦେଶରେ କ୍ରୋଧର ନିଆଁ ଜଳିଥିଲା। ପାକିସ୍ତାନକୁ ଜବାବ ଦେବା ପାଇଁ ଭାରତ ଯେଉଁ ପଦକ୍ଷେପ ନେଇଥିଲା ତାହା ସାରା ବିଶ୍ୱ ଦେଖିଥିଲା। ୨୮-୨୯ ସେପ୍ଟେମ୍ବର ରାତିରେ ପାକ୍ ଅଧିକୃତ କଶ୍ମୀରରେ ଲଞ୍ଚପ୍ୟାଡ୍ ଉପରେ ଭାରତ ସର୍ଜିକାଲ ଷ୍ଟ୍ରାଇକ କରିଥିଲା। ଯୋଜନାବଦ୍ଧ ଭାବେ ଭାରତୀୟ ସେନା ପିଓକେର ୩ କି.ମି. ଭିତରେ ପଶି ଆତଙ୍କବାଦୀ ଶିବିରକୁ ଧ୍ୱଂସକରି ଦେଇଥିଲେ।

# ଶିଶୁ ଦେଖିବାକୁ ୩୫ ବର୍ଷୀୟ



**ବ୍ରାସିଲିଆ:** ସାଧାରଣତଃ ଛୋଟ ପିଲାମାନେ ଦେଖିବାକୁ ବହୁତ ସୁନ୍ଦର ହୋଇଥାନ୍ତି। ତାଙ୍କୁ ଦେଖିଲେ ନିଜର ପିଲାଦିନ ମନେପଡ଼ିଯାଏ। ହେଲେ ନିକଟରେ ଏକ ଶିଶୁର ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି। ଶିଶୁଟିର ଶରୀରରେ ଏତେ ବୁଟି ଉଠିଛି ଯେ, ସେ ୩୫ ବର୍ଷୀୟ ଲୋକଙ୍କ ଭଳି ଦିଶୁଛି। ଜୋଆଓ ମିଗୁଏଲ ନାମକ ଏହି ଶିଶୁଟି ବ୍ରାଜିଲରେ ମା'ବାପାଙ୍କ ସହ ରୁହେ। ମା'ବାପା ପୁଅର ଏପରି ଫଟୋକୁ ସୋସିଆଲ ମିଡିଆରେ ଛାଡ଼ିଥିଲେ। ଏହାପରେ ଏହି ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। ଶିଶୁର ମୁହଁରେ ଦାଢ଼ି ଥିବା ସହ ଆଇବ୍ରୋ ମଧ୍ୟ ମୋଟା ମୋଟା ଅଛି। ଅନେକ ଭିଡିଓରେ ଶିଶୁଟି ବୋତଲ ସାହାଯ୍ୟରେ କ୍ଷୀର ପିଉଥିବା ମଧ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକେ ଅନେକ ମଜାଦାର କମେଣ୍ଟ ମଧ୍ୟ କରିଛନ୍ତି। ତେବେ ଶିଶୁର ଶରୀରରେ ଏତେ ଅଧିକ ବୁଟି କ'ଣ ପାଇଁ ଅଛି, ତାହା କୁହାଯାଇନି। ଏକ୍ସପର୍ଟଙ୍କ ତଥ୍ୟ ଅନୁସାରେ, ଏପରି ଅଧିକ ବୁଟି ଥିବା ପିଲାଙ୍କୁ 'ଲାନୁଗୋ' କୁହାଯାଏ। ପେଡିଆଟ୍ରିସିଆନ୍ ବେଭେରି କୁଫେର୍ଟ କହିଛନ୍ତି, ଯଦି ଶିଶୁ ଲାନୁଗୋ ସହିତ ଜନ୍ମ ହୁଏ, ତେବେ କିଛିଦିନ ଭିତରେ ତାହା କୁଆଡେ ପଳେଇବ। ଯଦି ତାହା ଅଧିକ ଦିନ ପର୍ଯ୍ୟନ୍ତ ରହିବ, ତେବେ ସେଥିରେ କିଛି ଅସୁବିଧା ନାହିଁ।

## ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍

# ବଜରଙ୍ଗ ଶ୍ରେଷ୍ଠ ଭାରତୀୟ

**୨୦୧୮ରୁ ଆରମ୍ଭ ହୋଇଥିଲା ଭାରତୀୟ ରେସ୍‌ଲିଂର ସ୍ୱର୍ଣ୍ଣିମ ଯୁଗ। ବଜରଙ୍ଗ ପୁନିଆ ରୌପ୍ୟ ପଦକ ବିଜୟୀ ହୋଇ ଇତିହାସ ରଚିଥିଲେ। ପ୍ରଥମ ଭାରତୀୟ ରେସ୍‌ଲର ଭାବରେ ବଜରଙ୍ଗ ବିଶ୍ୱ ଚାମ୍ପିୟନଶିପରେ ଦୁଇଟି ପଦକ ହାସଲ କରିଥିଲେ। ପରବର୍ଷ ଅର୍ଥାତ୍ ୨୦୧୯ରେ ଭାରତ ଜିତିଥିଲା ୫ ପଦକ....**

ସର୍ବିୟାର ବେଲ୍‌ଗ୍ରେଡଠାରେ ନିକଟରେ ସମାପ୍ତ ହୋଇଛି ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍। ବିଶ୍ୱ କୁସ୍ତି ମହାସଂଘ (ୟୁଡବ୍ଲ୍ୟୁଏଲ୍) ଦ୍ୱାରା ଭାରତୀୟ କୁସ୍ତି ମହାସଂଘ(ଡବ୍ଲ୍ୟୁଏଫ୍ଆଇ) ବାସନ୍ଦ ଥିବାରୁ ଭାରତୀୟ କୁସ୍ତିଯୋଦ୍ଧାମାନେ ନ୍ୟୁଟ୍ରାଲ ଆଥଲେଟ ଭାବରେ ଲଢେଇ କରିଥିଲେ। ଭାରତୀୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ମଧ୍ୟ ଆଶାର କିରଣ ଭାବରେ ଉଭା ହୋଇଥିଲେ ଅନ୍ତିମ ପଙ୍ଘାଲ। ୧୯ ବର୍ଷୀୟ ଅନ୍ତିମ ପୂର୍ବତନ ବିଶ୍ୱ ଚାମ୍ପିୟନଙ୍କୁ ପରାସ୍ତ କରିଥିବା ବେଳେ ଏକମାତ୍ର ଭାରତୀୟ ଖେଳାଳି ଭାବରେ ବ୍ରୋଞ୍ଜ ପଦକ ଜିତି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କିଛି ମାସ ପୂର୍ବରୁ ଭିନେଶ ଫୋଗଟଙ୍କ ସିଲେକ୍ସନକୁ ଚ୍ୟାଲେଞ୍ଜ କରିଥିବା ଅନ୍ତିମ ବର୍ତ୍ତମାନ ଭାରତୀୟ ରେସ୍‌ଲିଂରେ ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଏହା ଭାରତର ୨୩ ତମ ପଦକ। ଷଷ୍ଠ ମହିଳା ଖେଳାଳି ଭାବରେ ଅନ୍ତିମ ବିଶ୍ୱ ଚାମ୍ପିୟନଶିପରେ ପଦକ ହାସଲ କରିଥିଲେ। ୧୭ ଜଣ ପୁରୁଷ ଏହି ତାଲିକାରେ ସାମିଲ ଅଛନ୍ତି। ଟୋକିଓ ଅଲିମ୍ପିକ୍ସରେ ପଦକ ବିଜେତା ବଜରଙ୍ଗ ପୁନିଆ ସଫଳତମ ଭାରତୀୟ ଆଥଲେଟ ଭାବରେ ସର୍ବାଧିକ ୪ଟି ପଦକ ଜିତିଛନ୍ତି। ପଦକ ବିଜେତା ସମସ୍ତ ଭାରତୀୟ ଆଥଲେଟଙ୍କ ଉପରେ ଏକ ଆଲେଖ୍ୟ.....

୧୯୦୪ରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିଲା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍। ତେବେ ଭାରତ ସ୍ୱାଧୀନତା ହାସଲ କରିବାର ୧୪ ବର୍ଷ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରି ନ ଥିଲା। ୧୯୬୧ରେ ଭାରତ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିଲା। ପ୍ରଥମ ବର୍ଷରେ ହିଁ ଭାରତ ପାଇଁ ପ୍ରଥମ ପଦକ ଜିତିଥିଲେ ଉଦୟ ଚାନ୍ଦ। ଜାପାନର ୟୋକୋହାମାରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ୬୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ଉଦୟ ବ୍ରୋଞ୍ଜ ପଦକ ଜିତିଥିଲେ। ପରବର୍ତ୍ତୀ ୬ ବର୍ଷ ଭାରତ ପଦକ ଶୂନ୍ୟ ରହିବା ପରେ ୧୯୬୭ରେ ବିଶାମ୍ଭର ସିଂ ଜିତିଥିଲେ ଦ୍ୱିତୀୟ ପଦକ। ବିଶାମ୍ଭର ଭାରତ ପାଇଁ ପ୍ରଥମ ରୌପ୍ୟ ପଦକ ହାସଲ କରିଥିଲେ। ଭାରତ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବା ବେଳେ ୫୭ କିଗ୍ରା ଓଜନ ବର୍ଗରେ ବିଶାମ୍ଭର ରୌପ୍ୟ ପଦକ ଜିତିଥିଲେ। ପରବର୍ତ୍ତୀ ୩୯ ବର୍ଷ ଭାରତ ପଦକଶୂନ୍ୟ ରହିଥିଲା। ଚାଇନାର ଗୁଆଙ୍ଗଝୋରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ମହିଳା ପଦକ ବିଜୟୀ ହୋଇଥିଲେ। ୨୦୦୬ ମସିହାରେ ଅଲକା ତୋମର ଏକ ବ୍ରୋଞ୍ଜ ପଦକ ସହିତ ରଚିଥିଲେ ଇତିହାସ।

୨୦୧୦ରେ ରୁଷିଆର ମସ୍କୋରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ସୁଶୀଲ କୁମାର।



ବଜରଙ୍ଗ ପୁନିଆ

**ବଜରଙ୍ଗ ପୁନିଆ**
୨୦୧୩–ବ୍ରୋଞ୍ଜ ପଦକ, ବୁଦାପେଷ୍ଟ(୬୦ କିଗ୍ରା)
୨୦୧୮–ରୌପ୍ୟ ପଦକ, ବୁଦାପେଷ୍ଟ(୬୫ କିଗ୍ରା)
୨୦୧୯–ବ୍ରୋଞ୍ଜ ପଦକ, କାଜାଖସ୍ତାନ(୬୫ କିଗ୍ରା)
୨୦୨୨–ବ୍ରୋଞ୍ଜ ପଦକ, ବେଲଗ୍ରେଡ୍(୬୦ କିଗ୍ରା)

**ଭିନେଶ ଫୋଗଟ**
୨୦୧୯–ବ୍ରୋଞ୍ଜ ପଦକ, କାଜାଖସ୍ତାନ(୫୦ କିଗ୍ରା)
୨୦୨୨–ବ୍ରୋଞ୍ଜ ପଦକ, ବେଲଗ୍ରେଡ୍(୫୩ କିଗ୍ରା)



ଭିନେଶ ଫୋଗଟ

ପରବର୍ତ୍ତୀ ସମୟରେ ଅଲିମ୍ପିକ୍ସରେ ଦୁଇ ଦୁଇଟି ପଦକ ଜିତିଥିବା ସୁଶୀଲ ବର୍ତ୍ତମାନ ସୁଦ୍ଧା ଏକମାତ୍ର ଭାରତୀୟ ଭାବରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦୧୨ ରହିଥିଲା ଭାରତର ସଫଳତମ ସଂସ୍କରଣ। ଫୋଗାଟ ସିଷ୍ଟର ଭାବରେ ପରିଚିତ ଗୀତା ଓ ବବିତା ପ୍ରଥମ ଥର ପାଇଁ ଜିତିଥିଲେ ଦୁଇଟି ପଦକ। ଗୀତା ଫୋଗଟ(୫୧ କିଗ୍ରା) ଓ ବବିତା (୫୫ କିଗ୍ରା) ବର୍ଗରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିଲେ।

୨୦୧୩ ବୁଦାପେଷ୍ଟ ବିଶ୍ୱ ଚାମ୍ପିୟନଶିପରେ ଭାରତ ୩ଟି ପଦକ ବିଜୟୀ ହୋଇଥିଲା। ଗ୍ରୀକୋ ରୋମାନ ବର୍ଗରେ ଭାରତ ନିଜର ପ୍ରଥମ ତଥା ଏକମାତ୍ର ପଦକ ବିଜୟୀ ହେବାର ରେକର୍ଡ କରିଥିଲା। ୬୬ କିଗ୍ରା ଓଜନ ବର୍ଗରେ ସନ୍ଦୀପ ତୁଳସୀ ଯାଦବ ଭାରତ ପାଇଁ ଏହି ବ୍ରୋଞ୍ଜ ପଦକ ଜିତିଥିଲେ। ଏହା ବ୍ୟତୀତ ୫୫ କିଗ୍ରା ଫ୍ରି ଷ୍ଟାଇଲରେ ଅମିତ୍ ଦହିୟା ଓ ୬୦ କିଗ୍ରା ଓଜନ ବର୍ଗରେ ବଜରଙ୍ଗ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଥିଲେ।

ପରବର୍ତ୍ତୀ ୪ ବର୍ଷ ଭାରତୀୟ ରେସ୍‌ଲରମାନେ ଗୋଟିଏ ବି ପଦକ ହାସଲ କରିବାରେ ସମର୍ଥ ହୋଇ ନ ଥିବା ବେଳେ ୨୦୧୮ରୁ ଆରମ୍ଭ ହୋଇଥିଲା ଭାରତୀୟ ରେସ୍‌ଲିଂର ସ୍ୱର୍ଣ୍ଣିମ ଯୁଗ। ବଜରଙ୍ଗ ପୁନିଆ ଏକ ରୌପ୍ୟ ପଦକ ବିଜୟୀ ହୋଇ ଇତିହାସ ରଚିଥିଲେ। ପ୍ରଥମ ଭାରତୀୟ ରେସ୍‌ଲର ଭାବରେ ବଜରଙ୍ଗ ବିଶ୍ୱ ଚାମ୍ପିୟନଶିପରେ ଦୁଇଟି ପଦକ ହାସଲ କରିଥିଲେ। ପରବର୍ଷ ଅର୍ଥାତ ୨୦୧୯ରେ ଭାରତ ଜିତିଥିଲା ୫ ପଦକ। ବଜରଙ୍ଗ ୬୫ କିଗ୍ରା ଓଜନରେ ବ୍ୟକ୍ତିଗତ ତୃତୀୟ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ରାହୁଲ ଆୱାରେ(୫୫ କିଗ୍ରା), ରବି କୁମାର ଦହିୟା(୫୭ କିଗ୍ରା), ଦୀପକ ପୁନିଆ(୮୬ କିଗ୍ରା) ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିଥିଲେ। ୫୦ କିଗ୍ରା ଓଜନ ବର୍ଗରେ ଭିନେଶ ଫୋଗଟ ଏକ ବ୍ରୋଞ୍ଜ ଜିତିବା ସହିତ ଭାରତର ୫ମ ପଦକ ହାସଲ କରିଥିଲେ। ୨୦୨୧ ମହିଳା କୁସ୍ତିରେ ଭାରତ ଦୁଇଟି ପଦକ ବିଜୟୀ ହୋଇଥିଲା। ଅଂଶୁ ମଲିକ(୫୭ କିଗ୍ରା) ପ୍ରଥମ ଭାରତୀୟ ମହିଳା ଭାବରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ସରିତା ମୋର(୫୯ କିଗ୍ରା) ଏକ ବ୍ରୋଞ୍ଜ ବିଜୟୀ ହୋଇଥିଲେ। ସର୍ବିୟାର ବେଲଗ୍ରେଡରେ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ହୋଇଥିବା ବେଳେ ଭାରତ ପାଇଁ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ଜିତିଥିଲେ ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟ। ୨୦୨୩ରେ ଭାରତୀୟମାନେ ଜାତୀୟ ପତାକା ଅଧୀନରେ ଲଢ଼ି ନ ଥିବା ବେଳେ କେବଳ ଅନ୍ତିମ ପଙ୍ଘାଲ ଜିତିଥିଲେ ବ୍ରୋଞ୍ଜ ପଦକ।

–ପ୍ରସ୍ତୁତି: ସରୋଜ ଜେନା

# ୨୫୦ ରେକର୍ଡ କ୍ଲବ୍‌ରେ ଶ୍ରୀନାଥ

ସ୍ୱାଗତ ସମ୍ବାଦ

ପୂର୍ବତନ ଭାରତୀୟ ପେସ୍ ବୋଲର ଜାଭାଗଲ ଶ୍ରୀନାଥଙ୍କ କୃତିତ୍ୱ ଦେଶକୁ ଗର୍ବିତ କରିଛି। ବୋଲିଂ ଅନୁଶାସନରେ ଯେଭଳି ନାଁ କମେଇଥିଲେ କ୍ରିକେଟ ଅଫିସିଆଲ ଭାବେ ମଧ୍ୟ ସେ ଅନୁରୂପ ସଫଳତା ପାଇଛନ୍ତି। ଏକଦିବସୀୟ ଅନ୍ତର୍ଜାତୀୟରେ ମ୍ୟାଚ୍ ରେଫରି ଭାବେ ସେ ୨୫୦ଟି ମ୍ୟାଚ୍ ପରିଚାଳନା କରି ଏହି ରେକର୍ଡ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ଏସିଆ କପ୍ ଚାମ୍ପିୟନଶିପ୍‌ରେ ଭାରତ–ନେପାଳ ଦିନିକିଆ ମ୍ୟାଚ୍ ପରିଚାଳନା କରି ଶ୍ରୀନାଥ ଏହି ଅପୂର୍ବ ସଫଳତା ପାଇଥିଲେ। ୫୪ବର୍ଷୀୟ ଶ୍ରୀନାଥ ୬୭ଟି ଟେଷ୍ଟ ମ୍ୟାଚ୍ ଖେଳି ୨୩୬ ଉଇକେଟ୍ ଏବଂ ୨୨୯ଟି ଦିନିକିଆ ଖେଳି ୩୧୫ ଉଇକେଟ ହାସଲ କରିଥିଲେ। କ୍ରିକେଟର ଭାବେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ୨୦୦୩ ମସିହାରେ ଶେଷ ହୋଇଥିଲା। ୨୦୦୬ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ପକ୍ଷରୁ ମ୍ୟାଚ୍ ରେଫରି ମନୋନୀତ ହୋଇଥିଲେ। ଏହା ପୂର୍ବରୁ ରେଫରି ରଞ୍ଜନ ମଦୁଗଲ, ଖ୍ରୀସ୍ ବ୍ରଡ୍ ଓ ଜେଫ୍ କ୍ରୋ ୨୫୦ ଦିନିକିଆ ମ୍ୟାଚ୍ କ୍ଲବ୍‌ରେ ପ୍ରବେଶ କରିଥିଲେ। ଶ୍ରୀନାଥ ଏହି ସଫଳତା ପାଇବାରେ ବିଶ୍ୱର ଚତୁର୍ଥ ବ୍ୟକ୍ତି। ଏହା ସହିତ ଏଭଳି ମାଇଲଖୁଣ୍ଟ ଅର୍ଜନ କରିବାରେ ସେ ଭାରତରେ ପ୍ରଥମ। ଏଥିପାଇଁ ତାଙ୍କୁ ୧୭ବର୍ଷ ସମୟ ଲାଗିଲା। ଶ୍ରୀନାଥ ତାଙ୍କ ପ୍ରତିକ୍ରିୟାରେ ଏହି ସଫଳତାକୁ ଅନନ୍ୟ ବୋଲି ପ୍ରକାଶ କରିଛନ୍ତି। କ୍ରିକେଟର ଭାବେ ସେ ଖେଳିଥିବା ୨୨୯ଟି ଦିନିକିଆ ମ୍ୟାଚ୍ ଅପେକ୍ଷା ତାଙ୍କ ମ୍ୟାଚ୍ ସଂଖ୍ୟା ୩୧ଟି ଅଧିକ ରହିଛି। ୨୦୦୬ ମସିହାରେ କଲମ୍ବୋରେ ଶ୍ରୀଲଙ୍କା–ଦକ୍ଷିଣ ଆଫ୍ରିକା ଟେଷ୍ଟ ମ୍ୟାଚ୍‌ରେ ଶ୍ରୀନାଥଙ୍କର ଅନ୍ତର୍ଜାତୀୟ ରେଫରି ଜୀବନ ଆରମ୍ଭ ହୋଇଥିଲା। ୨୦୦୬ ମସିହାରେ ଆଇସିସି ଏଲିଟ୍ ପ୍ୟାନେଲରେ ସାମିଲ ହୋଇଥିଲେ। ୨୦୦୬ ମସିହାରେ ପ୍ରଥମ ଦିନିକିଆ ମ୍ୟାଚ୍ ପରିଚାଳନା କରିଥିଲେ। ୨୦୦୭ ଆଇସିସି ପୁରୁଷ ବିଶ୍ୱ କପ୍‌ରେ ରେଫରି ଦାୟିତ୍ୱ ତୁଲାଇଥିଲେ। ସେହିପରି ୨୦୦୯ ଓ ୨୦୧୩ ଆଇସିସି ଚାମ୍ପିୟନ୍ସ ଟ୍ରଫି, ୨୦୧୨, ୨୦୧୪, ୨୦୧୬ ଓ ୨୦୨୧ ଟି୨୦ ବିଶ୍ୱ କପ୍, ୬୫ଟି ଅନ୍ତର୍ଜାତୀୟ ଟେଷ୍ଟ, ୧୧୮ଟି ଅନ୍ତର୍ଜାତୀୟ ପୁରୁଷ ଟି୨୦ ଏବଂ ୧୬ଟି ଅନ୍ତର୍ଜାତୀୟ ମହିଳା ଟି୨୦ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ନିର୍ବାହ କରିଛନ୍ତି।



ଇଭାନ୍ କୁମାର ସାହୁ

**ପାକିସ୍ତାନ ଅଧିନାୟକ ଇମ୍ରାନ୍ ଖାଁ ଭାରତରୁ ଅମ୍ପାୟର ମଗାଇଥିଲେ। ପିଲୁ ରିପୋର୍ଟର ଓ ଏସ୍. ଭି. ରାମସ୍ୱାମୀ ଲାହୋର ଯାଇ ଉକ୍ତ ଟେଷ୍ଟ ମ୍ୟାଚ୍ ଅମ୍ପାୟରିଂ କରିଥିଲେ। ଏହି ଦୃଷ୍ଟିରୁ ପିଲୁ ରିପୋର୍ଟରଙ୍କୁ ବିଶ୍ୱର ପ୍ରଥମ ନିରପେକ୍ଷ ଅମ୍ପାୟର ଭାବେ ଗଣନା କରାଯାଏ।...**

# ପ୍ରଥମ ନିରପେକ୍ଷ ଟେଷ୍ଟ ଅମ୍ପାୟର

ନିରପେକ୍ଷ ରାଷ୍ଟ୍ରର ପ୍ରଥମ ଅମ୍ପାୟର ଭାବେ ଅନ୍ତର୍ଜାତୀୟ ଟେଷ୍ଟ ମ୍ୟାଚ୍‌ରେ ଅମ୍ପାୟରିଂ କରି ଇତିହାସ ରଚିଥିଲେ ପିଲୁ ରିପୋର୍ଟର। ଏହି ବିଶିଷ୍ଟ ଅମ୍ପାୟରଙ୍କର ପରଲୋକ ହୋଇଥିଲେ ହେଁ ଅନନ୍ୟ ଅମ୍ପାୟରିଂ ଶୈଳୀ ତାଙ୍କୁ ସର୍ବଦା ଅମର ରଖିବ। ମହାରାଷ୍ଟ୍ରର ଠାଣେ ସହରର ଏକ ହସ୍ପିଟାଲରେ ସେପ୍ଟେମ୍ବର ୩ ତାରିଖରେ ୮୪ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପିଲୁ ରିପୋର୍ଟରଙ୍କ ଦୀର୍ଘ ୨୮ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟରେ ଅମ୍ପାୟରିଂ କରିଥିଲେ। ପିଚ୍‌ରେ ଖେଳାଳିଙ୍କ ସହ ଭଲ ସମ୍ପର୍କ ରକ୍ଷାରେ ସେ ମାହିର ଥିଲେ। ମ୍ୟାଚ୍ ବେଳେ ବଲ୍ ବାଉଣ୍ଡରି ଲାଇନ ଛୁଇଁଲାକ୍ଷଣି ସେ ଯେଉଁ ଢଙ୍ଗରେ ହାତ ଉଠାଇ ସ୍ୱୀକୃତି ଦେଉଥିଲେ ତାହା ଦର୍ଶକଙ୍କ ପାଇଁ ବେଶ୍ ଉପଭୋଗ୍ୟ ଥିଲା। ସେ ମୁଖ୍ୟତଃ ମୁମ୍ବାଇ କ୍ରିକେଟ ସଂଘ ଆନୁକୂଲ୍ୟରେ ହେଉଥିବା ଘରୋଇ ଟୁର୍ନାମେଣ୍ଟଗୁଡ଼ିକରେ ମ୍ୟାଚ ଅମ୍ପାୟରିଂ କରୁଥିଲେ। ତାଙ୍କୁ ୧୪ଟି ଅନ୍ତର୍ଜାତୀୟ ଟେଷ୍ଟ ଓ ୨୨ଟି ଦିନିକିଆ ମ୍ୟାଚ୍‌ରେ ଅମ୍ପାୟରିଂ କରିବାର ସୁଯୋଗ ମିଳିଥିଲା। ୧୯୮୬ ମସିହାରେ ପାକିସ୍ତାନର ଲାହୋରରେ ପାକିସ୍ତାନ–ୱେଷ୍ଟଇଣ୍ଡିଜ୍ ପ୍ରଥମ ଟେଷ୍ଟ ମ୍ୟାଚ୍ ଅମ୍ପାୟରିଂକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଦ୍ୱିତୀୟ ଟେଷ୍ଟକୁ ନିରପେକ୍ଷ କରିବାକୁ ଯାଇ ପାକିସ୍ତାନ ଅଧିନାୟକ ଇମ୍ରାନ୍ ଖାଁ ଭାରତରୁ ଅମ୍ପାୟର ମଗାଇଥିଲେ। ପିଲୁ ରିପୋର୍ଟର ଓ ଏସ. ଭି. ରାମସ୍ୱାମୀ ଲାହୋର ଯାଇ ଉକ୍ତ ଟେଷ୍ଟ ମ୍ୟାଚ୍ ଅମ୍ପାୟରିଂ କରିଥିଲେ। ଏହି ଦୃଷ୍ଟିରୁ ପିଲୁ ରିପୋର୍ଟରଙ୍କୁ ବିଶ୍ୱର ପ୍ରଥମ ନିରପେକ୍ଷ ଅମ୍ପାୟର ଭାବେ ଗଣନା କରାଯାଏ। ଏହି ନୂଆ ପଦ୍ଧତି ସଫଳ ହେବାରୁ ଆଇସିସିକୁ ମଧ୍ୟ ନୂତନ ବିକଳ୍ପ ମିଳିଥିଲା। ୧୯୯୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ଗୁଡ଼ିକରେ ଆଇସିସି ନିରପେକ୍ଷ ଦେଶର ଜଣେ ଜଣେ ଅମ୍ପାୟରଙ୍କୁ ନିୟୋଜିତ କରିଆସିଛି। ୧୯୯୨ଦିନିକିଆ ବିଶ୍ୱକପ୍ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ହୋଇଥିଲା। ଏଥିରେ ନିରପେକ୍ଷ ଅମ୍ପାୟର ଭାବେ ୭ଟି ମ୍ୟାଚ୍‌ରେ ରିପୋର୍ଟର ଅମ୍ପାୟରିଂ କରିଥିଲେ। ୧୯୮୦ରୁ ୧୯୯୨ ମଧ୍ୟରେ ରିପୋର୍ଟର–ରାମସ୍ୱାମୀ ଯୋଡ଼ି ଅନେକ ମ୍ୟାଚ୍ ପରିଚାଳନା କରିଥିଲେ। ମୁମ୍ବାଇ କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ଟାଇମ୍ସ ସିଲ୍ଡ ଟୁର୍ନାମେଣ୍ଟରେ ମଧ୍ୟ ତାଙ୍କ ଅମ୍ପାୟରିଂ ଦେଖିବାକୁ ମିଳିଥିଲା। ଏହା ସହ ଜଡିତ ଏକ ସ୍ମୃତି ଶେୟାର କରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ଦିଲିପ ଭେଙ୍ଗସରକାର। ଏ ଡିଭିଜନରେ ଟାଟା ଓ ମହିନ୍ଦ୍ରା ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ଏହି ମ୍ୟାଚ୍ ସହ ଜଡିତ ସ୍ମୃତି ଶେୟାର କରିଥିଲେ ଭେଙ୍ଗସରକାର। ଏହି ମ୍ୟାଚ୍‌ରେ ଶତକ ହାସଲ କରିବା ପରେ ଭେଙ୍ଗସରକାର ଲୟରେ ନ ଥିବା ପରି ମନେ ହୋଇଥିଲା। ଏହା ଦେଖି ରିପୋର୍ଟର ତାଙ୍କ ପାଖକୁ ଆସିଥିଲେ ଓ ପୁରସ୍କାର ପାଇବାକୁ ଚାହୁଁ ନ କି ବୋଲି କହିଥିଲେ। ଏହାପରେ ଲୟକୁ ଫେରିବା ସହିତ ଦ୍ୱିଶତକ ହାସଲ କରି ଟାଇମ୍ସ ସିଲ୍ଡ ପୁରସ୍କାର ହାସଲ କରିଥିଲେ ଭେଙ୍ଗସରକାର। ରିପୋର୍ଟର ଜଣେ ଭଦ୍ର ଲୋକ ଓ ନିରପେକ୍ଷ ଅମ୍ପାୟର ବୋଲି କହିଛନ୍ତି ଭେଙ୍ଗସରକାର। ୨୯ବର୍ଷ ବୟସରେ ସେ ଏକ ରଣଜୀ ଟ୍ରଫି ମ୍ୟାଚ୍ ପରିଚାଳନା କରି ଅମ୍ପାୟାଅରିଂ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୪ରେ ଦିଲ୍ଲୀରେ ଅନୁଷ୍ଠିତ ଭାରତ–ଇଂଲଣ୍ଡ ଟେଷ୍ଟ ମ୍ୟାଚ୍‌ରେ ତାଙ୍କ ଅନ୍ତର୍ଜାତୀୟ ଟେଷ୍ଟ କ୍ୟାରିୟର ଆରମ୍ଭ ହୋଇଥିଲା। ପୂର୍ବତନ ଜିମ୍ବାୱେ କ୍ୟାପଟେନ୍ ହିଥ୍ ଷ୍ଟ୍ରିକ୍‌ଙ୍କ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପିଲୁ ରିପୋର୍ଟର ଅମ୍ପାୟରିଂ କରିଥିଲେ। ଦୁର୍ଭାଗ୍ୟର ବିଷୟ ଦୁଇଜଣ ଯାକ ଗୋଟିଏ ଦିନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



ପିଲୁ ରିପୋର୍ଟର

## ଧନ୍ୟ

ଏକଚାଳିଶ ବର୍ଷ ପରେ
ସଫଳତା
ଅଶ୍ୱଚାଳନାରେ ଦେଶ
ହିଷ୍ଟୋରିକ୍ ଗୋଲ୍ଡେନ୍
ଆଚିଭ୍‌ମେଣ୍ଟ
ଡ୍ରେସେଜ୍ ମିକ୍ସଡ୍ କଷ
ଅଶ୍ୱକୁ କରାଇ ବଶ
ଦିବ୍ୟକ୍ରିତି, ଛେଡା,
ସୁଦୀପ୍ତି, ଅନୁଶ
ଭାରତକୁ ଦେଲେ ଯଶ।

ଟି୨୦ଟି ମ୍ୟାଚରେ ତିନି
ଶ' ଚଉଦ
ରନ୍ ସବୁଠାରୁ ବଡ
ମଙ୍ଗୋଲିଆ ଟିମ୍ ବିପକ୍ଷ
ମ୍ୟାଚରେ
ହାଙ୍ଗଝୋରେ ହେଲା ଝଡ
ଟୁ ୱାର୍ଲ୍ଡ ରେକର୍ଡ ରଡ
ଟପ୍ ସ୍କୋର, ରନ୍
ବ୍ୟବଧାନ ୱିନ୍
ନେପାଳ ଖାତାରେ
ଯୋଡ।

ଆଇସିସି ୱାନ୍‌ଡେ
କ୍ରିକେଟ ୱାର୍ଲ୍ଡ କପ୍
ପାଖେଇ ଆସୁଛି ଦିନ
ପାକ କ୍ରିକେଟ ଟିମ୍
ଭାରତ ଆସିଛି
ସାତ ବର୍ଷ ବ୍ୟବଧାନ
ସେ ଖେଳାଳି ହୁଏ ଧନ୍ୟ
ଦେଶ ପାଇଁ ଖେଳି
ମେଡାଲ ଯେ ଆଣେ
ବ୍ରୋଞ୍ଜ ହେଉ ଅବା ସ୍ୱର୍ଣ୍ଣ।
–ସୁବାସ ଚନ୍ଦ୍ର ପ୍ରଧାନ

**ଯୁବକଙ୍କ ଆତ୍ମହତ୍ୟା**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଧଣ୍ଡାମୁଣ୍ଡା ଗାଁରେ ଜଣେ ଯୁବକ ବୁଧବାର ରାତିରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସୁକମାର ଭୋଇ(୩୮)। ସେ ନିଜ ଘର ଛାତରେ ଥିବା ଲୁହା ଏଙ୍ଗଲରେ ଶାଢ଼ୀ ବାନ୍ଧି ଝୁଲି ପଡି ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତକଙ୍କ ବଡ଼ ଭାଇ ହେମନ୍ତ ଭୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଖପ୍ରାଖୋଲ ଥାନା ଏକ ଅପମୃତ୍ୟୁ ମାମଲା(୧୨/୨୩) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏଏସଆଇ ନାରାୟଣ ସାହୁ କହିଛନ୍ତି।

## ସଂକ୍ଷେପରେ

### ସାମଗ୍ରୀ ଦରକୁ ନେଇ ଚିନ୍ତାରେ ଆବାସ ହିତାଧିକାରୀ

**ଲାଠୋର, ୨୮।୯(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ସାମଗ୍ରୀର ଆକାଶ ଛୁଆଁ ଦରକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଲାଠୋର, ବେନ୍ଦେର, କରୁଆଁଝର, ଟଙ୍କପାଣି, ରେଙ୍ଗାଲି, ତେଲେନପାଲି ଆଦି ପଞ୍ଚାୟତର ଶତାଧିକ ପରିବାର ଆବାସ ଯୋଜନାରେ ଘର ନିର୍ମାଣ କରୁଛନ୍ତି। ଲୁହାରଡ଼, ଇଟା, ବାଲି, ସିମେଣ୍ଟ ଦର ହଠାତ୍ ବଢି ଯାଇଛି। ଗୋଟିଏ ଘରକୁ ସରକାର ୧ ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ଏପରିସ୍ଥଳେ ଘର ନିର୍ମାଣ ସାମଗ୍ରୀର ଦର ବଢିବା ହେତୁ ହିତାଧିକାରୀ କ'ଣ କରିବେ ବୁଝି ପାରୁ ନାହାନ୍ତି। ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହିତାଧିକାରୀ ସାଧାରଣରେ ଦାବି କରିଛନ୍ତି।

### ଅସହାୟଙ୍କୁ ହ୍ୱିଲ ଚେୟାର, ଆଶାବାଡି ପ୍ରଦାନ



**ଲୋଇସିଂହା,୨୮।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କୁଷ୍ଠାଶ୍ରମ ଏବଂ ବୁର୍ଡା ଗ୍ରାମର କେତେକ ଅସହାୟଙ୍କୁ ହ୍ୱିଲ ଚେୟାର ଓ ଆଶାବାଡି ପ୍ରଦାନ କରାଯାଇଛି। ବଲାଙ୍ଗୀର ନିର୍‌ତାର କେନ୍ଦ୍ର ସହାୟତାରେ ପଶ୍ଚିମ ଓଡ଼ିଶା ମହିଳା ସଂଗଠନ ପକ୍ଷରୁ ପ୍ରାୟ ୬ ଜଣ ଅସହାୟଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା। ମହିଳାଙ୍କ ଅଧିକାର, ସୁରକ୍ଷା ଓ ସ୍ୱାଧୀନତା ପାଇଁ ପଶ୍ଚିମ ଓଡ଼ିଶା ମହିଳା ସଂଗଠନ କାମ କରୁଛି। ସଂଗଠନ ପକ୍ଷରୁ କିଛିଦିନ ତଳେ ଲୋଇସିଂହା କୁଷ୍ଠାଶ୍ରମ ଏବଂ ବୁର୍ଡା ହରିଜନ ସାହିକୁ ଯାଇ ଲୋକଙ୍କ ସୁବିଧା ଅସୁବିଧା ବୁଝାଯାଇଥିଲା। କେତେକ ବୃଦ୍ଧାବୃଦ୍ଧଙ୍କ ପାଖକ୍ଷର ସହାୟକ ଉପକରଣ ନଥିବାରୁ ଅସୁବିଧା ଭୋଗୁଥିବା ଜାଣି ନିରତାର କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଥିଲା ବୋଲି ସଂଗଠନ ସଭାନେତ୍ରୀ ସବିତା ନନ୍ଦ କହିଛନ୍ତି।

### କଲେଜ କ୍ୟାଣ୍ଟିନ ନୋଟିଫିକେଶନକୁ ନେଇ ଉଠିଲା ପ୍ରଶ୍ନ

**ଲୋଇସିଂହା,୨୮।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ କ୍ୟାଣ୍ଟିନ ଖୋଲିବା ପାଇଁ କଲେଜ କର୍ତ୍ତୃପକ୍ଷ ନୋଟିଫିକେସନ କରିଛନ୍ତି। ହେଲେ ଏଥିରେ କୌଣସି ନିୟମାବଳୀ ନ ଥିବାରୁ ଆପତ୍ତି ଉଠିଛି। ସରକାରୀ ଅନୁଦାନପ୍ରାପ୍ତ ଲୋଇସିଂହା ମହାବିଦ୍ୟାଳୟରେ ଯୁକ୍ତ ୨, ଯୁକ୍ତ ୩ରେ କଳା ଓ ବିଜ୍ଞାନ ବିଭାଗ ରହିଛି। ପ୍ରାୟ ୧୭ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ କଲେଜ ପରିସରରେ କ୍ୟାଣ୍ଟିନ ସୁବିଧା ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ଖାଇବାକୁ ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ଅସୁବିଧା ଦୂର ପାଇଁ କଲେଜ ପକ୍ଷରୁ ଚଳିତ ମାସ ୧୧ତାରିଖରେ କ୍ୟାଣ୍ଟିନ ପାଇଁ ନୋଟିଫିକେସନ ଜାରି କରାଯାଇଥିଲା। ସେପ୍ଟେମ୍ବର ୧୫ ତାରିଖ ଅପରାହ୍ନ ଅଢେଇଟା ସୁଦ୍ଧା ଅଧ୍ୟକ୍ଷଙ୍କ ଅଫିସ ପରିସର ଡ୍ରପବକ୍ସରେ କୋଟେଶନ ପକାଇବାକୁ କୁହାଯାଇଥିଲା। ୧୨ଜଣ ଆବେଦନ କରିଥିଲେ। ଫାସଡ ଅଞ୍ଚଳର ଜଣେ ବ୍ୟକ୍ତି କ୍ୟାଣ୍ଟିନ ପରିଚାଳନା ପାଇଁ ଚୟନ ହୋଇଥିବା ଜଣାପଡିଛି। ସରକାରୀ ମହାବିଦ୍ୟାଳୟ ହୋଇଥିଲେ ସୁଦ୍ଧା କୌଣସି ଖବର କାଗଜରେ ବିଜ୍ଞାପନ ନଦେଇ କେତେକ ସ୍ଥାନରେ କାନ୍ଥରେ ନୋଟିଫିକେସନ ଲଗାଯାଇଥିଲା। ଅପରପକ୍ଷରେ ନୋଟିଫିକେସନର ସମୟ ସୀମା ଅନ୍ତତଃପକ୍ଷେ ଗୋଟିଏ ସପ୍ତାହ ରହିବା ନିୟମ ରହିଛି। ସେପ୍ଟେମ୍ବର ୧୧ରେ ନୋଟିଫିକେସନ ଛାପି ୧୫ତାରିଖରେ ଆବେଦନ ତାରିଖ ରଖିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହାବାଦ ନୋଟିଫିକେସନରେ କୌଣସି ନିୟମାବଳୀ କିମ୍ବା କୋଟେସନ ଦର ରହି ନ ଥିଲା। କ୍ୟାଣ୍ଟିନରେ କେବଳ ଜଳଖିଆ ନା ଜଳଖିଆ ସହ ମିଲ୍ ବ୍ୟବସ୍ଥା ରହିବ ତାହା ଉଲ୍ଲେଖ ନଥିଲା ବୋଲି ଆବେଦନକାରୀ ଲୋଇସିଂହାର ବୀରେନ ପଧାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କୁ ତାଙ୍କ ମୋବାଇଲ ନଂ ୯୦୯୦୨୯୦୩୮୦ରେ ଯୋଗାଯୋଗ କରାଯାଇଥିଲା। ହେଲେ ଯୋଗଯୋଗ ସମ୍ଭବ ହୋଇ ନ ଥିଲା। ଏପରିକି ହ୍ୱାଟସ୍ଆପରେ ମ୍ୟାସେଜ ଦିଆଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।

# କାଠ ସାମଗ୍ରୀ ଜବତ, ଅଭିଯୁକ୍ତ ଗିରଫ



କଣ୍ଟାବାଞ୍ଜିରୁ ଜବତ କାଠ ସାମଗ୍ରୀ।



ଜବତ ଯନ୍ତ୍ରପାତି ଓ ଉପକରଣ।

**ବଲାଙ୍ଗୀର/କଣ୍ଟାବାଞ୍ଜି, ୨୮।୯ (ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)**

- **ଅଭିଯୁକ୍ତ ଗିରଫ**
- **ଅଭିଯୁକ୍ତଙ୍କ ଘରୁ ୩ ଜୀବନ୍ତ ଶୁଆ ଜବତ୍**

କାଠ ଚୋରାଚାଲାଣ ରୋକିବା ଏବଂ ଚାଲାଣକାରୀଙ୍କୁ ପାନେ ଦେବା ଲକ୍ଷ୍ୟ ନେଇ କଣ୍ଟାବାଞ୍ଜି ସହରରେ ବଲାଙ୍ଗୀର ବନବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଥିଲା। ଏହି ସଂକ୍ରାନ୍ତରେ କଣ୍ଟାବାଞ୍ଜି ରେଞ୍ଜରେ ଏକ ମାମଲା (୧୪୩/୨୩-୨୪) ରୁଜୁ କରାଯାଇଥିଲା। ଏହି ଚଢ଼ାଉ ଅଭିଯାନରେ ବନବିଭାଗ ଟିମ୍ କଣ୍ଟାବାଞ୍ଜିର ମୋହନ ଟଙ୍କଙ୍କ ଘରୁ ପ୍ରାୟ ୫ ଲକ୍ଷ ଟଙ୍କାର କାଠ ସାମଗ୍ରୀ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ବଲାଙ୍ଗୀର ଡିଏଫ୍ଓ ନୀତିଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ସକାଳ ପ୍ରାୟ ସାଢ଼େ ୬ଟାରେ ବଲାଙ୍ଗୀର, ଦେଓଗାଁ, ବଙ୍ଗୋମୁଣ୍ଡା, ପାଟଣାଗଡ, ଏବଂ କଣ୍ଟାବାଞ୍ଜି ରେଞ୍ଜ କର୍ମଚାରୀମାନେ ବଲାଙ୍ଗୀର ଡିଭିଜନାଲ ମୋବାଇଲ୍ ସ୍କ୍ୱାଡ୍ ସହ ପୋଲିସ୍ ପର୍ସନାଲ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କଣ୍ଟାବାଞ୍ଜି ଏନ୍ଏସିର ୱାର୍ଡ ନମ୍ବର ୧ ସ୍ଥିତ ମୋହନ ଟଙ୍କଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ଶାଗୁଆନ୍ ଏବଂ ବିଜା ସାଇଜ୍ ୯୯ ଖଣ୍ଡ (୫୩.୬୨ ସିଏଫ୍‌ଟି)ର ଅର୍ଦ୍ଧ ନିର୍ମିତ ଆସବାବପତ୍ର, କାଠ ତିଆରି ଉପକରଣ, ବିଭିନ୍ନ ମେଶିନ୍ ଜବତ ହୋଇଥଇଲା। ଏହା ସହିତ ବେଆଇନ କାଠ ଚୋରା କାରବାରରେ ଲିପ୍ତ ମୋହନ ଟଙ୍କଙ୍କୁ ବନବିଭାଗ ଟିମ୍ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ଘରୁ ବହୁ କାଠ ସାମଗ୍ରୀ ସହ ତିନିଟି ଜୀବନ୍ତ ଶୁଆକୁ ବନବିଭାଗ ଟିମ୍ ଉଦ୍ଧାର କରିଥିଲେ। ଏସିଏଫ୍ ଘନଶ୍ୟାମ ମହନ୍ତ, ଏବଂ ଜିତେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଚଢ଼ାଉ ଅଭିଯାନରେ ବଲାଙ୍ଗୀର, ଦେଓଗାଁ, ପାଟଣାଗଡ଼, ବଙ୍ଗୋମୁଣ୍ଡା ଏବଂ କଣ୍ଟାବାଞ୍ଜି ରେଞ୍ଜ ଅଫିସର ନବୀନ ପଣ୍ଡା, ଆନନ୍ଦ ଚନ୍ଦ୍ର ବିଶି, ପଦ୍ମନାଭ କୁମ୍ଭାର, ଫରେଷ୍ଟର ନବ କିଶୋର ଦାସ, କାମେଶ୍ୱର ତାଣ୍ଡି, ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡ଼ମାଲି, ଫରେଷ୍ଟର ବ୍ୟାସଦେବ ସାହୁ, ଚିତ୍ତରଞ୍ଜନ ଖମାରୀ, ଗୁଣନିଧି ପରିଡା ଏବଂ ଷ୍ଟାଫ୍ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବଲାଙ୍ଗୀର ଜିଲାରେ କାଠ ମାଫିଆ ଏବଂ କାଠ ଚୋରଙ୍କୁ ସାବାଡ଼୍ କରିବା ପାଇଁ ବଲାଙ୍ଗୀର ବନବିଭାଗ ପକ୍ଷରୁ ଆଗକୁ ମଧ୍ୟ ଜୋରଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବନବିଭାଗର ମୋ ସବୁଜ ବଲାଙ୍ଗୀର ଆପ୍ ଇନ୍‌ଷ୍ଟଲ କରି ବନ ବିଭାଗକୁ ଗୋପନୀୟ ସୂଚନା ଦେବା ସହ ଜଙ୍ଗଲ ସୁରକ୍ଷା ଦିଗରେ ଭାଗିଦାରୀ ହେବାକୁ ଡିଏଫ୍ଓ କୁମାର ଆହ୍ୱାନ ଜଣାଇଛନ୍ତି। ଏହି ଆପ୍‌ରେ ସୂଚନାକାରୀଙ୍କ ସମସ୍ତ ତଥ୍ୟ ଗୋପନୀୟ ରହେ ବୋଲି ସୂଚନା ଦିଆଯାଇଛି।

# ଶ୍ରମ ଆଇନ ମୁତାବକ ସହାୟତା ଦିଅ

**ଟିଟିଲାଗଡ଼, ୨୮।୯ (ଶରତ ମିଶ୍ର )**

**ନ୍ୟାୟ ପାଇଁ ଗ୍ରାମସାଥିଙ୍କ ଆନ୍ଦୋଳନା**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକର ୨୪ଟି ପଞ୍ଚାୟତରେ ୨ଶହ ଗ୍ରାମସାଥୀ କାର୍ଯ୍ୟରତ। ଦୈନିକ ମଜୁରି କେବଳ ମିଳୁଛି। ସରକାରଙ୍କ ଶ୍ରମ ବିଭାଗ ଆଇନ ମୁତାବକ ଇପିଏଫ, ଇଏସଆଇ, ଅବସରକାଳୀନ ଭତ୍ତା, ଜୀବନ ବୀମା ଆଦି କୌଣସି ସହାୟତା ମିଳୁନାହିଁ। ଏନେଇ ଗତ ୨୫ତାରିଖଠାରୁ ଭୁବନେଶ୍ୱରଠାରେ ଗ୍ରାମସାଥୀ ସଂଘ ତରଫରୁ ଆନ୍ଦୋଳନ ଜାରି ରହିଛି। ଗୁରୁବାର ଟିଟିଲାଗଡ଼ ବ୍ଲକ ଗ୍ରାମସାଥୀ ସଂଘ ସଭାପତି ଜଳଧର ଧାରୁଆଙ୍କ ନେତୃତ୍ୱରେ ସ୍ଥାନୀୟ କୁମୁଡା ପାହାଡ ଶୈବ କ୍ଷେତ୍ରରେ ଏକ ବୈଠକ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ନେଇ ବିଚାର ବିମର୍ଶ କରାଯାଇଥଇ। ଏହି ସଭାରେ ସରକାରଙ୍କ ନିଷ୍ପତ୍ତିକ୍ରମେ ୨୦୦୮ମସିହାରେ ଜାରି ପତ୍ର ସଂଖ୍ୟା ୪୩୨୪/ତା।୩୦।୧।୨୦୦୮ରେ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏକ ନିଯୁକ୍ତି ବାହାରିଲା। ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ୨ଜଣଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ନିଯୁକ୍ତି ଦିଆଗଲା। ହେଲେ ସରକାରଙ୍କୁ ବାରମ୍ବାର ଜଣାଇଲା ପରେ ମଧ୍ୟ ଗ୍ରାମସାଥିଙ୍କୁ ଏତେ ବର୍ଷ କାର୍ଯ୍ୟ କଲା ପରେ ମଧ୍ୟ କୌଣସି ନ୍ୟାୟ ମିଳିଲା ନାହିଁ। ସେମନେ ଦାବି କରିଛନ୍ତି ଯେ, ଦାଦନ ପ୍ରବଣ ଟିଟିଲାଗଡ ବ୍ଲକରେ ସରକାର ଜବକାର୍ଡଧାରୀ ଶ୍ରମିକଙ୍କୁ ୩୦୦ ଦିନର କାମ ଦେବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ବ୍ଲକ ପ୍ରଶାସନ ଓ ଯନ୍ତ୍ରୀମାନେ ଏହାର କାର୍ଯ୍ୟାନ୍ୱୟନରେ ଆନ୍ତରିକତା ରଖୁନାହାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବନ୍ଧ, ଚେକଡ୍ୟାମ, ରାସ୍ତା, ଜମି ଉନ୍ନତୀକରଣ, କୂପ, ସୋକପିଟ କାମ ପାଇଁ ଲୋକେ ପଞ୍ଚାୟତରେ ଆବେଦନ କରୁଛନ୍ତି କିନ୍ତୁ କାର୍ଯ୍ୟାଦେଶ ମିଳୁନାହିଁ। ଏଣୁ ପ୍ରତ୍ୟେକ ଗ୍ରାମରୁ ଲୋକେ କର୍ମ ଅନ୍ୱେଷଣରେ ଦାଦନ ଖଟିବାକୁ ଯାଉଛନ୍ତି। ଏହି ଯୋଜନାରେ ଗାଁ ସାଥୀଙ୍କୁ ସେମିସ୍କିଲ ମାନ୍ୟତା ମିଳିଛି। ହେଲେ ସେଭଳି ଭାବରେ ପାଉଣା ମିଳୁନାହିଁ। ଏମ୍‌ଜିଏ୍ଆର୍‌ଇଜିଏସ୍‌ରେ କାମକରି ଆର୍ଥିକ ବର୍ଷ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଅନେକ ଗାଁ ସାଥୀ ଟଙ୍କା ପାଇନାହାନ୍ତି। ସୂଚନା ଫଳକ ବୋର୍ଡର ଟଙ୍କା ମଧ୍ୟ ମିଳିପାରୁ ନାହିଁ। ଏହି ଯୋଜନାର କାମକୁ ମନମୁଖୀ ଠିକାଦାର ଲଗାଇ ହରିଲୁଟ କରାଯାଉଛି। ବ୍ଲକ ପ୍ରଶାସନର ମନମୁଖୀ ଏନଏମଏମଏସ ବନ୍ଦ କରାଯାଉ ବୋଲି ସଂଘ ଦାବି କରିଛି। ବୈଠକରେ ସଂଘର ରାଜ୍ୟ ଉପସଭାପତି ରମେଶ ରଣା, ସମ୍ପାଦକ ଧର୍ମେନ୍ଦ୍ର ନାଗ, ବ୍ଲକ କାର୍ଯ୍ୟକାରିଣୀ ଉପସଭାପତି ପରମାନନ୍ଦ ତାଣ୍ଡି, ସହସମ୍ପାଦକ ଧର୍ମେନ୍ଦ୍ର ବାଗ, ରୋହିତ ବାଗ, କୋଷାଧକ୍ଷ ମୁକେଶ ଛତର, ସତ୍ୟଜିତ ମେହେର, ପ୍ରହ୍ଲାଦ ପଧାନ, ଜଗବନ୍ଧୁ ବାଗ, ବଇଦ୍ୟ ସାହୁ, ଗୌରୀ ପାତ୍ର, ଧ୍ରୁବଚରଣ ମାଝି, ବିଷ୍ଣୁ ବାଗ, ମାଧବ ହରପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାଣୀପୁର-ଝରିଆଲରେ ହେରିଟେଜ୍ ପଦଯାତ୍ରା




ବଲାଙ୍ଗୀର ଜିଲାର ପ୍ରସିଦ୍ଧ ଯୋଗିନୀ ପୀଠରେ ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥାର ଛାତ୍ରୀଛାତ୍ର ଏବଂ ଷ୍ଟାଫ୍।

**ବଲାଙ୍ଗୀର, ୨୮।୯(ବୀରେନ୍ଦ୍ର କୁମାର ଝାଙ୍କର)**

**ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥା ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ**

ବଲାଙ୍ଗୀରସ୍ଥିତ ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥା ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସରେ ରାଣୀପୁର-ଝରିଆଲଠାରେ ହେରିଟେଜ୍ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ହୋଟେଲ ପ୍ରବନ୍ଧନ ସଂସ୍ଥାର ଛାତ୍ରୀଛାତ୍ର ଓ ଷ୍ଟାଫ୍ ଯୋଗଦେଇଥିଲେ। ସାରା ବିଶ୍ୱରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୭ ତାରିଖରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଆସୁଛି। ମଣିଷ ବିଭିନ୍ନ ବିଷୟରେ ଜାଣିବା ପାଇଁ ଇଚ୍ଛୁକ ହୋଇଥାଏ। ଜ୍ଞାନ ଆହାରଣ କରିବା ସହ ନୂଆ ସ୍ଥାନ ଏବଂ ବିଭିନ୍ନ ସଂସ୍କୃତି, ଇତିହାସ, ପ୍ରାଚୀନ କୀର୍ତ୍ତି, ଆଧୁନିକ କଳାତ୍ମକତା, ଐତିହ୍ୟ ଏବଂ ଦୁଃସାହସିକ ଆବିଷ୍କାର ଏବଂ ଅନୁସନ୍ଧାନ ଦିଗରେ ଆଗ୍ରହ ଦେଖାଏ। ସମଗ୍ର ବିଶ୍ୱରେ ଏବେ ପର୍ଯ୍ୟଟନ କ୍ଷେତ୍ର ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ଚଳିତବର୍ଷ ଜୀବନ ପାଇଁ ଯାତ୍ରା ଥିମ୍ ସହିତ ବଲାଙ୍ଗୀର ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥାର ଯୁବା ଟୁରିଜିମ୍ କ୍ଲବ୍ ସଦସ୍ୟମାନେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରିଥିଲେ। ପର୍ଯ୍ୟଟକଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ବୃଦ୍ଧି ପାଇଁ ରାଣୀପୁର-ଝରିଆଲର ପ୍ରସିଦ୍ଧ ୬୪ ଯୋଗିନୀ ମନ୍ଦିର ପରିଦର୍ଶନରେ ଯାଇ ସେଠାରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଛାତ୍ରମାନେ ସେଠାରେ ଏକ ହେରିଟେଜ୍ ପଦଯାତ୍ରା କରିଥିଲେ। ପର୍ଯ୍ୟଟକଙ୍କ ମଧ୍ୟରେ ସ୍ୱଚ୍ଛତା ବିଷୟରେ ସଚେତନ କରିଥିଲେ। କ୍ଲବ ସଦସ୍ୟମାନେ ପର୍ଯ୍ୟଟନସ୍ଥଳରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସୁନ୍ଦରତା କିଭଳି ବଜାୟ ରଖିବା ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏକ ସେଲଫି ପଏଣ୍ଟ ସ୍ଥାପନ କରାଯାଇଥିଲା। ସେଠାରେ ବହୁ ପର୍ଯ୍ୟଟକ ସେଲ୍‌ଫି ନେଇଥିଲେ। ଏହି ଅବସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ଅଧିକାରୀ ମାନସ କୁମାର ସାହୁ ଉପସ୍ଥିତ ଥିଲେ। ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥାର ଛାତ୍ରୀଛାତ୍ରମାନେ ବହୁ ଅଭିଜ୍ଞତା ନେଇ ସଂସ୍ଥାକୁ ଫେରିଛନ୍ତି। ହୋଟେଲ ପ୍ରବନ୍ଧନ ସଂସ୍ଥାର ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ପର୍ଯ୍ୟଟକ ଏବଂ ଜନସାଧାରଣଙ୍କ ପାଇଁ ବହୁ ମାତ୍ରାରେ ଶିକ୍ଷଣୀୟ ଏବଂ ଆକର୍ଷଣୀୟ ହୋଇଛି ବୋଲି କୁହାଯାଇଛି।

# ଖେଳାଳି ଚୟନ ଶିବିର

**ମୁରିବାହାଲ,୨୮।୯(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଚଣାବାହାଲ ଗ୍ରାମ ପଞ୍ଚାୟତର କୁର୍ଲୁବାହାଲ ମଧୁସୂଦନ ହୃଷୀକେଶ ହାଇସ୍କୁଲ ଖେଳ ପଡିଆଠାରେ ଗୁରୁବାର ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିହାରୀ, ସମିତି ସଭ୍ୟ ପୁଷ୍ପାଞ୍ଜଳି ଧରୁଆ, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ପୂର୍ବତନ କମିଟି ସଭାପତି ହୃଷୀକେଶ ମେହେର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ, ମୁକୁନ୍ଦଲାଲ ଅଗ୍ରୱାଲ, ହାଇସ୍କୁଲ ପ୍ରଧାନଶିକ୍ଷକ କୋଦଣ୍ଡଧର ପାଢ଼ି, ମୁରିବାହାଲ ବ୍ଲକ କ୍ରୀଡା ସମ୍ପାଦକ କୁବେରଲାଲ ବେହେରା, କୁର୍ଲୁବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ ରଘୁନାଥ ଗିରି ଉପସ୍ଥିତ ଥିଲେ। ଶିବିରରେ ୧୪ରୁ ୧୭ ବର୍ଷର ଛାତ୍ରୀଛାତ୍ରଙ୍କୁ ନେଇ ଖୋଖୋ, କବାଡି, ଫୁଟବଲ, ରକବି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁରିବାହାଲ ବ୍ଲକର ୨୦ ଟି ହାଇସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୧୪୧ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହେଇଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶାରୀରିକ ଶିକ୍ଷକ ବିନୋଦ କୁମାର ମହାପାତ୍ର ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଅନାର୍ଯ୍ୟ ସୁନା ଧନ୍ୟବାଦ ଦେଇଥିଲେ।

# ପାଓମେକ୍ସ ଶିଳ୍ପାଞ୍ଚଳ ପରିଦର୍ଶନ କଲେ ଛାତ୍ରୀଛାତ୍ର



ଟିଟିଲାଗଡ ପାଓମେକ୍ସ ଶିଳ୍ପାଞ୍ଚଳ ପରିଦର୍ଶନ କରୁଛନ୍ତି ଛାତ୍ରୀଛାତ୍ର।

**ଟିଟିଲାଗଡ଼,୨୮।୯(ଶରତ ମିଶ୍ର)**

ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଶ୍ୟାମ ସୁନ୍ଦର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଡିଏଭି ମହାବିଦ୍ୟାଳୟର ପ୍ରାକ୍ତନ ଅଧାପକ ଡ. ଗୋବର୍ଦ୍ଧନ ସାହୁ ଯୋଗଦେଇ ମାନବ ଜୀବନରେ ପର୍ଯ୍ୟଟନର ଆବଶ୍ୟକତା ତଥା ଭାରତ ଓ ବିଦେଶର ବିଭିନ୍ନ ପ୍ରମୁଖ ପର୍ଯ୍ୟଟନସ୍ଥଳ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା ଓଡ଼ିଶାର ପର୍ଯ୍ୟଟନକୁ ଆଧାର କରି ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଉପସଭାପତି ସଂକୀର୍ତ୍ତନ ମାଝି ମଞ୍ଚାସୀନ ଥିଲେ। ବାଳଭାରତୀର ପ୍ରମୁଖ ଛାତ୍ର ଅଂଶ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କର ଶୈକ୍ଷିକ ଭ୍ରମଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଟିଟିଲାଗଡ ସହର ନିକଟବର୍ତ୍ତୀ ପାଓମେକ୍ସ ଷ୍ଟିଲ ଇଣ୍ଡିଆ ଲିମିଟେଡକୁ ପରିଦର୍ଶନ ପାଇଁ ଛାତ୍ରୀଛାତ୍ରମାନେ ଯାଇଥିଲେ। ଏଜିଏମ ଡ. ସରୋଜ କୁମାର ନାୟକଙ୍କ ଅନୁମତିକ୍ରମେ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଛାତ୍ରୀଛାତ୍ରଙ୍କୁ ସମ୍ପୃକ୍ତ ଶିଳ୍ପାନୁଷ୍ଠାନ ପରିଦର୍ଶନ କରାଇବା ସହ ଏହାର କାର୍ଯ୍ୟପଦ୍ଧତି ସମ୍ପର୍କରେ ବୁଝାଇଥିଲେ। ଏହି ସମୟରେ ବିଦ୍ୟାଳୟ ସଭାପତି ଓ ପ୍ରଧାନ ଆଚାର୍ଯ୍ୟଙ୍କ ସହିତ ଆଚାର୍ଯ୍ୟ ପଙ୍କଜ କୁମାର ବେହେରା, ଅମିତ କୁମାର ତ୍ରିପାଠୀ, ଅମିୟ ରଞ୍ଜନ ମିଶ୍ର, ଆଚାର୍ଯ୍ୟା ଉଷାରାଣୀ ବିଶାଳ, ସୁଶ୍ରୀ ପଦ୍ମିନୀ ଛାତ୍ରୀଛାତ୍ରଙ୍କ ସହ ଉପସ୍ଥିତ ଥିଲେ।

# ୩୮ ବୋତଲ କଫ୍‌ସିରପ ଜବତ, ଜଣେ ଗିରଫ

**ବଲାଙ୍ଗୀର,୨୮।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହରରେ ଅପରାଧ ଓ ଅପରାଧୀଙ୍କୁ ଦମନ କରିବା ପାଇଁ ଏସ୍‌ପି ରଷିକେଶ ଖିଲାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ପେଶାଲ ଟିମ ଗଠନ କରାଯାଇଛି। ବୁଧବାର ରାତିରେ ପାଟ୍ରୋଲିଂ ପୋଲିସ ଟିମ୍ ଠିକାଦାରପଡା ଛକରେ କଫସିରପ ବିକ୍ରି ହେଉଥିବା ଖବର ପାଇଥିଲା। ସେଠାରେ ଚଢାଉ ପରେ ୩୮ଟି ସିଲ ଥିବା ମୋନକଫ-ପ୍ଲସ୍ କଫ ସିରପ ବୋତଲ, ନିଶା ଟାବଲେଟ ଏବଂ ନଗଦ ୫ ହଜାର ଟଙ୍କା ଜବତ କରିଥିଲା। କାରବାରରେ ସମ୍ପୃକ୍ତ ଅଭୟ ସାହୁଙ୍କୁ ଗିରଫ କରାଯାଇଥିଲା। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ଜବତ କଫ୍ ସିରପ, ନିଶା ଟାବଲେଟ ଓ ଟଙ୍କା।

# ମାନବିକତାର ବାର୍ତ୍ତା ଦିଏ ନୂଆଁଖାଇ

**ବଲାଙ୍ଗୀର,୨୮।୯ (ବୀରେନ୍ଦ୍ର କୁମାରେ ଝାଙ୍କର)**

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ପରିବାର ପକ୍ଷରୁ ସ୍ଥାନୀୟ ଖୁଜେନପାଲିସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନୂଆଁଖାଇ ଭେଟ୍ ଅନୁଷ୍ଠିତ ହୋଇଛି। ସଂଘ ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ମୁଖ୍ୟବକ୍ତା ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ସଂଘ ସଭାପତି ଏବଂ ବରିଷ୍ଠ କାର୍ଯ୍ୟକାରୀ ସଭ୍ୟ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ଥିଲେ। ପ୍ରଥମେ ଦେବୀ ସମଲେଇଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସମ୍ପୂର୍ଣ୍ଣା ବୃଦ୍ଧାଶ୍ରମର କର୍ମକର୍ତ୍ତାମାନେ ଭଜନ ପରିବେଷଣ କରିଥିଲେ। ସଂଘ ଉପଦେଷ୍ଟା ସୁବାସ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ବସନ୍ତ ଆଚାର୍ଯ୍ୟ ନୂଆଁଖାଇ ଭେଟ୍ ବା ମହାମିଳନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଡ. ମିଶ୍ର ନୂଆଁଖାଇର ସାମାଜିକ ଏବଂ ମାନବିକ ବାର୍ତ୍ତା ସମ୍ପର୍କରେ କହିଥିଲେ। ଉପଦେଷ୍ଟା ବହିଦାର ନୂଆଁଖାଇ ଏକତାର ପର୍ବ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ନାଟ୍ୟଭୂଷଣ ଛୁରିଆ ନୂଆଁଖାଇ ପାଳନ କରିବା ଦ୍ୱାରା କିଭଳି ସାମାଜିକ ସଚେତନତା ଏବଂ ପାରସ୍ପରିକ ସହଯୋଗ ବଢୁଛି କହିଥିଲେ। ବରିଷ୍ଠ ସଭ୍ୟ ରାଧାକାନ୍ତ ମେହେରଙ୍କ ରଚିତ ପୁସ୍ତକ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇକୁ ଏହି ଅବସରରେ ଉନ୍ମୋଚନ କରାଯାଇଥିଲା। ସଭା ପରେ ନୃତ୍ୟଶିଳ୍ପୀ କୁମାରୀ ରାଧାରାଣୀ ମିଶ୍ର ଏବଂ କୁନି କଳାକାର ଶ୍ରୀନିକା ଆଚାର୍ଯ୍ୟଙ୍କ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ବିଦ୍ୟୁତପ୍ରଭା ପଣ୍ଡା ଏବଂ ଗୀତାଞ୍ଜଳି ଶତପଥୀ ଭଜନ ଗାନ କରିଥିଲେ। ହାସ୍ୟକବି ରସରାଜ ଅଚ୍ୟୁତ ପୁରୋହିତଙ୍କ କବିତା ମାଧ୍ୟମରେ ସମସ୍ତଙ୍କୁ ହସର ଖୋରାକ ଯୋଗାଇଥିଲେ। ସଭାରେ ପଶ୍ଚିମ ଓଡ଼ିଶାରେ ଏକ ସେବା ସଙ୍ଗଠନ ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ସାଂସଦ ଗଠନ ହୋଇ କାର୍ଯ୍ୟକର୍ତ୍ତା ଚୟନ ପ୍ରକ୍ରିୟା ସମାପ୍ତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଯୋଗ ଦେଇଥିଲେ।




ନୂଆଁଖାଇ ଭେଟ୍‌ଘାଟ୍‌ର ମଞ୍ଚାସୀନ ଅତିଥି।

**ବରିଷ୍ଠ ନାଗରିକ ସଂଘର ନୂଆଁଖାଇ ଭେଟ୍‌ଘାଟ**

## ସଂକ୍ଷେପରେ

### ସାଇବର ଠକେଇ ରୋକିବ ସଚେତନତା ରଥ

ବରଗଡ଼, ୨୮।୯(ପ୍ରେମାନନ୍ଦ ଖମାରୀ)

ବର୍ତ୍ତମାନ ପ୍ରତିଦିନ ଜନସାଧାରଣ ସାଇବର ଠକେଇ ର ଶିକାର ହୋଇ ନିଜ କଷ୍ଟୋପାର୍ଜିତ ଅର୍ଥ ସବୁ ଲୁଟ୍‌ର ଶିକାର ହେଉଛନ୍ତି। ସାଇବର ଠକମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ଆକାଉଣ୍ଟଗୁଡିକରୁ କିପରି ଟଙ୍କା ସବୁ ଗାଏବ କରୁଛନ୍ତି ତାହା ଏବେ ଚିନ୍ତାର ବିଷୟ ହୋଇଛି। ଏସବୁ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସାଇବର ସଚେତନତା ରଥ ବୁଲିବ। ଆସନ୍ତା ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା ପରେ ଅକ୍ଟୋବର ୨ରୁ ୧୫ତାରିଖ ପର୍ଯ୍ୟନ୍ତ ବରଗଡ଼ ଜିଲା ସାରା ଏହି ସଚେତନତା ରଥ ବୁଲି ଲୋକଙ୍କୁ ସଚେତନ କରାଇବ। ଗୁରୁବାର ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ମୋନିଷା ବାନାର୍ଜୀ ଏହି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ପ୍ରଶାସନିକ ଅଧିକାରୀ, ସ୍କୁଲ, କଲେଜ, ବିଭିନ୍ନ ସଂଘ, ମିଶନ ଶକ୍ତିର ଯୋଗଦାନ ରହିବ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ଡିଏସ୍‌ପି ନିବେଦିତା ସୋରେନ, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସାଇବର କ୍ରାଇମ ସମ୍ପର୍କିତ ସମସ୍ତ ଅଭିଯୋଗ ପାଇଁ ପୋଲିସ ପକ୍ଷରୁ ୧୯୩୦ ନମ୍ବର ଜାରି କରାଯାଇଛି। ସାରା ଦେଶରେ ପ୍ରଥମ କରି ରାଜ୍ୟ ସରକାରଙ୍କ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମ ପ୍ରଥମ ବୋଲି ଜଣାପଡିଛି।

# ପୁଞ୍ଜିବାଦ କବ୍‌ଜାରେ ଆଜିର ଗଣତନ୍ତ୍ର

ବରଗଡ଼, ୨୮।୯(ପ୍ରେମାନନ୍ଦ ଖମାରୀ)

ସମଗ୍ର ପୃଥିବୀର ବିଭିନ୍ନ ଭୂଖଣ୍ଡରେ ପ୍ରଥମେ ରାଜା, ଜମିଦାରମାନେ ଶାସନ କରୁଥିଲେ। ସେହି ସମୟରେ ସେମାନଙ୍କୁ ଈଶ୍ୱରଙ୍କ ପ୍ରତିନିଧି ଭାବେ ତୁଳନା କରାଯାଉଥିଲା। ମାତ୍ର ଘଟଣାକ୍ରମେ ସେମାନେ ଶାସନ ବ୍ୟବସ୍ଥାରୁ ହଟି ଗଣତନ୍ତ୍ର ତାର ଜାଗା ନେଇଛି । ଏବେ ଗଣତନ୍ତ୍ର ବ୍ୟବସ୍ଥାକୁ ପୁଞ୍ଜିବାଦ ନିଜ କବ୍‌ଜାରେ ରଖିଛି। ଯେଉଁଠି ସାଧାରଣ ଜନତା, ଦଳିତ, ଚାଷୀ, ଆଦିବାସୀ, ଶ୍ରମିକଙ୍କ ସ୍ୱରକୁ ଚାପି ଦିଆଯାଉଛି । ତାକୁ ମଧ୍ୟ ପରିବର୍ତ୍ତନ କରିବାକୁ ହେବ। କାରଣ ପ୍ରତ୍ୟେକ କଥାର ବିକଳ୍ପ ଅଛି। ସେଥିପାଇଁ ଚେତନାର ଆବଶ୍ୟକତା ରହିଛି ଓ ସେହି ଚେତନାରୁ ନୂଆ ଶକ୍ତି ତିଆରି କରିବା ପାଇଁ ଆମ ସମସ୍ତଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ। ଯାହାକି କିଶନ ପଟ୍ଟନାୟକଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। କିଶନ ପଟ୍ଟନାୟକ ସମତା ଟ୍ରଷ୍ଟ, ବରଗଡ଼ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ବିଶିଷ୍ଟ ସମାଜବାଦୀ ଚିନ୍ତାନାୟକ କିଶନ ପଟ୍ଟନାୟକଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ସମାରୋହରେ 'ବିକଳ୍ପ ହୀନ ନୁହେଁ ଏ ଦୁନିଆଁ: କିଶନ ବିଚାର ପ୍ରତି ଏକ ଦୃଷ୍ଟିପାତ' ଶୀର୍ଷକ ଆଲୋଚନାଚକ୍ର ଉପରେ ମଧ୍ୟପ୍ରଦେଶ ବୈତୁଲ ଜିଲାର ବିଶିଷ୍ଟ ଚାଷୀ ନେତା ତଥା ସମାଜବାଦୀ ଚିନ୍ତକ ଡ. ସୁନିଲମ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଏହା କହିଛନ୍ତି।



ଆଲୋଚନାଚକ୍ରରେ ଉପସ୍ଥିତ ଜନସାଧାରଣ।

ଚାଷୀନେତା ଅଶୋକ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାଷୀ ନେତା ଲିଙ୍ଗରାଜ କାର୍ଯ୍ୟକ୍ରମ ସଂଯୋଜନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ସୁନିଲମ ଆହୁରି କହିଥିଲେ, କିଶନ ପଟ୍ଟନାୟକଙ୍କ ତମାମ ଜୀବନ ଥିଲା ଏକ ବିକଳ୍ପ ପ୍ରଦାନକାରୀ। ଗାନ୍ଧୀ, ଲୋହିଆ, ଜୟପ୍ରକାଶଙ୍କ ପରି ସେ ଥିଲେ ଏକ ବିକଳ୍ପ ଚିନ୍ତାର ନାୟକ। ଆଜିର ସରକାର ଯେମିତି ପୁଞ୍ଜିବାଦର ଢାଲ ସାଜିଛି ଏପରି ପରିସ୍ଥିତିରେ ଦିଲ୍ଲୀଠାରେ ହୋଇଥିବା ଚାଷୀ ଆନ୍ଦୋଳନ ସମଗ୍ର ବିଶ୍ୱକୁ ଏକ ମାର୍ଗ ଦେଖାଇପାରିଛି । ଆନ୍ଦୋଳନକୁ ସଂଯୁକ୍ତ କିଷାନ ମୋର୍ଚ୍ଚା କିପରି ପରିଚାଳନା କରୁଥିଲା, ଲୋକେ କିପରି ଯୋଗଦାନ କରିଥିଲେ ଏବଂ ଗୁରୁଦ୍ୱାରମାନେ କିପରି ଖାଦ୍ୟ ଯୋଗାଣ କରିଥିଲେ ଏବଂ ଶେଷରେ କେନ୍ଦ୍ର ସରକାର କିପରି ମୁଣ୍ଡ ନୁଆଁଇଥିଲେ ତାର ବିସ୍ତୃତ ବର୍ଣ୍ଣନା କରିଥିଲେ ସୁନିଲମ୍। ଗୁରୁଦ୍ୱାର ପରି ମନ୍ଦିର ମଧ୍ୟ ଏପରି ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି । ଗଣତନ୍ତ୍ର ଏବେ ଅର୍ଥତନ୍ତ୍ରରେ ପରିଣତ ହୋଇଛି। ବ୍ୟୟ ବହୁଳ ଭୋଟ ବ୍ୟବସ୍ଥା ଚାଲିଛି । ନେତାମାନଙ୍କ ଟେଷ୍ଟ ଖର୍ଚ୍ଚ ଏବେ ଚିନ୍ତା ପ୍ରକଟ କରୁଛି। ଧର୍ମ ଓ ଦେଶ ନାମରେ ଦେଶକୁ ବିକ୍ରି କରାଯାଉଛି। ମାତ୍ର କିଶନ ପଟ୍ଟନାୟକ ତାଙ୍କ ବିକଳ୍ପ ହୀନ୍ ନେହିଁ ହେ ଦୁନିଆଁ ପୁସ୍ତକରେ ଏହା ବି ଲେଖିଛନ୍ତି ଯେ, ଆମ ପୃଥିବୀ ସମସ୍ତଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ସାମର୍ଥ୍ୟ। ମାତ୍ର କାହାର ଲୋଭ ପୂରଣ କରିବା ପାଇଁ ସମର୍ଥ ନୁହେଁ। ସୁତରାଂ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଆମକୁ ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ହେବ।

ଅନ୍ୟମାନଙ୍କ ମଧ୍ୟରେ ନିଶା ନିବାରଣର ବରିଷ୍ଠ ନେତା ପଦ୍ମଚରଣ ନାୟକ ଯୋଗ ଦେଇ ନିଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ ଏହି ଅବସରରେ ଉମେଶ ବିଶ୍ୱାଳଙ୍କ ସମ୍ପାଦିତ ନୂତନ ପ୍ରକାଶିତ ପାକ୍ଷିକ ସମ୍ବାଦପତ୍ର 'ଗଣଦୃଷ୍ଟି'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗାଁ ମାଏଟ୍ ସାଂସ୍କୃତିକ ଆନ୍ଦୋଳନର ଅଜିତ ପାଣିଗ୍ରାହୀ ଓ ସାଥୀମାନେ ସଂଗ୍ରାମୀ ଗୀତ ପରିବେଷଣ କରିଥିଲେ। ନାଟ୍ୟକାର ଅରୁଣ କୁମାର ସାହୁଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ ଯୋଜନା ଚାଲିଛେକୁ ତାଳଶ୍ରୀଗିଡା ଗ୍ରାମର କଳାକାରମାନେ ପରିବେଷଣ କରିଥିଲେ। ରମେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଚାଷୀ ନେତା ଶିବ ପଧାନ, ଜୟ କିଷାନ ଆନ୍ଦୋଳନ ସଭାପତି ସୁଶୀଲ ସାହୁ, ସମ୍ପାଦକ ହର ବଣିଆ, ଚଞ୍ଚଳ ପଧାନ, ରାଧାକାନ୍ତ ବହିଦାର, ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି, ଦେବେନ୍ଦ୍ର ପଧାନ, କିଶୋର ସାହୁ, ଅରୁଣ ସାହୁ, ଲକ୍ଷ୍ମଣ ସୁନା, ନିମାଇଁ ମହାପାତ୍ର, ରାଜେଶ ଝାଙ୍କର ଓ ଅନ୍ୟ ସାଥୀମାନେ ସହଯୋଗ କରିଥିଲେ।

### ଆଲୋଚନାଚକ୍ରରେ ମତପ୍ରକାଶ



କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ବକ୍ତବ୍ୟ ରଖୁଛନ୍ତି।

## ବିଶ୍ୱ ପର୍ଯ୍ୟଟନ ଦିବସରେ କୁଇଜ ପ୍ରତିଯୋଗିତା

ବରଗଡ଼, ୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଂସ୍କୃତି ଭବନଠାରେ ବୁଧବାର ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତା ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ସୁଷମା ଦାସ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗରେ ବରଗଡ଼ ରେନ୍‌ବୋ ପବ୍ଲିକ ସ୍କୁଲର ପ୍ରତୀକ ପ୍ରଧାନ, ନିଶାମଣି ଉଚ୍ଚ ବିଦ୍ୟାଳୟର ଅନିମେଷ ପଣ୍ଡା, ବେଥାନୀ କନ୍‌ଭେଣ୍ଟ ସ୍କୁଲର ରୁଦ୍ରସାଇ ସାହୁ ଏବଂ ବରିଷ୍ଠ ବର୍ଗରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଅବିନାଶ ନାଗ, ଇମ୍ପେରିଆଲ କଲେଜର ଏମ୍‌ଡି ହୁସେନ, ମହିଳା ମହାବିଦ୍ୟାଳୟର ରୋଜି ବାଗ, ବିକାଶ ଆବାସିକ ବିଦ୍ୟାଳୟର ଶୁଭିକ୍ଷା ମିଶ୍ର ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ବିଭିନ୍ନ ସ୍କୁଲ କଲେଜର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବରଗଡ଼ ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରମୋଦ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨୫ ଗଣିତ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଭେଡ଼େନ,୨୮।୯ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବରପଦର ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣିତ, ବିଜ୍ଞାନ, ମିଲେଟ ଖାଦ୍ୟପ୍ରସ୍ତୁତି ତଥା ପୁରୁଣା ସାମଗ୍ରୀ ଆଦି ୧୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି କ୍ଷିତେଶ୍ୱର ବେହେରା, ପୂର୍ବତନ ସିଆର୍‌ସିସି ଅରୁଣ କୁମାର ଭୋଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ସଂଯୋଜକ ସଞ୍ଜୀବ କୁମାର ସାହୁ, ଅଶୋକ ପଣ୍ଡା, ବନ୍ଦନା ପାତ୍ର, ସୀମା ମାଝୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରଦର୍ଶନୀରେ ଅର୍ଚ୍ଚନା ପଧାନ, ଭୂମିସୂତା ତନସନା, ତୁଷାର ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷକ ଗୋବିନ୍ଦ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ଅମୃତଲାଲ ସେଟ, ତାପସ କୁମାର କର୍ମୀ, ରୀମାଧର ଭୁଏ, ସୁମିତ କୁମାର ମଲ୍ଲିକ, ଯବନିକା ପାଣିଗ୍ରାହୀ, ସୁଦାମ ଭୁଏ, ଉଦୟ ବାରିକ, ଗୋପାଳ ଚନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ଏବଂ ବିଚାରକ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

## ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ସୁରଭି ପ୍ରକୃଷ୍ଟ ମଞ୍ଚ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହତା କ୍ଲଷ୍ଟର ସ୍ତରୀୟ ସୁରଭି ଓ ମିଲେଟ୍ସ କାର୍ଯ୍ୟକ୍ରମ ଗୁରୁବାର ଗାଇସିମା ପଞ୍ଚାୟତ ମାଳିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିବ ଶଙ୍କର ଦାଶଙ୍କ ଅଧ୍ୟକ୍ଷତା ଏବଂ ସିଆରସିସି ନାରାୟଣ ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ପଦ୍ମଲୋଚନ ମଲ୍ଲିକ, ପ୍ରଧାନ ଶିକ୍ଷକ ଡୋଳାମଣି ସୁନା, ଭକ୍ତ ପ୍ରସାଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶ ପାଇଁ ସୁରଭି ପ୍ରକୃଷ୍ଟ ମଞ୍ଚ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ତଥା ଅଡଗାଁ କୃଷି ସେବା ସମବାୟ ସମିତି ଅଧ୍ୟକ୍ଷ ଅଶ୍ୱିନୀ ତ୍ରିପାଠୀ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ପୃଥ୍ୱୀରାଜ ପ୍ରଧାନ, ବିଦ୍ୟାଧର ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ, ସ୍ମିତା ପ୍ରଧାନ, ମୋହନ ସାହୁ, ମିନତି ଦାଶ, ସିତାଂଶୁ ଶେଖର କର, ରକ୍ଷପାଳ ସାହୁଙ୍କ ସମେତ କ୍ଲଷ୍ଟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ନୂତନ ବୁଥ୍ ଗଠନ ଉପରେ ବୈଠକ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ନିର୍ବାଚନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ବୁଥ୍ ପ୍ରସ୍ତାବିତ ସ୍ଥାନ, ବୁଥ୍‌ର ନାମ ପରିବର୍ତ୍ତନ ଆଦି ବିଷୟଗୁଡିକୁ ଚୂଡାନ୍ତ କରିବା, ନୂଆ ଭୋଟର ପଞ୍ଜୀକରଣ, ବୁଥ୍ ସ୍ତରୀୟ ପ୍ରତିନିଧି ଚୟନ, ଭୋଟର ସଚେତନତା କାର୍ଯ୍ୟକ୍ରମ, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଆଦି ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ଲଲାଟ ଲୁହା, ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲ, ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଭାଜପାର ଅବନୀକାନ୍ତ ପଣ୍ଡା, ବିଜେଡିର ଉମାକାନ୍ତ ସାହୁ, କଂଗ୍ରେସର ପାଣ୍ଡବ କର୍ଣ୍ଣ, ଆମ୍ ଆଦ୍‌ମୀ ପାର୍ଟିର ଭବାନୀ ସାହୁ, ବିଏସ୍‌ପିର ଅଚ୍ୟୁତ ସର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମାଣ୍ଡୋସିଲ, ଭୂତମୁଣ୍ଡାରେ ହାତୀ



ପାଇକମାଲ,୨୮।୯(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ଓ ଭୁତମୁଣ୍ଡାରେ ଦିନବେଳା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଉକ୍ତ ହାତୀ ଗୁରୁବାର ସାଇପଲା ପଟୁ ଆସି ମାଣ୍ଡୋସିଲ ଦେଇ ଭୂତମୁଣ୍ଡା ଗାଁ ମଝିରେ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ହାତୀ ଆସିବା ଖବର ପାଇ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ହାତୀ ପ୍ରତି ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ବନଖଣ୍ଡ ଅଧିକରୀ ରାଜେନ୍ଦ୍ର ଭୋଇଙ୍କୁ ପଚାରିବାରୁ ହାତୀଟି ଏବେ ଝିଟିକି, କାଂଶଡା ପଟେ ଅଛି ବୋଲି ସୂଚନା ଦେବା ସହ କିଛି କ୍ଷତି କରିନାହିଁ ବୋଲି ସେ କହିଛନ୍ତି।

## ସରପଞ୍ଚ, ଆର୍‌ଆଇଙ୍କ ସମେତ ୫ ଗିରଫ

ବରଗଡ଼, ୨୮।୯(ପ୍ରେମାନନ୍ଦ ଖମାରୀ)

### ନକଲି ଜାତିଗତ ପ୍ରମାଣପତ୍ର ମାମଲା

ନକଲି ଜାତିଗତ ପ୍ରମାଣପତ୍ର ପ୍ରସ୍ତୁତି ଅଭିଯୋଗରେ ବରଗଡ଼ ଜିଲା ଭଟଲି ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତର ପ୍ରଦେଶର ବିରପାଲ ସିଂ, ବବ୍ଲେଶ କୁମାର, ରବିକାନ୍ତ, ଭଟଲି ତହସିଲ ଅଧୀନ ସୁକୁଡା ଆର୍‌ଆଇ ସନ୍ଦୀପ କୁମାର ଶତପଥୀ ଏବଂ ସରପଞ୍ଚ ମନୋରଞ୍ଜନ ଦୋରା। ସେମାନଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା (ନଂ.୨୨୫।୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗିରଫ ଉତ୍ତର ପ୍ରଦେଶର ୩ ଅଭିଯୁକ୍ତ ନିଜକୁ ଓଡିଶାର ବାସିନ୍ଦା ଦର୍ଶାଇ ଅନୁସୂଚିତ ଜନଜାତି ବର୍ଗର ଜାତିଗତ ପ୍ରମାଣପତ୍ର ହାତେଇଥିଲେ। ସେହିପରି ଏହି ଜାଲିଆତିରେ ଗିରଫ ହୋଇଥିବା ଆର୍‌ଆଇ ଏବଂ ସରପଞ୍ଚ ସହଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଆବଶ୍ୟକ ପ୍ରମାଣ ଯୋଗାଡ କରି ସେମାନଙ୍କୁ ଗିରଫ କରିଛି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଜିଲାସ୍ତରୀୟ ଖୋଖୋ, ଯୋଗ ପ୍ରତିଯୋଗିତା ଉଦ୍‌ଘାଟିତ

ସରଣ୍ଡା,୨୮।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଖୋଖୋ ଓ ଯୋଗ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ ମୁଖ୍ୟ ଅତିଥି, ଏଡିଇଓ ଛତ୍ରପତି ସାହୁ ଓ ଜ୍ୟୋତିକାନ୍ତ ସାହୁ, ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ, ଅତାବିରା ଏନ୍‌ଏସି ଅଧ୍ୟକ୍ଷ ବନମାଳି ବରିହା, ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଓ ତପନ କୁମାର ଦାସ, ଅତାବିରା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ହରିପାଲ ଏବଂ ସୁରେନ୍ଦ୍ର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଜିଲାର ୧୨ଟି ବ୍ଲକରୁ ସମୁଦାୟ ୭୨୪ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଲବ ସାହୁ , ହିମାଂଶୁ ଶେଖର ସାହୁ, ବାବୁଲାଲ ପାଣ୍ଡିଆ, ଯାଦବ ପ୍ରଧାନ, ସନ୍ତୋଷ କର, ମନୋରଞ୍ଜନ ମିଶ୍ର, ଚିତ୍ତରଞ୍ଜନ ପ୍ରଧାନ, ନନ୍ଦିଘୋଷ ଭୁଏ, ନୃପ ଭୋଇ, ରବି ପ୍ରସାଦ ଗୁପ୍ତା ଏବଂ ସମସ୍ତ ଖେଳ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଖେଳ ଶିକ୍ଷକ ମନ୍‌ସୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଖୋଖୋ ଓ ଯୋଗ ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି ।

# ମହମ୍ମଦ ଜୟନ୍ତୀରେ ଶୋଭାଯାତ୍ରା, ରକ୍ତଦାନ ଶିବିର

ସୋହେଲା,୨୮।୯(ଅଶ୍ୱିନୀ ପାତ୍ର)

ସୋହେଲା ମୁସଲିମ ସମାଜ ପକ୍ଷରୁ ଗୁରୁବାର ପ୍ରଫେଟ୍ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲମାନମାନେ ସ୍ଥାନୀୟ ମସଜିଦ୍‌ରେ ସଲାମ ପାଠ ପରେ ଫାତିଆ ପାଠ କରିଥିଲେ। ଏହାପରେ ସେମାନେ ଏକ ଭବ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଇଦରିଶ ଖାନ, ଇନାୟତ ଖାନ, ମିର୍ଜା ଅଶଗର ବେଗ, ମୁବାରକ ଖାନ, ଅସଲମ ବେଗ, ସୋହେଲା ମସଜିଦ୍‌ର ଇମାମ ଫିରୋଜ ଆଲମ, ହାଜି ଇକବାଲ ଖେରାନୀ, ଏମ୍‌ଡି ରାଜ, ଗୁଲାମ ଜାଫର୍ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ପରେ ଲଙ୍ଗରେ ମହମ୍ମଦିଆ ଅନୁଷ୍ଠିତ ହୋଇଥିଲା। ଭଟଲି ବିଧାୟକ ସୁଶାନ୍ତ ସିଂ, ଚାଷୀ ନେତା ମନୋହର ମାଝୀ ମସଜିଦ୍‌କୁ ଯାଇ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ।

**ପଦ୍ମପୁର,(ପ୍ରଦୀପ୍ତ ଦାଶ):** ପଦ୍ମପୁର ସୁନ୍ନି ମୁସଲିମ ଜମାତ ତରଫରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଗୁରୁବାର ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ମୁସଲିମ ସମ୍ପ୍ରଦାୟର ଲୋକେ ଏକ ଶୋଭାଯାତ୍ରାରେ ପଦ୍ମପୁର ଟାଉନ ପରିକ୍ରମା କରିଥିଲେ। ପରେ ଏକ ନମାଜ ପାଠ ହୋଇଥିଲା। ସଭାପତି ନଜମୁଲ ହୋଦା, ସମ୍ପାଦକ ସମ୍ସିହୁଲ ହୁସେନ, ମହମ୍ମଦ ଆବାସ, ମହମଦ ମନସୁର, ଗୁଲାମ ରସୁଲ, ଗୁଲାମ କିବ୍ରିଆ, ମହମଦ ଆକ୍ବର, ମୌଲାନା ଅହମଦ ରଜା, ଶେକ ଓସିମ, ମହମ୍ମଦ ଜାବେଦ, ମହମ୍ମଦ ୱହିଦ ପ୍ରମୁଖ ପଦ୍ମପୁର ସୁନ୍ନି ମୁସଲିମ ଜମାତ କମିଟି ଓ ତାଜ୍ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ପଦ୍ମପୁର ସୁନ୍ନି ମୁସଲିମ୍ ଜମାତ ରଜା କମିଟି, ତାଜ୍ କମିଟି ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ସୁନ୍ନି ମୁସଲିମ ଜମାତ ରଜା କମିଟି, ତାଜ କମିଟି ସଭାପତି ନଜମୁଲ ଦୋହା, ସମ୍ପାଦକ ଏମ୍‌ଡି. ଜାହିଦ ଓ ସମିଲ ହୁସେନ, ଏମ୍‌ଡି. ଅବାସ, ମନସୁର, ଗୁଲାମ କିବ୍ରିଆ, ଅକବର, ମୌଲାନା ମହମ୍ମଦ ରଜା, ଶେଖ ୱସିମ, ଜାଭେଦ, ୱାହେଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡା. ସରୋଜ ସେଟ, ବସ ମାଲିକ ସଂଘ ସଭାପତି ମନୋରଞ୍ଜନ ସିଂ ବରିହା, ସମାଜସେବୀ ନିରୋଜ ଦୋରା, ରତ୍ନମଣି ଶତପଥି, ଖବରଦାତା ପ୍ରଦୀପ୍ତ ଦାଶ, ଅଶ୍ୱିନୀ ଧରୁଆ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଉପଖଣ୍ଡ ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ସୁମିତ ସୁମନ ସିହ୍ନା, ଦୀପକ ସାହୁ, ଜିତେନ୍ଦ୍ରିୟ ଗୁର୍ଲା, କିଶୋର ପ୍ରଧାନ ରକ୍ତ ସଂଗ୍ରହ କରିଥିଲେ।





ସୋହେଲାରେ ମୁସଲିମ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ବାହାରିଛନ୍ତି(ବାମ)। ପଦ୍ମପୁର ସହରରେ ମୁସଲିମ ସମ୍ପ୍ରଦାୟର ଶୋଭାଯାତ୍ରା।

## ଆଜି କ'ଣ କେଉଁଠି

ରାଉରକେଲା

- ଜର୍ଜ ତିର୍କୀଙ୍କ ଖବରଦାତା ସମ୍ମିଳନୀ, ସେକ୍ଟର-୫ ପାନ୍ଥନିବାସ, ପୂର୍ବାହ୍ନ ସାଢେ ୧୦ଟା।
- କୁଡୁଖ ସମାଜର ଫୁଟବଲ ମ୍ୟାଚ, ଡିଏଭି ପଡ଼ିଆ, ପୂର୍ବାହ୍ନ ସାଢେ ୧୦ଟା।
- ସରକାରୀ ଜମି ଜବରଦଖଲ ନେଇ ଫେରାଦ, ଏଡ଼ିଏମ ଅଫିସ, ପୂର୍ବାହ୍ନ ସାଢେ ୧୧ଟା।
- ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସେକ୍ଟର-୬ ବସ୍ତିଆ ଭବନ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଷ୍ଟୋଭ୍ ଫାଟି ମହିଳା ଗୁରୁତର

**ରାଉରକେଲା,୨୮।୯(ସଙ୍ଗୀତା ଜେନା):** ପୁରୁଣାପାଣି ହାତୀବାରି ଅଞ୍ଚଳରେ ଷ୍ଟୋଭ ଫାଟିଯିବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଲୁନ୍ଦେଇ କେର୍କେଟା(୩୮)। ତାଙ୍କ ଶରୀର ୮୦ ପ୍ରତିଶତ ଜଳିଯାଇଛି। ପ୍ରଥମେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

### ରାଉରକେଲାର ଆର୍ଯ୍ୟବ୍ରତଙ୍କୁ ରୌପ୍ୟ ପଦକ



ରାଉରକେଲା,୨୮।୯(ଦିନେଶ ମିଶ୍ର)

ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ରାଉରକେଲା ଡିଏଭି ସ୍କୁଲର ଛାତ୍ର ଆର୍ଯ୍ୟବ୍ରତ ବିଶ୍ୱାଳଙ୍କୁ ଜୁନିୟର ବର୍ଗରେ ରୌପ୍ୟ ପଦକ ମିଳିଛି। ବିଶ୍ୱକରାଟେ ଫେଡେରେଶନ ଓ ଏସିଆନ କରାଟେ ଫେଡେରେଶନ ଦ୍ୱାରା ସ୍ୱୀକୃତ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ(କିଓ) ପକ୍ଷରୁ ଉତ୍ତରାଖଣ୍ଡର ଡେରାଡୁନଠାରେ ଜାତୀୟ କ୍ୟାଡେଟ ଏବଂ ଜୁନିୟର ଓ ସିନିୟର ଟିମ୍ କୁମିତେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ରାଜ୍ୟ କରାଟେ ଡୋ ଆସୋସିଏଶନ (ଓସ୍କା) ପକ୍ଷରୁ ୪୭ ଜଣିଆ ଦଳ ଏହି ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଓଡିଶାକୁ ପ୍ରତିନିଧିତ୍ୱ କରି ୪ଟି ରୌପ୍ୟ ଓ ୬ଟି କାଂସ୍ୟ ଏପରି ୧୦ଟି ପଦକ ହାସଲ କରିଛନ୍ତି। ରାଉରକେଲାରୁ ଆର୍ଯ୍ୟବ୍ରତ ଜୁନିୟର ବର୍ଗରେ ୫୭ କିଲୋ କୁମିତେ ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ତାଙ୍କର ଏହି ସଫଳତାକୁ ନେଇ ଓସ୍କାର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡ. ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏଶନ ସଭାପତି ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଓ ଡିଏଭି ସ୍କୁଲର ପ୍ରଧାନଶିକ୍ଷକ ପ୍ରଫେସର ଲୋକନାଥ ପ୍ରଧାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ରାସ୍ତାକଡ଼ରୁ ଲାଇଟ୍ ଚୋରି, ୨ ଗିରଫ

**ରାଉରକେଲା,୨୮।୯(ଦିନେଶ ମିଶ୍ର):** ହକି ବିଶ୍ୱକପ୍ ବେଳେ ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ରଙ୍ଗିନ ଲାଇଟ୍‌ଗୁଡିକ ଚୋରି ଅଭିଯୋଗରେ ସେକ୍ଟର-୭ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କାର୍ତ୍ତିକ ସାହୁ(୪୩) ଓ ବୁଡୁରୁ ଓରଫ ଏମ୍‌ଡି ହାସିମ ଆଲାମ(୩୦)। ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ୫୬ଟି ରଙ୍ଗୀନ ଲାଇଟ୍ ଜବତ କରାଯାଇଛି। ପୋଲିସ ଗୁରୁବାର ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୧୨୭।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀର ଠିକାଦାର ଅଙ୍କିତ ଗୁପ୍ତା ବିଶ୍ୱକପ୍ ସମୟରେ ରାଉରକେଲା ସହର ରାସ୍ତାକଡରେ ପ୍ରାୟ ସାଢେ ୬ଶହ ରଙ୍ଗୀନ ଲାଇଟ ଲଗାଇଥିଲେ। ତେବେ ଅଭିଯୁକ୍ତ ଦ୍ୱୟ କିଛି ଲାଇଟ ଚୋରି କରିନେଇଥିଲେ। ହକି ବିଶ୍ୱକପ୍ ସରିବାର ଦୁଇ ମାସ ପରେ ଅଙ୍କିତ ଲାଇଟ ଖୋଲିଥିବାବେଳେ ସେଥିରୁ କିଛି ଲାଇଟ ଚୋରି ହୋଇଯାଇଥିବା ଜଣାପଡିଥିଲା। ଏ ନେଇ ସେ ଅଗଷ୍ଟ ୨୬ ତାରିଖରେ ସେକ୍ଟର-୭ ଥାନାରେ ଅଭିଯୋଗ କରିଥିଲେ।




ଉଦିତନଗରସ୍ଥିତ ସର୍ବସାଧାରଣ ଶୌଚାଳୟରେ ଫୁଲଚାରା ରଖାଯାଇଛି।

# ଶୌଚାଳୟରେ ଫୁଲଚାରା ବେପାର

ରାଉରକେଲା,୨୮।୯(ଦିନେଶ ମିଶ୍ର)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଶୌଚାଳୟ ନିର୍ମାଣ କରାଯାଇଛି। ଏହି ଶୌଚାଳୟଗୁଡିକୁ ପରିଚାଳନା କରିବା ପାଇଁ ସହରର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଠିକା ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସହରରେ ଏଭଳି ଅନେକ ଶୌଚାଳୟ ରହିଛି ଯେଉଁଠି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଶୌଚାଳୟ ପରିସରରେ ଫୁଲଚାରା, ବିଡି ଓ ଗୁଟଖା ବ୍ୟବସାୟ ମଧ୍ୟ ଚାଲିଛି। ରାଉରକେଲା ଉଦିତନଗର ସ୍ଥିତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ଶୌଚାଳୟ, ଡିଏଭି ଛକ ଓ ଏସ୍‌ଟିଆଇରେ ଥିବା ସର୍ବସାଧାରଣ ଶୌଚାଳୟରେ ଏଭଳି ଦେଖିବାକୁ ମିଳିଛି।

ଉଦିତନଗରସ୍ଥିତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ

**ସ୍ନାନ ଶୌଚ ପାଇଁ ଲୋକେ ହଇରାଣ**

ଥିବା ଶୌଚାଳୟ ପରିସରକୁ ଜଣେ ବ୍ୟବସାୟୀ କବ୍‌ଜା କରି ଫୁଲଚାରା ବ୍ୟବସାୟ କରୁଛନ୍ତି। ଶୌଚାଳୟରେ ସ୍ନାନ ଓ ଶୌଚ ପାଇଁ କେତେ ଟଙ୍କା ଦେବାକୁ ପଡିବ ସେ ନେଇ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଫଳରେ କୌଣସି ଲୋକେ ଏହି ଶୌଚାଳୟକୁ ଆସିଲେ ସେମାନଙ୍କଠାରୁ ୧୦ରୁ ୩୦ ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିବା ଅଭିଯୋଗ ହୋଇଛି। ସେହିପରି ଶୌଚାଳୟ ଭିତରେ ସାବୁନ କି ଫିନାଲଇ ବ୍ୟବସ୍ଥା କରାଯାଇନାହିଁ। ସେହିପରି ବାଲ୍‌ଟି କି ମଗ୍ ନ ଥିବାରୁ ଏକ ପ୍ଲାଟିକ ରଙ୍ଗଡବା କାଟି ବ୍ୟବହାର କରାଯାଉଛି। ଶୌଚାଳୟ ଭିତରେ ଏକ କମମୋଡ୍ ଭଗ୍ନ ଅବସ୍ଥାରେ ପଡିରହିଛି। ଶୌଚାଳୟ ଭିତରେ କିଛି ସ୍ଥାନୀୟ ବ୍ୟବସାୟୀଙ୍କ ଖଟିଆ, ସାଇକେଲ ଓ ଅନ୍ୟାନ୍ୟ ସାମଗ୍ରୀ ପଡି ରହିଛି। ଫଳରେ ଏଠାକୁ ଶୌଚ ହେବାକୁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି।

ସେହିପରି ବାସନ୍ତୀ କଲୋନୀ ଡିଏଭି ଛକ ଶୌଚାଳୟରେ ବିଡି ଓ ସିଗାରେଟ୍ ବିକ୍ରି କରାଯାଉଛି। ଯଦି ଉକ୍ତ ଶୌଚାଳୟକୁ କେହି ଶୌଚ ହେବାକୁ ଆସନ୍ତି ସେମାନଙ୍କୁ ଏହି ସାମଗ୍ରୀ ଯୋଗାଇ ଦିଆଯାଉଛି। ଏଠାରେ ସାମନ୍ୟ ଟଏଲଟ୍ ପାଇଁ ଜଣଙ୍କ ପିଛା ୫ ଟଙ୍କା ଦେବାକୁ ପଡୁଛି। ଏସ୍‌ଟିଆଇ ଛକରେ ଥିବା ସର୍ବସାଧାରଣ ଶୌଚାଳୟରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଏହି ଶୌଚାଳୟରେ ଲାଗିଥିବା ପାଣିଟ୍ୟାପ୍ ଗୁଡିକ ଚୋରି ହୋଇଯାଇଛି। ଏଠାରେ ଶୌଚ ହେବା ପାଇଁ କୌଣସି ଆନୁଷଙ୍ଗିକ ଜିନିଷ ନାହିଁ କି କୌଣସି ସୂଚନା ଫଳକ ମଧ୍ୟ ନାହିଁ। ଏହି ଅଞ୍ଚଳରେ ଏକ ଗୋଦାମ ପାର୍କିଂ ସ୍ଥଳ ଥିବାବେଳେ ଗାଡ଼ିଚାଳକମାନେ ଏଠାରେ ଶୌଚ ହେବା ପାଇଁ ଶୋଷଣର ଶିକାର ହେଉଛନ୍ତି। ରାତି ହେଲେ ସର୍ବସାଧାରଣ ଶୌଚାଳୟ ଅଧିକାଂଶ ସମୟ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଆରଏମସି ପକ୍ଷରୁ ଖୋଲାଯାଇଥିବା ଶୌଚାଳୟ ଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମହାନଗର ନିଗମ କର୍ତ୍ତୃପକ୍ଷ ନେଲେ ଏଭଳି ଅସୁବିଧା ହୁଅନ୍ତା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ଏ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଯଦି କୌଣସି ଶୌଚାଳୟରେ ଏଭଳି ବ୍ୟବସାୟୀକରଣ ଓ ଅବ୍ୟବସ୍ଥା ଦେଖିବାକୁ ମିଳିବ ତେବେ ଆମେ ଏ ନେଇ ତୁରନ୍ତ ଉଚିତ ପଦକ୍ଷେପ ନେବୁ। ସର୍ବସାଧାରଣ ବ୍ୟବହାର ପାଇଁ ହୋଇଥିବା ଶୌଚାଳୟରେ ଅନିୟମିତତା କରୁଥିବା ଠିକା ସଂସ୍ଥା ଓ ଏସ୍‌ଏଚ୍‌ଜିକୁ ଏ ନେଇ ଅବଗତକରାଇବୁବୋଲିଭୋଇକହିଥିଲେ।

## ଆଇଇଡି ବ୍ଲାଷ୍ଟରେ ସିଆରପିଏଫ୍ ଯବାନ ଶହୀଦ

ରାଉରକେଲା,୨୮।୯(ସଙ୍ଗୀତା ଜେନା)




ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ମାଓବାଦୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ମାଓବାଦୀଙ୍କ ଆଇଇଡ଼ି ବ୍ଲାଷ୍ଟରେ ଜଣେ ସିଆରପିଏଫ୍ କୋବ୍ରା ବାହିନୀର ଯବାନ ରାଜେଶ କୁମାର ଶହୀଦ ହୋଇଛନ୍ତି। ଗୁରୁବାର ମଧ୍ୟାହ୍ନ ୧୨ଟାରେ ସୀମାବର୍ତ୍ତୀ ଟୋଣ୍ଟୋ ଥାନା ଅଧୀନ ସରଜୋମବୁରୁ, ତୁମ୍ବାହାକା ଗ୍ରାମ ନିକଟ ଜଙ୍ଗଲ ପାହାଡ଼ିଆ ରାସ୍ତାରେ ମାଓବାଦୀମାନେ ୩ଟି ଆଇଇଡ଼ି ଖଞ୍ଜିଥିଲେ। ଏହା ସଂସ୍ପର୍ଶରେ ଆସିବା ଦ୍ୱାରା ସିଆରପିଏଫ୍ କୋବ୍ରା ୨୦୯ ବାଟାଲିୟନର ଇନ୍ସପେକ୍ଟର ଭୂପେନ୍ଦ୍ର କୁମାର ଓ କନଷ୍ଟେବଲ ରାଜେଶ କୁମାର ଗୁରୁତର ହୋଇଥିଲେ। ଉଭୟଙ୍କୁ ହେଲିକପ୍ଟର ଯୋଗେ ଝାଡ଼ଖଣ୍ଡ ରାଞ୍ଚି ହସ୍ପିଟାଲଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କନଷ୍ଟେବଲ ରାଜେଶଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଗୁରୁବାର ସକାଳେ ସମାନ ସ୍ଥାନରୁ କୋମ୍ବିଂ ଅପରେଶନ ବେଳେ ସୁରକ୍ଷାବଳ ୨ଟି ଆଇଇଡ଼ି, ୩୧ଟି ଲୁହା ତୀରକୁ ଠାବ କରି ନଷ୍ଟ କରିଥିଲେ। ଏ ନେଇ ଓଡ଼ିଶା ଓ ଝାଡଖଣ୍ଡ ସୀମାରେ ହାଇଆଲର୍ଟ ଜାରି କରାଯାଇଛି। ସୂଚନାଯୋଗ୍ୟ, ୨ମାସ ତଳେ ଜଣେ ଓଡ଼ିଆ ସିଆରପିଏଫ୍ ଯବାନ ମାଓବାଦୀଙ୍କ ଗୁଳିରେ ଶହୀଦ ହୋଇଥିଲେ।

## ରାଉରକେଲା କଲେଜରେ ମୋ କଲେଜ ଅଭିଯାନର ରାଜ୍ୟ ସଂଯୋଜକ



କଲେଜରେ ଅନ୍ୟମାନଙ୍କ ସହ ମୋ କଲେଜ ଅଭିଯାନର ରାଜ୍ୟ ସଂଯୋଜକ।

ରାଉରକେଲା,୨୮।୯(ସଙ୍ଗୀତା ଜେନା)

ରାଉରକେଲା ସ୍ଥିତ ସରକାରୀ ସ୍ୱୟଂଶାସିତ କଲେଜକୁ ଗୁରୁବାର ମୋ କଲେଜ ଅଭିଯାନର ରାଜ୍ୟ ସଂଯୋଜକ ଡ. ହୃଷୀକେଶ ମହାନ୍ତି ପରିଦର୍ଶନ କରିଛନ୍ତି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ର କଲେଜ ସହ ଜଡ଼ିତ ହେବାକୁ ମହାନ୍ତି ଗୁରୁତ୍ୱାରୋପ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ବିଜୟ ବେହେରା ଓ ମୋ କଲେଜ ଅଭିଯାନର ସଂଯୋଜକ ସମୀର ସୌରଭ ପୃଷ୍ଟି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ଗ୍ରନ୍ଥଗାରିକା ମମତା ଲାକ୍ରା, ପ୍ରତିଭା କର, ପୂଜାର୍ଚ୍ଚନା ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶହୀଦ ଭଗତ ସିଂଙ୍କ ୧୧୬ତମ ଜନ୍ମବାର୍ଷିକୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ରାଉରକେଲା,୨୮।୯(ସଙ୍ଗୀତା ଜେନା)

ଶହୀଦ ଭଗତ ସିଂଙ୍କ ୧୧୬ତମ ଜନ୍ମବାର୍ଷିକୀ ଗୁରୁବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଛି। ଏହି କ୍ରମରେ ବନ୍ଧମୁଣ୍ଡାର ସ୍ୱିଟ୍ ଷ୍ଟାର କ୍ଲବରେ ଭଗତ ସିଂଙ୍କ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। କ୍ଲବର ସଦସ୍ୟମାନେ ଭଗତ ସିଂଙ୍କ ତୈଳଚିତ୍ର ସମ୍ମୁଖରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ବରିଷ୍ଠ ସଦସ୍ୟ ସୁବଳ ଦୁଲେଙ୍କ ନେତୃତ୍ୱରେ ହିମାଂଶୁ ଗଡ଼ନାୟକ, ତୁଳାରାମ କିଷାନ, ଛୋଟେଲାଲ ପ୍ରଧାନ, ଛଟୁ ତନ୍ତୀ, ରାଜୀବ ଶର୍ମା, ବଳରାମ ଦାସ, ଧୀରନ ରାଉତ, ସୁଦୀପ ସିଂ, ବାବୁଲି ନାୟକ, ଦେବ କୁମାର, ସନ୍ତୋଷ ମୁଖୀ, ମଣ୍ଟୁନ ଶାହା, ଶିଲୁ ତ୍ରିପାଠୀ, ସୋନୁ ମୁଖୀ, ଦିଶା ପାଢ଼ୀ, ଶାନ କୁମାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବେଦବ୍ୟାସରେ ଶହୀଦ ଭଗତ ସିଂଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଗୁରୁଦ୍ୱାରା କମିଟି ସଭାପତି ସ୍ୱରୁପ ସିଂ, ଭଗତ ସିଂ ଶହୀଦ କମିଟିର ଉପ ସମ୍ପାଦକ ସୁଖବିନ୍ଦର ସିଂ, ନିର୍ମଳ ସିଂ, ଶରବଣ ସିଂ, ବଲବିନ୍ଦର ସିଂ, ରଜତ ସିଂ, ସମାଜସେବୀ ରମେଶ ଚନ୍ଦ୍ର ଜେନା, ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା, ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ରମେଶ ଚନ୍ଦ୍ର ଜେନା ସ୍ୱାଗତ କରିଥିବା ବେଳେ ସୁଖବିନ୍ଦର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ୟ ରେଳ ଲାଇନ୍ କାର୍ଯ୍ୟ ପାଇଁ ୬୦ରୁ ଉର୍ଦ୍ଧ୍ୱ ଟ୍ରେନ ବାତିଲ

ରାଉରକେଲା,୨୮।୯(ସଙ୍ଗୀତା ଜେନା)

ଦକ୍ଷିଣପୂର୍ବ ରେଳପଥ ଅନ୍ତର୍ଗତ ଚକ୍ରଧରପୁର ଡିଭିଜନ ପକ୍ଷରୁ ରାଉରକେଲାରେ ୩ୟ ରେଳ ଲାଇନ ନିର୍ମାଣ ପାଇଁ ଚଳିତ ମାସ ୨୯ରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ଟ୍ରେନ ବାତିଲ ହୋଇଥିବା ସୂଚନା ମିଳିଛି। କଲିକତା ସ୍ଥିତ ଗାର୍ଡେନ ରିଚ୍ ରୋଡ ରେଳ ମୁଖ୍ୟାଳୟରୁ ଏହି ନୋଟିସ ଜାରି କରାଯାଇଛି। ଅନେକ କ୍ଷେତ୍ରରେ ଟ୍ରେନଗୁଡ଼ିକର ରୁଟ୍‌ରେ ପରିବର୍ତ୍ତନ ମଧ୍ୟ କରାଯାଇଛି। ସେହିପରି ଆସନ୍ତା ଅକ୍ଟୋବର ୧୨ରୁ ୧୫ ତାରିଖ ଯାଏ ୟାର୍ଡ ପୁନଃ ନିର୍ମାଣ ପାଇଁ ଟ୍ରେନ ବାତିଲ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ଚକ୍ରଧରପୁର-ରାଉରକେଲା ମେମୁ, ଝାରସୁଗୁଡ଼ା ମେମୁ ସମେତ ମୋଟ ୬୬ଟି ଟ୍ରେନଝାରସୁଗୁଡ଼ା ଓ ଚକ୍ରଧରପୁର ପର୍ଯ୍ୟନ୍ତ ଚଳାଚଳ କରିବ। ସେହିପରି ୫ଟି ଟ୍ରେନର ରୁଟ୍ ପରିବର୍ତ୍ତନ କରାଯାଇଛି। ମରାମତି ଓ ପୁନଃ ନିର୍ମାଣ କାର୍ଯ୍ୟ ପରେ ପୂର୍ବପରି ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ



ଶୋଭାଯାତ୍ରାରେ ମୁସଲିମ ସମ୍ପ୍ରଦାୟର ଲୋକମାନେ।

ରାଉରକେଲା,୨୮।୯(ଦିନେଶ ମିଶ୍ର)

ସ୍ମାର୍ଟସିଟି ରାଉରକେଲାରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଧୁମ୍‌ଧାମ୍‌ରେ ଗୁରୁବାର ପାଳିତ ହୋଇଛି। ଏହି ଅବସରରେ ରାଉରକେଲା ସହରର ମୁସଲମାନ ସମ୍ପ୍ରଦାୟର ଲୋକମାନେ ମସ୍‌ଜିଦରେ ସାମୂହିକ ନମାଜ ପାଠ କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ସଂହିତ ଫୋରମର ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ସକାଳ ୯ଟାରେ ବିଶ୍ରା ଛକରୁ ଏକ ଶୋଭାଯାତ୍ରା ବାହାରି ମେନ୍ ରୋଡ୍ ଦେଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ସମେତ ରାଜନେତା ଓ ସମାଜସେବୀ ଯୋଗଦେଇ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଏହି ପର୍ବକୁ ସହରରେ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ୧୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ମୁଖ୍ୟ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯାଇଥିଲା। ଏହି ଶୋଭାଯାତ୍ରାରେ ସହରର ପାନପୋଷ, ନାଲାରୋଡ, ମାଲଗୋଦାମ, ସେକ୍ଟର-୧୫, ପ୍ଲାଣ୍ଟସାଇଟ, ଇଦଗା ମହଲା ଆଦି ଅଞ୍ଚଳର ମୁସଲିମ ସମ୍ପ୍ରଦାୟର ବ୍ୟକ୍ତି ସାମିଲ ହୋଇଥିଲେ।

## ଆମରଣ ଅନଶନରୁ ଓହରିଲେ ଜେଲ କର୍ମଚାରୀ

ରାଉରକେଲା,୨୮।୯(ଦିନେଶ ମିଶ୍ର)

ନିଖିଳ ଓଡିଶା ଜେଲ କର୍ମଚାରୀ ସଂଘ ରାଉରକେଲା ଶାଖା ପକ୍ଷରୁ ୫ଦଫା ଦାବି ନେଇ ରାଉରକେଲା ସ୍ୱତନ୍ତ୍ର କାରାଗାର ସମ୍ମୁଖରେ ଚାଲିଥିବା ଆମରଣ ଅନଶନ ଗୁରୁବାର ପ୍ରତ୍ୟାହୃତ ହୋଇଛି। କାରାଗାର କର୍ମଚାରୀମାନେ ଗତ ୨୫ ତାରିଖରୁ ଅନଶନରେ ବସିଥିଲେ। କେନ୍ଦ୍ରୀୟ କମିଟିର ନିର୍ଦ୍ଦେଶ ଅନୁସାରେ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କାରାଗାର କର୍ମଚାରୀ ସଂଘର ଆମରଣ ଅନଶନକୁ ସ୍ଥଗିତ ରଖାଯାଇଛି। ଏଥିସହ ସମସ୍ତ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ନିଜ କର୍ତ୍ତବ୍ୟ କରିବେ ବୋଲି ରାଉରକେଲା ସ୍ୱତନ୍ତ୍ର କାରାଗାର ଏମ୍ପ୍ଲଇଜ୍ ଆସୋସିଏଶନ ସଭାପତି ସରୋଜ କୁମାର ପୂଜାରି ସୂଚନା ଦେଇଛନ୍ତି। ରାଉରକେଲା ସ୍ୱତନ୍ତ୍ର କାରାଗାର ଜେଲର ରତିକାନ୍ତ ଶୁକ୍ଲା ଉପସ୍ଥିତ ରହି କର୍ମଚାରୀଙ୍କୁ ଥଣ୍ଡା ପାନୀୟ ବିତରଣ କରି ଅନଶନ ଭଙ୍ଗ କରାଇଥିଲେ। ରାଉରକେଲା ସ୍ୱତନ୍ତ୍ର କାରାଗାର ଏମ୍ପ୍ଲଇଜ ୟୁନିୟନର ସାଧାରଣ ସମ୍ପାଦକ ମନୋରଞ୍ଜନ ପ୍ରଧାନ, ସଞ୍ଜୟ କୁମାର ମାଝୀ, ପ୍ରଭାତ ମଲ୍ଲିକ୍, ସ୍ମୃତିସ୍ୱରୂପ ପ୍ରଧାନ, ବିଭୁଦାନନ୍ଦ ସ୍ୱାଇଁ, ରଞ୍ଜନ କୁମାର ପରିଡା, ବିରେନ୍ଦ୍ର ଲୋରିଆ, ନବକିଶୋର ଡାଲୁଆ, ପ୍ରଦୀପ ମେହେର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜେଲ କର୍ମଚାରୀମାନେ ଅନଶନ ଭଙ୍ଗ କରୁଛନ୍ତି।

## ଆର୍‌ଏସ୍‌ପିରେ ସ୍ୱଚ୍ଛତା ପାଇଁ ଶପଥ ପାଠ

ରାଉରକେଲା,୨୮।୯(ସଙ୍ଗୀତା ଜେନା)




କାର୍ଯ୍ୟକ୍ରମରେ ଉପସ୍ଥିତ ଆର୍‌ଏସ୍‌ପି ଅଧିକାରୀ ଏବଂ କର୍ମଚାରୀ।

ରାଉରକେଲା ଇସ୍ପାତ କାରଖାନାରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଉପଲକ୍ଷେ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଗୁରୁବାର ସ୍ୱଚ୍ଛତା ହିଁ ସେବା ସଂକଳ୍ପ ଗ୍ରହଣ କରିଥିଲେ। କାରଖାନାର ପ୍ରଶାସନିକ ଭବନରେ ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ନେତୃତ୍ୱରେ ଇଡ଼ି ପି. କେ. ଶତପଥୀ, ଏ. କେ. ବେହୁରିଆ, ପ୍ରଶାସନିକ ବ୍ଲକରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱଚ୍ଛତା ଶପଥ ପାଠକୁ ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଏସ୍. କେ. ନାୟକ ଓଡ଼ିଆରେ କରିଥିବା ବେଳେ କାର୍ମିକ ଓ ପ୍ରଶାସନ ବିଭାଗର ସିଜିଏମ ବିରେନ୍ଦ୍ର କୁଲୁ ହିନ୍ଦୀ ଏବଂ ସି ଆଣ୍ଡ ଆଇଟି ବିଭାଗର ସିଜିଏମ୍ କେ. କେ. ସେନଗୁପ୍ତା ଇଂଲିଶରେ କରିଥିଲେ। କାର୍ମିକ ଓ ପ୍ରଶାସନ, ସାମଗ୍ରୀ ପରିଚାଳନା, ଅର୍ଥ ଡିଆଇସି ସଚିବାଳୟ, ଲୋକସମ୍ପର୍କ, ଭିଜିଲାନ୍ସ ଓ ଆଭ୍ୟନ୍ତରୀଣ ଅଡିଟ୍ ସହିତ ଅଣକାର୍ଯ୍ୟ କ୍ଷେତ୍ରରେ ନିୟୋଜିତ କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା ବ୍ୟାନର ପ୍ରଦର୍ଶିତ ହୋଇଥିଲା। ଇଡ଼ି (ୱାର୍କସ) ଅଫିସ ପରିସରରେ ମଧ୍ୟ ସଂକଳ୍ପ ପାଠ ସମାରୋହ ଆୟୋଜିତ ହୋଇଥିଲା। ଇଡ଼ି ଏସ୍. ଆର ସୂର୍ଯ୍ୟବଂଶୀ ଅଧ୍ୟକ୍ଷତା କରିଥିଲେ। ଜିଏମ୍ ମେକାନିକାଲ କେ. ପି. ନାୟକ ଓଡ଼ିଆରେ, ପିପିସି ବିଭାଗର ସିଜିଏମ ସୁନୀତା ସିଂ ହିନ୍ଦୀରେ ଏବଂ ଏ ଆଣ୍ଡ ଆଇ ବିଭାଗରେ ଏସ. ପାଲଚୌଧୁରୀ ଇଂଲିଶରେ ଶପଥ ପାଠ କରିଥିଲେ। ପ୍ଲାଣ୍ଟ ଏବଂ ଟାଉନଶିପ୍ ଅଧିକାରୀ ଓ କର୍ମଚାରୀ ଅନୁରୂପ ଭାବେ ଶପଥ ପାଠ କରିଥିଲେ। ଏହି ଉପଲକ୍ଷେ ଇସ୍ପାତ ବିଦ୍ୟାମନ୍ଦିର ସେକ୍ଟର-୧୯ ଓ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୦ରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୯ ସେପ୍ଟେମ୍ବର, ୨୦୨୩



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବାଳକ ମୃତ

ନାକଟିଦେଉଳ,୨୮।୯(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଥାନା ଜାମୁଯୋରୀ ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡିଲେଶ୍ୱର ମାଟିଆରି (୭)। ସୂଚନା ଅନୁସାରେ ଗ୍ରାମର ଅନାମ ମାଟିଆରିଙ୍କ ପୁଅ ଡିଲେଶ୍ୱର ପ୍ରଥମ ଶ୍ରେଣୀରେ ପଢୁଥିଲେ। ଗୁରୁବାର ଛୁଟି ଥିବାରୁ ସେ ସାଙ୍ଗମାନଙ୍କ ସହ ପଞ୍ଚାୟତ ଅଫିସ ପଛପାଖରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସମସ୍ତେ ଗାଧୋଉଥିବାବେଳେ ଡିଲେଶ୍ୱର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ପାଟି କରିବାରୁ ସାହିପଡ଼ିଶା ଲୋକେ ପହଞ୍ଚି ନାକଟିଦେଉଳ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବିଭାଗ କର୍ମଚାରୀ ପୋଖରୀରୁ ଡିଲେଶ୍ୱରଙ୍କୁ ଉଦ୍ଧାର କରି ନାକଟିଦେଉଳ ଡାକ୍ତରଖାନା ଆଣିଥିଲେ। ତେବେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୋଲିସ ମୃତଦେହ ଜବତ କରି ଏ ସମ୍ପର୍କରେ ଏକ ମାମଲା ରୁଜୁ କରିଛି।

### ଶହୀଦ ଭଗତ ସିଂ ଜୟନ୍ତୀ

ସମ୍ବଲପୁର,୨୮।୯(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶହୀଦ ଭଗତ ସିଂଙ୍କ ୧୧୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଭାପତି ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ବଳିଦାନ ଉପରେ ଆଲୋଚନା କରିଥିଲେ। ଏହି ସଭାରେ କଂଗ୍ରେସ ବରିଷ୍ଠ ନେତା ଦୁଲାଲ ଚନ୍ଦ୍ର ପ୍ରଧାନ, ଅମିତ ଗୁରୁ, ନିରଞ୍ଜନ ତ୍ରିପାଠୀ, ପ୍ଳାବନ ବହିଦାର, ଆଶୁତୋଷ ସ୍ୱାଇଁ, ଜୟରାମ ବନିଆ, ଦିନବନ୍ଧୁ ପରିଡ଼ା, ଶିବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲା ଯୁବ କଂଗ୍ରେସ କମିଟି ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକଠାରେ ଶହୀଦ ଭଗତ ସିଂଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏଥିରେ କଂଗ୍ରେସ ନେତା ଆଶୁତୋଷ ସ୍ୱାଇଁ, ଜିଲା ଛାତ୍ର କଂଗ୍ରେସ କମିଟି ସଭାପତି ଗିରିଶ ପୃଷେଠ ପ୍ରମୁଖ ସାମିଲ ହୋଇଥିଲେ ।

### ଭିମ୍ସାର୍‌କୁ ସେବା ଅନୁଷ୍ଠାନର ହୁଇଲଚେୟାର ପ୍ରଦାନ

ସମ୍ବଲପୁର, ୨୮।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ରେଡକ୍ରସ ସୋସାଇଟିର ଉପ ପୃଷ୍ଠପୋଷକ ସାମାଜିକ ଅନୁଷ୍ଠାନ ସେବାର ସଭାପତି ଦୀପକ ପାଣ୍ଡେ ଗୁରୁବାର ଭିମ୍ସାର ମେଡିକାଲ ପାଇଁ ୪ ଗୋଟି ହୁଇଲ ଚେୟାର ପ୍ରଦାନ କରିଛନ୍ତି। ଦୀପକଙ୍କ ନେତୃତ୍ୱରେ ଅନୁଷ୍ଠାନର ଏକ ପ୍ରତିନିଧି ଦଳ ଭିମ୍ସାର ଯାଇ ସୁପରିଣ୍ଟେଣ୍ଡେଣ୍ଟ ଲାଲମୋହନ ନାୟକଙ୍କୁ ଏହି ଚେୟାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭିମ୍ସାର ମେଡ଼ିସିନ ବିଭାଗ ଡାକ୍ତର, ରେଡ଼ିଓ ଡାଇଗ୍ନୋସିସ ଡାକ୍ତର ଅମୂଲ୍ୟ ପଣ୍ଡା, ହସ୍ପିଟାଲ ମ୍ୟାନେଜର ଡାନିଏଲ ସାମନ୍ତରାୟ, ଷ୍ଟୋର ମ୍ୟାନେଜର, ଉପସଭାପତି ନାରାୟଣ ଦେଓ, ସଭ୍ୟ ପ୍ରଭାକର କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

### ମୋ କଲେଜ ଅଭିଯାନ ରାଜ୍ୟ ସଂଯୋଜକଙ୍କ ଜିଏମ୍‌ୟୁ ପରିଦର୍ଶନ

ସମ୍ବଲପୁର,୨୮।୯(ବି.ଶଙ୍କର)

ମୋ କଲେଜ ଅଭିଯାନ ରାଜ୍ୟ ସଂଯୋଜକ ଡ. ହୃଷୀକେଶ ମହାନ୍ତି ଗୁରୁବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପରିଦର୍ଶନ କରିଛନ୍ତ। ଜିଏମ୍‌ୟୁ ପରିସରରେ ପହଞ୍ଚିବା ପରେ ତାଙ୍କୁ କୁଳସଚିବ ଡ. ଉମାଚରଣ ପତି ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମୋ କଲେଜ ଅଭିଯାନ ସଂଯୋଜିକା ଡ. ମଧୁମିତା ପଣ୍ଡା ଉପସ୍ଥିତ ଥିଲେ। ସେ ପ୍ରଥମେ ଜିଏମ୍‌ୟୁସ୍ଥିତ ଡାକ୍ତର ନାରାୟଣୀ ପଣ୍ଡା ଆଇଟି ସ୍କିଲ ସେଣ୍ଟର ବୁଲି ଦେଖିଥିଲେ। ଏହି ସେଣ୍ଟରଟି ମୋ କଲେଜ ଅଭିଯାନରେ ନିର୍ମିତ ହୋଇଛି। ଏଥିପାଇଁ ଡାକ୍ତର ନାରାୟଣୀ ୩୦ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏହି କେନ୍ଦ୍ରରେ ୧୦୦ଟି କମ୍ପ୍ୟୁଟର ବ୍ୟବସ୍ଥା ରହିଛି। ଏଠାରେ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରୀଛାତ୍ରଙ୍କୁ କମ ମୂଲ୍ୟରେ କମ୍ପ୍ୟୁଟର ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ରାଜ୍ୟ ସଂଯୋଜକଙ୍କୁ ସୂଚିତ କରାଯାଇଥିଲା। ପରେ ସେ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ।

# ଗୋପୀଙ୍କୁ ସଙ୍କୁଚିତ, ହେମନ୍ତଙ୍କୁ ପ୍ରୋତ୍ସାହନ

ସମ୍ବଲପୁର,୨୮।୯ (ଶୁଭାଶିଷ ପାଢ଼ୀ)


ହେମନ୍ତ ପଣ୍ଡା

**ମାନେଶ୍ୱର ବ୍ଲକ ବିଜେଡିର ସଭାପତି, କାର୍ଯ୍ୟକାରୀ ସଭାପତି ନିଯୁକ୍ତ**


ଗୋପୀରଞ୍ଜନ ବେହେରା

ସମ୍ବଲପୁର ଜିଲା ବିଜେଡିର ନୂତନ କମିଟି ଗଠନ କରାଯାଇଛି। ରେଢ଼ାଖୋଲ ବିଧାନସଭାର ମାନେଶ୍ୱର ବ୍ଲକ ସଭାପତି ଭାବେ ପୁଣିଥରେ ବରିଷ୍ଠ ନେତା ଗୋପୀରଞ୍ଜନ ବେହେରାଙ୍କୁ ନିଯୁକ୍ତ କରାଯାଇଛି। ଜିଲାର ୯ ଗୋଟି ବ୍ଲକ୍ ଓ ମହାନଗର ନିଗମକୁ ଦେଖିଲେ କେବଳ ମାନେଶ୍ୱର ବ୍ଲକରେ କାର୍ଯ୍ୟକାରୀ ସଭାପତି ଭାବେ ହେମନ୍ତ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ଏହି ନିଯୁକ୍ତି ଦେଇଛନ୍ତି। ଦଳୀୟ କର୍ମୀ ଓ ନେତାମାନେ ଏଭଳି ନିଯୁକ୍ତିର କାରଣ ନେଇ ନିଜ ଭିତରେ ଆଲୋଚନା କରୁଛନ୍ତି। ଜିଲା ସଭାପତି ତଥା ବିଧାୟକ ରୋହିତ ପୂଜାରୀଙ୍କ ଘନିଷ୍ଠ ଥିବା ଓ ପ୍ରାୟ ୪ ପାଳି ଧରି ବ୍ଲକ ସଭାପତି ରହିଥିବା ଗୋପୀରଞ୍ଜନଙ୍କ କ୍ଷମତା ସଙ୍କୁଚିତ ଓ ହେମନ୍ତଙ୍କୁ ପ୍ରୋତ୍ସାହିତ କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ଗୋପୀରଞ୍ଜନ ବହୁବର୍ଷ ଧରି ସଂଗଠନ କାମ କରିଆସିଥିଲେ। ମାନେଶ୍ୱର ବ୍ଲକର ପ୍ରତି ପଞ୍ଚାୟତରେ ସେ ସଂଗଠନ କରିଥିଲେ। ତେଣୁ ଅନ୍ୟ କାରଣ ଯୋଗୁ ହେମନ୍ତଙ୍କୁ କାର୍ଯ୍ୟକାରୀ ସଭାପତି କରାଯାଇଥିବା ଦୀୟ କର୍ମୀମାନେ ଆଲୋଚନା କରୁଛନ୍ତି। ଅନ୍ୟପଟେ ହେମନ୍ତ କଂଗ୍ରେସରୁ ଆସି ବିଜେଡିରେ ଯୋଗଦେଇଥିଲେ। ଦଳ ଯାହା ଦାୟିତ୍ୱ ଦେଇଛି ସେ ନିର୍ବାହ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ସେ ସକ୍ରିୟ ଭୂମିକା ନେଇ କାମ କରୁଥିଲେ। ଏବେ ନବନିଯୁକ୍ତ ଦୁଇ ନେତା ଦଳୀୟ ସଂଗଠନ ପାଇଁ ମିଶି କାମ କରିବେ ନା ପୁଣି ବିବାଦ ଲାଗିରହିବ ତାହାକୁ ନେଇ ଚର୍ଚ୍ଚା ଚାଲିଛି।

ଗୋପୀରଞ୍ଜନ କହିଛନ୍ତି, ବିଜୁ ବାବୁଙ୍କ ଅଦର୍ଶରେ ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ କାମ କରିଆସୁଛି। ସଂଗଠନ କରିଛି। ଦଳ କଂଗ୍ରେସରୁ ଆସିଥିବା ହେମନ୍ତଙ୍କୁ କାର୍ଯ୍ୟକାରୀ ସଭାପତି କରିଛି। ଏଥିରେ ମୋର ସମସ୍ୟା ନାହିଁ। ହେଲେ ଆମେ ଦୁହେଁ ଗୋଟିଏ ଗ୍ରାମର, ଗୋଟିଏ ଜୋନର। ତେଣୁ ଆମ ଭିତରେ ବ୍ୟକ୍ତିଗତ ପ୍ରତିଦ୍ୱନ୍ଦ୍ୱିତା ପୂର୍ବଭଳି ଲାଗି ରହିପାରେ। ଏହାକୁ ନେଇ ଜିଲା ସଭାପତିଙ୍କୁ ଅଭିଯୋଗ କରି ପଦକ୍ଷେପ ନେବାକୁ କହିଛି। ସଭାପତି ନ ହେଲେ ମଧ୍ୟ ମୋର ଦୁଃଖ ନାହିଁ, ହେଲେ ସୂଚନା ଦେଇ କାର୍ଯ୍ୟକାରୀ ସଭାପତି ନିଯୁକ୍ତି କରିବାର ଥିଲା ବୋଲି କହିଛନ୍ତି। ଅନ୍ୟପଟେ କାର୍ଯ୍ୟକାରୀ ସଭାପତି ହେମନ୍ତ କହିଛନ୍ତି, ଦଳରେ କାମ କରିଆସୁଛି। ସଂଗଠନ କରିବା ମୂଳ ଲକ୍ଷ୍ୟ ରହିଛି। ଦଳ ଦାୟିତ୍ୱ ଦେଇଥିବାରୁ ମୁଁ କାମ କରିବି ବୋଲି ସେ କହିଛନ୍ତି। କେବଳ ମାନେଶ୍ୱର ବ୍ଲକ ନୁହେଁ, ଜିଲାରେ ଅନେକ ବ୍ଲକ ଓ ମହାନଗର ନିଗମରେ ନୂତନ ନିଯୁକ୍ତି ନେଇ ଅସନ୍ତୋଷ ଲାଗିରହିଛି। ହେଲେ ମୁହଁ ଖୋଲିବାକୁ ଭୟ କରୁଛନ୍ତି। ଠିକ୍ ସମୟରେ ଏହି ଅସନ୍ତୁଷ୍ଟ କର୍ମୀଙ୍କୁ ମନାଇ ନ ପାରିଲେ ଆଗାମୀ ନିର୍ବାଚନରେ ପ୍ରଭାବ ପଡିପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ମହିଳା ମହାବିଦ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇ ଭେଟ୍‌ଘାଟ୍‌ରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୨୮।୯(ବି.ଶଙ୍କର)

ସମ୍ବଲପୁର ମହିଳା ମହାବିଦ୍ୟାଳୟ ସଭାକକ୍ଷଠାରେ ନୂଆଁଖାଇ ଭେଟଘାଟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଆଲୋଚକ ଭାବରେ ଐତିହାସିକ ଦୀପକ କୁମାର ପଣ୍ଡା ଯୋଗଦେଇ ନୂଆଁଖାଇର ଐତିହାସିକ, ସାଂସ୍କୃତିକ ଓ ସାମାଜିକ ଦିଗ ଉପରେ ଆଲୋକପାତ କରିଥିଲେ । ଅଧ୍ୟକ୍ଷା ପ୍ରଫେସର ବରାଳ ପ୍ରାରମ୍ଭିକ ସଂଭାଷଣରେ ଗଣପର୍ବ କିପରି ପାରିବାରିକ ସମ୍ପର୍କକୁ ନିବିଡ କରେ ତାହା ବ୍ୟାଖ୍ୟା କରିଥିଲେ। ପ୍ରଫେସର ନୌବିହାରୀ ପ୍ରଧାନ, କଳ୍ପନା ମେହେର ମଧ୍ୟ ନୂଆଁଖାଇର ଅନୁଭବ ବ୍ୟକ୍ତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧାପିକା, ଅଧାପକ ଓ କର୍ମଚାରୀ ଭାଗ ନେଇଥିଲେ। ଅଧ୍ୟାପକ ଅଖିଳ ବିଶ୍ୱାଳ ଅତିଥି ପରିଚୟ ଦେଇଥିବା ବେଳେ ଅଧାପକ ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସ୍ୱାସ୍ଥ୍ୟମେଳା: ୭୫୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜମନକିରା,୨୮।୯ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତରେ ଗୁରୁବାର ବିକାଶ ଫାଉଣ୍ଡେଶନ ପକ୍ଷରୁ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୭୫୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଲା ଠାକୁର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଭାଜପା ରାଜ୍ୟ ଉପସଭାପତି ରବି ନାଏକ, ସମ୍ବଲପୁର ଜିଲା ସଭାପତି ଗିରିଶ ପଟେଲ, ଜିଲା ସାଧାରଣ ସମ୍ପାଦକ ସୁଶୀଲ କର, ମଣ୍ଡଳ ସଭାପତି ଅମୋଘ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୁଲୁଣ୍ଡି ପଞ୍ଚାୟତର ରମେଶ ଭୋଇ, କ୍ଷମାସାଗର ବେହେରା, ସୁମନ୍ତ ଗରତିଆ, ସୁଦାମ ପ୍ରଧାନ, ସଞ୍ଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# କୁଚିଣ୍ଡାରେ ୯୬ତମ ଦୁର୍ଗାପୂଜା ପ୍ରସ୍ତୁତି

କୁଚିଣ୍ଡା,୨୮।୯(ବିରଞ୍ଚି ଦର୍ଶୀ)


ଦୁର୍ଗାପୂଜା ପାଇଁ ତୋରଣ ବନ୍ଧା ଚାଲିଛି।

କୁଚିଣ୍ଡାରେ ୯୬ତମ ଦୁର୍ଗାପୂଜା ଓ ଦଶହରା ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୯୨୭ରେ ବାମଣ୍ଡା ରାଜାଙ୍କୁ ସ୍ୱପ୍ନାଦେଶ ପରେ ତତ୍କାଳୀନ କୁଚିଣ୍ଡା ଉପଜିଲାପାଳ ଅଞ୍ଚଳର ଗୌନ୍ତିଆମାନଙ୍କୁ ନେଇ ଦୁର୍ଗାପୂଜା ଆରମ୍ଭ କରିଥିଲେ। ପ୍ରଶାସନ ସହଯୋଗରେ ସେତେବେଳେ କୁଚିଣ୍ଡାର ଡା. ଭବାନୀ ଶଙ୍କର ଚକ୍ରବର୍ତ୍ତୀଙ୍କ ତତ୍ତ୍ୱାବଧାନରେ କଲିକତାରୁ ମା'ଦୁର୍ଗାଙ୍କ ମୂର୍ତ୍ତି ଆଣି ପୂଜା ହୋଇଥିଲା। ପୂଜା କମିଟି ପକ୍ଷରୁ ପ୍ରଥମେ ୧୯୫୨ରେ ରୌପ୍ୟ ଜୟନ୍ତୀ, ୧୯୭୭ରେ ସୁବର୍ଣ୍ଣ ଜୟନ୍ତୀ ଓ ୨୦୦୨ରେ ପ୍ଲାଟିନମ ଜୁବିଲି ପାଳନ କରାଯାଇଛି। ବସ୍‌ଷ୍ଟାଣ୍ଡ ଓ ପଞ୍ଚମୁଖୀ ଛକରେ ୧୯୯୩ରେ ପୂଜା ଆରମ୍ଭ ହୋଇଥିଲା। ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି ପକ୍ଷରୁ ମୂର୍ତ୍ତି ପ୍ରତିଷ୍ଠା କରି ନବରାତ୍ର ପୂଜା ହେଉଥିବା ବେଳେ ସର୍ବପୁରାତନ ମନ୍ଦିର ଛକ ଓ ପଞ୍ଚମୁଖୀ ଛକରେ ବଙ୍ଗୀୟ ରୀତିନୀତି ଅନୁଯାୟୀ ପୂଜା ହୋଇଆସୁଛି। ଚଳିତବର୍ଷ ଦୁର୍ଗାପୂଜା ପାଇଁ ରାବଣ ପୋଡି, ଆତସବାଜି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଗୋଟିଏ ଦିନ ଦଶହରା ହେଉଥିବା ବେଳେ ବର୍ତ୍ତମାନ ୬ଷ୍ଠି ତିଥିରୁ ପାଞ୍ଚଦିନ ଧରି ପୂଜା ହୋଇଆସୁଛି। ସେହିପରି ବସଷ୍ଟାଣ୍ଡ ମନ୍ଦିର କମିଟି ପକ୍ଷରୁ ନବରାତ୍ର ପୂଜା ହୋଇ ୧୦ଦିନ ପର୍ଯ୍ୟନ୍ତ ଚାଲୁରହେ। ପୂଜା ପାଇଁ ମୂର୍ତ୍ତି ନିର୍ମାଣ, ମଣ୍ଡପ ସମ୍ମୁଖରେ ଆକର୍ଷଣୀୟ ତୋରଣ ବନ୍ଧା ସାଙ୍ଗକୁ ବିଦ୍ୟୁତ ସାଜସଜା କାମ ଚାଲିଛି। ଦୁର୍ଗାପୂଜାରେ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ଓ ବାମଣ୍ଡା ରାଜାଙ୍କ ମଣ୍ଡପ ପରିଦର୍ଶନ ପରମ୍ପରା ବେଶ୍ ଆକର୍ଷଣୀୟ ହୋଇଥାଏ।

## ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ: ୨ ଗିରଫ

ରେଢ଼ାଖୋଲ,୨୮।୯(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ପ୍ରଧାନ (୫୪)ଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁଟାସିଂହା ଗ୍ରାମର ଅଶ୍ୱିନୀ ବଘାର (୨୭) ଓ ମହେଶ ବଘାର (୨୫)। ସୂଚନାମତେ ପୂର୍ବରୁ ଅଭିଯୁକ୍ତମାନେ ଗଣ୍ଡଗୋଳ କରୁଥିବା ବେଳେ ପୂର୍ବତନ ସରପଞ୍ଚ ଘଟଣାର ସମାଧାନ କରିଥିଲେ। ଏ ଘଟଣାକୁ ନେଇ ଅଭିଯୁକ୍ତମାନେ ରାଗ ରଖିଥିଲେ। ବୁଧବାର ରାତିରେ ବୈଷ୍ଣବଖୋଲି ଗ୍ରାମ ନିକଟ ଏକ ଢାବାରେ ଦୀନବନ୍ଧୁ ବସିଥିବା ବେଳେ ଅଭିଯୁକ୍ତମାନେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପଥରରେ ତାଙ୍କ ମୁହଁ ଓ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ରେଢ଼ାଖୋଲ ଡାକ୍ତରଖାନା ନିଆଯାଇଥିଲା। ପରେ ସେଠାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୀନବନ୍ଧୁଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୩୪୧/୩୨୩/୩୨୫/୩୦୭/୩୪ରେ ଏକ ମାମଲା (ନଂ.୨୧୯/୨୩) ରୁଜୁ କରି ଗୁରୁବାର ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ପେଶାରେ ଡ୍ରାଇଭର ବୋଲି ଜଣାପଡିଛି।

## ଖଲିଆପାଲିରେ ଅନନ୍ତମୁଖି ଭାଗବତ ପାରାୟଣ



ପଡିଆବାହାଲ,୨୮।୯(ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲି ଗ୍ରାମରେ ଗୁରୁବାର ଅନନ୍ତମୁଖି ବ୍ରତ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ମହେଶ୍ୱର ନାୟକଙ୍କ ପୌରୋହିତ୍ୟରେ ବ୍ରଜ କିଶୋର ମିଶ୍ର ଓ ତାଙ୍କ ସ୍ତ୍ରୀ ରଶ୍ମିତା ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଗ୍ରାମର ସମସ୍ତ ବ୍ରାହ୍ମଣ ଦାଦଶ ସ୍କନ୍ଧ ଭାଗବତ ସମୂହ ପାରାୟଣ କରିଛନ୍ତି। ବରିଷ୍ଠ ନାଗରିକ ଗୋପାଳ ମଣି ମିଶ୍ର ଗୀତା ପାଠ କରିଥିଲା ବେଳେ ପଣ୍ଡିତ ଶିବ ଶଙ୍କର ପଣ୍ଡା, ପଣ୍ଡିତ ଅଜୟ ନାୟକ, ପଣ୍ଡିତ ବିଦ୍ୟାଭୁଷଣ ନାୟକ, ପଣ୍ଡିତ ଅଭୟ ନାୟକ, ପଣ୍ଡିତ ସୁଦୀପ୍ତ ନାୟକ ପ୍ରମୁଖ ୩୦ଜଣ ବ୍ରାହ୍ମଣ ଶ୍ରୀମଦ୍ ଭାଗବତର ଦ୍ୱାଦଶ ଅଧ୍ୟାୟ ପାଠ କରିଥିଲେ। ଚଳିତବର୍ଷ ଗ୍ରାମର ଦେବଦାସ ପଣ୍ଡା, ସଚ୍ଚିଦାନନ୍ଦ ନାୟକ ଓ ମହିଳାମାନେ ଏହାକୁ ପରିଚାଳନା କରିଥିଲେ। ପୂର୍ଣ୍ଣାହୁତି ପରେ ସମସ୍ତଙ୍କୁ ହବିଷ୍ୟାନ୍ନରେ ଆପ୍ୟାୟିତ କରାଯାଇଥିଲା।

# ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ଅଫିସ ଘେରିଲା ଭାଜପା

ନାକଟିଦେଉଳ,୨୮।୯
(ବୈକୁଣ୍ଠ ନାଥ ସାହୁ)

କିସିଣ୍ଡା ମଣ୍ଡଳ ଭାଜପା ପକ୍ଷରୁ ଗୁରୁବାର ନାକଟିଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ପଞ୍ଚାୟତ ଅଫିସ ଘେରାଉ କରାଯାଇଛି। ଏଥିସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ସମାଧାନ ହୋଇପାରିନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀ ଘର ପାଉ ନ ଥିବାବେଳେ କେନ୍ଦ୍ର ସରକାରଙ୍କଠାରୁ ଆସୁଥିବା ବିଭିନ୍ନ ଯୋଜନାରେ ବ୍ୟାପକ ଅନିୟମିତତା ହେଉଛି। ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ପାଇଁ ୫୦ଲକ୍ଷ ଟଙ୍କା ଯୋଗାଇ ଦେଇଥିବା ଘୋଷଣା କରିଛନ୍ତି। ଏଥିରେ ମଧ୍ୟ ଦଳୀୟ କର୍ମୀ କିପରି ଠିକା କାମ କରିବେ ସେ ଉପରେ ଗୁରୁତ୍ୱ ଦେଉଥିବା ଦଳ ଅଭିଯୋଗ କରିଛି। କିସିଣ୍ଡା ମଣ୍ଡଳ ସଭାପତି ନେତ୍ରାନନ୍ଦ ରାଉଳ ଓ ନାକଟିଦେଉଳ ମଣ୍ଡଳ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏକ ଶୋଭାଯାତ୍ରାରେ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ଦେହୁରି, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବରାଜ କାଲୋ, ସୁଶୀଳ କୁମାର ସେଠୀ, ରମାକାନ୍ତ ସାହୁ, ଅର୍ଜୁନ ବିଶିଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।


ଘେରାଉରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

## ବନ୍ଧୁକ ଦେଖାଇ ସୁନା ଚେନ୍ ଲୁଟ୍

ସମ୍ବଲପୁର,୨୮।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ କୁଲୁଥକାନି ଅଞ୍ଚଳର ଜଣଙ୍କ ଘର ସମ୍ମୁଖରୁ ଗୁରୁବାର ବନ୍ଧୁକ ମୁନରେ ୩ଲକ୍ଷ ଟଙ୍କାର ସୁନା ଚେନ୍ ଲୁଟ୍ ଅଭିଯୋଗ ହୋଇଛି। ଏ ନେଇ ଧନୁପାଲି ପୋଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ କୁଲୁଥକାନି ଅଞ୍ଚଳର ଦୋକାନ କରିଥିବା ଶିଶିର ପାଣ୍ଡେ ଦୋକାନ ବନ୍ଦ କରି ଘରକୁ ଯାଉଥିଲେ। ଏହି ସମୟରେ ହଠାତ୍ ବାଇକ୍‌ରେ ୨ଜଣ ବ୍ୟକ୍ତି ପହଞ୍ଚି ବନ୍ଧୁକ ଦେଖାଇ ଶିଶିର ପିନ୍ଧିଥିବା ସୁନାଚେନ୍ ଲୁଟ କରି ଫେରାର ହୋଇଯାଇଥିଲେ।

## ପତ୍ରାପାଲିରେ ଭାଗବତ ସପ୍ତାହ

କୁଚିଣ୍ଡା,୨୮।୯(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତର ପତ୍ରାପାଲିରେ ମହାପ୍ରଭୁ କେଶବ ଠାକୁରଙ୍କ ଜୟନ୍ତୀ ଅବସରରେ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଛି। ଦୀର୍ଘ ୨୪ବର୍ଷ ଧରି ପ୍ରତିବର୍ଷ ଭାଦ୍ରବ ମାସ ରାଧାଷ୍ଟମୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନରେ ପୂର୍ଣ୍ଣାହୁତି ହୋଇଥାଏ। ଚଳିତବର୍ଷ ବର୍ଷ ସାପ୍ତାହ ବ୍ୟାପୀ ଭାଗବତ ମହାପୁରାଣ ପାଠ, ସତ୍‌ସଙ୍ଗ, ହୋମଯଜ୍ଞ, ମହାମନ୍ତ୍ର ଜପ, ନାମକୀର୍ତ୍ତନ ଓ ଭଜନ ସମାରୋହ ଅନୁଷ୍ଠିତ ହେଉଛି। ଏହା କଟକ ଜିଲାର ମାହାଙ୍ଗା ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ କ୍ଷୀତି ଜ୍ୟୋତି ଆଶ୍ରମର ସ୍ୱର୍ଣ୍ଣକ୍ଷେତ୍ର ଆନୁକୂଲ୍ୟରେ ପରିଚାଳିତ ହେଉଛି। ଅଭିରାମ କୁସୁମଙ୍କ ତତ୍ତ୍ୱାବଧାନରେ ପତ୍ରାପାଲି ଶାଖାର ସହ ପରିଚାଳକ ଯଦୁମଣି କୁସୁମ, ପୂଜକ ଅକ୍ରୁ କୁସୁମ, ସତ୍ୟନାରାୟଣ କୁସୁମ, ସିଲୁ କୁସୁମ ଓ କାର୍ଯ୍ୟନିର୍ବାହୀ ରାଜୁ କୁସୁମ ପରିଚାଳନା କରୁଛନ୍ତି।

## ସମ୍ବଲପୁରୀ ଉପନ୍ୟାସ ପାର୍ବତୀ ଉନ୍ମୋଚିତ

ସମ୍ବଲପୁର,୨୮।୯(ବି.ଶଙ୍କର)

ସେତୁ ପକ୍ଷରୁ କଥାକାର ରାମଚରଣ ଗୁରୁଙ୍କ ସମ୍ବଲପୁରୀ ଉପନ୍ୟାସ ପାର୍ବତୀ ବୁଧବାର ରାତିରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଉନ୍ମୋଚିତ ହୋଇଯାଇଛି। ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଡ. ଦ୍ୱାରିକାନାଥ ନାୟକ ଉପନ୍ୟାସର ଲିଖନଶୈଳୀ ଆଲୋଚନା କରି ଏହା ଆଗାମୀ ପିଢିର ଔପନ୍ୟାସିକଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି କହିଥିଲେ। ସାହିତ୍ୟିକ ମୁକ୍ତକଣ୍ଠ ପ୍ରଧାନ ପୁସ୍ତକ ଉପରେ ମନ୍ତବ୍ୟ ଦେଇ ଦୁଃଖକୁ ଚିନ୍ତନ କରିବାର ଅତି ସୁନ୍ଦର ବର୍ଣ୍ଣନା ଏହି ଉପନ୍ୟାସରେ ରହିଛି ବୋଲି କହିଥିଲେ। ସେତୁ ସମ୍ପାଦକ ସୁକାନ୍ତ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଲେଖକୀୟ ବକ୍ତବ୍ୟରେ ରାମଚରଣ ଗୁରୁ ପୂର୍ବରୁ ଗଳ୍ପ ଲିଖନରେ ସୀମିତ ଥିବାବେଳେ ପ୍ରଫୁଲ୍ଲ ତ୍ରିପାଠୀଙ୍କଠାରୁ ପ୍ରେରଣା ପାଇ ଏହି ଉପନ୍ୟାସ ରଚନା କରିଛନ୍ତି ବୋଲି କହିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ୩୦ରୁ ସାଇବର ସୁରକ୍ଷା ଅଭିଯାନ: ଏସ୍‌ପି

**ସହଯୋଗ କରିବେ ୧୫ ବିଭାଗ**

ସମ୍ବଲପୁର,୨୮।୯(ଶୁଭାଶିଷ ପାଢ଼ୀ)

ଆଧୁନିକ ସମାଜରେ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକାଯିବା ନେଇ ସମଗ୍ର ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସମ୍ବଲପୁର ଜିଲାରେ ସେପ୍ଟେମ୍ବର ୩୦ରେ ଏହାକୁ ଲୋକାର୍ପଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଥିଲେ। ସେ କହିଥିଲେ, ଲୋକେ ଡିଜିଟାଲ ହେଉଥିବା ବେଳେ ସାଇବର ଠକେଇର ଶିକାର ହୋଇ ଆର୍ଥିକ କ୍ଷତି ସହୁଛନ୍ତି। ଅନଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ପୋଲିସ ଜନସଚେତନତା କରିବ। ଏଥିରେ ମିଶନ ଶକ୍ତି ମହିଳା, ଅଙ୍ଗନୱାଡ଼ି ଓ ଆଶା କର୍ମୀ, ଆଇଟି ଏକ୍ସପର୍ଟ ଓ ବିଭିନ୍ନ ବ୍ୟାଙ୍କ ଭଳି ୧୫ ବିଭାଗ ସହଯୋଗ କରିବେ। ସେପ୍ଟେମ୍ବର ୩୦ରେ ସାଇବର ସୁରକ୍ଷା ରଥକୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଉଦ୍‌ଘାଟନ କରିବେ। ଏହା ପରେ ଏହି ରଥ ସମଗ୍ର ରାଜ୍ୟରେ ବୁଲି ଜନ ସଚେତନତା କରିବ। ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଗଣମାଧ୍ୟମ ଓ ସୋସିଆଲ ମିଡ଼ିଆ ଦ୍ୱାରା ପ୍ରଚାର ପ୍ରସାର କରାଯିବ। ୧୯୦୩ ଟୋଲ ଫ୍ରି ନମ୍ବରରେ ମଧ୍ୟ ଅଭିଯୋଗ କରାଯାଇପାରିବ। ସ୍ୱତନ୍ତ୍ର ଟିମ୍ କାମ କରିବ। ସାଇବର ଠକେଇ ରୋକିବା ମୂଳ ଲକ୍ଷ୍ୟ ରହିଛ। ସାଇବର ଅପରାଧକୁ ନେଇ ଦେଶରେ କର୍ମଶାଳା ହେଉଛି। ଏବେ ରାଜ୍ୟରେ ହେବାକୁ ଯାଉଛି। ପୋଲିସ ବିଭାଗରେ ବିଶେଷଜ୍ଞମାନେ ତାଲିମ ନେଇଛନ୍ତି ବୋଲି କହିଥିଲେ।



ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଉଛନ୍ତି ।

**ଖଣ୍ଡହତା ମିଶନଶକ୍ତି ଗୃହରୁ ଚୋରି ଅଭିଯୋଗ**

ଅମରପାଲି,(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତାସ୍ଥିତ ମିଶନଶକ୍ତି ଗୃହରୁ ବୁଧବାର ବିଳମ୍ବିତ ରାତିରେ କମ୍ପ୍ୟୁଟର, ପ୍ରିଣ୍ଟର, ଜେରକ୍ସ ମେଶିନ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଛି । ଏନେଇ ସୁବଳୟା ଥାନାରେ ଅଭିଯୋଗ ହୋଇଛି । ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ମିଶନ ଶକ୍ତି ମା'ମାନଙ୍କୁ ବିଭିନ୍ନ ପ୍ରକାର ସାମଗ୍ରୀ ଦେଉଥିବା ବେଳେ ସେମାନଙ୍କ ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରାଯାଉଛି।

# ଦଶହରା, ମହାବଳି ଯାତ୍ରା ପାଇଁ ବୈଠକ

ସୋନପୁର,୨୮।୯(ମୃତ୍ୟୁଞ୍ଜୟ ଶତପଥୀ)

ଆସନ୍ତା ଦଶହରା ପୂଜା ଓ ସୋନପୁରର ପ୍ରସିଦ୍ଧ ମହାବଳି ଯାତ୍ରାର ବିଭିନ୍ନ ପୂଜା ଓ ବଳି ପର୍ବ ପାଇଁ ସାଧାରଣ ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସେବାୟତ, ପୁରୋହିତ, ପ୍ରଶାସନିକ ଅଧିକାରୀ ଓ ଦେବୋତ୍ତର ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସୋନପୁର ଉପ ଜିଲାପାଳ ତଥା ଦେବୋତ୍ତର ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବିସ୍ତୃତ ଖର୍ଚ୍ଚ ତାଲିକା ଉପସ୍ଥାପିତ ହୋଇଥିଲା। ବିଭିନ୍ନ ଦେବୀ ମନ୍ଦିରରେ ପୂଜା ଓ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟର ପ୍ରସ୍ତୁତ ତାଲିକା ପୁରୋହିତ ପ୍ରଦାନ କରିଥିଲେ । ପାର୍ବଣ ଯାତ୍ରା ସମୟରେ ନିରବଛିନ୍ନ ବିଦ୍ୟୁତ ଯୋଗାଣ, ମନ୍ଦିର ଗୁଡ଼ିକୁ ସମୟ ପୂର୍ବରୁ ରଙ୍ଗ ଲଗାଇବା, ମନ୍ଦିର ସମୂହର ପରିପାର୍ଶ୍ୱ ସଫା ସୁତୁରା, ଶାନ୍ତି ଶୃଙ୍ଖଳା ରକ୍ଷା, ମନ୍ଦିର ଓ ପାର୍ଶ୍ୱ ମନ୍ଦିର ପରିସରରେ ଆବଶ୍ୟକ ମରାମତି, ଯାତ୍ରାର ପ୍ରଚାର ପ୍ରସାର ସହ ସେବାପୂଜା ଉପରେ ଆଲୋଚନା ହୋଇଥିଲା। ବୈଠକରେ ସୋନପୁର ଏସଡିପିଓ ରାଜକିଶୋର ମିଶ୍ର, ଡା. ରମେଶ ଚନ୍ଦ୍ର ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ଟିପିଓଡବ୍ଲୁଓଡିଏଲ ଇଂ ଅଶୋକ କୁମାର ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପିଏଚଡି ଇଂ ଏ କେ ମୂର୍ତ୍ତି, ଶୈଳେଶ ଦେହେରୀ, ସୋନପୁର ତହସିଲଦାର ନବୀନ କିଶୋର ପାଢ଼ୀ, ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ସୋନପୁର ଆଇଆଇସି ପଦ୍ମାସିନୀ ମେହେର, ଡିସିଓ ଯମୁନା ପଧାନ, ଦେବୋତ୍ତର ମ୍ୟାନେଜର ମେଘନାଦ ମନହିରା, ସଞ୍ଜୀବ ମଲ୍ଲିକ, ଦେବୋତ୍ତର ଉପଦେଷ୍ଟା କମିଟିର ସଦସ୍ୟା ସଦସ୍ୟ ବୃନ୍ଦ,ବିଭିନ୍ନ ମନ୍ଦିରର ସେବାୟତ ପୂଜକ ବୃନ୍ଦ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସାମାଜିକ କର୍ମୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ଅକ୍ଟୋବର ୧୪ ତାରିଖ ଅମାବାସ୍ୟା ଦିନ ଅପରାହ୍ନରେ ବିଜୟ ଛତ୍ର ସୁରେଶରୀ ମନ୍ଦିରଠାରୁ ପୂଜା ହୋଇ ସମଲେଶ୍ୱରୀ ମନ୍ଦିରକୁ ବିଜେ କରିବ। ରାତି ୧୦ଟା ସମୟରେ ସମଲେଶ୍ୱରୀ ପୀଠରେ ପୂଜା ଓ ବଳି ହୋଇ ପୁଣି ବାଉତି ଛତ୍ର ସହ ସମଲେଶ୍ୱରୀ ପୀଠକୁ ପ୍ରତ୍ୟାବର୍ତ୍ତନ କରିବ। ୧୫ ତାରିଖରୁ ନବରାତ୍ର ପୂଜାରମ୍ଭ ହେବାକୁ ଥିବା ବେଳେ ୨୯ ତାରିଖରେ ବାଲିଯାତ୍ରା ସମ୍ପନ୍ନ ହେବ ।



ବୈଠକରେ ଉପସ୍ଥିତ ସେବାୟତ, ପୁରୋହିତ ଓ ଦେବୋତ୍ତର।

**ଯାତ୍ରାର ପ୍ରଚାର ପ୍ରସାର ସହ ସେବା ପୂଜା ଉପରେ ଆଲୋଚନା**

# ବଡ଼ବାପାଙ୍କୁ ପନିକିରେ ହାଣି ହତ୍ୟା

**ସାଲେପାଲି ଗ୍ରାମରେ ହତ୍ୟାକାଣ୍ଡ**

**■ କାରଣ ଅସ୍ପଷ୍ଟ**

ଡୁଙ୍ଗୁରିପାଲି,୨୮।୯(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଟୁଆଁ ଗ୍ରାମ ପଞ୍ଚାୟତ ଅଧୀନ ସାଲେପାଲି ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଉକ୍ତ ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରକାଶ ଯେ, ଅପରାହ୍ନ ୪ଟା ସମୟରେ ସାଲେପାଲି ଗ୍ରାମର ନବୀନ ଭୁଏ (୫୦) ଭାତ ଖାଉଥିବା ବେଳେ ତାଙ୍କ ସାନଭାଇଙ୍କ ବଡ଼ପୁଅ ହଠାତ୍ କୌଣସି କାରଣରୁ ଏକ ପନିକିରେ ତାଙ୍କ ବେକକୁ ଚୋଟ ପକାଇଥିଲା । ଫଳରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିତ୍କାର ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ରୁଣ୍ଡ ହୋଇଯିବା ଦେଖି ଅଭିଯୁକ୍ତ ସେଠାରୁ ଫେରାର ମାରିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଖୋଜାଖୋଜି କରି ଗ୍ରାମରୁ ଧରିଥିବା ବେଳେ ଥାନାକୁ ନେଇ ଅଟକ ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ପନିକି ଜବତ ହୋଇନାହିଁ। ଖବର ଲେଖା ହେବା ବେଳକୁ ନିହତ ନବୀନଙ୍କ ମୃତଦେହ ଘରେ ପଡିରହିଛି। ହତ୍ୟାର ପ୍ରକୃତ କାରଣ ଜଣାପଡିନାହିଁ। ତିନି ଭାଇ ମଧ୍ୟରେ ନବୀନ ହେଉଛନ୍ତି ବଡ। ପୋଲିସ ହତ୍ୟା ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ ଜାରି ରଖିଥିବା ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ପ୍ରକାଶ କରିଛନ୍ତି।

# ଟ୍ରାଫିକ ବ୍ୟବସ୍ଥା କରାଯିବାକୁ ଜିଲାପାଳଙ୍କୁ ଫେରାଦ

ବୌଦ୍ଧ,୨୮।୯(ଅଜିତ କୁମାର ବାରିକ)

ବୌଦ୍ଧ ବାଇପାସର ଜଗଦିଶପୁର ଛକ ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା କରାଯିବାକୁ ଗୁରୁବାର ଦିନ ଜିଲାପାଳଙ୍କଠାରେ ସ୍ଥାନୀୟ ଗ୍ରାମବାସୀ ଫେରାଦ ହୋଇଛନ୍ତି। ବୌଦ୍ଧ ବାଇପାସ ରାସ୍ତାର ଜଗଦିଶପୁର ଏବେ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବରେ ପରିଗଣିତ ହୋଇଛି। ଏହି ରାସ୍ତା ନିର୍ମାଣ କରାଯିବା ଦିନ ଠାରୁ ବହୁ ଛୋଟବଡ ଦୁର୍ଘଟଣା ଘଟି ସାରିଲାଣି। ଜଗଦିଶପୁର ଛକ ନିକଟରେ ଦୁଇଟି ସ୍କୁଲ ରହିଥିବା ବେଳେ ବଘିଆପଡା ଯିବାକୁ ରାସ୍ତା ରହିଛି। ପ୍ରତିଦିନ ଏହି ଛକ ଦେଇ ଛାତ୍ରୀଛାତ୍ରଙ୍କ ସମେତ ବହୁସଂଖ୍ୟକ ଗାଡି ମୋଟର ଯିବା ଆସିବା କରୁଛି। ତେଣୁ ଏହି ଅଞ୍ଚଳରେ ଦୁର୍ଘଟଣା ରୋକିବା ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଦାବିପତ୍ର ପ୍ରଦାନ ସମୟରେ ମିଥୁନ ନାୟକ, କମଳଲୋଚନ ନାୟକ,ସନ୍ତୋଷ ପଣ୍ଡା, ଅମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

# ୩୦ରୁ ଆରମ୍ଭ ହେବ ସାଇବର ସୁରକ୍ଷା ଅଭିଯାନ

ବୌଦ୍ଧ,୨୮।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଆସନ୍ତା ୩୦ ତାରିଖରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ସାଇବର ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଏନେଇ ଗୁରୁବାର ଦିନ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ସୂଚନା ଦେଇଛନ୍ତି। ସାଇବର କ୍ରାଇମକୁ ଜିଲାରେ କିଭଳି ଭାବେ ସମ୍ପୂର୍ଣ୍ଣ ରୋକାଯାଇ ପାରିବ ସେଥିପାଇଁ ସଚେତନତା ଅଭିଯାନ ଆରମ୍ଭ କରାଯାଉଥିବା ଆରକ୍ଷୀ ଅଧୀକ୍ଷକ କହିଥିଲେ। ସାଇବର ଠକମାନଙ୍କ ଠାରୁ କିଭଳି ଜିଲାର ସାଧାରଣ ଲୋକ ସୁରକ୍ଷା ପାଇବେ ସେ ଦିଗରେ ସମସ୍ତେ ସଚେତନ ହେବାକୁ କହିବା ସହିତ ଗଣମାଧ୍ୟମ ମାଧ୍ୟମରେ ଏହି ଅଭିଯାନର ପ୍ରଚାର ପ୍ରସାର କରାଯିବ ବୋଲି କହିଥିଲେ। ଏହାଛଡା ସାଇବର ସତର୍କତା ବାର୍ତ୍ତା ନେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ତନ୍ମଧ୍ୟରୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରହିବେ, ସୋସିଆଲ ମିଡ଼ିଆ ବ୍ୟବହାର କ୍ଷେତ୍ରରେ ସତର୍କତା, ପିଲାଙ୍କୁ କିପରି ସାଇବର ଅପରାଧରୁ ସୁରକ୍ଷିତ ରଖିବେ, ଆର୍ଥିକ କାରବାର ସମୟରେ ସତର୍କତା, ଅନଲାଇନ ସପିଙ୍ଗରେ ସତର୍କତା, ଲୋନ ଆପ୍ ଠକେଇ, ନିଯୁକ୍ତି ଠକେଇ ଠାରୁ ସତର୍କ ରହିବା ଉପରେ ସଚେତନ କରାଯିବ। ଏହି ଅଭିଯାନରେ ବିଭିନ୍ନ ଅଞ୍ଚଳକୁ ଯାଇ ଅଙ୍ଗନୱାଡ଼ି କର୍ମୀ ଆଶାକର୍ମୀଙ୍କୁ ନେଇ ଘରକୁ ଘର ବୁଲି ସଚେତନ କରାଯିବ ଏବଂ ଏଥିସହିତ ମାରାଥନ ଦୌଡ ମଧ୍ୟ କରାଯିବ ବୋଲି କହିଥିଲେ। କୌଣସି ମୁହୂର୍ତ୍ତରେ ସାଇବର ଠକାମିର ଶିକାର ହେଉଥିବା ଅନୁଭବ କଲେ ତୁରନ୍ତ ୧୯୩୦ ସହାୟତା ନମ୍ବରକୁ ଯୋଗାଯୋଗ କରିପାରିବେ ବୋଲି ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସୂଚନା ଦେଇଥିଲେ।




ଆରକ୍ଷୀ ଅଧୀକ୍ଷକ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# କଣ୍ଟାମାଳ ବ୍ରାହ୍ମଣ ସମାଜର ଅନନ୍ତମୁଖୀ କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୨୮।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବ୍ରହ୍ମ ସମାଜ ଆନୁକୂଲ୍ୟରେ ଗୁରୁବାର ବ୍ଲକ ଦୁର୍ଗାମଣ୍ଡପସ୍ଥିତ ଶ୍ରୀରାମ ମନ୍ଦିରଠାରେ ଅନନ୍ତମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବ୍ରହ୍ମ ସମାଜ ସଭାପତି ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ସନ୍ତୋଷ କୁମାର ବିଶିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ରହ୍ମ ସମାଜର ସମସ୍ତ ସଦସ୍ୟଙ୍କ ଦ୍ୱାରା ଶ୍ରୀମଦ ଭାଗବତ ଗୀତା, ବିଷ୍ଣୁ ସହସ୍ର ନାମ ଓ ଗୋପାଳ ସହସ୍ର ନାମ ପାଠ କରାଯାଇଥିଲା। ଏହି ମହାଯଜ୍ଞରେ ସନ୍ତୋଷ କୁମାର ମହାପାତ୍ର ଓ ପତ୍ନୀ ସନ୍ତୋଷିନୀ ପାଢ଼ୀ ଯଜ୍ଞ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ବାଳକୃଷ୍ଣ ମିଶ୍ର(ଚକାନୟନ)ଓ ରଘୁନାଥ ମହାପାତ୍ର ଯଜ୍ଞ ଓ ଦେବପୂଜନ କାର୍ଯ୍ୟରେ ପୌରୋହିତ୍ୟ କରିଥିଲେ। ଆନନ୍ଦ ଚନ୍ଦ୍ର ପାଢ଼ୀ ପୂଜକ ଭାବେ ସହଯୋଗ କରିଥିଲେ। ବ୍ରହ୍ମ ସମାଜର ନବୀନ କୁମାର ବିଶି, ବସନ୍ତ କୁମାର ମିଶ୍ର, ଜୟକୃଷ୍ଣ ମିଶ୍ର, ବିଜୟ ପାଣିଗ୍ରାହୀ, ସମ୍ପାଦକ ସନ୍ତୋଷ କୁମାର ବିଶି, ରଘୁନାଥ ପାଣିଗ୍ରାହୀ, ଘନଶ୍ୟାମ ମିଶ୍ର, ରମେଶ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମ ସମାଜର ସମସ୍ତ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

# ଦୁର୍ଗାପୂଜା ଶୁଭସ୍ତମ୍ଭ ସ୍ଥାପିତ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ଶାରଦୀୟ ଦୁର୍ଗାପୂଜା ପାଇଁ ଗୁରୁବାର ବରଗଡ଼ ୱାର୍ଡ ନଂ-୧ ନିଗମାନନ୍ଦ ବିହାର ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ସଭାପତି ସଦାଶିବ ସାହୁ ଓ ସମ୍ପାଦକ ନବୀନ ସାବତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପଣ୍ଡିତ ନିଗମାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ପଡ଼ାବାସୀଙ୍କ ତରଫରୁ ଶିକ୍ଷକ ତରଣୀସେନ ଦେବତା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକଙ୍କ ସମେତ ପଡ଼ାର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।



# ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ଘଟଣାରେ ୫ ଗିରଫ

ନୂଆପଡ଼ା,୨୮।୯(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ବେଲଟୁକୁରି ଥାନା ଭାଲେଶ୍ୱର ପଞ୍ଚାୟତ ଟମକିଦାଦର ଗାଁରେ ଜାତିଆଣ କେନ୍ଦ୍ରକରି ଗ୍ରାମର ଯୁବକ ଟିକେଶ୍ୱର ସତନାମୀ (୩୫)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଟିକେଶ୍ୱରଙ୍କ ଭାଇ ବେଲଟୁକୁରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଗ୍ରାମର କୁଞ୍ଜବିହାରୀ ପଟେଲ (୫୩), ବିପିନ ପଟେଲ (୨୯), ତୁକାରାମ ପଟେଲ (୪୨), ତୁଳାରାମ ପଟେଲ (୩୫), ଶ୍ୟାମଲାଲ ପଟେଲ (୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଟମକିଦାଦର ଗାଁରେ ଛୋଟ ଜାତିର ଲୋକମାନେ ଆମ ଠାରୁ ବଢି ଯାଉଛନ୍ତି ଓ ସବୁ କାର୍ଯ୍ୟରେ ସେମାନେ ଆଗରେ ଠିଆ ହେଉଛନ୍ତି ବୋଲି ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମବାସୀ ଏକ ବୈଠକ କରିଥିଲେ। ଏହାକୁ ନେଇ ଟିକେଶ୍ୱର ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ। ଗାଁର ବିପିନ, କୁଞ୍ଜବିହାରି, ବିହାରୀ, ତୁଳାରାମ, ଶ୍ୟାମଲାଲ, ତୁକାରାମ ଟିକେଶ୍ୱରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶ୍ୟାମଲାଲ ଓ ତୁକାରାମ ରାଗି ଯାଇ ଟାଙ୍ଗିଆ ଓ ଠେଙ୍ଗାରେ ଟିକେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଟିକେଶ୍ୱର ଅଚେତ ଅବସ୍ଥାରେ ତଳେ ପଡିଯିବାରୁ ମରିଗଲା ଭାବି ଭୟରେ ଫେରାର ହୋଇଯାଇଥିଲେ। ବେଲଟୁକୁରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟିକେଶ୍ୱରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ରାୟପୁର ସ୍ଥାନାନ୍ତର କରାଯାଇଛି। ଟିକେଶ୍ୱରଙ୍କ ମୁଣ୍ଡରେ ଓ ମୁହଁରେ ଗଭୀର ଆଘାତ ଲାଗିଛି।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ବିନିକା,୨୮।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହର ଧୀବରପଡାର ସୁବାସ ଚନ୍ଦ୍ର ପାଠୀଙ୍କ ସ୍ତ୍ରୀ ସରୋଜିନୀ ପାଠୀ(୬୬)ଙ୍କ ଗୁରୁବାର ସକାଳେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ ସରୋଜିନୀ ଜଣେ ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ। ପାପକ୍ଷୟ ଘାଟ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ବୁଲୁ ପାଠୀ ମୁଖାଗ୍ନି ଦେଇଥିଲେ।



ସରୋଜିନୀ ପାଠୀ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରତିଷ୍ଠା ଦିବସ

ବରଗଡ଼, ୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଗୋବିନ୍ଦପୁରଠାରେ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ପ୍ରତିଷ୍ଠା ଦିବସ ସ୍ୱାର୍କ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କେଦାରନାଥ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ୧୨ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ରାଧାକାନ୍ତ ଛତ୍ରୀ, ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିଗଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଭଟଲି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।


**ODISHA HYDRO POWER CORPORATION LTD.**
OHPC
(A Gold Rated State PSU)
O/O. SR. GENERAL MANAGER, RENGALI HYDRO ELECTRIC PROJECT, RENGALI
P.O. RENGALI DAM SITE, DIST.: ANGUL (ODISHA), INDIA, PIN:759105
No.CAD-2199: TEL.NO.-06760-266031, Email: sgmel500@gmai.com, CIN:U40101OR1995SGC003963
No.OHPC:RHEP/C&P/PUR-III-139/ 6295 /Date:26.09.2023

**NOTICE INVITING TENDER NO.RHEP-27/2023-24**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/ for carrying out the following works as mentioned below.

| Description of Materials/Services | Cost of Tender Paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of availability of tender at OHPC website (Sale) | Last date & Time of receipt of tender | Date & Time of Opening of Techno -Commercial bid |
|---|---|---|---|---|---|
| Repair, Overhauling & Demonstration of one number of Drilling machine, one number of Shaper machine & one number of Lathe machine for RHEP, Rengali | Rs.2,360/- (Inclusive of GST @ 18%) | Rs.4,950/- | From Dt.28.09.2023 to Dt.10.10.2023 (Upto 03.30 PM) | Dt.10.10.2023 Upto 04.15 PM | Dt.10.10.2023 at 04.30 PM |

For details and further correspondence/ corrigendum, please visit our website www.ohpcltd.com
OIPR-04022/11/0032/2324 Sd./- C & P Head, RHEP, Rengali



**GRIDCO LIMITED**
GRIDCO Empowering Odisha
( A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CIN : U40109OR1995SGC003960
No.CAD-2214

**NOTICE INVITING TENDER FOR PURCHASE OF POWER**

GRIDCO Ltd. has issued Tender for procurement of power from Inter-state/ Intra-state sources on short term open access basis through DEEP e-bidding Portal for the period from **01.03.2024 to 31.07.2024.**

Interested bidders may please refer **www.mstcecommerce.com / www.gridco.co.in** for detailed terms and conditions and visit the website from time to time for further details / information.

OIPR-04056/11/0009/2324 **Chief General Manager (PP)**



**DIRECTORATE OF PRINTING, STATIONERY & PUBLICATION, ODISHA**
**MADHUPATNA, CUTTACK-753010**
E.O.I. NO.04

**EXPRESSION OF INTEREST ON STITCHING WORK OF VOTER SLIPS (PINK & WHITE) RELATING TO SAMULTANEOUS GENERAL ELECTION (OUTSOURCING)- FOR THE YEAR- 2023-24**

**No.J-17:**Director, Printing, Stationery & Publication, Odisha, Cuttack-10 invites Expression of Interest in sealed cover (Technical Bid /EMD in one cover and price bid in another cover) in prescribed form from the Reputed bonafide Printing/Binding Firms having GST Registration Certificate to offer the rate for outsourcing of stitching work of 4,00,000 books of voter slip (White) and 2,00,000 books of voter slip (Pink) are required to be stapled from the left side of the books.

Details of documents can be obtained on any working day during the office hour at 11.00 A.M. to 4.00 P.M. from **27.09.2023 to 09.10.2023** from the office of the undersigned on payment of Rs.505/- **(Rupees five hundred five)** only inclusive G.S.T. (Non-refundable) in cash by person only.

The tender information can also be downloaded from the Odisha State Government website i.e. **www.odisha gov.nic.in** and Odisha Govt. Press Website i.e. **www.ogpress.nic.in**. In such cases the bidder is to submit along with a bank draft of **Rs.505/-(Rupees five hundred five)** only (Non-refundable) drawn in favour of Director, Printing, Stationery & Publication, Odisha, Cuttack.

The documents as required by this office along with "EMD in prescribed manner should be received by 1.30 P.M. on **10.10.2023** and will be opened on same day at 3.00 P.M. in presence of the participated firms Authorized representatives.

Tender shall be finalised by the Authority. The Authority reserves the right to reject any or all offers without assigning any reason thereof. All disputes, if any, arises are subject to the Court of Cuttack jurisdiction.

DIRECTOR
Printing, Stationery & Publication,
OIPR-02002/11/0013/2324 Odisha, Madhupatna, Cuttack-10



See Career Appointment on every Wednesday & Saturday



No. YY-05
सत्यमेव जयते
**GOVERNOR'S SECRETARIAT, ODISHA**
**RAJBHAVAN, BHUBANESWAR - 751008**
No. GOV-OE-EV-0007/2021/6379/SG (Estt) Dated: 18.08.2023
From
Shri R.C. Majhi
Officer on Special Duty, Rajbhavan, Bhubaneswar
To
Shri Paul Kullu, Ex-Senior Grade Stenograhper
At: Qtrs. No. 2RB-4, Rajbhavan Staff Colony
Unit - 8, Bhubaneswar
Sub.: Submission of pension papers for onwards transmission to O/o. the AG (A&E), Odisha, Bhubaneswar for issue of PPO/ CPO/GPO - Ragarding.

Sir,
In inviting a reference to the subject mentioned above, I am directed to intimate you that in order to finalise the pensionery benefits in your favour, the penison papers duly filled in all respects along with some personal information/documents listed below are required to be submitted by you to this office for sanction of pensionery benefits and issue of authority by AG (A&E), Odisha, Bhubaneswar.

| Sl. No. | List of Documents or Nature of Information | | Copies |
|---|---|---|---|
| 01 | Proof of date of birth of spouse and children issued by the Competet Authority like Birth Certificate/ Certificate issued by School/College/Municipal/ Local Panchayat Authority (self attested) | - | Four Copies |
| 02 | Address for correspondence/contact number | - | |
| 03 | First page of Bank Pass Book where pensionary benefit to be credited (Self-attested) | - | Four Copies |
| 04 | Pass Port Size Joint Photographs of yourself and spouse | - | Four Copies |
| 05 | Specimen Signature of your spouse in the enclosed format | - | Four Copies |
| 06 | PAN Card (Self Attested) | - | Four Copies |
| 07 | Clearance Certificate issued by AG (A&E), Odisha against long term advances availed by you. | - | Two Copies |
| 08 | Aadhaar Cards of Self, Spouse and Children (Self Attested) | - | Four Copies each |

2. Further, you are advised to report to Shri Sanjeev Kumar Naik, SO, Establishment Section in person along with your spouse for submission of above information/documents and signature in relevant OCS (Penison) Forms. You should come over to Reception Office in any working day during office hours from 11.00 A.M. to 2.00 P.M. for the purpose. The office will not be responsible for any delay in regularisation of your pension case, if pension papers are not submitted by you in time.

Sd./- Officer on Special Duty
OIPR-12116/11/0007/2324



ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର
**OFFICE OF THE MUNICIPAL COUNCIL,JAJPUR**
ସ୍ଥାନ-ଯାଜପୁର, ୭୫୫୦୦୧
At/Po/Dist-Jajpur (Odisha), Pin-755001
Email:jajpur.m.1869@gmail.com, Phone No.06728-222073
Letter No.3577// JM, Dated 26.09.23

**QUOTATION CALL NOTICE**

No.C-1516:Quotations in sealed cover are invited from the intending Firms/Bidders/suppliers for supply & execution of the following nature works.
1. Supply of Tricycle with Iron Body.
2. All types of Sanitary Articles relating to sanitation work.

The Quotation Schedule for Quotation containing general bid information, terms & conditions for the above items of works will be available on payment of cost Rs. 2000 (Rupees Two Thousand) only in shape of cash to be deposited at Municipal Office towards paper cost from Dt.29.09.2023 to 10.10.2023 upto 2.00 P.M in the working days & hours respectively.
The Bidders are to submit the Quotation paper duly filled in on or before Dt.11.10.2023 by 3.30 P.M which shall be opened on the same day at 4.00 P.M in the presence of the Bidder or their authorized representatives. The date of opening shall not be differed in the absence of either bidder or their authorized representatives.
The authority reserves the right to accept or reject any or all the quotation without assigning any reason thereof.

Sd./- Executive Officer, Jajpur Municipality
OIPR-13171/11/0014/2324



**CUTTACK DEVELOPMENT AUTHORITY**
CDA
Arunodaya Bhawan, Link Road, Cuttack - 12
URL: cdacuttack.nic.in, E-mail: cda.cuttack@nic.in

**Request for Proposal**

Notice No. 10747 Date: 27.09.2023

**FOR SELECTION OF AN AGENCY FOR PROVIDING SERVICES FOR ONLINE E-AUCTION OF ASSETS/ PROPERTIES OF CUTTACK DEVELOPMENT AUTHORITY**

Brief Description of the process: Cuttack Development Authority (CDA) invites applications from prospective **AGENCY/FIRMS FOR PROVIDING SERVICES FOR ONLINE E-AUCTIONING OF ASSETS/ PROPERTIES OF CUTTACK DEVELOPMENT AUTHORITY.**

No. CAD-2218: The bidders are requested to make themselves aware of the illegibility criteria mentioned in the RFP before participating in the porcess. The RFP can be downloaded from CDA webstie **http://www.cdacuttack.nic.in** and the last date of submission of application in prescribed format and with required documents in Dtd.05.10.2023 till 15.00 hrs. Cuttack Development Authority, Cuttack reserves the right to accept or reject any applications and to annul the selection process at any time, without incurring any liability and without assigning any reason thereof.

For any assistance/ clarification in this regard, the prospective applicants may contact the **Scheme Officer on (Mob. No. 8249964517)** or reach out to **PMU Cell (Contact No. 9937022079/8050398938** during office hours.

Sd./- Secretary
OIPR-13037/11/0141/2324 Cuttack Development Authority, Cuttack

## ସଂକ୍ଷେପରେ

### ପାଣିରେ ବୁଡ଼ି ନାବାଳକ ମୃତ

**ବାଲିଶଙ୍କରା,୨୮।୯(ହୃଦାନନ୍ଦ ବାରିକ):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତଳସରା ଥାନା ଅନ୍ତର୍ଗତ ସଉନାମରା ଗ୍ରାମ ସମଲେଇ ପିଟା ଖଡ଼ିଆପଡାରେ ପୋଖରୀରେ ବୁଡ଼ି ଗୁରୁବାର ସୋରେଙ୍ଗ(୧୨)ଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଗୁରୁବାର ସୋରେଙ୍ଗ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ପୋଖରୀକୁ ଯାଇ ଦେଖିଲାବେଳକୁ ସୋରେଙ୍ଗ ଚପଲ ଓ କପଡା ବାହାରେ ଥିଲା। ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

### ପରିତ୍ୟକ୍ତ କୂଅରୁ ଅଜଣା ମୃତଦେହ ଜବତ

**ଟେନ୍ସା,୨୮।୯(ସମୀର କୁମାର ପାଢୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ କମଣ୍ଡ ଗାଁ ଭୂୟାଁ ବସ୍ତିର ଏକ ପରିତ୍ୟକ୍ତ କୂଅ ଭିତରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଗୁରୁବାର ଜବତ ହୋଇଛି। ପୋଲିସ ଓ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି କୂଅ ଭିତରୁ ଉଲଗ୍ନ ଅବସ୍ଥାରେ ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପୋଲିସ କୋଇଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ମୃତଦେହ ସମ୍ପୂର୍ଣ୍ଣ ପଚି ଯାଇଥିବାରୁ ତାଙ୍କ ପରିଚୟ ମିଳିପାରିନାହିଁ। ମହିଳାଙ୍କ ମୃତଦେହ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାମ ନିକଟରୁ ଟିକେ ଦୂରରେ ପରିତ୍ୟକ୍ତ କୂଅ ରହିଛି। ଗୁରୁବାର ଦୁର୍ଗନ୍ଧ ହେବାରୁ ଗ୍ରାମବାସୀ କୂଅ ନିକଟକୁ ଯାଇଥିଲେ। କୂଅ ଭିତରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ।

### ଗାଁରେ ପଶିଲେ ୮ଟିକିଆ ହାତୀପଲ

**ବାଲିଶଙ୍କରା,୨୮।୯( ହୃଦାନନ୍ଦ ବାରିକ):** ସୁନ୍ଦରଗଡ଼ ରେଞ୍ଜ ରାଉଳଡେଗା ସେକ୍ସନ ଅଧୀନସ୍ଥ ଧୁଡି ନୂଆଗାଁରେ ୮ ଟିକିଆ ହାତୀପଲ ପଶିବା ଯୋଗୁ ଭୟଭୀତ ହୋଇପଡ଼ିଛନ୍ତି ଗ୍ରାମବାସୀ। ଏନେଇ ବନବିଭାଗ ବନରକ୍ଷୀ ତନୟା ସିଂଙ୍କୁ ଖବର ଦେଇଥିଲେ ଗ୍ରାମବାସୀ। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇଥିଲେ। ହାତୀପଲ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଛନ୍ତି। ବନବିଭାଗ କର୍ମଚାରୀ ସେଠାରେ ଜଗି ରହି ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ସରକାରୀ କଲେଜରେ ବିଶ୍ୱ ପର୍ଯ୍ୟଟନ ଦିବସ



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ସୁନ୍ଦରଗଡ,୨୮।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ କଲେଜରେ ଇତିହାସ ବିଭାଗ ଆନୁକୂଲ୍ୟରେ ବୁଧବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ.ଲଳିତ ରଞ୍ଜନ ସାହୁ ଅଧକ୍ଷତା କରି ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ପ୍ରାଧାପକ ଆଲୋକ କୁମାର ନାଏକ, ସହକାରୀ ପ୍ରସେସର ଡ.ବିନୋଦ ବିହାରୀ ମଲ୍ଲିକ କଳା ସ୍ଥାପତ୍ୟର ରକ୍ଷଣାବେକ୍ଷଣ ସମ୍ପର୍କରେ କହିଥିଲେ। ସହକାରୀ ପ୍ରଫେସର ଡ.ସାକୀର ହୁସେନ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତାପ୍ରାପ୍ତ ଭାରତ ମନ୍ଦିର ସ୍ଥାପତ୍ୟ, ଗୁମ୍ଫା ଚିତ୍ରକଳା ଓ ବିଭିନ୍ନ କଳା ସ୍ଥାପତ୍ୟ କ୍ଷେତ୍ର ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଏକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ନୂତନ ଖମାରୀ ପର୍ଯ୍ୟଟନ ସବୁଜ ନିବେଶ ଉପରେ ଆଲୋଚନା କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଡ.ଜୟ ଶଙ୍କର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଖାରବେଳ ସା, ଅଧ୍ୟାପକ ଶ୍ରୀକାନ୍ତ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ଅଧ୍ୟାପିକା ଗୀତାଞ୍ଜଳୀ ଡାକୁଆ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶିବିରରେ ୨୧୫ ଜଣଙ୍କ ଚକ୍ଷୁ ପରୀକ୍ଷା



କୃଷ୍ଣ ଗଡତିଆ ସ୍କୁଲରେ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର।

**କୁଆଁରମୁଣ୍ଡା,୨୮।୯(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ରାଏବୋଗାସ୍ଥିତ କୃଷ୍ଣ ଗଡତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଏବୋଗା, ପ୍ରତାପପୁର, ସଲଙ୍ଗାବାହାଲ, ମଝାପଡା, ଝୁନପୁର ଶିକ୍ଷା କ୍ଲଷ୍ଟରରେ ଥିବା ବିଦ୍ୟାଳଗୁଡିକରେ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଶିବିରରେ ମୋଟ ୨୧୫ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ଚଷମା ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ୪ ବିଦ୍ୟାର୍ଥୀଙ୍କ ଚକ୍ଷୁ ଗୁରୁତର ଥିବାରୁ ସେମାନଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଛି। ଏହି ଶିବିର କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଥିବା ବେଳେ ଏବିଇଓ ଡୋରୋଥିଆ ଟପ୍ପୋ ଉପସ୍ଥିତ ରହି କାର୍ଯକ୍ରମ ତଦାରଖ କରିଥିଲେ। ପ୍ରଧାନଶିକ୍ଷକ ତଥା ଶିକ୍ଷକ ନେତା ବିଭୀଷଣ ତନ୍ତୀ ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।



ଉପସ୍ଥିତ ମୌଲାନାନା ଓ ଅନ୍ୟ ଅଧିକାରୀ।

# ମହିଳା ଚାଷୀଙ୍କୁ କୁକୁଡ଼ା ଚିଆଁ ବଣ୍ଟନ

**ହେମଗିର,୨୮।୯(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ପ୍ରାଣୀ ଚିକିତ୍ସାଳୟ ତରଫରୁ ବ୍ଲକର ୭୬ ମହିଳା ଚାଷୀଙ୍କୁ ୨୫ଟି ଲେଖାଏଁ ଏକ ମାସର ଲୋ ଇନ୍ ପୁଟ ଟେକ୍ନୋଲୋଜି ଚିଆଁ ବଣ୍ଟନ କରାଯାଇଛି। ଏହା ସହ ବାରି ଅଗଣାରେ କୁକୁଡା ପାଳନ, ଟିକା କରଣ ଓ ରୋଗ ନିୟନ୍ତ୍ରଣ ତଥା ଖାଦ୍ୟ ପରିଚାଳନା ସମ୍ବନ୍ଧୀୟ ତାଲିମ ଦିଆଯାଇଥିଲା। ଏହା ପ୍ରଥମ ପର୍ଯ୍ୟାୟ କୁକୁଡା ବଣ୍ଟନ ହୋଇଥିବା ବେଳେ ୨ୟ ପର୍ଯ୍ୟାୟରେ ଅବଶିଷ୍ଟ ଆଉ ୨୫ଟି ଲେଖାଏ ବଣ୍ଟାଯିବ ବୋଲି ପ୍ରାଣୀ ଚିକିତ୍ସକ ଡ. ପ୍ରଶାନ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସହ ପ୍ରାଣୀ ଚିକିତ୍ସକ ସୁଧନ୍ୟା ନାଥ, ସହକାରୀ ଉପ ପ୍ରାଣୀ ଚିକିତ୍ସକ ଗଣପତି ପ୍ରଧାନ, ସହାୟକ କିଶୋର ଦେହେରି, ଲମ୍ବୋଦର ପ୍ରଧାନ, ଏମ ଭି ୟୁ ସହାୟକ କୁବେର ଖମାରୀ, ଗୋପାଳପୁର ସହାୟକ ନୀହାର ରଞ୍ଜନ ସା, ଏସଜି ଫାଉଣ୍ଡେଶନର କର୍ମକର୍ତ୍ତା ହାପି ଦେହୁରୀ ପ୍ରମୁଖ ଯୋଗଦେଇଥିଲେ।



କୁକୁଆ ଚିଆଁ ବଣ୍ଟନ ଅବସରରେ ଉପସ୍ଥିତ ମହିଳା ଚାଷୀ।

# ରାଜଗାଙ୍ଗପୁରରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ

**ରାଜଗାଙ୍ଗପୁର,୨୮।୯(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ମୁସଲିମ ସଂପ୍ରଦାୟର ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁର ମୁସଲିମ ପଞ୍ଚାୟତର ମହମ୍ମଦ ମହସିନ, ସୋଏବ ଆଲମ, ପୂର୍ବତନ ଉପନଗରପାଳ ଇଫତେକାର ଅହମ୍ମଦ (ପାକା ବାବୁ), ଉପନଗରପାଳ ମହମ୍ମଦ ଇରଫାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ଶୋଭାଯାତ୍ରା ଜାମା ମସଜିଦରୁ ଆରମ୍ଭ ହୋଇ ସହର ଦେଇ ଫୁଟ୍‌ବଲ ପଡିଆରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରାରେ ଲୋକଙ୍କୁ ମିଠା, ଚକୋଲେଟ, କେକ୍ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଫୁଟ୍‌ବଲ ପଡିଆରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୌଲାନାମାନେ ମହାପୁରୁଷ ମହମ୍ମଦଙ୍କ ବିଷୟରେ ବିଭିନ୍ନ ପ୍ରବଚନ ଦେଇଥିଲେ। ପୌରାଧକ୍ଷା ମାଧୁରୀ ଲୁଗୁନ, କଂଗ୍ରେସ ଟାଉନ ସଭାପତି ଦୀପୁ ବିନୋଦଙ୍କ ସହ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। ସୁନ୍ଦରଗଡ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

### ଆଦିବାସୀ ମହିଳାଙ୍କୁ ବଳାତ୍କାର: ଯୁବକ କୋର୍ଟ ଚାଲାଣ

**ଲାଞ୍ଜିଗଡ଼,୨୮।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଥାନା ଅଞ୍ଚଳର ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇ ଜେଲ ଯିବାକୁ ପଡିଛି। ଗିରଫ ଯୁବକ ହେଲେ କୁମଖାଲ ଗାଁର ପଦ୍ମ ବିଭାର (୨୪)।

# ମୁସଲମାନ ସମ୍ପ୍ରଦାୟର ଲୋକେ ପାଳିଲେ ମହମ୍ମଦ ଜୟନ୍ତୀ

**ବାଲିଶଙ୍କରା,୨୮।୯(ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତର ମୁସଲମାନ ସମ୍ପ୍ରଦାୟର ଲୋକେ ମହମ୍ମଦ ଜୟନ୍ତୀ ମହାସମାରୋହରେ ପାଳନ କରିଛନ୍ତି। ଏହି ଅବସରରେ ଗ୍ରାମର ବାଳକଠାରୁ ବୃଦ୍ଧ ପର୍ଯ୍ୟନ୍ତ ନୂତନ ପୋଷାକ ପରିଧାନ କରି ସାପ୍ତାହିକ ବଜାରରୁ ନାଚଗୀତରେ ବାହାରି ଗ୍ରାମରେ ଥିବା ମସଜିଦ ସମ୍ମୁଖରେ ପହଞ୍ଚିଥିଲେ। ଭାଇଚାରାର ପର୍ବରେ ହିନ୍ଦୁ ମୁସଲିମ ମିଶି ଆଲିଙ୍ଗନ କରି ମିଷ୍ଟାନ ବଣ୍ଟନ କରିଥିଲେ। ଉକ୍ତ ଉତ୍ସବରେ ମହମ୍ମଦ ଓନୁଆର ଆଲମ, ମହମ୍ମଦ ଇବ୍ରାହିମ ଲୋଦିନ, ମହମ୍ମଦ ମନସୁର ଖାନ, ମହମ୍ମଦ ସିଦ୍ଧିକ ମିଆଁ, ମହମ୍ମଦ ରଫିକ ମିଆଁ, ମହମ୍ମଦ ସମୀର ଖାନ, ମହମ୍ମଦ ଜାବୀର ହୁସେନ, ମହମ୍ମଦ ସମପରିସସ ପ୍ରମୁଖ ସହାୟତା କରିଥିଲେ।

# ସୁରଭିରେ ୧୫୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ



ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା,୨୮।୯(ଦିନେଶ ମିଶ୍ର):** ଉଦିତନଗର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା-୨୦୨୩ ସିଆରସିସି ଦୀପ୍ତିମୟୀ ପରିଡାଙ୍କ ତତ୍ତ୍ୱାବଧାନରେ ଡେଲିମାର୍କେଟ ସହର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅମିତା କୁମାରୀ ଗଡନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଶିକ୍ଷାଧିକାରୀ କୃପାସିନ୍ଧୁ ପତି, ସତ୍ୟଭାମା ବେହେରା, ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ସେଠ, ଶିକ୍ଷାବିତ୍ ରାଜକିଶୋର ମିଶ୍ର, କଲ୍ୟାଣୀ ବିଶ୍ୱାଳ, ମନୋଜ ଆଚାର୍ଯ୍ୟ, ଆଭା ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉଦିତନଗର କ୍ଲଷ୍ଟରର ୧୨ଟି ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଲିଖନ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ଚିତ୍ରକଳା ଓ ଶିଳ୍ପକଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିଲେଟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଅନନ୍ତ ଚରଣ ନାୟକ, ତ୍ରିନାଥ ବିଶୋଇ, କାର୍ତ୍ତିକ ଚନ୍ଦ୍ର ମିଶ୍ର, ବିଜୟ କୁମାର ସାମଲ, ଅଭୟ କୁମାର ସାହୁ, ସବିତା ବସ୍ତିଆ, ଡକ୍ଟର ଜୟନ୍ତୀ ପାଢ଼ି, ରାଧାକାନ୍ତ ମହାରଣା, ମମତା ସାହୁ, ମନୋଜ ମିଶ୍ର, ସତ୍ୟାନନ୍ଦ ପରିଡା ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ବାଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

**ODISHA HYDRO POWER CORPORATION LTD.**
(A Gold Rated State PSU)
O/O. SR. GENERAL MANAGER, RENGALI HYDRO ELECTRIC PROJECT, RENGALI
P.O. RENGALI DAM SITE, DIST.: ANGUL (ODISHA), INDIA, PIN:759105
No.CAD-2199: TEL.NO.-06760-266031, Email: sgmel500@gmai.com, CIN:U40101OR1995SGC003963
No.OHPC:RHEP/C&P/PUR-III-139/ 6295 /Date:26.09.2023

**NOTICE INVITING TENDER NO.RHEP-27/2023-24**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/ for carrying out the following works as mentioned below.

| Description of Materials/Services | Cost of Tender Paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of availability of tender at OHPC website (Sale) | Last date & Time of receipt of tender | Date & Time of Opening of Techno-Commercial bid |
|---|---|---|---|---|---|
| Repair, Overhauling & Demonstration of one number of Drilling machine, one number of Shaper machine & one number of Lathe machine for RHEP, Rengali | Rs.2,360/- (Inclusive of GST @ 18%) | Rs.4,950/- | From Dt.28.09.2023 to Dt.10.10.2023 (Upto 03.30 PM) | Dt.10.10.2023 Upto 04.15 PM | Dt.10.10.2023 at 04.30 PM |

For details and further correspondence/ corrigendum, please visit our website www.ohpcltd.com
OIPR-04022/11/0032/2324 Sd./- C & P Head, RHEP, Rengali

**GRIDCO LIMITED**
( A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CIN : U40109OR1995SGC003960
No.CAD-2214

**NOTICE INVITING TENDER FOR PURCHASE OF POWER**

GRIDCO Ltd. has issued Tender for procurement of power from Inter-state/ Intra-state sources on short term open access basis through DEEP e-bidding Portal for the period from **01.03.2024 to 31.07.2024.**

Interested bidders may please refer **www.mstcecommerce.com / www.gridco.co.in** for detailed terms and conditions and visit the website from time to time for further details / information.

OIPR-04056/11/0009/2324 **Chief General Manager (PP)**

**DIRECTORATE OF PRINTING, STATIONERY & PUBLICATION, ODISHA**
**MADHUPATNA, CUTTACK-753010**
E.O.I. NO.04

**EXPRESSION OF INTEREST ON STITCHING WORK OF VOTER SLIPS (PINK & WHITE) RELATING TO SAMULTANEOUS GENERAL ELECTION (OUTSOURCING)- FOR THE YEAR- 2023-24**

**No.J-17:**Director, Printing, Stationery & Publication, Odisha, Cuttack-10 invites Expression of Interest in sealed cover (Technical Bid /EMD in one cover and price bid in another cover) in prescribed form from the Reputed bonafide Printing/Binding Firms having GST Registration Certificate to offer the rate for outsourcing of stitching work of 4,00,000 books of voter slip (White) and 2,00,000 books of voter slip (Pink) are required to be stapled from the left side of the books.

Details of documents can be obtained on any working day during the office hour at 11.00 A.M. to 4.00 P.M. from **27.09.2023 to 09.10.2023** from the office of the undersigned on payment of Rs.505/- **(Rupees five hundred five)** only inclusive G.S.T. (Non-refundable) in cash by person only.

The tender information can also be downloaded from the Odisha State Government website i.e. **www.odisha gov.nic.in** and Odisha Govt. Press Website i.e. **www.ogpress.nic.in**. In such cases the bidder is to submit along with a bank draft of **Rs.505/-(Rupees five hundred five)** only (Non-refundable) drawn in favour of Director, Printing, Stationery & Publication, Odisha, Cuttack.

The documents as required by this office along with "EMD in prescribed manner should be received by 1.30 P.M. on **10.10.2023** and will be opened on same day at 3.00 P.M. in presence of the participated firms Authorized representatives.

Tender shall be finalised by the Authority. The Authority reserves the right to reject any or all offers without assigning any reason thereof. All disputes, if any, arises are subject to the Court of Cuttack jurisdiction.

DIRECTOR
Printing, Stationery & Publication,
Odisha, Madhupatna, Cuttack-10
OIPR-02002/11/0013/2324

See Career Appointment on every Wednesday & Saturday

No. YY-05

**GOVERNOR'S SECRETARIAT, ODISHA**
RAJBHAVAN, BHUBANESWAR - 751008
No. GOV-OE-EV-0007/2021/6379/SG (Estt) Dated: 18.08.2023

From
Shri R.C. Majhi
Officer on Special Duty, Rajbhavan, Bhubaneswar

To
Shri Paul Kullu, Ex-Senior Grade Stenograhper
At: Qtrs. No. 2RB-4, Rajbhavan Staff Colony
Unit - 8, Bhubaneswar

Sub.: Submission of pension papers for onwards transmission to O/o. the AG (A&E), Odisha, Bhubaneswar for issue of PPO/ CPO/GPO - Ragarding.

Sir,
In inviting a reference to the subject mentioned above, I am directed to intimate you that in order to finalise the pensionery benefits in your favour, the penison papers duly filled in all respects along with some personal information/documents listed below are required to be submitted by you to this office for sanction of pensionery benefits and issue of authority by AG (A&E), Odisha, Bhubaneswar.

| Sl. No. | List of Documents or Nature of Information | | Copies |
|---|---|---|---|
| 01 | Proof of date of birth of spouse and children issued by the Competet Authority like Birth Certificate/ Certificate issued by School/College/Municipal/ Local Panchayat Authority (self attested) | - | Four Copies |
| 02 | Address for correspondence/contact number | - | |
| 03 | First page of Bank Pass Book where pensionary benefit to be credited (Self-attested) | - | Four Copies |
| 04 | Pass Port Size Joint Photographs of yourself and spouse | - | Four Copies |
| 05 | Specimen Signature of your spouse in the enclosed format | - | Four Copies |
| 06 | PAN Card (Self Attested) | - | Four Copies |
| 07 | Clearance Certificate issued by AG (A&E), Odisha against long term advances availed by you. | - | Two Copies |
| 08 | Aadhaar Cards of Self, Spouse and Children (Self Attested) | - | Four Copies each |

2. Further, you are advised to report to Shri Sanjeev Kumar Naik, SO, Establishment Section in person along with your spouse for submission of above information/documents and signature in relevant OCS (Penison) Forms. You should come over to Reception Office in any working day during office hours from 11.00 A.M. to 2.00 P.M. for the purpose. The office will not be responsible for any delay in regularisation of your pension case, if pension papers are not submitted by you in time.

Sd./- Officer on Special Duty
OIPR-12116/11/0007/2324

ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର
**OFFICE OF THE MUNICIPAL COUNCIL,JAJPUR**
ସ୍ଥାନ-ଯାଜପୁର, ୭୫୫୦୦୧
At/Po/Dist-Jajpur (Odisha), Pin-755001
Email:jajpur.m.1869@gmail.com, Phone No.06728-222073
Letter No.3577// JM, Dated 26.09.23

**QUOTATION CALL NOTICE**

No.C-1516:Quotations in sealed cover are invited from the intending Firms/Bidders/suppliers for supply & execution of the following nature works.
1. Supply of Tricycle with Iron Body.
2. All types of Sanitary Articles relating to sanitation work.

The Quotation Schedule for Quotation containing general bid information, terms & conditions for the above items of works will be available on payment of cost Rs. 2000 (Rupees Two Thousand) only in shape of cash to be deposited at Municipal Office towards paper cost from Dt.29.09.2023 to 10.10.2023 upto 2.00 P.M in the working days & hours respectively.

The Bidders are to submit the Quotation paper duly filled in on or before Dt.11.10.2023 by 3.30 P.M which shall be opened on the same day at 4.00 P.M in the presence of the Bidder or their authorized representatives. The date of opening shall not be differed in the absence of either bidder or their authorized representatives.

The authority reserves the right to accept or reject any or all the quotation without assigning any reason thereof.

Sd./- Executive Officer, Jajpur Municipality
OIPR-13171/11/0014/2324

**CUTTACK DEVELOPMENT AUTHORITY**
CDA
Arunodaya Bhawan, Link Road, Cuttack - 12
URL: cdacuttack.nic.in, E-mail: cda.cuttack@nic.in

**Request for Proposal**

Notice No. 10747 Date: 27.09.2023

**FOR SELECTION OF AN AGENCY FOR PROVIDING SERVICES FOR ONLINE E-AUCTION OF ASSETS/ PROPERTIES OF CUTTACK DEVELOPMENT AUTHORITY**

Brief Description of the process: Cuttack Development Authority (CDA) invites applications from prospective **AGENCY/FIRMS FOR PROVIDING SERVICES FOR ONLINE E-AUCTIONING OF ASSETS/ PROPERTIES OF CUTTACK DEVELOPMENT AUTHORITY.**

No. CAD-2218: The bidders are requested to make themselves aware of the illegibility criteria mentioned in the RFP before participating in the porcess. The RFP can be downloaded from CDA webstie **http://www.cdacuttack.nic.in** and the last date of submission of application in prescribed format and with required documents in Dtd.05.10.2023 till 15.00 hrs. Cuttack Development Authority, Cuttack reserves the right to accept or reject any applications and to annul the selection process at any time, without incurring any liability and without assigning any reason thereof.

For any assistance/ clarification in this regard, the prospective applicants may contact the **Scheme Officer on (Mob. No. 8249964517)** or reach out to **PMU Cell (Contact No. 9937022079/8050398938** during office hours.

Sd./- Secretary
OIPR-13037/11/0141/2324 Cuttack Development Authority, Cuttack

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ: ........................................
ଜନ୍ମ ତାରିଖ: ........................................


ଜ୍ୟୋତିରଞ୍ଜନ
ପରିବାରବର୍ଗ


ମିକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ମାଣ କ୍ଷେତ୍ରରେ ପ୍ରଦୂଷଣମୁକ୍ତ ପରିବେଶକୁ ଗୁରୁତ୍ୱ

**ଭୁବନେଶ୍ୱର, ୨୮।୯ (ଅଭୟ ଦାଶ)**

ଗତ କିଛିବର୍ଷ ମଧ୍ୟରେ ସାରା ବିଶ୍ୱ ପ୍ରଦୂଷଣଜନିତ ସମସ୍ୟାକୁ ନେଇ ଚିନ୍ତିତ ରହିଥିବାବେଳେ ଭାରତ ୨୦୭୦ ସୁଦ୍ଧା ଦେଶକୁ ଅଙ୍ଗାର ନିର୍ଗମନମୁକ୍ତ କରିବା ନେଇ ଯୋଜନା କରୁଛି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାର ଦୃଷ୍ଟିରୁ ନିର୍ମାଣ କ୍ଷେତ୍ରରେ ମଧ୍ୟ ସବୁଜ ପଦକ୍ଷେପ ସହ ପ୍ରଦୂଷଣମୁକ୍ତ ପରିବେଶକୁ ଗୁରୁତ୍ୱ ଦିଆଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନକରି ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ରଖିବା ନିମନ୍ତେ ସମସ୍ତ ପଦକ୍ଷେପ ନିଆହେବ। ବିଶେଷକରି ବର୍ତ୍ତମାନ ସମୟରେ ଚାଲିଥିବା ସ୍ୱଚ୍ଛତା ହିଁ ସେବା ପକ୍ଷରେ ଜାତୀୟ ରାଜପଥ, ରାସ୍ତାକଡ଼ ସୁବିଧା, ଢାବା, ଟୋଲ୍ ପ୍ଲାଜା ଭଳି ୧୩,୦୦୦ ସ୍ଥାନରେ ପରିମଳ ରକ୍ଷା ପାଇଁ ଚିହ୍ନଟ କରାଯାଇଥିବା ବେଳେ ପ୍ରାୟ ୭,୦୦୦ ସ୍ଥାନରେ କାମ ଆପାତତଃ ଶେଷ ହୋଇଛି। ସେହିଭଳି ପ୍ରତିଦିନ ଗଦା ହେଉଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦେଶବ୍ୟାପୀ ସହରଗୁଡ଼ିକରେ ମୁଖ୍ୟ ପରିବେଶଗତ ଆହ୍ୱାନ ଭାବେ ଦେଖା ଦେଇଥିବା ଗଡ଼କରୀ କହିଥିଲେ। ଏପରିକି ୧୦ହଜାର ହେକ୍ଟର ପାଖାପାଖି ଜମି ଅଳିଆ ଆବର୍ଜନା ଗଦା ଯୋଗୁ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ସେ ଦୃଷ୍ଟିରୁ ସହରର କଠିନ ବର୍ଜ୍ୟବସ୍ତୁକୁ ରାଜପଥ ନିର୍ମାଣ ପାଇଁ ବ୍ୟବହାରକରି ସେ ସମସ୍ୟାର ସମାଧାନ ପାଇଁ ମନ୍ତ୍ରଣାଳୟ ଚିନ୍ତା କରୁଛି। ବର୍ଜ୍ୟରୁ ସମ୍ପଦ ସୃଷ୍ଟି କେବଳ ବୈଷୟିକ ଜ୍ଞାନ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ସମ୍ଭବ ବୋଲି ମନ୍ତ୍ରୀ କହିଥିଲେ। ଦେଶର ବିକଳ୍ପ ଜୈବ ଇନ୍ଧନକୁ ନେଇ ମନ୍ତ୍ରୀ କହିଥିଲେ, ଦେଶରେ ଏକ ଇଥାନଲ ଅର୍ଥନୀତିର ସେ ଦୃଢ଼ ସମର୍ଥକ। କୃଷି କ୍ଷେତ୍ରର ଅଭିବୃଦ୍ଧି କରିବା ପାଇଁ ଇଥାନଲକୁ ଅଧିକରୁ ଅଧିକ ଉପଯୋଗ କରାଯିବା ଆବଶ୍ୟକ ରହିଛି। ଇଥାନଲ ଅର୍ଥ ବ୍ୟବସ୍ଥା ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଲକ୍ଷ୍ୟ ରହିଛି। ସେହିପରି ଗଡ଼କରୀ କହିଥିଲେ, ବିଶ୍ୱର ପ୍ରଥମ ବିଏସ୍-୬ କମ୍ପ୍ଲାଏଣ୍ଟ ଫ୍ଲେକ୍ସ ଫୁଏଲ ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ଯାନ ଦିଲ୍ଲୀରେ ଚାଲିବା ଆରମ୍ଭ ସହ ଫ୍ଲେକ୍ସ ଇଞ୍ଜିନଗୁଡ଼ିକ ଶତପ୍ରତିଶତ ଇଥାନଲ ଦ୍ୱାରା ଚାଲି ଅର୍ଥବ୍ୟବସ୍ଥା ମଧ୍ୟକୁ ୧ ଲକ୍ଷ କୋଟି ଟଙ୍କା ଆସିପାରିବ।



# ସେନ୍‌କୋର ଡାଇମଣ୍ଡ୍ ମେଳା

**ଭୁବନେଶ୍ୱର, ୨୮।୯**

ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସର ବହୁ ପ୍ରତୀକ୍ଷିତ 'ଡାଇମଣ୍ଡ ମେଳା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାହକମାନେ ହୀରା, ସୁନା, ପ୍ଲାଟିନମ୍, ଷ୍ଟଡେଡ୍ ପ୍ଲାଟିନମ୍, ରୁପା, ଜେମ୍‌ଷ୍ଟୋନ୍, ଗସିପ୍ ଭଳି ଗହଣା ଉପରେ ଆକର୍ଷଣୀୟ ରିହାତି ସହିତ ଅତିରିକ୍ତ ସୁବିଧା ମଧ୍ୟ ପାଇପାରିବେ। ଉକ୍ତ ମେଳାରେ ହୀରା ଗହଣା ଉପରେ ମାତ୍ର ୧ଟଙ୍କାର ଗଢ଼ା ମୂଲ୍ୟ ଏବଂ ପୁରୁଣା ହୀରା ଗହଣା ବଦଳ ବେଳେ ମାତ୍ର ୫% ମୂଲ୍ୟ ଛାଡ଼ ସାମିଲ ରହିଛି। ସେହିପରି ଗ୍ରାହକମାନେ ସୁନା ଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦିଆଯାଉଥିବାବେଳେ ପ୍ଲାଟିନମ୍ ଗହଣାର ଗଢ଼ା ମୂଲ୍ୟ ଉପରେ ୧୫% ପର୍ଯ୍ୟନ୍ତ ରିହାତି ମିଳୁଛି। ରୁପା ଓ ଗସିପ୍ ଗହଣାର ଗଢ଼ା ମୂଲ୍ୟ ଉପରେ ୧୦% ରିହାତି ଏବଂ ଜେମ୍‌ଷ୍ଟୋନ୍ ଉପରେ ୧୦% ରିହାତି ଗ୍ରାହକମାନେ ପାଇପାରିବେ ବୋଲି ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସର ନିର୍ଦ୍ଦେଶିକା ତଥା ମାର୍କେଟିଂ ଏବଂ ଡିଜାଇନ୍ ମୁଖ୍ୟ ଜୋଇତା ସେନ୍ କହିଛନ୍ତି। ଅଫ୍‌ଲାଇନ୍ ଓ ଅନଲାଇନ୍‌ରେ ଅକ୍ଟୋବର ୨ ପର୍ଯ୍ୟନ୍ତ ଗ୍ରାହକମାନେ ଡାଇମଣ୍ଡ ମେଳା ଅଫରର ଲାଭ ଉଠାଇପାରିବେ।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



**ଅଭିପ୍ସା ମାହାଣା (ମିକି)**
ବାଲିପାଟଣା, ଖୋର୍ଦ୍ଧା
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:- ଜେଜେ, ମା, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ବର୍ଷା ନାନା, ବୁବୁନ୍ ଭାଇ, ଖୁସିନାନା, ଲୁସି, ଅଜା, ଆଈ, ମାମୁ, ମାଇଁ
ଧ-୭୫୦୪୩


# ଜେଏସ୍‌ଡବ୍ଲ୍ୟୁକୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶସ୍ତି ପୁରସ୍କାର

**ଭୁବନେଶ୍ୱର,୨୮।୯**

ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି)ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ସମ୍ମାନଜନକ 'ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶସ୍ତି ପୁରସ୍କାର' ଦିଆଯାଇଛି। ବିଶେଷକରି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ସମସ୍ତ ପରିବେଶଗତ ପ୍ରୟାସ ସହ କମ୍ପାନୀର ଜଜାଙ୍ଗ ଲୌହପଥର ଖଣିରେ ପୂର୍ଣ୍ଣାଙ୍ଗ ପରିବେଶ ପରିଚାଳନା କାର୍ଯ୍ୟାଭ୍ୟାସ କେନ୍ଦ୍ରିକ ହୋଇଛି, ଯାହା ପରିଚାଳନାଗତ ଉତ୍କର୍ଷ ବଜାୟ ରଖିବା ସହିତ ପରିବେଶକୁ ସୁରକ୍ଷିତ ରଖିବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଏପରିକି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ ନିମନ୍ତେ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି। କମ୍ପାନୀର ଖଣି କାର୍ଯ୍ୟକଳାପରେ ଦୀର୍ଘସ୍ଥାୟୀ କାର୍ଯ୍ୟାଭ୍ୟାସ ଏବଂ ମଜବୁତ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପଗୁଡ଼ିକ ସଫଳତାର ସହିତ କାର୍ଯ୍ୟକାରୀ କରିବା ଦିଗରେ ଏହା କମ୍ପାନୀର ଏକାଗ୍ର ପ୍ରତିବଦ୍ଧତାର ନିଦର୍ଶନ ହୋଇଛି। ଅପରପକ୍ଷରେ ଓଏସ୍‌ପିସିବିର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବର ମୁଖ୍ୟ ଅତିଥି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ 'ପ୍ରଦୂଷଣ ନିୟନ୍ତ୍ରଣ ପ୍ରଶସ୍ତି ପୁରସ୍କାର' ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ଜଙ୍ଗଲ ବିଭାଗର ଚିଫ କଞ୍ଜରଭେଟର ଏବଂ ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଡ. ଦେବୀଦତ୍ତ ବିଶ୍ୱାଳଙ୍କ ସମେତ ଓଏସ୍‌ପିସିବିର ସଦସ୍ୟ ସଚିବ ଡ. କେ.ମୁରୁଗେସନ ପ୍ରମୁଖ ଉପସ୍ଥିତ ଥିଲେ।



## ଖସିଲା ଶେୟାର ବଜାର କାରବାର

**ଭୁବନେଶ୍ୱର, ୨୮।୯**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୧୦(୬୧୦.୩୭) ପଏଣ୍ଟ ଖସି ୬୫,୫୦୮ (୬୫,୫୦୮.୩୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୯୩ (୧୯୨.୯୦) ପଏଣ୍ଟ ହ୍ରାସ ଘଟି ୧୯,୫୨୪ (୧୯,୫୨୩.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକରେ ମଧ୍ୟ କାରବାର ହ୍ରାସ ହୋଇଥିବାବେଳେ ସେକ୍ଟୋରାଲ ଇଣ୍ଡେକ୍ସର ମଧ୍ୟ କାରବାର ହ୍ରାସ ଘଟିଛି।

# ଏନ୍‌ଏମ୍‌ଡିସିକୁ ଚାମ୍ପିୟନ ଅଫ୍ ଚାମ୍ପିୟନ୍‌ସ ଆୱାର୍ଡ




**ଭୁବନେଶ୍ୱର,୨୮।୯**

ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି)କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ପବ୍ଲିକ ରିଲେଶନ୍‌ସ କାଉନସିଲ ଅଫ୍ ଇଣ୍ଡିଆ (ପିଆରସିଆଇ) ପକ୍ଷରୁ ନୂଆଦିଲ୍ଲୀଠାରେ ୧୭ତମ ପିଆରସିଆଇ ଗ୍ଲୋବାଲ କମ୍ୟୁନିକେଶନ କନ୍‌କ୍ଲେଭ-୨୦୨୩ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କନ୍‌କ୍ଲେଭରେ ଏନଏମଡିସିକୁ ଚାମ୍ପିୟନ ଅଫ ଚାମ୍ପିୟନ୍‌ସ ଆୱାର୍ଡ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଏମଡିସିର ଜେନେରାଲ ମ୍ୟାନେଜର (କର୍ପୋରେଟ କମ୍ୟୁନିକେଶନ) ପି. ଜୟପ୍ରକାଶ ଏବଂ ଏନଏମଡିସି ଆଞ୍ଚଳିକ କାର୍ଯ୍ୟାଳୟ ନୂଆଦିଲ୍ଲୀର ଡିଜିଏମ ସୋମନାଥ ଆଚାର୍ଯ୍ୟ ଉକ୍ତ ସମ୍ମାନ ଆମନ୍ତ୍ରିତ ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ବିଶେଷକରି ଏନଏମଡିସି ବିଭିନ୍ନ ବର୍ଗରେ ଉଚ୍ଚ ପ୍ରଦର୍ଶନ ସହିତ ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପିଆରସିଆଇ ପକ୍ଷରୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି ବୋଲି ଏନଏମଡିସି ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଏନଏମଡିସିର ସିଏମଡି (ଅତିରିକ୍ତ ଦାୟିତ୍ୱ) ଅମିତାଭ ମୁଖାର୍ଜୀ କହିଛନ୍ତି, ଆମର କର୍ପୋରେଟ ଟିମ୍‌କୁ ମୁଁ ଧନ୍ୟବାଦ ଜଣାଉଛୁ, ଆଗାମୀ ଦିନରେ ମଧ୍ୟ କମ୍ପାନୀ ଓ କର୍ପୋରେଟ ଟିମ୍ ଆଗକୁ ଆହୁରି ଭଲ କାମ କରିବାକୁ ଏହି ସମ୍ମାନ ଉତ୍ସାହ ପ୍ରଦାନ କରିବ ବୋଲି ମୁଖାର୍ଜୀ ମତପ୍ରକାଶ କରିଛନ୍ତି।

# ଜିଆଇଆଇରେ ଭାରତର ଉଲ୍ଲେଖନୀୟ ଉନ୍ନତି

**ଭୁବନେଶ୍ୱର, ୨୮।୯**

କ୍ରମାଗତ ଭାବେ ଭାରତ ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ (ଜିଆଇଆଇ)ରେ ଉଲ୍ଲେଖନୀୟ ଉନ୍ନତି କରିଛି। ଉଲ୍ଲେଖଯୋଗ୍ୟ, ୱାର୍ଲ୍ଡ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଅର୍ଗାନାଇଜେଶନ/ ବିଶ୍ୱ ବୌଦ୍ଧିକ ସମ୍ପଦ ସଙ୍ଗଠନ (ଡବ୍ଲ୍ୟୁଆଇପିଓ) ଦ୍ୱାରା ଗୁରୁବାର ପ୍ରକାଶିତ ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ-୨୦୨୩ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୪୦ତମ ସ୍ଥାନରେ ରହିଛି। ବିଶେଷକରି ୧୩୨ ଅର୍ଥ ବ୍ୟବସ୍ଥା ମଧ୍ୟରୁ ଭାରତ ୪୦ତମ ସ୍ଥାନ ବଜାୟ ରଖିଛି। ଅପରପକ୍ଷରେ ୨୦୧୩ରେ ଭାରତ ୬୬ତମ ସ୍ଥାନରେ ରହିଥିବାବେଳେ ୨୦୨୩ରେ ଭାରତ ୪୦ତମ ସ୍ଥାନରେ ପହଞ୍ଚିଛି। ଗତ ୧୦ବର୍ଷ ମଧ୍ୟରେ ଭାରତ ୨୬ ଟି ସ୍ଥାନ ଉପରକୁ ଉଠିଥିବା ଡବ୍ଲ୍ୟୁଆଇପିଓ ସୂଚୀରେ ଉଲ୍ଲେଖ କରାଯାଇଛି। ଏପରିକି ଜିଆଇଆଇ ର୍‍ୟାଙ୍କିଙ୍ଗ୍‌ରେ ଭାରତ କ୍ରମାଗତ ଉନ୍ନତ ପ୍ରଦର୍ଶନ ସହ ଅପାର ଜ୍ଞାନ ପୁଞ୍ଜି, ଲାଇଭ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ ଏବଂ ସାର୍ବଜନୀନ ଓ ଘରୋଇ ଗବେଷଣା ସଙ୍ଗଠନ ଦ୍ୱାରା କରାଯାଉଥିବା ଅଦ୍ଭୁତ କାର୍ଯ୍ୟ କାରଣରୁ ହୋଇପାରିଛି। ଅପରପକ୍ଷରେ ନୀତି ଆୟୋଗ ଜିଆଇଆଇ ସହିତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଭାରତର ସ୍ଥିତିର ଅନୁଧ୍ୟାନ ଓ ମୂଲ୍ୟାଙ୍କନ ଉପରେ କ୍ରମାଗତ ଭାବେ ଗୁରୁତ୍ୱ ପ୍ରଦାନ କରୁଛି। ସେହିପରି ଭାରତୀୟ ଉଦ୍ୟୋଗ ସଂଘ (ସିଆଇଆଇ) ମଧ୍ୟ ନୂତନତା-ସମ୍ପର୍କିତ ଅର୍ଥ ବ୍ୟବସ୍ଥା ଦିଗରେ ଭାରତର ଯାତ୍ରାରେ ସହଯୋଗ କରୁଛି। ଚଳିତ ବର୍ଷ ସିଆଇଆଇ ଏବଂ ଡବ୍ଲ୍ୟୁଆଇପିଓର ମିଳିତ ଭାଗୀଦାରିରେ ନୀତି ଆୟୋଗ- ୨୦୨୩ ସେପ୍ଟେମ୍ବର ୨୯ରେ ଜିଆଇଆଇ-୨୦୨୩ରେ ଏହାର ଶୁଭାରମ୍ଭର ଆୟୋଜନ କରୁଛି।


**Classified Everyday**
0674-2580101, 2549949



REAL ESTATE
SALE

**GA free hold plot 2100sqft. At- IRC Village, BBSR, No Broker. Ph No- 8144410585.** D-1424

Khurda - Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

ଭୁବନେଶ୍ୱର ଗଙ୍ଗପଡ଼ା **HP** ପେଟ୍ରୋଲ୍‌ପମ୍ପ ନିକଟରେ **sqft.-899/-, Adyanta College** ପାଖରେ **750/- boundary, road,** ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। **9861319999, 9658891108.** D-75220

Duplex sale at Bhubaneswar @ 57 lakhs only. Contact: 9777433701. D-75223

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

North & West facing 60'x45' (2,700sqft.) freehold corner plot in Saheed Nagar. 9937041033. D-74586

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




**Newly open SPA positively health benefits with expert therapist. 9938843929.** D-75150

Spa Kerala body Massage only best Therapist @699/- Bhubaneswar. 9337672475. D-1364

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75042

Full body massage in homely atmosphere in all therapy. Mob: 8114881641. D-73444

**AFFIDAVIT**
Affidavit No-6192, dt-04.09.2023 before Executive Magistrate, Balasore, my name has changed from Pujarini Behera to Rupali Behera and my father's name has changed from Rohit Kumar Behera to Rohit Behera. Henceforth I shall be known as Rupali Behera, D/o- Rohit Behera, At-Budhibil, PO-Bhairpur, Dist.-Dhenkanal for all purpose. D-1426

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଦ୍ୟୁତ୍ ବିତରଣ ବ୍ୟବସାୟକୁ ପ୍ରାଧାନ୍ୟ

**ଭୁବନେଶ୍ୱର, ୨୮।୯**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ବିଭିନ୍ନ ବ୍ୟବସାୟିକ ଉଦ୍ୟମ ପାଇଁ ରାଜ୍ୟର ସମସ୍ତ ୩୦ ଜିଲାରେ ଥିବା ୭୦୦ରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟିକ ସଂସ୍ଥା ସହ ସିଧାସଳଖ ବ୍ୟବସାୟକରି ୨୦୦୦ ସ୍ଥାନୀୟ ସଂସ୍ଥାକୁ ଉକ୍ତ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସଂସ୍ଥାଗୁଡ଼ିକ ଦ୍ୱାରା ଉତ୍ପାଦିତ ବିଭିନ୍ନ ବୈଷୟିକ ଉପକରଣ ୪ଗୋଟି ବିତରଣ କମ୍ପାନୀର ୨୦% ଚାହିଦାକୁ ମେଣ୍ଟାଇବ। ଏହି ନିଷ୍ପତ୍ତି ଦ୍ୱାରା ୪୦,୦୦୦ ରୁ ଅଧିକ ସ୍ଥାନୀୟ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଜୀବିକା ଉପାର୍ଜନ କରିପାରିବେ। ବିଶେଷ କରି ଏହା ଓଡ଼ିଶା ସରକାରଙ୍କ ମେକ୍ ଇନ୍ ଓଡ଼ିଶା ନୀତି ଦ୍ୱାରା ପ୍ରେରିତ । ଏହି ନିଷ୍ପତ୍ତି ଦ୍ୱାରା ବିଦ୍ୟୁତ୍ ବଣ୍ଟନ ଟ୍ରାନ୍ସଫରମର, ବିଦ୍ୟୁତ୍ ତାର, ବିଦ୍ୟୁତ୍ ଖୁଣ୍ଟ, ଅନ୍ୟାନ୍ୟ ଉପକରଣ, ଲାପ୍‌ଟପ୍, ଡେସ୍କଟପ୍ କମ୍ପ୍ୟୁଟର ଭଳି ଉପକରଣରୁ ଆରମ୍ଭ କରି ମିଟର ସ୍ଥାପନ, ମାସିକ ବିଦ୍ୟୁତ୍ ପଇଠ ସଂଗ୍ରହ, ଗ୍ରାହକ ସେବା କେନ୍ଦ୍ର ପରିଚାଳନା, ମାସିକ ମିଟର ରିଡିଂ ଏବଂ କାର୍ଯ୍ୟାଳୟ ରକ୍ଷଣାବେକ୍ଷଣ ଓ ଦୈନିକ ଖାଦ୍ୟପେୟ ଯୋଗାଣ ଆଦି ଅନ୍ତର୍ଭୁକ୍ତ ରହିଛି।

ଏ ସମ୍ପର୍କରେ ଟାଟା ପାୱାରର ସଭାପତି (ଟିଆଣ୍ଡଡି) ସଞ୍ଜୟ ବାଙ୍ଗା କହିଛନ୍ତି, ଓଡ଼ିଶା ଦ୍ରୁତଗତିରେ ଆଗକୁ ବଢୁଥିବାବେଳେ ଏକ ଅଭିବୃଦ୍ଧିଶୀଳ ରାଜ୍ୟ ଭାବେ ଓଡିଶା ନିଜକୁ ପ୍ରତିଷ୍ଠା କରିପାରିଛି।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵଜଳଧର ରଣସିଂହ**
ମାତା ଗୋସେଇଁ ଲେନ୍, ଚୁଡଙ୍ଗସାହି, ପୁରୀ, B.SC. BED, ସହକାରୀ ଶିକ୍ଷକ ୧୭।୧୨।୧୯୭୩ (ଭାର୍ଗବୀ ହାଇସ୍କୁଲ, ପୁରୀ) ପ୍ରଧାନ ଶିକ୍ଷକ (in charge)-୩୧।୦୩।୨୦୦୧ ଚଉଦ ବାଟିଆ U.P. ସ୍କୁଲ, ପୁରୀ, School inspctor-୩୧।୧୨।୨୦୦୧, ପୁରୀ ସଦର ବ୍ଲକ, ଅବସର ତାରିଖ- ୨୯।୦୨।୨୦୦୪
ଆବିର୍ଭାବ:୧୨।୦୨।୧୯୪୬
ତିରୋଧାନ: ୧୯।୦୯।୨୦୨୩
ତୁମର ଆଦର୍ଶ, ଭଲପାଇବା ଏବଂ ତ୍ୟାଗ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଏକାଦଶାହ ତିଥି ଅବସରରେ ତୁମ୍ଭର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା କରୁଅଛୁ।
ଆପଣଙ୍କ ହତଭାଗ୍ୟ: ପ୍ରେମଲତା, ବାବୁ, କାବୁ, ଟୁବୁ, ବବି, ବୁଢ଼ିଆ, ଗୀତା, ରଶ୍ମୀ, ନାତି, ନାତୁଣୀ ସମସ୍ତ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୭୯୦୯୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଵ ଶତ୍ରୁଘନ ଜେନା**
ଆବିର୍ଭାବ : ୦୮.୦୧.୧୯୨୭
ତିରୋଧାନ : ୧୯.୦୯.୨୦୨୩
ନହରକଣ୍ଟା, ଭୁବନେଶ୍ୱର
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।
ଆପଣଙ୍କର ନୀତି, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ଉପଦେଶ ପ୍ରତି ମୁହୂର୍ତ୍ତରେ ମର୍ମେ ମର୍ମେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆଶୀର୍ବାଦ ସବୁବେଳେ ଆମମାନଙ୍କ ଉପରେ ରହିଥାଉ । ଆପଣଙ୍କର ପବିତ୍ର ଓ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପତ୍ନୀ- ବିଦ୍ୟୁଲତା ଜେନା, ପୁତ୍ର- ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ ।
ଧ-୧୪୨୨

**ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଵ Shri Jagneswar Dash**
SG-32- ଶ୍ରୀକ୍ଷେତ୍ର ବିହାର, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୦୧।୦୪।୧୯୩୨
ତିରୋଧାନ: ୨୯।୦୯।୨୦୧୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୪୨୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ନିରଞ୍ଜନ ପ୍ରଧାନ**
ମଧୁବନ, ନିଜିଗଡ଼ କୁରୁଖୀ
ଆବିର୍ଭାବ: ୧୭।୦୮।୧୯୫୩
ତିରୋଧାନ: ୧୯।୦୯।୨୦୨୩
ଏଗାର ଦିନ ବିତିଗଲାଣି ହେଲେ ଏବେ ବି ବିଶ୍ୱାସ ହେଉନାହିଁ ଯେ ତୁମେ ଆମ୍ଭମାନଙ୍କୁ ଛାଡି ସବୁଦିନ ପାଇଁ ଚାଲିଯାଇଛ। ତୁମର ପ୍ରତ୍ୟେକଟି କଥା, ଭଲପାଇବା, ସ୍ନେହ ଏବଂ ଶ୍ରଦ୍ଧା ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମା ଚିର ଶାନ୍ତି ଲଭୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ଧର୍ମପତ୍ନୀ ଜ୍ୟୋସ୍ନାମୟୀ, ପୁତ୍ର ଶୁଭରଶ୍ମି, ପୁତ୍ରବଧୂ ସୁଦେଷ୍ଣା, ଝିଅ ଶୁଭଲକ୍ଷ୍ମୀ, ଜ୍ୱାଇଁ ନୀଳକଣ୍ଠ, ଭାଇ ବାଙ୍କବିହାରୀ, ଭାଇବୋହୂ ମଞ୍ଜୁ, ପୁତୁରା, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୧୪୧୯

## ଏ ବର୍ଷର ସ୍ଲୋଗାନ

ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' ବା ୱାର୍ଲ୍ଡ ହାର୍ଟ ଡେ। ତେବେ ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ଏକ ସ୍ଲୋଗାନ ଘୋଷଣା କରାଯାଏ। ସେହି ଅନୁସାରେ ଏବର୍ଷର ସ୍ଲୋଗାନ ରହିଛି 'ହୃତ୍‌ପିଣ୍ଡ ଉପଯୋଗ କରି ହୃତ୍‌ପିଣ୍ଡ ବିଷୟରେ ଜାଣ'। ଏହା ଅର୍ଥ ହେଲା ଯେ ଏହି ରୋଗ ବିଷୟରେ ଆମେ ସଚେତନ ରହିବା ହେଉଛି ପ୍ରଥମ କଥା। ହୃଦ୍‌ସମ୍ପର୍କିତ ସମସ୍ୟାର ଲକ୍ଷଣ ଜଣାପଡ଼ିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ ହୃଦରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଉକ୍ତ ଦିବସରେ ସରକାରୀ ଏବଂ ବେସରକାରୀ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏଥିରେ ହୃଦ୍‌ରୋଗ ବିଶେଷଜ୍ଞମାନେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ସୂଚନା ଦେଇ ଜନସାଧାରଣଙ୍କୁ ସତର୍କ କରାଇଥାଆନ୍ତି।

## ହୃଦ୍‌ରୋଗ ଓ ଖାଦ୍ୟ



ହୃଦ୍‌ରୋଗ ପରି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଆମେ ନିଜର ଦୈନନ୍ଦିନ ଜୀବନଶୈଳୀ ଏବଂ ଖାଦ୍ୟପେୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ବିଶେଷଭାବରେ ଆମେ ଯଦି ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରିବା ତେବେ ଏଭଳି ସମସ୍ୟା ଦେଖାଯିବାର କମ୍ ଆଶଙ୍କା ରହିଛି। ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସ ଯେତେ କମ୍ ଖାଇବେ ତାହା ସେତେ ଭଲ। ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରେ କୋଲେଷ୍ଟରଲ ପରିମାଣ ଅଧିକ ରହିଛି। ତେଣୁ ଏଭଳି ଖାଦ୍ୟ ଆଦୌ ଅନୁକୂଳ ନୁହେଁ। ସେହିପରି ଅଧିକ ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନ ଜାତୀୟ ଖାଦ୍ୟରେ ଥିବା ଶ୍ୱେତସାର ଶରୀରରେ ଚର୍ବି ପରିମାଣ ବଢ଼ାଇ ଦେଇଥାଏ। ଏଭଳି ଖାଦ୍ୟ ମଧ୍ୟ ହୃଦ୍‌ରୋଗ ସୃଷ୍ଟି କରିବାର ଯଥେଷ୍ଟ କାରଣ ରହିଛି। ବେଶି ଲୁଣ, ଫାଷ୍ଟଫୁଡ଼, ଜଙ୍କ୍‌ଫୁଡ଼ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ପ୍ରତିଦିନ ଯଥେଷ୍ଟ ପରିମାଣର ଫଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ତେଲ ଓ ସୋୟାବିନ୍ ତେଲ ବ୍ୟବହାର କରନ୍ତୁ। ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟ ମନ୍ଦ ନୁହେଁ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

# ନିଜ ହାତରେ ନିୟନ୍ତ୍ରଣ



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ୍ନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃଦ୍‌ଯନ୍ତ୍ରଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃଦଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ।

ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ, ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟଆଟାକ୍ ଯାହାକୁ "ଆକ୍ୟୁଟୋ ମାଇଓକାର୍ଡିଆଲ୍ ଇସେମିଆ(ଏଏମ୍‌ଇ)" କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ(ବ୍ଲକେଜ) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।

ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାଳନ କରାଉଥିବା ଧମନୀକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦ୍‌ଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟେରଲ୍, ଆଥେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି।

ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା, କାଭା ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମ ଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

ବହୁତ ସମୟରେ ଏପରି ହୋଇଥାଏ ଯେ ଆମେ କେବଳ ରୋଗ ପାଇଁ ଔଷଧ ଖାଇଥାଉ। ମାତ୍ର ରୋଗ କାହିଁକି ହେଉଛି, କିପରି ନ ହେବ ସେଥିପାଇଁ ଚିନ୍ତା କରି ନ ଥାଉ। ହୃଦ୍‌ରୋଗ ଜନ୍ମ ସମୟର ଅପରିପକ୍ୱ ଗଠନ ଯୋଗୁ ଶିଶୁମାନଙ୍କଠାରେ ହୋଇଥାଏ। ମାତ୍ର ଏହା ଏବେ ଅପରେଶନ ଦ୍ୱାରା ସଜଡ଼ା ଯାଇପାରୁଛି। ଅନେକ ସ୍ଥାନରେ ତାହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ସେହିପରି ଗଳା ସଂକ୍ରମଣ ଓ ଗଣ୍ଠି ସଂକ୍ରମଣ ପରବର୍ତ୍ତୀ ସମୟରେ ହାର୍ଟର କପାଟିକା(ଭାଲ୍‌ଭ)ଗୁଡ଼ିକ ନଷ୍ଟ ହୋଇ ଆର୍‌ଏଚ୍‌ଡି ବା କପାଟିକାଜନିତ ରୋଗ ହୋଇଥାଏ। ଏହାର ଚିକିତ୍ସା ଦୀର୍ଘଦିନ ଧରି ଔଷଧ ଦ୍ୱାରା ହୋଇଥାଏ ଓ ସ୍ଥଳବିଶେଷରେ ଅପରେଶନ କରାଯାଏ।

ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ହେଲା ହାର୍ଟ ଆଟାକ, ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ଅନେକ ସମୟରେ ଛାତିରେ କୌଣସି ଯନ୍ତ୍ରଣା ହୋଇ ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।

ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ଅଧିକ ତନ୍ତୁଜାତୀୟ ଓ ଫଳ ପନିପରିବାଯୁକ୍ତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।

-ଡା. ରାମଚନ୍ଦ୍ର ରାଉତ
ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୯୪୩୭୭୪୨୪୯୯

*ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ଅନେକ ସମୟରେ କୌଣସି ଛାତିରେ ଯନ୍ତ୍ରଣା ହୋଇ ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।*

## ସତର୍କତା ଜରୁରୀ...



ହୃଦ୍‌ଘାତ(ହାର୍ଟ ଆଟାକ୍) କେତେବେଳେ ଆସିବ ତାହା ଆକଳନ କରିବା କଷ୍ଟକର। ଏହାର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ବିଳମ୍ବ ନ କରି ଆକ୍ରାନ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲ ନେଇ ଚିକିତ୍ସା କରାଇବା ନିହାତି ଦରକାର। ହଠାତ୍ ଛାତିରେ ଯନ୍ତ୍ରଣା ହେବା, ଝାଳ ବୋହିବା, ଧଇଁସଇଁ ଲାଗିବା ହେଉଛି ହୃଦ୍‌ରୋଗର ପ୍ରାରମ୍ଭିକ ଲକ୍ଷଣ। ସଚେତନତା ଅଭାବରୁ ଏକ ଚତୁର୍ଥାଂଶ ଲୋକ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ହିଁ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ସେଥିପାଇଁ ଉପରୋକ୍ତ ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଅନ୍ୟପକ୍ଷରେ ମଧୁମେହ, ରକ୍ତଚାପ କିମ୍ବା କୋଲେଷ୍ଟରଲ ପରିମାଣ ଅଧିକ ବଢ଼ିଗଲେ ଏଭଳି ଆଶଙ୍କା ଦେଖାଦେଇଥାଏ। ବେଳେବେଳେ ହୃଦ୍‌ରୋଗ ଆମ ଶରୀରକୁ ଜିନ୍ ମାଧ୍ୟମରେ ବାପା, ମା' ଜେଜେଙ୍କଠାରୁ ବି ଆସିପାରେ। ଅତ୍ୟଧିକ ପରିମାଣରେ ନିଶାଦ୍ରବ୍ୟ ସେବନ ମଧ୍ୟ ହୃଦ୍‌ରୋଗର ଅନ୍ୟତମ କାରଣ। ସବୁଠାରୁ ଖାସ୍ କଥା ହେଲା ହୃଦ୍‌ରୋଗର ଚିକିତ୍ସା ଯଦି ୧୨ଘଣ୍ଟା ଭିତରେ କରାଯାଏ, ତେବେ ଚିକିତ୍ସା ଫଳପ୍ରଦ ହେବାର ଆଶା ବଢ଼ିଯାଏ। ଯଦି କୌଣସି ବ୍ୟକ୍ତିଙ୍କର ଛାତି ଯନ୍ତ୍ରଣା କିମ୍ବା ଧଇଁସଇଁ ହେବା ହଠାତ୍ ଦେଖାଯାଏ, ତୁରନ୍ତ ସେମାନେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ।












# ହୃତ୍‌ପିଣ୍ଡକୁ ରଖନ୍ତୁ ସୁସ୍ଥ

ଏବେ ସାରା ପୃଥିବୀରେ ହୃଦ୍‌ରୋଗ ହିଁ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି ଏବଂ ଏହା ସବୁଠାରୁ ବଡ଼ ଘାତକ ରୋଗ ଭାବରେ ମଧ୍ୟ ଚିହ୍ନିତ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୧କୋଟି ୭୦ ଲକ୍ଷରୁ ଅଧିକ ଲୋକ ଅସ୍ୱାଭାବିକ ଭାବରେ ହୃଦ୍‌ରୋଗ ଓ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି। ଏମିତି କି ଆଜିକାଲି ଅଳ୍ପ ବୟସର ଯୁବତୀଯୁବକମାନେ ମଧ ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କରୁଛନ୍ତି।

ଗୋଟିଏ ଘଡ଼ି ଯେମିତି ସମୟକୁ ସୂଚିତ କରି ସବୁବେଳେ ଟିକ୍ ଟିକ୍ କରି ଚାଲିଥାଏ ସେମିତି ହୃତ୍‌ପିଣ୍ଡ ମଧ୍ୟ ଆଦୌ ବିଶ୍ରାମ ନ ନେଇ ସାରାଜୀବନ ସ୍ପନ୍ଦିତ ହେଉଥାଏ। ବେଳେବେଳେ ଏଇ ସୁସ୍ଥ ହୃତ୍‌ପିଣ୍ଡ ଧୂମପାନ ଓ ନିଶା ସେବନ, ମାନସିକ ଚାପ, ଶାରୀରିକ ପରିଶ୍ରମର ଅଭାବ, ମଧୁମେହ ରୋଗ, ମେଦବହୁଳତା, ଜଙ୍କଫୁଡ୍ ଓ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଖାଇବା ତଥା ବିଶ୍ରାମର ଅନିୟମିତତା ଯୋଗୁ ରୁଗ୍‌ଣ ହୋଇଯାଏ। ତେଣୁ ହୃଦ୍‌ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ତଥା ହୃଦ୍‌ରୋଗକୁ ଏଡ଼ାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥାମାନ ଗ୍ରହଣ କରିବା ହେଉଛି 'ବିଶ୍ୱ ହୃତ୍‌ପିଣ୍ଡ ଦିବସ'ର ମୂଳ ଲକ୍ଷ୍ୟ। ସେଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ତଥା ବିଶ୍ୱ ହୃତ୍‌ପିଣ୍ଡ ଫେଡେରେଶନ୍‌ର ମିଳିତ ଆନୁକୂଲ୍ୟରେ ୧୯୯୯ ମସିହାଠାରୁ ସାରା ପୃଥିବୀରେ ଏହି ଦିବସ ପାଳନ କରାଯାଉଛି। ଚଳିତବର୍ଷ ପାଇଁ ଏହାର ମୁଖ୍ୟ ବାର୍ତ୍ତା ହେଉଛି ନିଜ ହୃତ୍‌ପିଣ୍ଡ ସହ ଅନ୍ୟମାନଙ୍କ ହୃତ୍‌ପିଣ୍ଡର ମଧ ଯତ୍ନ ନିଅ। ଏହି ବାର୍ତ୍ତାର ତିନୋଟି ସ୍ତମ୍ଭ ହେଉଛି–

**ୟୁଜ୍ ହାର୍ଟ ଫର୍ ହ୍ୟୁମାନିଟି:** ସମାଜର ନିମ୍ନ ଓ ମଧ୍ୟବିତ୍ତ ପରିବାରର ହୃଦ୍‌ରୋଗୀଙ୍କ ପାଇଁ ସାହାଯ୍ୟ ଯୋଗାଇବା।

**ୟୁଜ୍ ହାର୍ଟ ଫର୍ ନେଚର:** ସାରା ପୃଥିବୀର ବାୟୁ ପ୍ରଦୂଷଣ ଯୋଗୁ ଶତକଡ଼ା ୨୫ ପ୍ରତିଶତ ହୃଦ୍‌ରୋଗୀ ମୃତ୍ୟୁବରଣ କରିଥା'ନ୍ତି। ତେଣୁ ହୃଦ୍‌ରୋଗ କମାଇବା ପାଇଁ ବାୟୁ ପ୍ରଦୂଷଣ କମାଇବା।

**ୟୁଜ୍ ହାର୍ଟ ଫର୍ ୟୁ:** ନିଜ ମାନସିକ ସ୍ୱାସ୍ଥ୍ୟର ବିଶେଷ ଭାବେ ଯତ୍ନ ନେବା। କାରଣ ମାନସିକ ଚାପ ହିଁ ହୃଦ୍‌ରୋଗ, ହୃଦ୍‌ଘାତ ଓ ମସ୍ତିଷ୍କାଘାତ ପାଇଁ ମୁଖ୍ୟତଃ ଦାୟୀ ହୋଇଥାଏ।

> ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପ୍ରାୟ ୧କୋଟି ୭୦ ଲକ୍ଷରୁ ଅଧିକ ଲୋକ ଅସ୍ୱାଭାବିକ ଭାବରେ ହୃଦ୍‌ରୋଗ ଓ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି। ଏମିତି କି ଆଜିକାଲି ଅଳ୍ପ ବୟସର ଯୁବତୀଯୁବକମାନେ ମଧ ହଠାତ୍ ହୃଦ୍‌ଘାତରେ ମୃତ୍ୟୁବରଣ କରୁଛନ୍ତି।

ହୃଦ୍‌ରୋଗ ମୁଖ୍ୟତଃ ଜନ୍ମଗତ ହୃଦ୍‌ରୋଗ ଏବଂ ଆନୀତ ହୃଦ୍‌ରୋଗ, ଯାହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ହୃତ୍‌ପିଣ୍ଡ ଧମନୀରେ ରକ୍ତ ପ୍ରବାହରେ ବାଧା ସୃଷ୍ଟି ହୋଇ ଯେଉଁ ହୃଦ୍‌ରୋଗ ହୁଏ (କରୋନାରୀ ଆର୍ଟେରୀ ଡିଜିଜ୍) ଏବଂ ରକ୍ତଚାପ ଜନିତ ହୃଦ୍‌ରୋଗ ଓ ଆଣ୍ଠୁ ଗଣ୍ଠିଜନିତ ହୃଦ୍‌ରୋଗ (ରିଉମାଟିକ୍ ହାର୍ଟଜନିତ ହୃଦ୍‌ରୋଗ ଓ ତତ୍ ଜନିତ ଜଟିଳତା)।

ଏବେ ଭାରତରେ ହୃଦ୍‌ରୋଗୀଙ୍କର ସଂଖ୍ୟା ବହୁଗୁଣରେ ବଢ଼ିଚାଲିଛି, କାରଣ ଦ୍ରୁତ ସହରୀକରଣ, ପରିବର୍ତ୍ତିତ ଜୀବନଶୈଳୀ ଓ ମାନସିକ ଚାପ ବୃଦ୍ଧି। ଏହାଛଡ଼ା ଭାରତୀୟଙ୍କର ହୃଦ୍ ଧମନୀ ବିଦେଶୀଙ୍କ ଧମନୀ ଅପେକ୍ଷା ଛୋଟ ଓ ଅଣଓସାରିଆ ହୋଇଥାଏ। ତେଣୁ କୋଲେଷ୍ଟେରଲ୍‌ର ପରିମାଣ ବଢ଼ିଗଲେ ଏହାର କାନ୍ଥରେ ପ୍ଲାକ୍ ଭର୍ତ୍ତି ହୋଇଯାଏ ଏବଂ ଜମାଟ ବାନ୍ଧି ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ହୃଦ୍‌ଘାତ କରିଥାଏ।

**କାରଣ:** ହୃଦ୍‌ରୋଗର ମୁଖ୍ୟ କାରଣ ଧୂମପାନ। ଧୂମପାନ ଓ ନିଶା ସେବନ ହୃଦ୍‌ରୋଗ ଆଶଙ୍କା ଶତକଡ଼ା ୨୫ ବଢ଼ାଇ ଦେଇଥାଏ ଓ ଏହା ୧୫-୨୫ ବର୍ଷ ଆୟୁଷ କମାଇଦିଏ। ଧୂମପାନ ଦ୍ୱାରା ଶରୀରକୁ ଯେଉଁ ନିକୋଟିନ୍ ପ୍ରବେଶ କରିଥାଏ ସେଥିରେ ୪୦୦୦ରୁ ଅଧିକ ବିଷ ଥାଏ। ଯେଉଁମାନେ ପରୋକ୍ଷ ଭାବରେ ଧୂମପାନ କରନ୍ତି ସେମାନେ ମଧ ହୃଦ୍‌ରୋଗ ଭୋଗିଥାନ୍ତି। ଏମାନଙ୍କୁ ଅଚାନକ ହୃଦ୍‌ଘାତ ହୋଇଥାଏ।

- ମଦ୍ୟପାନ ଓ ଥଣ୍ଡା ପାନୀୟରେ ଥିବା ଆଲ୍‌କୋହଲ୍ ହୃତ୍‌ପିଣ୍ଡର ମାଂସପେଶୀକୁ ନଷ୍ଟ କରିଦିଏ। ରକ୍ତଚାପ ବୃଦ୍ଧି ପାଇଲେ ହୃଦ୍‌ରୋଗର ଆଶଙ୍କା ବଢ଼ିଯାଏ।



- ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚରକ୍ତଚାପ ରୋଗ ମଧ୍ୟ ହୋଇଥାଏ। ଅପର ପକ୍ଷରେ ଉଚ୍ଚରକ୍ତଚାପ ହେଲେ, ବେଶି ଲୁଣ ଖାଇଲେ ରକ୍ତଚାପ ଆହୁରି ବଢ଼ିଯାଏ ଏବଂ ହୃଦ୍‌ଘାତ ହୋଇଥାଏ।
- ମଧୁମେହ ରୋଗ ଓ ରକ୍ତରେ ଅତ୍ୟଧିକ ଚର୍ବି ବା କୋଲେଷ୍ଟେରଲ୍ ହୃଦ୍‌ରୋଗର ଆଶଙ୍କା ବଢ଼ାଇ ଦେଇଥାଏ। ବିଶେଷକରି ଯେଉଁ ପରିବାରରେ ଉଚ୍ଚରକ୍ତଚାପ, ମଧୁମେହ ଓ ଅଚାନକ ହୃଦ୍‌ରୋଗଜନିତ ମୃତ୍ୟୁ (ସର୍ଡନ କାର୍ଡିଆକ୍ ଆରେଷ୍ଟ)ର ଇତିହାସ ଥାଏ ସେମାନେ ସତର୍କ ରହିବା ଆବଶ୍ୟକ।

## କିପରି ନିୟନ୍ତ୍ରଣ କରିବେ

➤ଜୀବନ ଶୈଳୀରେ ପରିବର୍ତ୍ତନ କରି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ଫଳ ସହିତ ତଟକା ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଏହା ସହ ଲୁଣ ଏବଂ ତେଲ ପରିମାଣ କମାଇବା ଭଲ।

➤ଏହାଛଡ଼ା ନିୟମିତ ଓଟ୍ ଖାଆନ୍ତୁ। ଏହା ଏକ ତନ୍ତୁଯୁକ୍ତ (ହାଇ ଫାଇବର ଫୁଡ୍) ଖାଦ୍ୟ। ଏହା ଶରୀରକୁ ସୁସ୍ଥ ରଖିବା ସହ ହୃଦ୍‌ରୋଗ ଓ ମଧୁମେହ ରୋଗରୁ ରକ୍ଷା କରିଥାଏ। ଏଥିରେ ଥିବା ବିଟା ଗ୍ଲୁକୋଜ୍ ନାମକ ତନ୍ତୁ, ଅଦରକାରୀ କୋଲେଷ୍ଟେରଲ୍‌କୁ କମାଇ ଦେଇଥାଏ। ଓଟ୍ ହେଉଛି ଏକମାତ୍ର ଖାଦ୍ୟ, ଯାହା ରକ୍ତରେ ଥିବା ଭଲ ଓ ଖରାପ କୋଲେଷ୍ଟେରଲ୍ ଏଚ୍.ଡି.ଏଲ୍. ଓ ଏଲ୍.ଡି.ଏଲ୍.କୁ ନିୟନ୍ତ୍ରଣ ରଖିଥାଏ। ସୋୟାବିନ ମଧ୍ୟ କୋଲେଷ୍ଟେରଲ୍ ଓ ଫ୍ରିରାଡିକଲ୍‌କୁ କମାଇ ଦେଇଥାଏ।

➤ନିୟମିତ ଶରୀରରୁ ଝାଳ ବୋହିବା ଭଳି ବ୍ୟାୟାମ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ଅଧଘଣ୍ଟା ଚାଲନ୍ତୁ।

➤ତମାଖୁ ସେବନ, ମଦ୍ୟପାନ, ବର୍ଗର, ପିଜା ଭଳି ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବା ଠିକ୍ ନୁହେଁ।

➤ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅତ୍ୟଧିକ ରାଗିବା ଦ୍ୱାରା ବିଭିନ୍ନ ରୋଗ ସହିତ ହୃଦ୍‌ଘାତର ଶିକାର ହେବାକୁ ପଡ଼ିଥାଏ। ତେଣୁ ମନକୁ ଅବସାଦମୁକ୍ତ ଓ ଖୁସିରେ ରଖନ୍ତୁ।

**– ପ୍ରଫେସର ଡା. ରମାରମଣ ଷଡ଼ଙ୍ଗୀ**
ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ
ଲିଙ୍କ୍‌ରୋଡ୍, କଟକ
ମୋ: ୯୪୩୭୦୫୧୦୦୭

## ବଢ଼ୁଛି ହୃଦ୍‌ରୋଗଜନିତ ମୃତ୍ୟୁ ସଂଖ୍ୟା

ଚିକିତ୍ସା ବିଜ୍ଞାନ ଯେତେ ଉନ୍ନତି କରୁଛି ସେହିପରି ବିଭିନ୍ନ ପ୍ରକାରର ରୋଗ ସେମାନଙ୍କର କାୟା ବିସ୍ତାର କରୁଛନ୍ତି। ତନ୍ମଧ୍ୟରୁ ଚିନ୍ତାର କାରଣ ସାଜିଛି ହୃଦ୍‌ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି, ତଥ୍ୟ ଅନୁଯାୟୀ ପ୍ରତିବର୍ଷ ପାଖାପାଖି ୧ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ହୃଦ୍‌ରୋଗରେ ମୃତ୍ୟୁ ଘଟୁଛି। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମରେ ଅନିୟମିତତା ଏହାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ଅନ୍ୟତମ। ଅନ୍ୟପକ୍ଷରେ ବର୍ତ୍ତମାନ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ବିଶେଷଭାବରେ ସେମାନଙ୍କର ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଏଥିପାଇଁ ଦାୟୀ।

## ନିଦ୍ରାହୀନତାରୁ ହୃଦ୍‌ରୋଗ



ହୃଦ୍‌ରୋଗ ପଛରେ ଅନେକ କାରଣ ରହିଛି। ରକ୍ତ ସଞ୍ଚାଳନରେ ବାଧା, ମେଦବହୁଳତା ଏପରିକି ରକ୍ତରେ ଶର୍କରା ପରିମାଣ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲେ ଏଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥା ଯୋଡ଼ାଯାଇଛି। ହୃଦ୍‌ରୋଗ ଲାଗି ଆଉ କ'ଣ କାରଣ ରହିଛି ସେ ବିଷୟରେ ୟୁନିଭର୍ସିଟି ଅଫ୍ ୱାଶିଂଟନ୍‌ର ହୃଦ୍‌ଶଲ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଲାଗିରହେ ଏବଂ ସେ ନିଦ୍ରାହୀନତାର ସମ୍ମୁଖୀନ ହୁଅନ୍ତି ତେବେ ତାଙ୍କଠାରେ ହୃଦରୋଗର ଲକ୍ଷଣ ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଦୀର୍ଘସମୟ ଧରି ନିଦ୍ରାହୀନତା ସମସ୍ୟାର ସାମ୍ନା କରିଥିବା କେତେକ ବ୍ୟକ୍ତିଙ୍କଠାରେ ସେମାନେ ହୃଦରୋଗର ଲକ୍ଷଣ ଦେଖିବାକୁ ପାଇଥିଲେ। ତେଣୁ ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୬-୭ ଘଣ୍ଟା ଶାନ୍ତ ମନରେ ଶୋଇବା ନିହାତି ଦରକାର।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୯/୨୦୨୩ Bhubaneswar, Friday, September 29/ 2023




ହାଙ୍ଗଝୋରେ ଗୁରୁବାର ମହିଳା ୬୦ କେଜି ଉଷୁ ଫାଇନାଲ ଅବସରରେ ଭାରତର ନାଓରେମ ରୋଶିବିନା ଦେବୀ (ବାମ) ଓ ଚାଇନାର ଉ' ଜିଆଓୱିଙ୍କ ମଧ୍ୟରେ ଲଢ଼େଇ।

## ଅଶ୍ୱ ଚାଳନାରେ ଅନୁଶଙ୍କୁ ବ୍ରୋଞ୍ଜ

**ହାଙ୍ଗଝୋ, ୨୮।୯(ପି.ଟି.)**

ଚଳିତ ଏସିଆନ ଗେମ୍ସ ଅଶ୍ୱ ଚାଳନା ଇଭେଣ୍ଟରେ ଭାରତକୁ ଦ୍ୱିତୀୟ ପଦକ ମିଳିଛି। ଭାରତର ଅନୁଶ ଅଗ୍ରୱାଲ ବ୍ୟକ୍ତିଗତ ଡ୍ରେସେଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏସିଆନ ଗେମ୍ସ ଅଶ୍ୱ ଚାଳନାର ଡ୍ରେସେଜ ବର୍ଗରେ ବ୍ୟକ୍ତିଗତ ପଦକ ଦେଶ ପାଇଁ ଏହା ପ୍ରଥମ। ଅଗ୍ରୱାଲ

**ଏସିଆନ ଗେମ୍ସ**

୭୩.୦୩୦ ପଏଣ୍ଟ ସହିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ଗେମ୍ସରେ ଏହା ଥିଲା ତାଙ୍କର ଦ୍ୱିତୀୟ ପଦକ। ମାଲେସିଆର ବିନ୍ ମହମ୍ମଦ ଫଥିଲ ମହମ୍ମଦ କାବିଲ ଅମ୍ବାକ ୭୫.୭୮୦ ପଏଣ୍ଟ ସହିତ ସ୍ୱର୍ଣ୍ଣ ଏବଂ ହଂକଂର ଜ୍ୟାକଲିନ ୱିଙ୍ଗ ୟିଙ୍ଗ୍ ସିଉ ୭୩.୪୫୦ ପଏଣ୍ଟ ପାଇ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟତମ ଭାରତୀୟ ହ୍ରିଦୟ ବିପୁଲ ଛେଡ଼ା ଖାଲି ହାତରେ ଫେରିଥିଲେ।



ବ୍ରୋଞ୍ଜ ବିଜୟୀ ଭାରତର ଅନୁଶ ଅଗ୍ରୱାଲ।

ପୂର୍ବରୁ ଅଗ୍ରୱାଲ, ଛେଡ଼ା, ଡ୍ରେସେଜ ଟିମ୍ ଇଭେଣ୍ଟରେ ଦିବ୍ୟକୀର୍ତ୍ତି ସିଂ ଓ ସୁଦୀପ୍ତି ହାଜେଲା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ରୌପ୍ୟ ଜିତିଲେ ରୋଶିବିନା ଦେବୀ

**ହାଙ୍ଗଝୋ, ୨୮।୯ (ପି.ଟି.)**

ଏସିଆନ ଗେମ୍ସର ମହିଳା ୬୦ କେଜି ଉଷୁର ସାଣ୍ଡା ଇଭେଣ୍ଟରେ ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି ମଣିପୁରର ନାଓରେମ ରୋଶିବିନା ଦେବୀ। ବିଷ୍ଣୁପୁର ଜିଲା କ୍ୱାଶିଫାଇ ଗ୍ରାମର ମେଇତେଇ ସମ୍ପ୍ରଦାୟର ରୋଶିବିନା ଲୋକାଲ ହେଭିୱେଟ ଚାଇନାର ଉ' ଜିଆଓୱିଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ଫାଇନାଲରେ ୦-୨ରେ ହାରି ଯାଇଥିଲେ। ''ମଣିପୁର ଜଳୁଛି, ସେଠାରେ ଲଢ଼େଇ ଜାରି ରହିଛି। ଯେଉଁମାନେ ଆମକୁ ସୁରକ୍ଷା ଦେଇ ଆସୁଛନ୍ତି ଏବଂ ଆମ ପାଇଁ କ୍ଷତି ସହୁଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ମୁଁ ପଦକ ଉତ୍ସର୍ଗ କରିବାକୁ ଚାହେଁ'' ବୋଲି ରୌପ୍ୟ ଜିତିବା ପରେ ରୋଶିବିନା ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଚାଇନା ମହିଳା ୬୦ କେଜି ବର୍ଗରେ ଆଧିପତ୍ୟ ବିସ୍ତାର କରି ଆସୁଛି। ଏଥର ଉ' ମଧ୍ୟ ତାହା ବଜାୟ ରଖିଛନ୍ତି। ୨୦୧୮ ଏସିଆନ ଗେମ୍ସରେ ରୋଶିବିନା ବ୍ରୋଞ୍ଜ ପଦକ ପାଇଥିଲେ। ମାତ୍ର ଏଥର ଉନ୍ନତ ପ୍ରଦର୍ଶନ କରି ତାହାକୁ ରୌପ୍ୟରେ ପରିଣତ କରିଛନ୍ତି। ଫାଇନାଲରେ ପ୍ରବେଶ ପଥରେ ସେ ଭିଏଟନାମ୍‌ର ବିଶ୍ୱ ଚାମ୍ପିୟନଶିପ୍‌ର ସିଲ୍‌ଭର ଓ ବ୍ରୋଞ୍ଜ ମେଡାଲିଷ୍ଟ ଥି ଥୁ ଥୁଇ ଏନ୍‌ଗୁଏନ୍‌ଙ୍କୁ ୨-୦ରେ ହରାଇଥିଲେ।



ରୌପ୍ୟ ପଦକ ପ୍ରଦର୍ଶନ କରୁଛନ୍ତି ନାଓରେମ ରୋଶିବିନା ଦେବୀ।

### ପରିବାରର ସୁରକ୍ଷା ଚିନ୍ତା

ଏସିଆନ୍ ଗେମ୍ସ ଉଷୁରେ ରୌପ୍ୟ ପଦକ ବିଜୟିନୀ ନାଓରେମ୍ ରୋଶିବିନା ଦେବୀ ପରିବାରର ସୁରକ୍ଷାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ମଣିପୁରର ଏହି ଆଥ୍‌ଲେଟ ଜଣଙ୍କ ଦୀର୍ଘ ୫ ମାସ ଧରି ଲାଗି ରହିଥିବା ହିଂସାକୁ ନେଇ ଚିନ୍ତିତ ଅଛନ୍ତି। ଉଷୁର ୬୦ କେଜି ଓଜନ ବର୍ଗର ସାଣ୍ଡାରେ ରୌପ୍ୟ ପଦକ ଜିତିଥିଲେ ମଧ୍ୟ ପରିବାର ଲୋକଙ୍କ ସୁରକ୍ଷାକୁ ନେଇ ସେ ଚିନ୍ତାରେ ଥିବା କହିଛନ୍ତି ଭାବବିହ୍ୱଳ ରୋଶିବିନା। ସେ କହିଛନ୍ତି, ଏ ପର୍ଯ୍ୟନ୍ତ ତାଙ୍କ ପରିବାରର କୌଣସି ସଦସ୍ୟ ହିଂସାକାଣ୍ଡର ଶିକାର ହୋଇନାହାନ୍ତି। ତେବେ ତାଙ୍କ ଗ୍ରାମରେ ଉତ୍ତେଜନା ଲାଗି ରହିଛି, କେତେବେଳେ ଯେ କ'ଣ ଘଟିପାରେ ତାହା କହିହେବ ନାହିଁ। ସେ ତାଙ୍କ ମାତାପିତା ଓ ଭାଇ ଭଉଣୀଙ୍କ ସୁରକ୍ଷା ନେଇ ଚିନ୍ତିତ। ଏସିଆନ ଗେମ୍ସରେ ପଦକ ଜିତିଥିଲେ ମଧ୍ୟ ସେ ଖୁସି ମନାଇପାରୁନାହାନ୍ତି। ମଣିପୁରରେ ଗତ ମେ' ୩ ତାରିଖରୁ ଜାତିଗତ ହିଂସା ଦେଖାଦେଇଛି। ଇତିମଧ୍ୟରେ ୧୮୦ରୁ ଅଧିକ ଲୋକ ପ୍ରାଣହରାଇ ସାରିଥିବା ବେଳେ ଶହ ଶହ ସଂଖ୍ୟାରେ ଆହତ ହୋଇଛନ୍ତି। ହିଂସାକାଣ୍ଡ ଲାଗି ରହିଥିବାରୁ ଏସିଆନ ଗେମ୍ସ ପାଇଁ ପ୍ରସ୍ତୁତି ବେଳେ ୪ ମାସ ଧରି ଖେଳରେ ମନୋନିବେଶ ଜାରି ରଖିବା ତାଙ୍କ ପକ୍ଷେ କଷ୍ଟକର ଥିଲା।

## ସ୍ୱର୍ଣ୍ଣ ବିଜୟରୁ ପାଦେ ଦୂରରେ ରାମକୁମାର-ମାଇନେନି



ପୁରୁଷ ଡବଲ୍ସ ସେମିଫାଇନାଲ ଅବସରରେ ଭାରତର ରାମକୁମାର ରମାନାଥନ ଓ ସାକେଥ ମାଇନେନି।

**ହାଙ୍ଗଝୋ, ୨୮।୯ (ପି.ଟି.)**

ଏସିଆନ ଗେମ୍ସର ଟେନିସ ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ରାମକୁମାର ରମାନାଥନ ଓ ସାକେଥ ମାଇନେନି। ଫଳରେ ଏହି ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟରୁ ଗୋଟିଏ ପାଦ ଦୂରରେ ରହିଛି। କେବଳ ସେତିକି ନୁହେଁ ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୋହନ ବୋପାନ୍ନା ଓ ଋତୁଜା ଭୋସାଲେ ପଦକ ନିଶ୍ଚିତ କରିଛନ୍ତି। ଦ୍ୱିତୀୟ ସିଡ୍ ରାମକୁମାର-ମାଇନେନି ଗୁରୁବାର କୋରିଆ ଯୋଡ଼ି ସିଅଙ୍ଗ୍‌ଚାନ ହୋଙ୍ଗ୍ ଓ ସୁନଉ କ୍ୱନ୍‌ଙ୍କୁ ୬-୧, ୬-୭(୮), ୧୦-୦ରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ମାଇନେନି ପୂର୍ବରୁ ୨୦୧୪ରେ ସାନିଆ ମିର୍ଜାଙ୍କ ସହ ପାର୍ଟନର ହୋଇ ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ସାରିଛନ୍ତି। ରମାନାଥନଙ୍କ ପାଇଁ ଏହାହେବ ପ୍ରଥମ ଏସିଆନ ଗେମ୍ସ ପଦକ। ଅନ୍ୟପକ୍ଷରେ ଦ୍ୱିତୀୟ ସିଡ୍ ବୋପାନ୍ନା-ଭୋସାଲେ ଯୋଡ଼ି କାଜାଖସ୍ତାନର ଝିବେକ କୁଲମବାୟେଭା ଓ ଗ୍ରିଗୋରି ଲୋମାକିନ୍‌ଙ୍କୁ ୭-୫, ୬-୩ରେ ହରାଇ ମିକ୍ସଡ ଡବଲ୍ସର ସେମିଫାଇନାଲରେ ପହଞ୍ଚିଛନ୍ତି।






**ସ୍କ୍ୱାଶ୍‌ରୁ ପଦକ ନିଶ୍ଚିତ**

ଭାରତୀୟ ପୁରୁଷ ଓ ମହିଳା ଦଳ ସ୍କ୍ୱାଶ୍ ଇଭେଣ୍ଟରୁ ପଦକ ନିଶ୍ଚିତ କରିଛନ୍ତି। ଗୁରୁବାର ମୁକାବିଲାରେ ପୁରୁଷ ଦଳ ୩-୦ରେ ନେପାଳକୁ ହରାଇଥିବାବେଳେ ମହିଳା ଦଳ ୦-୩ରେ ମାଲେସିଆଠାରୁ ହାରି ଯାଇଥିଲା। ତେବେ ପୁଲ୍ 'ବି'ରେ ଉଭୟ ଦଳ ଶୀର୍ଷସ୍ଥାନ ଅଧିକାର କରିଥିବାରୁ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ପ୍ରତିଯୋଗିତାରେ ଏହି ଦୁଇ ଦଳ ଅତିକମ୍‌ରେ ବ୍ରୋଞ୍ଜ ପଦକ ଜିତିବା ନିଶ୍ଚିତ ହୋଇଯାଇଛି।

**ଟେବୁଲ ଟେନିସ**

ଭାରତର ତାରକା ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା, ଶରଥ କମଲ ଓ ଜି.ସାଥିୟାଁ ଗୁରୁବାର ନିଜ ନିଜର ମ୍ୟାଚ ଜିତି ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଶ୍ରୀଜା ଆକୁଲା ହାରି ଯାଇଛନ୍ତି। ପୁରୁଷ ଡବଲ୍ସରେ ମାନବ ବିକାଶ ଟାକର-ମନୁଶ ଉତପଲଭାଇ ଶାହା ଏବଂ ସାଥିୟାଁ-ଶରଥ ଯୋଡ଼ି ମଧ୍ୟ ବିଜୟୀ ହୋଇ ଆଗକୁ ବଢ଼ିଛନ୍ତି।

**କ୍ୱାର୍ଟରରେ ଜସମିନ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ମେଡାଲିଷ୍ଟ ଜସମିନ ଲାମ୍ବୋରିଆ ମହିଳା ୬୦ କେଜି ବକ୍ସିଂର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମୁକାବିଲାରେ ସେ ସାଉଦି ଆରବର ହାଦିଲ ଘାଜୱାନ ଅଶୋଉରଙ୍କୁ ହରାଇ ଦେଇଛନ୍ତି। ଜସମିନଙ୍କ ପାଇଁ ଏହା ପ୍ରଥମ ଏସିଆନ ଗେମ୍ସ। ପ୍ରଥମ ରାଉଣ୍ଡରେ ସେ ବାଇ ପାଇଥିଲେ।

**ପ୍ରଣତି ବିଫଳ**

ଭାରତୀୟ ଜିମ୍ନାଷ୍ଟ ପ୍ରଣତି ନାୟକ ଭଲ୍ଟ ଫାଇନାଲରେ ବିଫଳ ହୋଇଛନ୍ତି। ଏସିଆନ ଚାମ୍ପିୟନଶିପ୍‌ରେ ୨ ଥର ବ୍ରୋଞ୍ଜ ମେଡାଲିଷ୍ଟ ୨୮ ବର୍ଷୀୟା ପଶ୍ଚିମବଙ୍ଗର ପ୍ରଣତି ନିଜର ୨ ଭଲ୍ଟ ପରେ ୧୨.୩୫୦ ପଏଣ୍ଟ ସ୍କୋର କରିଥିଲେ। ଫଳରେ ତାଙ୍କୁ ୮ମ ସ୍ଥାନ ମିଳିଥିଲା। ଉତ୍ତର କୋରିଆ ପ୍ରତିଯୋଗୀ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିବାବେଳେ ଚାଇନାକୁ ବ୍ରୋଞ୍ଜ ମିଳିଥିଲା।

**ବ୍ୟାଡ୍‌ମିଣ୍ଟନ**

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମୁକାବିଲାରେ ଭାରତ ୩-୦ରେ ମଙ୍ଗୋଲିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ପି.ଭି. ସିନ୍ଧୁ, ଅଶ୍ମିତା ଚାଲିହା, ଅନୁପମା ଉପାଧ୍ୟାୟ ସହଜରେ ବିଜୟ ହାସଲ କରିଥିଲେ। କ୍ୱାର୍ଟର ଫାଇନାଲରେ ଥାଇଲାଣ୍ଡକୁ ଭେଟିବ ଭାରତ।




ଏସିଆନ ଗେମ୍ସରେ ପଦକ ଜିତି ଭାରତ ପ୍ରତ୍ୟାବର୍ତ୍ତନ କରିଥିବା କ୍ରୀଡ଼ାବିତ୍‌ଙ୍କୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର ନୂଆଦିଲ୍ଲୀରେ ସମ୍ବର୍ଦ୍ଧିତ କରୁଛନ୍ତି।

## ଜାତୀୟ ରେକର୍ଡ ସହ ସନ୍ତରଣ ରିଲେ ଦଳ ଫାଇନାଲରେ

**ହାଙ୍ଗଝୋ, ୨୮।୯(ପି.ଟି.):** ଚଳିତ ଏସିଆନ ଗେମ୍ସରେ ଜାତୀୟ ରେକର୍ଡ ସହ ଭାରତୀୟ ପୁରୁଷ ୪x୧୦୦ ଓ ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲ ରିଲେ ଦଳ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ଶ୍ରୀହରି ନଟରାଜ, ତନିଶ ଜର୍ଜ ମାଥ୍ୟୁ ଓ ବିଶାଲ ଗ୍ରେୱାଲ ୩:୨୧.୨୨ ସେକେଣ୍ଡ ସହିତ ହିଟ୍ସରେ ୫ମ ସ୍ଥାନରେ ରହି ୪x୧୦୦ ମିଟର ଫ୍ରିଷ୍ଟାଇଲ ଫାଇନାଲରେ ପହଞ୍ଚିଛନ୍ତି। ପୂର୍ବରୁ ଜାତୀୟ ରେକର୍ଡ ଟାଇମିଂ ଥିଲା ୩:୨୩.୭୨ ସେକେଣ୍ଡ। ୨୦୧୯ରେ ନଟରାଜ, ସାଜନ ପ୍ରକାଶ, ବିର୍ଦ୍ଧାୱାଲ ଖାଡେ ଓ ଅନିଲ କୁମାର ଶୈଳଜା ଏହି ସମୟ ନେଇ ରେକର୍ଡର ଅଧିକାରୀ ଥିଲେ। ସେହିପରି ମହିଳା ୪x୨୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଧିନିଧି ଦେସିଙ୍ଘୁ, ଶିବାଙ୍ଗି ଶର୍ମା, ଭ୍ରିତି ଅଗ୍ରୱାଲ ଓ ହଶିକା ରାମଚନ୍ଦ୍ର ୮:୩୯.୬୪ ସେକେଣ୍ଡ ସମୟ ନେଇ ୮ମ ସ୍ଥାନରେ ରହିଥିଲେ। ମାତ୍ର ଏହା ତାଙ୍କୁ ଫାଇନାଲରେ ପହଞ୍ଚାଇବାକୁ ଯଥେଷ୍ଟ ହୋଇଥିଲା। ପୂର୍ବରୁ ହଶିକା, ଧିନିଧି, ଭିହିଥା ନୟନା ଓ ଶିରିନ ୮:୪୦.୮୯ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରୀ ଥିଲେ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୯୦ | ୫୧ | ୨୬ | ୧୬୭ |
| ଦ.କୋରିଆ | ୨୪ | ୨୩ | ୩୯ | ୮୬ |
| ଜାପାନ | ୧୮ | ୩୦ | ୩୦ | ୭୮ |
| ଉଜ୍‌ବେକିସ୍ତାନ | ୬ | ୧୦ | ୧୫ | ୩୧ |
| **ଭାରତ** | **୬** | **୮** | **୧୧** | **୨୫** |
| ଥାଇଲାଣ୍ଡ | ୬ | ୩ | ୯ | ୧୮ |
| ହଂକଂ | ୫ | ୧୨ | ୧୫ | ୩୨ |
| ଚାଇନିଜ ତାଇପେ | ୪ | ୪ | ୬ | ୧୪ |
| ଇରାନ | ୩ | ୯ | ୧୦ | ୨୨ |
| ଉ.କୋରିଆ | ୩ | ୫ | ୪ | ୧୨ |
| କାଜାଖସ୍ତାନ | ୩ | ୩ | ୧୬ | ୨୨ |
| ଇଣ୍ଡୋନେସିଆ | ୩ | ୩ | ୧୦ | ୧୬ |
| ସିଙ୍ଗାପୁର | ୨ | ୪ | ୪ | ୧୦ |
| ମାଲେସିଆ | ୨ | ୨ | ୫ | ୯ |
| ଭିଏତନାମ | ୧ | ୨ | ୧୧ | ୧୪ |
| ୟୁଏଇ | ୧ | ୧ | ୪ | ୬ |
| ମକାଓ | ୧ | ୧ | ୨ | ୪ |
| କାତାର | ୧ | ୧ | ୨ | ୪ |
| କୁଏତ୍ | ୧ | ୧ | ୧ | ୩ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ